| | |
|---|---|
| ସିଏଓଙ୍କ ଅନୁପାଳନ | ଆଇଏଫ୍‌ସି ନିମନ୍ତେ ସିଏଓଙ୍କ ତଦନ୍ତ<br>ସିଏଓ ରେଫରେନ୍ସ: ସି-ଆଇ-ଆର୬-ୱାଇ୧୩-ଏଫ୍୧୮୦<br>ଅକ୍ଟୋବର ୨୮, ୨୦୧୫ |

# ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ (#୨୬୨୩୭)

## ସମ୍ପର୍କିତ ଆଇଏଫ୍‌ସିର ପରିବେଶୀୟ ତଥା ସାମାଜିକ କାର୍ଯକାରିତା ବିଷୟରେ ସିଏଓଙ୍କ ତଦନ୍ତ

କମ୍ପ୍ଲାଏନ୍ସ ଆଡଭାଇଜର ଅମ୍ବୁଡ୍‌ସମ୍ୟାନ୍‌ଙ୍କ କାର୍ଯ୍ୟାଳୟ
ଇଣ୍ଟରନ୍ୟାସନାଲ ଫାଇନାନ୍ସ କର୍ପୋରେସନ୍
ମଲ୍ଟି ଲେଟେରାଲ ଇନ୍‌ଭେଷ୍ଟମେଣ୍ଟ ଗ୍ୟାରେଣ୍ଟି ଏଜେନ୍ସି
ତଥା ୱାର୍ଲ୍ଡ ବ୍ୟାଙ୍କ୍ ଗ୍ରୁପ୍ ସଦସ୍ୟଙ୍କ ତରଫରୁ

## ସୂଚୀପତ୍ର ସାରଣୀ


କାର୍ଯ୍ୟକାରୀ ସାରାଂଶ ....................................................................................4

ସଂକ୍ଷିପ୍ତ ତଥା ବିସ୍ତୃତ ଶବ୍ଦରୂପ ....................................................................................13

ସି.ଏ.ଓଙ୍କ ସମ୍ପର୍କରେ ....................................................................................16

**୧. ସି.ଏ.ଓଙ୍କ ଅନୁପାଳନ ପଦ୍ଧତିର ସିଂହାବଲୋକନ**....................................................................................17

**୨. ପୃଷ୍ଠଭୂମି**....................................................................................19

୨.୧ ଜିଏମ୍ଆର କମଲାଙ୍ଗ ଏନର୍ଜି ଲିଃ ....................................................................................19

୨.୨ ଅଭିଯୋଗ ....................................................................................19

୨.୩ କମଲାଙ୍ଗ ପ୍ରକଳ୍ପକୁ ଆଇଏଫ୍‌ସି ଉନ୍ମୁକ୍ତି ....................................................................................21

୨.୩.୧ ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡରେ ଆଇଏଫ୍‌ସିର ପୁଞ୍ଜି ନିବେଶ ....................................................................................22

୨.୩.୨ ଆଇଡିଏଫ୍‌ସିରେ ଆଇଏଫ୍‌ସିର ପୁଞ୍ଜି ନିବେଶ ....................................................................................23

୨.୪ ପ୍ରକଳ୍ପ ସମୟରେଖା ....................................................................................24

୨.୫ ଆର୍ଥିକ ମଧ୍ୟସ୍ଥତା ପୁଞ୍ଜି ନିବେଶ ପାଇଁ ଆଇଏଫ୍‌ସିର ଦୃଷ୍ଟିକୋଣ ....................................................................................29

**୩. ତଦନ୍ତ ରୂପରେଖ**....................................................................................31

୩.୧ ଅନୁପାଳନ ତନ୍ତର କାର୍ଯ୍ୟକ୍ଷେତ୍ର ....................................................................................31

୩.୨ ପଦ୍ଧତି ....................................................................................32

୩.୩ ପ୍ରଯୁଜ୍ୟ ଆଇ.ଏଫ୍.ସି ଆବଶ୍ୟକତାର ସିଂହାବଲୋକନ ....................................................................................32

୪. ବଶ୍ଳେଷଣ ଏବଂ ଣର୍ଣୟ୍ଯ ....................................................................................35

୪.୧ ଆଇ.ଏଫ୍.ସି ର ପ୍ରାକ୍ ନିବେଶୀୟ ଯୋଗ୍ୟ ସତର୍କତା....................................................................................35

୪.୧.୧ ଆଇଏଫ୍‌ସିର ଆବଶ୍ୟକତା: ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା....................................................................................36

୪.୧.୨ ଆଇ.ଏଫ୍.ସି ର ପାଣି ସମ୍ପର୍କିତ ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା ....................................................................................40

୪.୧.୩ ଆଲୋଚନା ଏବଂ ନିଷ୍କର୍ଷ: ଆଇ.ଏଫ୍.ସିର ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା....................................................................................46

୪.୨ ପରିବେଶୀୟ ଓ ସାମାଜିକ ଆପଦର ପରିଚାଳନା ପାଇଁ ଢାଂଚା....................................................................................48

୪.୨.୧ ଆଇ.ଏଫ୍.ସି ର ଆବଶ୍ୟକତା: ପରିବେଶୀୟ ଓ ସାମାଜିକ ସର୍ତ୍ତାବଳୀର ଆଇନଗତ ଅନ୍ତର୍ଭୁକ୍ତିକରଣ ............49

୪.୨.୨ ପାଣି ସମ୍ପର୍କିତ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ନିମନ୍ତେ ଆଇ.ଇ.ଏଫ୍.ସି ର ମତାମତ ...........50

୪.୨.୩ ଆଲୋଚନା ଏବଂ ନିଷ୍କର୍ଷ: ପରିବେଶୀୟ ଓ ସାମାଜିକ ଆପଦର ପରିଚାଳନାଗତ ଢାଂଚା ...................... 53

୪.୩ ତଦାରଖ ..................................................................................................55

୪.୩.୧ ଆଇ.ଏଫ୍.ସି ର ଆବଶ୍ୟକତା: ତଦାରଖ ....................................................................57

୪.୩.୨ ପାଣ୍ଠିରେ ଆଇ.ଏଫ୍.ସି ର ନିବେଶର ତଦାରଖ ..............................................................60

୪.୩.୩ ଆଲୋଚନା ଓ ନିଷ୍କର୍ଷ: ତଦାରଖ ..........................................................................72

୪.୪ ପ୍ରକଟନ ..................................................................................................79

*୪.୪.୧ ଆଇ.ଏଫ୍.ସି ର ଆବଶ୍ୟକତା: ପ୍ରକଟନ* ....................................................................79

*୪.୪.୨ ପାଣ୍ଠି ସମ୍ପର୍କିତ ପ୍ରକଟନ ବିଷୟରେ ଆଇ.ଏଫ୍.ସି ର ଦୃଷ୍ଟିକୋଣ*.......................................................81

୪.୪.୩ *ଆଲୋଚନା ଓ ନିଷ୍କର୍ଷ: ପ୍ରକଟନ*.........................................................................82

**୫. ଉପସଂହାର**..................................................................................................84

ପରିଶିଷ୍ଟ କ: ମୁଖ୍ୟ ନିଷ୍କର୍ଷର ସାରାଂଶ..........................................................................90

ପରିଶିଷ୍ଟ ଖ: କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା (ଇ.ଏସ୍.ଡି.ଡି) ର ପାଣ୍ଠି ଦ୍ୱାରା ସମୀକ୍ଷା ସମ୍ପର୍କୀୟ ସି.ଏ.ଓ ଙ୍କ ବିଶ୍ଳେଷଣ (ସେପ୍ଟେମ୍ବର ୨୦୦୮)..........................................................92

ପରିଶିଷ୍ଟ ଗ: ଆଇ.ଡି.ଏଫ୍.ସି ଗ୍ରୁପ୍ କମ୍ପାନୀରେ ଆଇ.ଏଫ୍.ସି ର ନିବେଶ.....................................................97

ପରିଶିଷ୍ଟ ଘ: ଜିଏମ୍ଆର ଗ୍ରୁପ୍ କମ୍ପାନୀରେ ଆଇ.ଏଫ୍.ସି ର ନିବେଶ...........................................................99

## କାର୍ଯ୍ୟକାରୀ ସାରାଂଶ

୨୦୦୮ ମସିହାରେ ଆଇ.ଏଫ୍.ସି ଭାରତର ଭିତ୍ତିଭୂମି ବିକାଶ ଅର୍ଥ କମ୍ପାନୀ (ଆଇଡିଏଫ୍‌ସି) ଦ୍ୱାରା ସଂସ୍ଥାପିତ ଏବଂ ପରିଚାଳିତ ଘରୋଇ ଇକ୍ୱିଟି ପାଣ୍ଠି ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ (ଦ ଫଣ୍ଡ) ରେ ଏକ ଇକ୍ୱିଟି ନିବେଶ କରିଥିଲେ । ଆଇ.ଏଫ୍.ସି ଦ୍ୱାରା ସ୍ୱୀକୃତ ଗୋଷ୍ଠୀ ସମୂହ ଉପରେ ବ୍ୟାପକ ତଥା ପ୍ରଣିଧାନ ଯୋଗ୍ୟ ପରିବେଶୀୟ ଏବଂ ସାମାଜିକ ପ୍ରଭାବ ସମ୍ପନ୍ନ ବୃହତ୍ ଭିତ୍ତିଭୂମି ପ୍ରକଳ୍ପରେ ପୁଞ୍ଜି ନିବେଶ କରିବା ପାଇଁ ଏହି ପାଣ୍ଠି ସ୍ଥାପିତ ହୋଇଥିଲା ।

୨୦୦୯ ମସିହାରେ ଏହି ପାଣ୍ଠି ପକ୍ଷରୁ ଭାରତ ଅନ୍ତର୍ଗତ ଓଡ଼ିଶା ରାଜ୍ୟର କମଲାଙ୍ଗ ଗ୍ରାମରେ (କମଲାଙ୍ଗ ପ୍ରକଳ୍ପ) କୋଇଲା ଦ୍ୱାରା ସୁଚାଳିତ ଶକ୍ତି ପ୍ରକଳ୍ପର ବିକାଶ ଓ କାର୍ଯ୍ୟାନ୍ୱୟନ ପାଇଁ ସ୍ଥାପିତ ଜି.ଏମ୍.ଆର କମଲାଙ୍ଗ ଏନର୍ଜି ଲିଃ ରେ ଏକ ପୁଞ୍ଜି ନିବେଶ କରିଥିଲା ।

୨୦୧୧ରେ ସି.ଏ.ଓ. କମଲାଙ୍ଗ ପ୍ରକଳ୍ପର ପରିବେଶୀୟ ତଥା ସାମାଜିକ ପ୍ରଭାବ ସମ୍ପର୍କିତ ଏକ ଅଭିଯୋଗ ପାଇଲେ । ଏହି ଅଭିଯୋଗଟି ଏନ୍‌ଜିଓମାନଙ୍କ ଦ୍ୱାରା ସମର୍ଥିତ ପ୍ରକଳ୍ପ ପ୍ରଭାବିତ ଗୋଷ୍ଠୀ ସମୂହରୁ ଆସିଥିଲା । ଅଭିଯୋଗକାରୀମାନେ ପ୍ରକଳ୍ପର ପ୍ରଭାବ ସମ୍ପର୍କିତ ଚିନ୍ତା ବ୍ୟକ୍ତ କରିଛନ୍ତି, ଯାହାକି ସେମାନଙ୍କର ସ୍ୱାସ୍ଥ୍ୟ, ଜୀବିକା ଏବଂ ମାନବିକ ଅଧିକାର ପ୍ରତି ଭୟ ଉଦ୍ରେକ କରୁଛି ।

ଅଧିକ ନିର୍ଦ୍ଦିଷ୍ଟ ଭାବରେ ଅଭିଯୋଗକାରୀମାନେ କମଲାଙ୍ଗ ପ୍ରକଳ୍ପରେ ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକର ପ୍ରୟୋଗ ସମ୍ପର୍କରେ ନିମ୍ନଲିଖିତ ପ୍ରଶ୍ନମାନ ଉତ୍‌ଥାପନ କରିଛନ୍ତି ।

- **କାର୍ଯ୍ୟକାରିତା ମାନକ ୧ (ସାମାଜିକ ଓ ପରିବେଶୀୟ ଆକଳନ ଏବଂ ପରିଚାଳନା ବ୍ୟବସ୍ଥା) - ଅଭିଯୋଗରେ ଦାବୀ କରାଯାଇଛି, ଯେ ଗୋଷ୍ଠୀ** (ଦେଶୀୟ ତଥା ଜନଜାତି ସମେତ) ସହ ପରାମର୍ଶ ପର୍ଯ୍ୟାପ୍ତ ହୋଇନାହିଁ ଏବଂ ଏହି ଅଞ୍ଚଳରେ ଅନ୍ୟାନ୍ୟ ଶିଳ୍ପ ସମେତ ଏହି ପ୍ରକଳ୍ପର ସାମଗ୍ରିକ ପ୍ରଭାବ ବିଚାରକୁ ନିଆଯାଇ ନାହିଁ । ପ୍ରକଳ୍ପ ଦ୍ୱାରା ଭୂତଳ ଜଳ ଉତ୍ତୋଳନ ପାଇଁ ବ୍ୟବହାର କରାଯାଉଥିବା ଏକ ଗଭୀର ଖନନ କୂପ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ଭୂତ୍ତଳ ଜଳର ସୁଲଭତା ଉପରେ ଏହାର ପ୍ରଭାବ ସମ୍ପର୍କୀୟ ପ୍ରଶ୍ନ ମଧ୍ୟ ଏହି ଅଭିଯୋଗରେ ଉତ୍‌ଥାପିତ ହୋଇଛି ।
- କାର୍ଯ୍ୟକାରିତ ମାନକ ୩ (ପ୍ରଦୂଷଣ ନିରାକରଣ ଏବଂ ଛାଡ଼)- ଅଭିଯୋଗରେ ଚିନ୍ତା ବ୍ୟକ୍ତ କରାଯାଇଛି ଯେ, ଏହି ପ୍ରକଳ୍ପ ଦ୍ୱାରା ବିଦ୍ୟମାନ ପ୍ରଦୂଷଣ (ବିଶେଷ କରି ବ୍ରାହ୍ମଣୀ ନଦୀରେ)

ପରିବର୍ଦ୍ଧିତ ହେ, କାରଣ ପ୍ରସ୍ତାବିତ ପ୍ରଦୂଷଣ ନିରାକରଣ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ହୋଇନାହିଁ । ଅଭିଯୋଗରେ ପୁନଶ୍ଚ ପ୍ରକଳ୍ପର ବାୟୁ ପ୍ରଦୂଷଣ ଦ୍ୱାରା ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଭାବ ଉପରେ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି ।

- କାର୍ଯ୍ୟକାରିତ ମାନକ ୪ (ଗୋଷ୍ଠୀ ସ୍ୱାସ୍ଥ୍ୟ, ସୁରକ୍ଷା ଓ ନିରାପତ୍ତା)- ନିର୍ମିତ କୋଠାବାଡ଼ିର ଢାଂଚାଗତ କ୍ଷୟକ୍ଷତି ଉପରେ ଏହି ଅଭିଯୋଗରେ ଚିନ୍ତା ବ୍ୟକ୍ତ କରାଯାଇଛି, ଯାହାକି ଡାଇନାମାଇଟ୍ ବ୍ୟବହାର କାରଣରୁ ହୋଇଛି ବୋଲି ସେମାନେ ଦାବି କରିଛନ୍ତି ।ଗୋଷ୍ଠୀ ସଦସ୍ୟମାନଙ୍କୁ ନିରାପତ୍ତା ରକ୍ଷୀଙ୍କ ଦ୍ୱାରା ଭୟ ପ୍ରଦର୍ଶନ ଏବଂ ପ୍ରକଳ୍ପକୁ ବିରୋଧ କାରୀଙ୍କ ଗିରଫଦାରୀ ସମ୍ପର୍କରେ ମଧ୍ୟ ଅଭିଯୋଗରେ ଚିନ୍ତା ବ୍ୟକ୍ତ କରାଯାଇଛି ।
- କାର୍ଯ୍ୟକାରିତ ମାନକ (ଭୂମି ଅଧିଗ୍ରହଣ ତଥା ଅଣ ସ୍ୱେଚ୍ଛାକୃତ ପୁନର୍ବାସ) ଅଧିକୃତ ଭୂମି, ଫସଲ, ବୃକ୍ଷ ତଥା ଜଳ ସମ୍ପଦ ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବାରେ ତଥା ଉପପ୍ରକଳ୍ପ ଦ୍ୱାରା ଜୀବିକା ଉପାର୍ଜନର କ୍ଷତିଭରଣା କରିବାରେ ବିଫଳତା ଉପରେ ଏହି ଅଭିଯୋଗରେ ଚିନ୍ତା ବ୍ୟକ୍ତ କରାଯାଇଛି ।
- କାର୍ଯ୍ୟକାରିତ ମାନକ ୭ (ଦେଶୀୟ ତଥା ଜନଜାତି)- ଅଭିଯୋଗରେ ପ୍ରକଳ୍ପ ଦ୍ୱାରା ଅଧିକୃତ ଭୂମି ଅନୁସୁଚିତ ଜନଜାତିର ସଦସ୍ୟମାନଙ୍କର ହୋଇଥିବା ତଥା ଆବଶ୍ୟକୀୟ ପରାମର୍ଶ ବିନା ଅଧିଗ୍ରହଣ କରାଯାଇଥିବା ବିଷୟରେ ଦୋଷାରୋପ କରାଯାଇଛି ।

ଏହି ରିପୋର୍ଟ କମ୍ପ୍ଲାଏନ୍ସ ଆଡଭାଇଜର ଅମ୍ବୁଡ୍ସମ୍ୟାନ୍ (ଲୋକପାଳ) (ସି.ଏ.ଓ.)ଙ୍କର ଅଭିଯୋଗରେ ଚିନ୍ତା ବ୍ୟକ୍ତ କରା ଯାଇ ଥିବା ବିବାଦାସ୍ପଦ ବିଷୟ ସମ୍ପର୍କରେ ଆଇ.ଏଫ୍.ସି.ର ପାଣ୍ଠିରେ ନିବେଶ ନେଇ ତଦନ୍ତର ନିର୍ଣ୍ଣୟ ପ୍ରସ୍ତୁତ କରା ଯାଇଛି । ସି.ଏ.ଓ. ଆଦେଶ ଅନୁଯାୟୀ ଏହି ରିପୋର୍ଟ ଆଇ.ଏଫ୍.ସି.ର ପ୍ରଦର୍ଶନ ଉପରେ କେନ୍ଦ୍ରିତ ହୋଇଛି ।

## ପରିବ୍ୟାପକ ସିଦ୍ଧାନ୍ତ

ଆର୍ଥିକ ମଧ୍ୟସ୍ଥିଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ପରିବେଶୀୟ ତଥା ସାମାଜିକ ଆପଦ ସମ୍ପନ୍ନ ପ୍ରକଳ୍ପରେ ଅର୍ଥ ଲଗାଣ ସଂକ୍ରାନ୍ତରେ ଗ୍ରାହକ ସଂଗଠନମାନଙ୍କୁ ସେମାନଙ୍କ ନିଜସ୍ୱ ସାମାଜିକ ଓ ପରିବେଶୀୟ ପରିଚାଳନା ବ୍ୟବସ୍ଥା (ଏସ୍.ଇ.ଏମ୍.ଏସ୍) ବିକଶିତ କରିବା ପାଇଁ ସହାୟତା ଯୋଗାଇ ଦେବା ହେଉଛି ଆଇ.ଏଫ୍.ସି.ର କାର୍ଯ୍ୟଧାରା, ଯାହାକି ଅତ୍ୟନ୍ତ ଶଙ୍କାଜନକ ନିବେଶ ସଂକ୍ରାନ୍ତରେ ଆଇ.ଏଫ୍.ସି ର

ପରିବେଶୀୟ ଓ ସାମାଜିକ ମାନକ (କାର୍ଯ୍ୟକାରିତା ମାନକ) ର ଅନୁପାଳନ ସୁନିଶ୍ଚିତ କରିବ । ଆଇ.ଏଫ୍.ସିର ପରିବେଶୀୟ ଓ ସାମାଜିକ ମାନକର ପ୍ରଭାବ ତଥା ପହଞ୍ଚ ଏବଂ ସର୍ବୋପରି ଏହାର ବିକାଶମୂଳକ ପ୍ରଭାବ ସମୂହକୁ ପରିବର୍ଦ୍ଧିତ କରିବାରେ ଏହି କାର୍ଯ୍ୟଧାରା ସମ୍ଭାବନା ପୋଷଣ କରୁଛି । କିନ୍ତୁ ନିମ୍ନଲିଖିତ କାରଣ ଯୋଗୁଁ ପାଣ୍ଡିରେ ଆଇ.ଏଫ୍.ସିର ନିବେଶ ସଂକ୍ରାନ୍ତୀୟ ଏହି କାର୍ଯ୍ୟଧାରା ଅଭିଳଷିତ ପରିଣାମ ପ୍ରଦାନ କରିପାରି ନାହିଁ ।

କମଲାଙ୍ଗ ପ୍ରକଳ୍ପ ପାଇଁ ଅର୍ଥ ପ୍ରଦାନର ୫ ବର୍ଷ ତଥା ଅଭିଯୋଗ ପ୍ରାପ୍ତିର ୪ ବର୍ଷ ପରେ ଆଇ.ଏଫ୍.ସି ଏହି ମାତ୍ର ନିକଟରେ କମଲାଙ୍ଗ ପ୍ରକଳ୍ପର ପରିବେଶୀୟ ତଥା ସାମାଜିକ କାର୍ଯ୍ୟକାରିତା ଉପରେ ଏକ ମତରେ ଉପନୀତ ହେବାରେ ସମର୍ଥ ହୋଇଛି । ପରିବେଶୀୟ, ସ୍ୱାସ୍ଥ୍ୟ ତଥା ସୁରକ୍ଷା ଆଦି ଦିଗରେ କିଛିଟା ଅଗ୍ରଗତି ଉଲ୍ଲେଖ କରିବା ସ୍ଥଳେ ଆଇ.ଏଫ୍.ସି ର ଅଧୁନାତନ ପର୍ଯ୍ୟବେକ୍ଷଣ ଦସ୍ତାବିଜକରଣ ଅଭିଯୋଗକାରୀଙ୍କ ଦ୍ୱାରା ଉତ୍‌ଥାପିତ କରାଯାଇଥିବା ପ୍ରମୁଖ ଚିନ୍ତାଜନକ ଦିଗଗୁଡ଼ିକ ଉପରେ କାର୍ଯ୍ୟକାରିତ ମାନକ ଅନୁଯାୟୀ ପଦକ୍ଷେପ ନିଆଯାଇ ନାହିଁ ବୋଲି ସିଦ୍ଧାନ୍ତରେ ଉପନୀତ ହୋଇଛି ।

ଏହି ପ୍ରସଙ୍ଗରେ ସି.ଏ.ଓ ଏହି ବିଷୟମାନଙ୍କର ଅଣ-ଅନୁପାଳନ ସମ୍ପର୍କିତ ସିଦ୍ଧାନ୍ତ ପ୍ରଦାନ କରିଛନ୍ତି ଯଥା, (କ) ଆଇ.ଏଫ୍.ସି. ର ପ୍ରାକ୍ ନିବେଶ ପରିବେଶୀୟ ଓ ସାମାଜିକ ଯଥାର୍ଥ ସତର୍କତା, (ଖ) ନିବେଶ ପରିପାର୍ଶ୍ୱରେ ସମ୍ପୃକ୍ତ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ନିମନ୍ତେ ବିକଶିତ ବ୍ୟବସ୍ଥାଗତ ଢାଞ୍ଚା ।, (ଗ) ଆଇ.ଏଫ୍.ସି ଦ୍ୱାରା ନିବେଶର ପର୍ଯ୍ୟବେକ୍ଷଣ ।

## ଆଇ.ଏଫ୍.ସି. ର ପ୍ରାକ୍ ନିବେଶ ପରିବେଶୀୟ ଓ ସାମାଜିକ ଯଥାର୍ଥ ସତର୍କତା

ପାଣ୍ଡିରେ ନିବେଶର ଅନୁମୋଦନ ପୂର୍ବରୁ (୨୦୦୭ରେ) ଆଇ.ଏଫ୍.ସି ଦ୍ୱାରା ବୃହତ୍ ସ୍ତରୀୟ ଭିତ୍ତିଭୂମି ପ୍ରକଳ୍ପରେ ପାଣ୍ଡିର ପ୍ରସ୍ତାବିତ ନିବେଶରେ ଉଲ୍ଲେଖଯୋଗ୍ୟ ପରିବେଶୀୟ ତଥା ସାମାଜିକ ଆପଦ ରହିଛି ବୋଲି ସଠିକ୍ ଭାବେ ଚିହ୍ନଟ କରିଥିଲେ । ଆଇ.ଏଫ୍.ସି ଯଥାର୍ଥରେ ନିର୍ଦ୍ଧାରଣ କରିଥିଲେ ଯେ, ଏହି ନିବେଶ ଏକ "ଅତ୍ୟନ୍ତ ଆପଦପୂର୍ଣ୍ଣ" ଏଫ୍.ଆଇ ପ୍ରକଳ୍ପ, ଯାହାକି ଏହାର ସମସ୍ତ ନିବେଶରେ କାର୍ଯ୍ୟକାରିତ ମାନକର ଉପଯୋଗ ଆବଶ୍ୟକ କରିବ ।

ଏହି ପ୍ରସଙ୍ଗରେ ପୁନରାବଲୋକର ନୀତି ଗ୍ରାହକ ସଂଗଠନର ସାମାଜିକ ତଥା ପରିବେଶୀୟ ପରିଚାଳନା ବ୍ୟବସ୍ଥା (ଏସ୍‌ଇଏମ୍‌ଏସ୍) ର କାର୍ଯ୍ୟାନ୍ୱୟନ ଓ ଗତିବିଧୀ ଲକ୍ଷ୍ୟ କରିବା ଦିଗରେ ସମବିସ୍ତୃତ ହୋଇଛି । ଏହା ହୋଇଥିବାର ସି.ଏ.ଓଙ୍କୁ ସହଜରେ ପରିଦୃଷ୍ଟ ହୋଇନାହିଁ । ବରଂ ସି.ଏ.ଓଙ୍କ ପାଖରେ ଉପଲବ୍ଧ ତଥ୍ୟରୁ ପରିବେଶୀୟ ଓ ସାମାଜିକ ସମୀକ୍ଷା ଏହାର ପରିବ୍ୟାପ୍ତି ଓ ଗଭୀରତାରେ ସୀମିତ ବୋଲି ପ୍ରସ୍ତାବିତ ହୋଇଛି ।

ଆଇ.ଏଫ୍.ସି. ର ପ୍ରାକ୍ ନିବେଶ ପରିବେଶୀୟ ଓ ସାମାଜିକ ଯଥାର୍ଥ ସତର୍କତାରେ ତ୍ରୁଟିର ଅର୍ଥ ହେଲା ଯେ, ପାଣ୍ଠିରେ ଏହାର ନିବେଶ ଏକ ଗ୍ରହଣଯୋଗ୍ୟ ସମୟର ଅବଧି ପର୍ଯ୍ୟନ୍ତ କାର୍ଯ୍ୟକାରିତା ମାନକର ଆବଶ୍ୟକତା ପରିପୁରଣ କରିପାରିବ, ଏହି ସିଦ୍ଧାନ୍ତରେ ଉପନୀତ ହେବାର କୌଣସି ଭିତ୍ତି ଯାହାକି ଆଇ.ଏଫ୍.ସିର ଦୀର୍ଘସ୍ଥାୟୀ ନୀତିର ଏକ ପ୍ରମୁଖ ଆବଶ୍ୟକତା, ତାହା ଆଇ.ଏଫ୍.ସି ପାଖରେ ନଥିଲା (ଅନୁଚ୍ଛେଦ ୧୭) ।

## ପରିବେଶୀୟ ତଥା ସାମାଜିକ ଆପଦର ପରିଚାଳନା ପାଇଁ ଗଠନ ବା ଢାଞ୍ଚା

ଅର୍ଥ ପ୍ରଦାନ ପରେ ପରିବେଶୀୟ ଓ ସାମାଜିକ ସମସ୍ୟାର ଉଦ୍ରେକ ସମ୍ପର୍କରେ ପାଣ୍ଠିରେ ଆଇ.ଏଫ୍.ସିର ନିବେଶ ସଂକ୍ରାନ୍ତୀୟ ରାଜିନାମାରେ କୌଣସି ଉଲ୍ଲେଖ ନଥିଲା । ନିବେଶର ସମ୍ପୂର୍ଣ୍ଣ କ୍ଷତି ସମେତ ପ୍ରଣିଧାନ ଯୋଗ୍ୟ ଆର୍ଥିକ କ୍ଷତିପୂରଣ ବିନା କୌଣସି ବି ପାଣ୍ଠିରେ ନିବେଶକୁ ବର୍ଜନ କରିବା ବା ମନା କରିବା ନିମନ୍ତେ ଆଇ.ଏଫ୍.ସି ଅସମର୍ଥ ଥିଲା । ପାଣ୍ଠିର ପୋର୍ଟଫୋଲିଓ ବା ପକ୍ଷଭୁକ୍ତ କମ୍ପାନୀର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ସମ୍ପର୍କରେ ଯଦି କୌଣସି ଚିନ୍ତା ବ୍ୟକ୍ତ ହେଉଥିଲା, ତାହାଲେ ଗ୍ରାହକ ସଂଗଠନକୁ ସୁଧାରମୂଳକ ପଦକ୍ଷେପ ନେବାରେ ପ୍ରଭାବିତ କରିବା ପାଇଁ ଆଇ.ଏଫ୍.ସି ର ସୀମିତ ସାମର୍ଥ୍ୟ ଥିଲା ଏବଂ ଅତି ଆପଦପୂର୍ଣ୍ଣ ପ୍ରକଳ୍ପ ସମୂହରେ ପରିବେଶୀୟ ତଥା ସାମାଜିକ ଆବଶ୍ୟକତା ଅନୁପାଳନ ସୁନିଶ୍ଚିତ କରିବାରେ ଆଇ.ଏଫ୍.ସି ମଧ୍ୟ ସୀମିତ ଭାବରେ ସକ୍ଷମ ଥିଲା ।

ଏହି ସୀମିତ ସାମର୍ଥ୍ୟର ଅବଲୋପନ ଉଦ୍ଦେଶ୍ୟରେ ନିବେଶ ରାଜିନାମାରେ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବା ପାଇଁ ଆଇ.ଏଫ୍.ସି ଚାହିଁଥିଲା ଏବଂ ପାଣ୍ଠିର ସାମାଜିକ ଓ

ପରିବେଶୀୟ ପରିଚାଳନା ବ୍ୟବସ୍ଥାରେ ଆଇ.ଏଫ୍.ସି କାର୍ଯ୍ୟକାରିତା ମାନକ ସାମିଲ କରିବା ପାଇଁ ଆଇଡିଏଫ୍‌ସିର ଅଙ୍ଗୀକାର ସହ ଚୁକ୍ତି ବିନିମୟ କରିଥିଲା । ଆଇ.ଏଫ୍.ସି ମଧ୍ୟ ଅନୁମୋଦନ ପୂର୍ବରୁ ସମସ୍ତ 'କ୍ୟାଟେଗୋରି ଏ' ନିବେଶ ସଂକ୍ରାନ୍ତୀୟ ସମୀକ୍ଷା କରିବା ତଥା ମନ୍ତବ୍ୟ ଦେବା ଉପରେ ଏକ ଅଧିକାର ପୋଷଣ କରିବା ନିମନ୍ତେ ମୂଳଚାଲ କରିଥିଲା, ଯାହା ସେ ସମୟରେ ଆଇ.ଏଫ୍.ସିର ଆବଶ୍ୟକତା ବର୍ହିଭୂତ ଥିଲା ବୋଲି ସି.ଏ.ଓ ଉଲ୍ଲେଖ କରିଛନ୍ତି ।

ସେହି ଏକା ସମୟରେ ସି.ଏ.ଓ ଜାଣିବାକୁ ପାଇଛନ୍ତି ଯେ, ଏହି ନିବେଶକୁ ନିୟନ୍ତ୍ରଣ କରୁଥିବା ରାଜିନାମାରେ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ପାଣ୍ଠିରେ ଆଇ.ଏଫ୍.ସି ର ନିବେଶ ସମୟରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଏଥିରେ ଅନ୍ତର୍ଭୁକ୍ତ ଦିଗଗୁଡ଼ିକ ହେଲା
(କ) ଆଇ.ଏଫ୍.ସି ନିବେଶ ସଂକ୍ରାନ୍ତରେ ଅଙ୍ଗୀକାରବଦ୍ଧ ହେବା ପୂର୍ବରୁ ପାଣ୍ଠିର ଏକ କାର୍ଯ୍ୟକାରିତା ମାନକ ଅନୁପାଳନ କରୁଥିବା ସାମାଜିକ ଓ ପରିବେଶୀୟ ପରିଚାଳନା ବ୍ୟବସ୍ଥା (ଏସ୍‌ଇଏମ୍‌ଏସ୍) ରହିଥିବା ଆବଶ୍ୟକ ଏବଂ (ଖ) ବିଦ୍ୟାମାନ ତଥା ନୂତନ ସମସ୍ତ ପ୍ରକଳ୍ପରେ ଅନ୍ତତଃ ବର୍ଷରେ ଥରେ ଏକ ସ୍ୱାଧୀନ ପରିବେଶୀୟ ଓ ସାମାଜିକ ମୂଲ୍ୟାୟନ ବା ଅଡିଟ୍ କରିବାର ଆବଶ୍ୟକତା । ସି.ଏ.ଓ ପୁନଶ୍ଚ ଜାଣିବାକୁ ପାଇଛନ୍ତି ଯେ, ଆଇ.ଏଫ୍.ସି ର ପାଣ୍ଠିରେ ନିବେଶକୁ ନିୟନ୍ତ୍ରଣ କରୁଥିବା ରାଜିନାମାରେ ଆଇ.ଏଫ୍.ସି କର୍ମଚାରୀଙ୍କ ପାଖରେ ଉପଲବ୍ଧ ପଥପ୍ରଦର୍ଶିକାରେ ବର୍ଣ୍ଣିତ ପରିବେଶୀୟ ତଥା ସାମାଜିକ ଆପଦ ପ୍ରଶମନ ପଦକ୍ଷେପମାନ ଅନ୍ତର୍ଭୁକ୍ତ କରାଯାଇନଥିଲା ।

ଅଧିକ ସାଧାରଣ ରୂପେ ସି.ଏ.ଓ ଏହା ଉଲ୍ଲେଖ କରିଛନ୍ତି ଯେ, ବ୍ୟାପକତା ଓ ଗଭୀରତା ଦୃଷ୍ଟିରୁ ସୀମିତ ଏକ ପରିବେଶୀୟ ଓ ସାମାଜିକ ସମୀକ୍ଷା ଏବଂ ଭାରତରେ ବୃହତ୍ ଭିତ୍ତିନିର୍ମାଣ ପ୍ରକଳ୍ପ ସୃଷ୍ଟି କରିବା ପରିକଳ୍ପେ ଏକ ନିବେଶର ସଂଯୋଗ ପରିବେଶୀୟ ଓ ସାମାଜିକ ଦୃଷ୍ଟିକୋଣରୁ ଏହାକୁ ଏକ ନିର୍ଦ୍ଦିଷ୍ଟ ରୂପେ ଆପଦପୂର୍ଣ୍ଣ ନିବେଶରେ ପରିଣତ କରିଛି । ଏହି ସ୍ତରର ଆପଦ ପରିପ୍ରେକ୍ଷୀରେ ସି.ଏ.ଓ ଏହା ଜାଣିବାକୁ ପାଇଛନ୍ତି ଯେ, ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ନିୟନ୍ତ୍ରଣ କରୁଥିବା ରାଜିନାମା ଆଇ.ଏଫ୍.ସିର ଆଭିମୁଖ୍ୟ ଯାହା ସୂଚିତ କରେ ଯେ, ପ୍ରକଳ୍ପ ଏବଂ ଅର୍ଥ କାର୍ଯ୍ୟକାରିତା ମାନକ ସମୂହର ଆବଶ୍ୟକତା ଅନୁସାରେ ପରିଚାଳିତ ହେବ, ତାହାର ସମର୍ଥନ କରୁନାହିଁ (ଦୀର୍ଘସ୍ଥାୟିତ୍ୱ ନୀତି, ଅନୁଚ୍ଛେଦ ୫) ।

## ପର୍ଯ୍ୟବେକ୍ଷଣ

ସି.ଏ.ଓ ଜାଣିବାକୁ ପାଇଛନ୍ତି ଯେ, ପାଣ୍ଡିରେ ନିବେଶ ସଂକ୍ରାନ୍ତୀୟ ଆଇ.ଏଫ୍.ସିର ପର୍ଯ୍ୟବେକ୍ଷଣ ପର୍ଯ୍ୟାପ୍ତ ନଥିଲା । ଏହା ଅନେକ ବିଷୟ କାରଣରୁ ହୋଇଥିଲା ।

ପ୍ରଥମତଃ ମାର୍ଚ୍ଚ ୨୦୦୮ରେ ଆଇ.ଏଫ୍.ସି ଅର୍ଥ ପ୍ରଦାନର ଏକମାତ୍ର ପରିବେଶୀୟ ଓ ସାମାଜିକ ସର୍ତ ଯଥା ପାଣ୍ଡିର କାର୍ଯ୍ୟକାରିତା ମାନକ ଅନୁପାଳନ କରୁଥିବା ଏକ ସାମାଜିକ ଓ ପରିବେଶୀୟ ପରିଚାଳନା ବ୍ୟବସ୍ଥା କାର୍ଯ୍ୟ କରୁଛି ସେ ବିଷୟରେ ନିଜକୁ ନିଶ୍ଚିତ ନ କରାଇ ପାଣ୍ଡିକୁ ଅର୍ଥ ପ୍ରଦାନ କରିଥିଲା ।

ଦ୍ୱିତୀୟତଃ ଯଦି ଓ ଆଇ.ଏଫ୍.ସି କମଲାଙ୍ଗ ପ୍ରକଳ୍ପ ସମ୍ପର୍କିତ ପାଣ୍ଡିର ପରିବେଶୀୟ ତଥା ସାମାଜିକ ଯଥାର୍ଥ ସତର୍କତା ଉପରେ ଏକ ସମୀକ୍ଷା କରିଥିଲା, ତଥାପି ସି.ଏ.ଓ ଜାଣିବାକୁ ପାଇଛନ୍ତି ଯେ, କମଲାଙ୍ଗ ପ୍ରକଳ୍ପ କାର୍ଯ୍ୟକାରିତ ମାନକର ଆବଶ୍ୟକତା ପରିପୂରଣରେ ସମର୍ଥ ହେବ ତାହା ପ୍ରମାଣିତ କରିବାରେ ଏହି ସମୀକ୍ଷା ପର୍ଯ୍ୟାପ୍ତ ହୋଇନାହିଁ ।

ତୃତୀୟତଃ ଆଗୁଆ ପର୍ଯ୍ୟବେକ୍ଷଣ ଆଇ.ଏଫ୍.ସି ପାଇଁ ପର୍ଯ୍ୟାପ୍ତ ପରିମାଣରେ ପ୍ରମାଣ ପ୍ରଦାନ କରିନଥିଲା, ଯେଉଁଥିରେ ଏହା ସୁନିଶ୍ଚିତ ହେବ ଯେ, ପାଣ୍ଡି ପକ୍ଷରୁ ସାମାଜିକ ଓ ପରିବେଶୀୟ ପରିଚାଳନା ବ୍ୟବସ୍ଥା ପ୍ରଚଳିତ ହୋଇଥିଲା, ଯାହା ମୂଲ୍ୟାୟନ ସମୟରେ ପରିଦୃଷ୍ଟ ହୋଇଥିଲା ।

ଚତୁର୍ଥତଃ ଅକ୍ଟୋବର ୨୦୧୦ ରେ ପାଣ୍ଡିର ପରିବେଶୀୟ ତଥା ସାମାଜିକ କାର୍ଯ୍ୟକାରିତା ଅସନ୍ତୋଷଜନକ ବୋଲି ସିଦ୍ଧାନ୍ତରେ ଉପନୀତ ହେବା ପରେ, ଆଇ.ଏଫ୍.ସି ଗ୍ରାହକ ସଂଗଠନକୁ ଅନୁପାଳନ ନିମନ୍ତେ ପ୍ରତ୍ୟାବର୍ତ୍ତିତ କରିବାରେ ଅଥବା ଦୀର୍ଘସ୍ଥାୟିତ୍ୱ ନୀତି ଅନୁଯାୟୀ ସୁଧାର କାର୍ଯ୍ୟକାରୀ କରିବାରେ ଅସମର୍ଥ ଥିଲା । ଏଠାରେ ଏହା ସୂଚନାଯୋଗ୍ୟ ଯେ, ଆଇ.ଡି.ଏଫ୍.ସି (ପାଣ୍ଡିର ମୂଳ କମ୍ପାନୀ) ଏବଂ ଜି.ଏମ୍.ଆର (କମଲାଙ୍ଗ ପ୍ରକଳ୍ପର ମୂଳ କମ୍ପାନୀ) ର ସହଯୋଗୀ ସଂସ୍ଥାରେ ଆଇ.ଏଫ୍.ସି, ପକ୍ଷରୁ ନୂତନ ନିବେଶ କରାଯାଇଥିଲା । ଯେଉଁ ସମୟରେ (କ) ପାଣ୍ଡି ପରିବେଶୀୟ ଓ

ସାମଜିକ ଆବଶ୍ୟକତାର ଅଣ-ଅନୁପାଳନ ପାଇଁ କରୁଥିବା ବିଚାର କରାଯାଉଥିଲା ଏବଂ (ଖ) କମଳାଙ୍ଗ ପ୍ରକଳ୍ପର ପରିପାର୍ଶ୍ୱରେ ଗୁରୁତ୍ୱର ଅସମାହିତ ପରିବେଶୀୟ ତଥା ସାମାଜିକ ସମସ୍ୟାର ସମ୍ପର୍କରେ ଆଇ.ଏଫ୍.ସି ସୂଚିତ ଥିଲା, ଯାହାକି ପ୍ରଚଳିତ ଅଣ-ଅନୁପାଳନ ସମ୍ପର୍କରେ ଆଇ.ଏଫ୍.ସି ସମାଧାନ ବିଚାରକୁ ନେବ ବୋଲି ଦୀର୍ଘସ୍ଥାୟିତ୍ୱ ନୀତି ସହ ଅସଙ୍ଗତ ଥିଲା ।

ପଞ୍ଚମତଃ ଏହି ନିବେଶ ସମ୍ପର୍କରେ କର୍ମଚାରୀମାନେ ଚିହ୍ନଟ କରିଥିବା ପରିବେଶୀୟ ଓ ସାମାଜିକ ସମସ୍ୟା ସମ୍ପର୍କରେ ଆଇ.ଏଫ୍.ସି ର ପରିଚାଳନାଗତ ପ୍ରତିକ୍ରିୟା ପର୍ଯ୍ୟାପ୍ତ ନଥିଲା । ପାଣ୍ଠିର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତ ସମ୍ପର୍କରେ ଆଇ.ଏଫ୍.ସିର କର୍ମଚାରୀ ସମୂହ ବ୍ୟକ୍ତ କରିଥିବା ଚିନ୍ତା ଗୁରୁତ୍ୱପୂର୍ଣ୍ଣ ଥିଲା, ଯାହାର ଉତ୍ତମ ଦସ୍ତାବିଜକରଣ କରାଯାଇଛି । ନଭେମ୍ବର ୨୦୧୦ରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମଚାରୀ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କୁ ସୂଚିତ କରାଇଥିଲେ ଯେ, କାର୍ଯ୍ୟକାରିତ ମାନକକୁ କ୍ରିୟାଶୀଳ କରାଇବା ଦିଗରେ ପାଣ୍ଠିର କାର୍ଯ୍ୟଧାରାରେ ପ୍ରଶସ୍ତ ଓ ପ୍ରଣିଧାନ ଯୋଗ୍ୟ ବ୍ୟବଧାନ ରହିଛି । ଏହି କ୍ଷେତ୍ରରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମଚାରୀ କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ପ୍ରଭାବ ସମ୍ପର୍କରେ ଚିନ୍ତାମାନ ଉଲ୍ଲେଖିତ କରିଥିଲେ । ଯଦ୍ୟପି ଆଇ.ଏଫ୍.ସି ପରିଚାଳନା କତୃପକ୍ଷ ନିବେଶ ରାଜିନାମାରେ କୌଣସି ବିକଳ୍ପ କାର୍ଯ୍ୟାଧାରାର ବ୍ୟବସ୍ଥା ନଥିବା ନେଇ ଆଧାରିତ ମତ ଭିତ୍ତିରେ ଅର୍ଥ ପ୍ରଦାନ ଦିଗରେ ଅଗ୍ରସର ହୋଇଥିଲା । ସି.ଏ.ଓ ଏହା ମାନିଛନ୍ତି ଯେ, ଡିସେମ୍ବର ୨୦୧୦ରେ ଆଇ.ଏଫ୍.ସି ବରିଷ୍ଠ ପରିଚାଳନା କର୍ତ୍ତୁପକ୍ଷଙ୍କ ଦ୍ୱାରା ପାଣ୍ଠିକୁ ପତ୍ର ଦ୍ୱାରା ପରାମର୍ଶ ଦିଆଯାଇଥିଲା ଯେ, ପରିବେଶୀୟ ଓ ସାମାଜିକ କାରଣରୁ ଆଇ.ଏଫ୍.ଏସି ଅର୍ଥ ପ୍ରଦାନରେ ପୁନଶ୍ଚ ବିଳମ୍ବ ବିଷୟ ବିଚାରକୁ ନେଇପାରେ, ସି.ଏ.ଓ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଆଇ.ଏଫ୍.ସି ପରିଚାଳନା ପ୍ରତିନିଧିଗଣ ପରବର୍ତ୍ତୀ ସମୟରେ ଆଇ.ଡି.ଏଫ୍.ସି/ପାଣ୍ଠି ପରିଚାଳନା କତୃପକ୍ଷ ତଥା ଜି.ଏମ୍.ଆର ଗ୍ରୁପ୍ ପରିଚାଳନା କତୃପକ୍ଷ (କମଳାଙ୍ଗ ପ୍ରକଳ୍ପ ଯାହାଙ୍କ କତୃତ୍ୱାଧୀନ)ଙ୍କୁ ଅନେକ ଅବସରରେ ସାକ୍ଷାତ କରିଛନ୍ତି । କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ସମ୍ପର୍କିତ ଚିନ୍ତାମାନ ଏହି ସାକ୍ଷାତ ସମୟରେ ଆଲୋଚିତ ହୋଇଛି । ଯଦ୍ୟପି ଡିସେମ୍ବର ୨୦୧୦ ପରବର୍ତ୍ତୀ ପରିପ୍ରେକ୍ଷୀରେ ଏହି ସମସ୍ୟା ସମ୍ପର୍କରେ ଆଇ.ଏଫ୍.ସି ପରିଚାଳନା କର୍ତ୍ତୁପକ୍ଷଙ୍କ ଦ୍ୱାରା ଆଇ.ଡି.ଏଫ୍.ସି/ପାଣ୍ଠି ଅଥବା ଜି.ଏମ୍.ଆର କର୍ତ୍ତୁପକ୍ଷଙ୍କ ସହ କୌଣସି ଯୋଗାଯୋଗ ସମ୍ପର୍କରେ ଉଲ୍ଲେଖ ନାହିଁ । ଏହି ସମାନ ଅବଧି ମଧ୍ୟରେ ଆଇ.ଏଫ୍.ସି ପକ୍ଷରୁ ପାଣ୍ଠିକୁ ୨୪ଟି ଅର୍ଥ ପ୍ରଦାନ ବ୍ୟବସ୍ଥିତ

ହୋଇଛି । ଆଇ.ଡି.ଏଫ୍.ସି ର ସହଯୋଗୀ ସଂସ୍ଥାରେ ୨ଟି ନୂତନ ନିବେଶ କରାଯାଇଛି ଏବଂ ଜି.ଏମ୍.ଆର ସହଯୋଗୀ ସଂଗଠନଙ୍କ ଦ୍ୱାରା ପ୍ରାୟୋଜିତ ୪ଟି ଯୁଗ୍ମ ଉନ୍ନୟନ ରାଜିନାମାରେ ଆଇ.ଏଫ୍.ସି ପକ୍ଷଭୁକ୍ତ ହୋଇଛି । ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଏକ ପ୍ରମୁଖ ଗ୍ରାହକ ସଂଗଠନ ହୋଇଥିବାରୁ ତଥା ଭାରତର ଭିତ୍ତିନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ତୁଲାଉଥିବାରୁ ଆଇ.ଡି.ଏଫ୍.ସି ସହ ଏକ ଗଠନମୂଳକ ସମ୍ପର୍କ ରଖିବାରେ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୁରୁତ୍ୱ ଦିଆଯାଇଛି । ଇତିମଧ୍ୟରେ କମଲାଙ୍ଗ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରୁ କ୍ରିୟାନ୍ୱୟନ ସ୍ଥିତିକୁ ରୂପାନ୍ତରିତ ହୋଇଛି, ଯାହାକି ଅଭିଯୋଗକାରୀଙ୍କ ଉପରେ ଅପରିବର୍ତ୍ତନୀୟ ପ୍ରତିକୂଳ ପ୍ରଭାବର ଆପଦ ପରିବର୍ଦ୍ଧିତ କରିଛି ।

## ପ୍ରକଟନ

ପାଣ୍ଠିରେ ନିଜର ନିବେଶ ସମ୍ପର୍କରେ ପ୍ରକଟନ କରି ଆଇ.ଏଫ୍.ସି ପ୍ରକଟନ ନୀତି (୨୦୦୬) ର ଆବଶ୍ୟକତାର ଅନୁପାଳନ କରିଛି । ଯଦ୍ୟପି ସି.ଏ.ଓ କମଲାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ସୂଚନା ଜନସାଧାରଣଙ୍କ ମଧ୍ୟରେ ଉପଲବ୍ଧ ନ ହେବା ସମ୍ପର୍କରେ ଚିନ୍ତା ବ୍ୟକ୍ତ କରିଛନ୍ତି । ଅଭିଯୋଗକାରୀଙ୍କ ଦ୍ୱାରା ୨୦୧୧ ଏପ୍ରିଲରେ ସି.ଏ.ଓଙ୍କ ଅଭିଯୋଗ ପୂର୍ବରୁ ଆଇ.ଏଫ୍.ସି କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରକଟନ ସମ୍ପର୍କିତ ସମସ୍ୟା ମାନ ଉତ୍‌ଥାପିତ ହୋଇଛି ।

ଯଦିଓ ଆଇ.ଏଫ୍.ସି ଏହି ସବୁ ଚିନ୍ତା ବିଷୟରେ ସଜାଗ ଥିଲା, ତଥାପି କାର୍ଯ୍ୟକାରିତ ମାନକ ୧ ଅନୁଯାୟୀ କମଲାଙ୍ଗ ପ୍ରକଳ୍ପ ସମ୍ପର୍କରେ ଅଥବା ଅଧିକ ସାଧାରଣ ଭାବେ ପ୍ରକଟନ ଆବଶ୍ୟକତା ସମ୍ପର୍କରେ ଗ୍ରାହକ ସଂଗଠନର ପର୍ଯ୍ୟବେକ୍ଷଣ ସମ୍ପର୍କରେ ଅତିରିକ୍ତ ସୂଚନା ପାଇବା ପାଇଁ ଅନୁରୋଧ କରିନଥିଲା । ପୁନଶ୍ଚ ସି.ଏ.ଓ ଜାଣିବାକୁ ପାଇଛନ୍ତି ଯେ, ଆଇ.ଏଫ୍.ସି ନିଜକୁ ଆଶ୍ୱସ୍ତ କରିନଥିଲା ଯେ କାର୍ଯ୍ୟକାରିତା ମାନକ ୧ ଅନୁଯାୟୀ, ପାଣ୍ଠି ପକ୍ଷରୁ ଏକ ଅଭିଯୋଗ ବ୍ୟବସ୍ଥା ସଂସ୍ଥାପିତ ହୋଇଛି ଏବଂ ଏ ସମ୍ପର୍କରେ ସମ୍ଭାବ୍ୟ କ୍ଷତିଗ୍ରସ୍ତ ଗୋଷ୍ଠୀ ସମୂହ ସୂଚୀତ ହୋଇଛନ୍ତି । ଏହି ପ୍ରସଙ୍ଗରେ ସି.ଏ.ଓ ଜାଣିବାକୁ ପାଇଛନ୍ତି ଯେ, ଆଇ.ଏଫ୍.ସି ପକ୍ଷରୁ ନିଜସ୍ୱ କାର୍ଯ୍ୟାନ୍ୱୟନରେ ଅଥବା କମଲାଙ୍ଗ ପ୍ରକଳ୍ପରେ କାର୍ଯ୍ୟକାରିତା ମାନକ ଅନୁଯାୟୀ ପାଣ୍ଠି ପକ୍ଷରୁ ପ୍ରକଟନ ଆବଶ୍ୟକତାର ଅନୁପାଳନ ସମ୍ପର୍କରେ ପର୍ଯ୍ୟାପ୍ତ ପର୍ଯ୍ୟବେକ୍ଷଣ କରାଯାଇ ନାହିଁ ।

## ସି.ଏ.ଓଙ୍କ ଅନୁଧ୍ୟାନ

କାର୍ଯ୍ୟାନ୍ୱୟନ ମାର୍ଗଦର୍ଶିକା ଅନୁସାରେ ସି.ଏ.ଓ ଏହି ଅନୁପାଳନ ତଦନ୍ତକୁ ଉନ୍ମୁକ୍ତ ରଖିବେ ଏବଂ ନିଜ ସିଦ୍ଧାନ୍ତ ଉପରେ ଆଇ.ଏଫ୍.ସି ର ଉତ୍ତର ସମ୍ପର୍କରେ ଅନୁଧ୍ୟାନ କରିବେ ।

## ସଂକ୍ଷିପ୍ତ ତଥା ବିସ୍ତୃତ ଶବ୍ଦରୂପ

| | |
|---|---|
| ଏଇପିଆର | ଆନୁଆଲ ଏନଭିରନ୍‌ମେଣ୍ଟ ପରଫରମାନ୍ସ ରିପୋର୍ଟ |
| ବିଟିଓଆର | ବ୍ୟାକ୍ ଟୁ ଅଫିସ୍ ରିପୋର୍ଟ |
| ସିଏଓ | କମ୍ପ୍ଲାଏନ୍ସ ଆଡଭାଇଜର ଅମ୍ବୁଡସ୍‌ମ୍ୟାନ୍‌ଷ୍ଟ |
| ସିଇଏସ୍ | ଏନଭିରନ୍‌ମେଣ୍ଟାଲ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ଡିପାଟ୍‌ମେଣ୍ଟ (ଆଇ.ଏଫ୍.ସି ରେ) |
| ସିଓସି | କର୍ପୋରେଟ୍ ଅପରେସନ୍ସ କମିଟି (ଆଇ.ଏଫ୍.ସି) |
| ସିଓଡିଏସ୍ | କଣ୍ଡିସନ୍‌ସ୍ ଅଫ୍ ଡିସବର୍ସମେଣ୍ଟ |
| ସିଆରସି | କର୍ପୋରେଟ୍ ରିସ୍କ କମିଟି (ଆଇ.ଏଫ୍.ସି) |
| ଇ ଆଣ୍ଡ ଏସ୍ | ଏନଭିରନ୍‌ମେଣ୍ଟ ଆଣ୍ଡ ସୋସିଆଲ |
| ଇଏଚ୍‌ଏସ୍ | ଏନଭିରନ୍‌ମେଣ୍ଟ ହେଲଥ୍ ଆଣ୍ଡ ସେଫ୍ଟି |
| ଇଆଇଏ | ଏନଭିରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ |
| ଇଏମ୍‌ଏସ୍‌ପି | ଏନଭିରନ୍‌ମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ ଆଣ୍ଡ ପ୍ରୋସିଜିଓର (ଆଇଆଇଏଫ୍ ର) |
| ଇଏସ୍‌ଏପି | ଏନଭିରନ୍‌ମେଣ୍ଟଣ୍ଟ ଆଣ୍ଡ ସୋସିଆଲ ଆକ୍ସନ୍ ପ୍ଲାନ୍ |
| ଇଏସ୍‌ଆଇଏ | ଏନଭିରନ୍‌ମେଣ୍ଟ ଆଣ୍ଡ ସୋସିଆଲ ଇମ୍ପାକ୍ଟ ଆସେସ୍‌ମେଣ୍ଟ |
| ଇଏସ୍‌ଡିଡି | ଏନଭିରନ୍‌ମେଣ୍ଟ ଆଣ୍ଡ ସୋସିଆଲ ଡ୍ୟୁ ଡିଲିଜେନ |
| ଇଏସ୍‌ଆରଡି | ଏନଭିରନ୍‌ମେଣ୍ଟ ଆଣ୍ଡ ସୋସିଆଲ ରିଭ୍ୟୁ ଡକୁମେଣ୍ଟ |
| ଇଏସ୍‌ଆରଏସ୍ | ଏନଭିରନ୍‌ମେଣ୍ଟ ଆଣ୍ଡ ସୋସିଆଲ ରିଭ୍ୟୁ ସମରି |
| ଇଏସ୍‌ଆରପି | ଏନଭିରନ୍‌ମେଣ୍ଟ ଆଣ୍ଡ ସୋସିଆଲ ରିଭ୍ୟୁ ପ୍ରୋସିଜିଓର |
| ଇଏସ୍‌ଆରଆର | ଏନଭିରନ୍‌ମେଣ୍ଟ ଆଣ୍ଡ ସୋସିଆଲ ରିସ୍କ ରେଟିଂ |
| ଏଫ୍‌ଆଇ | ଫାଇନାନ୍‌ସିଆଲ ଇଣ୍ଟରମିଡିଆରି |
| ଏଫ୍‌ୱାଇ | ଫାଇନାନ୍‌ସିଆଲ ଇୟର |
| ଜିଆଇଏଲ୍ | ଗ୍ରୀନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ଼ |

| | |
|---|---|
| ଜେକେଇଏଲ୍ | ଜିଏଏମ୍ଆର କମଲାଙ୍ଗ ଏନର୍ଜି ଲିମିଟେଡ଼ |
| ଆଇଡିଏଫ୍ସି | ଇନ୍ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫାଇନାନ୍ସ କମ୍ପାନୀ |
| ଜିଏମ୍ଆର | ଗାନ୍ଧୀ ମାଲିକାଅର୍ଜୁନ୍ ରାଓ ଗ୍ରୁପ୍ |
| ଆଇଏଫ୍ସି | ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ କର୍ପୋରେସନ୍ |
| ଆଇଆଇଏଫ୍ | ଇଣ୍ଡିଆ ଇନ୍ଫ୍ରାଷ୍ଟ୍ରକ୍ଚର ଫଣ୍ଡ |
| ଆଇଏମ୍ଏ | ଇନ୍ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ଏଗ୍ରିମେଣ୍ଟ |
| ଆଇଏନ୍ଆର | ଇଣ୍ଡିଆନ୍ ରୁପି |
| ଆଇଆରସି | ଇନ୍ଭେଷ୍ଟମେଣ୍ଟ ରିଭ୍ୟୁ କମିଟି(ଆଇ.ଏଫ୍.ସି) |
| ଆଇଏସ୍ଓ | ଇଣ୍ଟରନ୍ୟାସନାଲ ଅରଗାନାଇଜେସନ୍ ଅଫ୍ ଷ୍ଟାଣ୍ଡାଡାଇଜେସନ୍ |
| ଏମ୍ଆଇଜିଏ | ମଲ୍ଟି ଲେଟରାଲ ଇନ୍ଭେଷ୍ଟମେଣ୍ଟ ଗ୍ୟାରେଣ୍ଟି ଏଜେନ୍ସି |
| ଏମ୍ଓଇଏଫ୍ | ମିନଷ୍ଟ୍ରି ଅଫ୍ ଏନଭିରନ୍ମେଣ୍ଟ ଆଣ୍ଡ ଫରେଷ୍ଟ |
| ଏନ୍ଜିଓ | ନନ୍-ଗଭରନ୍ମେଣ୍ଟାଲ ଅରଗାନାଇଜେସନ୍ |
| ଏମ୍ଡବଲ୍ୟୁ | ମେଗାୱାଟ୍ |
| ଓଜି | ଅପରେସନାଲ୍ ଗାଇଡଲାଇନ୍ସ (ସିଏଓ) |
| ଓଏଚ୍ଏସ୍ | ଅକୁପେସନାଲ୍ ହେଲଥ୍ ଆଣ୍ଡ ସେଫ୍ଟି |
| ପିଡିଏସ୍ | ପ୍ରୋଜେକ୍ଟ ଡାଟା ସିଟ୍ |
| ପିଏସ୍ | ପରଫରମାନ୍ସ ଷ୍ଟାଣ୍ଡାର୍ଡ଼ |
| ଆରପିଡିସିଏ | ରିହେବିଲିଟେସନ୍ ଆଣ୍ଡ ପେରିଫେରାଲ ଡେଭଲପମେଣ୍ଟ ଆଇଡଭାଇଜରି କମିଟି |
| ଏସ୍ବିଆଇ | ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ |
| ଏସ୍ଇଏମ୍ଏସ୍ | ସୋସିଆଲ ଆଣ୍ଡ ଏନଭିରନ୍ମେଣ୍ଟାଲ ମ୍ୟାନେଜମେଣ୍ଟ  ସିଷ୍ଟମ୍ |
| ଏସ୍ଇପିଆର | ସୋସିଆଲ ଆଣ୍ଡ ଏନଭିରନ୍ମେଣ୍ଟାଲ ପରଫରମାନ୍ସ ରିପୋର୍ଟ |
| ଏସ୍ଆଇଏ | ସୋସିଆଲ ଇମ୍ପାକ୍ଟ ଆସେସ୍ମେଣ୍ଟ |
| ଏସ୍ଆଇଆଇ | ସମରି ଅଫ୍ ଇନ୍ଭେଷ୍ଟମେଣ୍ଟ ଇନ୍ଫରମେସନ୍ |

| | |
|---|---|
| ଏସ୍‌ପିଆ | ସମରି ଅଫ୍ ପ୍ରୋପଜ୍‌ଡ୍ ଇନ୍‌ଭେଷ୍ଟମେଣ୍ଟ |
| ଟିଏ | ଟେକ୍‌ନିକାଲ ଆସିସ୍ଷ୍ଟାନ୍ସ |
| ଟିଓଆର | ଟମ୍ସ ଅଫ୍ ରେଫରେନ୍ସ |

## ସି.ଏ.ଓଙ୍କ ସମ୍ପର୍କରେ

ବିଶ୍ୱ ବ୍ୟାଙ୍କ୍ ଗୋଷ୍ଠୀର ଘରୋଇ କ୍ଷେତ୍ର ଋଣ ପ୍ରଦାନକାରୀ ତଥା ବୀମାକାରୀ ସଦସ୍ୟ ଯଥା ଇଣ୍ଟରନ୍ୟାସନାଲ ଫାଇନାନ୍ସ କର୍ପୋରେସନ୍ ତଥା ମଲ୍ଟି ଲାଟେରାଲ ଇନ୍‌ଭେଷ୍ଟମେଣ୍ଟ ଗ୍ୟାରେଣ୍ଟି ଏଜେନ୍ସିଙ୍କ ପରିବେଶୀୟ ତଥା ସାମାଜିକ ଉତ୍ତରଦାୟିତ୍ୱରେ ଉନ୍ନତି ଆଣିବା ସହିତ ଏକ ସାଧୁ, ବିଶ୍ୱସ୍ତ ତଥା ପ୍ରଭାବୀ ସାଧନ ବ୍ୟବସ୍ଥା ସହ ସେବା ପ୍ରଦାନ କରିବା ସି.ଏ.ଓଙ୍କ ଅଭିମୁଖ୍ୟ ।

ସି.ଏ.ଓ (କମ୍ପ୍ଲାଏନ୍ସ ଆଡଭାଇଜର ଅମ୍ବୁଡସ୍‌ମ୍ୟାନଙ୍କ କାର୍ଯ୍ୟାଳୟ) ଏକ ସ୍ୱତନ୍ତ୍ର ପଦବୀ ଯେକି ୱାର୍ଲ୍ଡ ବ୍ୟାଙ୍କ୍ ଗ୍ରୁପ୍‌ର ପ୍ରେସିଡେଣ୍ଟଙ୍କୁ ସିଧାସଳଖ ରିପୋର୍ଟ କରନ୍ତି । ସି.ଏ.ଓ ଆଇ.ଏଫ୍.ସି ଏବଂ ଏମ୍.ଆଇ.ଜି.ଏ ଦ୍ୱାରା ହାତକୁ ନିଆଯାଇଥିବା ଉନ୍ନୟନ ପ୍ରକଳ୍ପ ସମୂହଙ୍କ ଦ୍ୱାରା ପ୍ରଭାବିତ ଗୋଷ୍ଠୀ ର ଅଭିଯୋଗମାନ ପୁନରବଲୋକନ କରିଥାନ୍ତି ।

ସି.ଏ.ଓଙ୍କ ଅନୁପାଳନ ଆଇ .ଏଫ୍.ସି/ଏମ୍.ଆଇ.ଜି.ଏ ର ପରିବେଶୀୟ ତଥା ସାମାଜିକ ତଦନ୍ତ ର ଅନୁଧ୍ୟାନ କରିଥାଏ. ବିଶେଷ କରି ସମ୍ବେଦନଶୀଳ ପ୍ରକଳ୍ପ ମାନଙ୍କରେ ନୀତି, ମାନକ, ଦିଗଦର୍ଶିକା, ପଦ୍ଧତି ଏବଂ ଆଇ.ଏଫ୍.ସ ଏବଂ ଏମ୍.ଆଇ.ଜି.ଏ ର ସମ୍ପୃକ୍ତିର ସର୍ତ୍ତାବଳୀ ଆଦିର ଅନୁପାଳନ ସୁନିଶ୍ଚିତ କରିଥାଏ, ଯାହାର ଆଭିମୁଖ୍ୟ, ଆଇ.ଏଫ୍.ସି ଏବଂ ଏମ୍.ଆଇ.ଜି.ଏ ର ପରିବେଶୀୟ ତଥା ସାମାଜିକ କାର୍ଯ୍ୟକାରିତାରେ ଉନ୍ନତି ଆଣିବା ହୋଇଥାଏ ।

ସି.ଏ.ଓଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟା କରି www.cao.ombudsman.org ପରିଦର୍ଶନ କରନ୍ତୁ ।

## ୧.ସି.ଏ.ଓଙ୍କ ଅନୁପାଳନ ପଦ୍ଧତିର ସିଂହାବଲୋକନ

ସି.ଏ.ଓଙ୍କର ପରିବେଶୀୟ ତଥା ସାମାଜିକ ଅନୁପାଳନ କାର୍ଯ୍ୟକାରୀତା ପ୍ରତି ଥିବା ଦୃଷ୍ଟିଭଙ୍ଗୀ କ୍ରିୟାନ୍ୱୟନ ମାର୍ଗଦର୍ଶିକା ତା...ମାର୍ଚ୍ଚ ୨୦୧୩ ରେ ବର୍ଣ୍ଣିତ ହୋଇଛି ।

ଯେତେବେଳେ ସି.ଏ.ଓ ଏକ ଯୋଗ୍ୟ ଅଭିଯୋଗ ଗ୍ରହଣ କରନ୍ତି ସେତେବେଳେ ଏହି ଅଭିଯୋଗ ସି.ଏ.ଓଙ୍କ ବିବାଦ ସମାଧାନ କାର୍ଯ୍ୟ ଅଥବା ଅନୁପାଳନ କାର୍ଯ୍ୟର ଅନ୍ତର୍ଭୁକ୍ତ ହେବ ତାହା ଜାଣିବା ପାଇଁ ଏକ ଆକଳନ ପ୍ରକ୍ରିୟା ଦେଇ ଯିବ । ଯଦି ସି.ଏ.ଓଙ୍କ ଅନୁପାଳନ କାର୍ଯ୍ୟ ଆରମ୍ଭ ହେବ ତେବେ ସି.ଏ.ଓଙ୍କ ପ୍ରକଳ୍ପରେ ଆଇ.ଏଫ୍.ସ ଏବଂ ଏମ୍.ଆଇ.ଜି.ଏ ର ସମ୍ପୃକ୍ତିର ମୂଲ୍ୟାଙ୍କନ କରିବବେ ଏବଂ ଏହା ତଦନ୍ତ ସାପେକ୍ଷ କି ନୁହେଁ ତାହା ନିର୍ଦ୍ଧାରଣ କରିବେ ।

ସି.ଏ.ଓ ଙ୍କ ଅନୁପାଳନ କାର୍ଯ୍ୟ, ୱାର୍ଲଡ଼ ବ୍ୟାଙ୍କ୍ ଗ୍ରୁପ୍ ପ୍ରେସିଡେଣ୍ଟ, ସି.ଏ.ଓ ର ଭାଇସ ପ୍ରେସିଡେଣ୍ଟ ଅଥବା ଆଇ.ଏଫ୍.ସି ଏବଂ ଏମ୍.ଆଇ.ଜି.ଏ ର ବରିଷ୍ଠ ପରିଚାଳନା କର୍ତ୍ତୁପକ୍ଷଙ୍କ ଦ୍ୱାରା ମଧ୍ୟ କରାଯାଇପାରିବ ।

ସି.ଏ.ଓ ଙ୍କ ଅନୁପାଳନ ତଦନ୍ତ ଆଇ.ଏଫ୍.ସ ଏବଂ ଏମ୍.ଆଇ.ଜି.ଏ ତଥା ସେମାନେ କିପରି ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ଦିଗରେ ପ୍ରତିଶ୍ରୁତିବଦ୍ଧ ତାହା ଉପରେ ଆଲୋକପାତ କରିଥାଏ । ନୀତି ମାନକ, ଦିଗଦର୍ଶିକା ପଦ୍ଧତି ତଥା ଆଇ.ଏଫ୍.ସ ଏବଂ ଏମ୍.ଆଇ.ଜି.ଏ ର ସମ୍ପୃକ୍ତି ସମ୍ପର୍କିତ ସର୍ତ୍ତାବଳୀର ଅନୁପାଳନ ସୁନିଶ୍ଚିତ କରିବା ଏବଂ ଫଳସ୍ୱରୁପ ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତାରେ ଉନ୍ନତି ଆଣିବା ହେଉଛି ସି.ଏ.ଓ ଅନୁପାଳନ ତଦନ୍ତର ଉଦ୍ଦେଶ୍ୟ ।

ସି.ଏ.ଓ ଅନୁପାଳନ ତଦନ୍ତ ହେଉଛି ଏକ ବ୍ୟବସ୍ଥିତ, ଦସ୍ତାବିଜୀକୃତ ଯାଂଚ ପଦ୍ଧତି ଯଦ୍ୱାରା ପରିବେଶୀୟ ତଥା ସାମାଜିକ କାର୍ଯ୍ୟକ୍ରମ, ସର୍ତ୍ତାବଳୀ, ପରିଚାଳନା ବ୍ୟବସ୍ଥା ଏବଂ ସମ୍ବନ୍ଧିତ ସୂଚନା ଅନୁପାଳନ ତଦନ୍ତର ବିଭିନ୍ନ ଆବଶ୍ୟକତା ସହ ସଂଗତି ରଖୁଛି କି ନାହିଁ ତାହା ନିର୍ଦ୍ଧାରଣ କରିବା ନିମନ୍ତେ ପ୍ରମାଣ ଲକ୍ଷ୍ୟାଭିମୁଖୀ ମାର୍ଗରେ ଗ୍ରହଣ ତଥା ମୂଲ୍ୟାୟନ କରାଯାଇପାରିବ । (ଓ.ଜି ଅନୁଚ୍ଛେଦ ୪:୩)

ସି.ଏ.ଓ ଅନୁପାଳନ ତଦନ୍ତ ସନ୍ଦର୍ଭରେ ବିଚାର୍ଯ୍ୟ ପ୍ରସଙ୍ଗମାନ ହେଲା କି ଯେ:

- ପ୍ରକଳ୍ପର ପରିବେଶୀୟ ତଥା ସାମାଜିକ ପରିଣତି, ଆଇ.ଏଫ୍.ସ ଏବଂ ଏମ୍.ଆଇ.ଜି.ଏ ର ଅଭିଳଷିତ ପ୍ରଭାବ ସହ ସୁସଂହତ ଅଛି ବା ଏହାର ବିରୁଦ୍ଧାଚରଣ କରୁଛି ।

* ମୂଲ୍ୟାଙ୍କନ ବା ପର୍ଯ୍ୟବେକ୍ଷଣ ଅଂଶସ୍ୱରୂପ ଗ୍ରହଣ କରାଯାଇଥିବା ପରିବେଶ ତଥା ସାମାଜିକ ପ୍ରସଙ୍ଗର ସମାଧାନ ଦିଗରେ ଆଇ.ଏଫ୍.ସ ଏବଂ ଏମ୍.ଆଇ.ଜି.ଏ ର ବିଫଳତାର ଫଳସ୍ୱରୂପ ପ୍ରକଳ୍ପର ପରିଣତି ଅଭିଳଷିତ ନୀତିଗତ ବ୍ୟବସ୍ଥା ସହ ସୁସଂହତ ଅଛି ବା ଏହାର ବିରୁଦ୍ଧାଚରଣ କରୁଛି ।

ଅଧିକାଂଶ କ୍ଷେତ୍ରରେ ପ୍ରାସଙ୍ଗିକ ଆବଶ୍ୟକତାର ପରିପୂରଣ ନିମନ୍ତେ ପ୍ରକଳ୍ପର କାର୍ଯ୍ୟକାରିତାର ସମୀକ୍ଷା ତଥା ପଦକ୍ଷେପର କ୍ରିୟାନ୍ୱୟନରେ ଆଇ.ଏଫ୍.ସି/ଏମ୍.ଆଇ.ଜି.ଏ ର ଗ୍ରାହକ ପ୍ରତିଷ୍ଠାନଙ୍କ କାର୍ଯ୍ୟବିଧିର ପୁନରାବଲୋକନ ତଥା କ୍ଷେତ୍ରରେ ପରିଣତିର ସମୀକ୍ଷା ଆବଶ୍ୟକ ହୋଇଥାଏ ।

ବିଚାରଗତ ପ୍ରକ୍ରିୟାରେ ସି.ଏ.ଓଙ୍କର କୌଣସି ପ୍ରାଧୀକାର ନାହିଁ । ସି.ଏ.ଓ ଆବଦେନ ପାଇଁ ଏକ ନ୍ୟାୟପୀଠ ଅଥବା ଏକ ଆଇନଗତ ପ୍ରବର୍ତ୍ତନ ବ୍ୟବସ୍ଥା ନୁହନ୍ତି ଏବଂ ସି.ଏ.ଓ ଆନ୍ତର୍ଜାତୀୟ ବିଚାରାଳୟ ବ୍ୟବସ୍ଥା ଅଥବା କାର୍ଯ୍ୟାଳୟ ଥିବା ଦେଶର ନ୍ୟାୟିକ ବ୍ୟବସ୍ଥାର ଏକ ବିକଳ୍ପ ନୁହେଁ ।

ଅନୁପାଳନ ତଦନ୍ତ ଚୂଡ଼ାନ୍ତ ହେବା ଉପରାନ୍ତେ ଆଇ .ଏଫ୍.ସି/ଏମ୍.ଆଇ.ଜି.ଏ କୁ ଜନସାଧାରଣଙ୍କ ଅଭିମତ ପ୍ରସ୍ତୁତି କରିବା ନିମିତ ୨୦ଟି କାର୍ଯ୍ୟକାରୀ ଦିବସ  ଦିଆଯାଏ । ଏହାପରେ ଅନୁପାଳନ ତଦନ୍ତ ବିବରଣୀ, ଆଇ.ଏଫ୍.ସି/ଏମ୍.ଆଇ.ଜି.ଏ ରୁ ମିଳିଥିବା ଅନ୍ୟାନ୍ୟ ଅଭିମତ ସହିତ ୱାର୍ଲ୍ଡ ବ୍ୟାଙ୍କ୍ ଗ୍ରୁପ୍ ପ୍ରେସିଡେଣ୍ଟଙ୍କ ପାଖକୁ ନିକାସ ନିମନ୍ତେ ପ୍ରେରଣ କରାଯାଏ, ଯାହା ପରେ ପରେ ଏହାକୁ ସି.ଏ.ଓ ଙ୍କ ୱେବ୍‌ସାଇଟ୍‌ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଛଡ଼ାଯାଇଥାଏ ।

ଯେଉଁ କ୍ଷେତ୍ରରେ ଆଇ.ଏଫ୍.ସି/ଏମ୍.ଆଇ.ଜି.ଏ ଅନୁପାଳନ ପ୍ରକ୍ରିୟାରୁ ବାହାରେ ଥାଆନ୍ତି, ସେତେବେଳେ ସି.ଏ.ଓ ତଦନ୍ତକୁ ଉନ୍ମୁକ୍ତ ରଖିବା ସହ ପରିସ୍ଥିତିକୁ ଅନୁଧ୍ୟାନ କରୁଥାନ୍ତି, ଯେତେବେଳ ପର୍ଯ୍ୟନ୍ତ ଆଇ .ଏଫ୍.ସି/ଏମ୍.ଆଇ.ଜି.ଏ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସି.ଏ.ଓ ଙ୍କୁ

ଆଇ .ଏଫ୍.ସି/ଏମ୍.ଆଇ.ଜି.ଏ ଏହି ଅଣ ଅନୁପାଳନ ଉପରେ ପଦକ୍ଷେପ ନେଉଛନ୍ତି ବୋଲି ନିଶ୍ଚିତ କରାଇ ନଥାଏ ।

# ୨.ପୃଷ୍ଠଭୂମି

## ୨.୧ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିଃ

ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିଃ (ଜିକେଇଏଲ୍) ହେଉଛି ଜିଏମ୍‌ଆର ଏନର୍ଜି ଲିଃ ଦ୍ୱାରା ପ୍ରତିଷ୍ଠିତ ଏକ ସ୍ୱତନ୍ତ୍ର ଆଭିମୂଖ୍ୟ କମ୍ପାନୀ । ଭାରତର ଓଡ଼ିଶା ରାଜ୍ୟରେ ଥିବା ଢେଙ୍କାନାଳ ଜିଲ୍ଲାସ୍ଥ କମଳାଙ୍ଗ ଗ୍ରାମ ନିକଟରେ ଏକ ବୃହତ୍ କୋଇଲା ଦ୍ୱାରା ସଂଚାଳିତ ପାୱାର ପ୍ଲାଣ୍ଟର ବିକାଶ କରାଇବା ଏବଂ ଏହାକୁ ସଂଚାଳିତ କରିବା ଏହି କମ୍ପାନୀର ଆଭିମୂଖ୍ୟ ('କମଳାଙ୍ଗ ପ୍ରକଳ୍ପ କିମ୍ବା ପ୍ରକଳ୍ପ") ମେ ୨୦୦୮ରେ ପ୍ରକଳ୍ପଟି ଆର୍ଥିକ ପରିସମାପ୍ତି ଲାଭ କରିଥିଲା, ଯେଉଁଥିରେ ୯.୫୩ ନିୟୁତ ଆମେରିକୀୟ ଡଲାର (ଋଣ ଏବଂ ଇକ୍ୱିଟି)[୧] ଉଠିଥିଲା । ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପରସମାପ୍ତି ସମୟରେ ଏଥିରେ ଥିବା ୩ଟି ୩୫୦ ମେଗାୱାଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ୟୁନିଟ୍ କାର୍ଯ୍ୟକାରୀ ହୋଇଥିଲେ । ପ୍ରକଳ୍ପର ଯୋଜନାବଦ୍ଧ ଦ୍ୱିତୀୟ ପର୍ଯ୍ୟାୟ ଦ୍ୱାରା ପୁନଶ୍ଚ ୩୫୦ ମେଗାୱାଟ୍ ୟୁନିଟ୍ କ୍ଷମତା ଯୋଗ ହେବ, ଯଦ୍ୱାରା ସମ୍ପୁର୍ଣ୍ଣ ଉତ୍ପାଦନର ପରିମାଣ ୧୪୦୦ ମେଗାୱାଟ୍ ହେବ[୨] ।

## ୨.୨ ଅଭିଯୋଗ

ଏପ୍ରିଲ ୨୦୧୧ରେ ଓଡ଼ିଶା ଚାଷ ପରିବେଶ ସୁରକ୍ଷା ପରିଷଦ (ଓଡ଼ିଶା ଏଗ୍ରିକଲଚର ଏନ୍‌ଭିରୋନ୍‌ମେଣ୍ଟ ପ୍ରୋଟେକ୍‌ସନ୍ କାଉନ୍‌ସିଲ୍) ତଥା 'ଦିଲ୍ଲୀ ଫୋରମ୍' ("ଅଭିଯୋଗକାରୀ") ଙ୍କ ଦ୍ୱାରା କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ତଥା ସାମାଜିକ ପ୍ରଭାବ ସମ୍ପର୍କିତ_ଅଭିଯୋଗରୁ ସି.ଏ.ଓ ଅନୁପାଳନ ତଦନ୍ତ ପ୍ରକ୍ରିୟା ର ଅୟମାରମ୍ଭ ହୋଇଥିଲା ।

ଓଡ଼ିଶା ଚାଷ ପରିବେଶ ସୁରକ୍ଷା ପରିଷଦ ହେଉଛି ଏକ ସ୍ଥାନୀୟ ଅଣ ସରକାରୀ ସଂଗଠନ (ଏନ୍‌ଜିଓ) ଯାହାକି ଶିଳ୍ପ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉ ଥିବା ପ୍ରକଳ୍ପ ଅଂଚଳର ବ୍ୟକ୍ତିବିଶେଷଙ୍କୁ ପ୍ରତିନିଧିତ୍ୱ କରୁଛି । ଦିଲ୍ଲୀ ଫୋରମ୍ ହେଉଛି ଏକ ଜାତୀୟ ଅଧିବକ୍ତବ୍ୟ, ଅନୁସନ୍ଧାନ, ଗଣମାଧ୍ୟମ, ସଂଯୋଗୀକରଣ ତଥା ଦସ୍ତବିଜୀକରଣ ସହାୟତା ପ୍ରଦାନ କରୁଥିବା ନୂଆଦିଲ୍ଲୀସ୍ଥିତ ଏକ ଏନ୍‌ଜିଓ ।

---

1 ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂ, ମେ ୨୭, ୨୦୦୯ http://goo.gl ଦେଖନ୍ତୁ (ଜାନୁଆରୀ ୮,୨୦୧୫ରେ ପରିଦୃଷ୍ଟ)

2 ଜି.ଏମ୍.ଆର ପ୍ରେସ୍ ଇସ୍ତାହାର---- ଦେଖନ୍ତୁ (ମାର୍ଚ୍ଚ ୪, ୨୦୧୫ରେ ପରିଦୃଷ୍ଟ

3 ସିଏ.ଓଙ୍କ ଆକ୍ଳନ, ଫେବୃଆରୀ ୨୦୧୩---- ଦେଖନ୍ତୁ (ଅପ୍ରେଲ ୧୪, ୨୦୧୫ରେ ପରିଦୃଷ୍ଟ)



4 ଆଇ .ଏଫ୍.ସି ପ୍ରକଳ୍ପ ସୂଚନା ବିବରଣୀ------- ଦେଖନ୍ତୁ (ଡିସେମ୍ବର ୧,୨୦୧୪ରେ ପରିଦୃଷ୍ଟ)

ଏହି ଅଭିଯୋଗରେ ଜାହିର କରାଯାଇଛି ଯେ, ଆଇଏଫ୍‌ସି ପ୍ରକଳ୍ପର ଉନ୍ନୟନକୁ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଦ୍ୱାରା ପରିଚାଳିତ ଇକ୍ୱିଟି ପାଣ୍ଠି (ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ) ଜରିଆରେ ସମର୍ଥନ କରିଛି ।

ସି.ଏ.ଓ ଙ୍କ ସହିତ ଆଲୋଚନା ସମୟରେ ଅଭିଯୋଗକାରୀମାନେ ପ୍ରକଳ୍ପର ପ୍ରଭାବ ସେମାନଙ୍କର ଜୀବିକାର ଦୀର୍ଘସ୍ଥାୟିତ୍ୱ ପ୍ରତି ଆପଦ ସୃଷ୍ଟି କରୁଛି ବୋଲି ଚିନ୍ତାବ୍ୟକ୍ତ କରିଥିଲେ । ନିଯୁକ୍ତି, ସୁବିଧା, ପାନୀୟ ଜଳ ଜମିର କ୍ଷୟକ୍ଷତି ତଥା ପ୍ରକଳ୍ପ ନିର୍ମାଣର ଅନ୍ୟାନ୍ୟ ପ୍ରଭାବ ସମ୍ପର୍କରେ ମଧ୍ୟ ଅଭିଯୋଗକାରୀମାନେ ଚିନ୍ତା ପ୍ରକଟ କରିଥିଲେ[୩] । ଅଭିଯୋଗକାରୀମାନେ ପ୍ରକଳ୍ପ ସମ୍ପର୍କୀୟ ମୌଳିକ ସୂଚନା, ଯେଉଁଥିରେ ଏହାର ସମ୍ଭାବ୍ୟ ପ୍ରଭାବ ତଥା ଅଭିଯୋଗ ସମାଧାନ ବ୍ୟବସ୍ଥା ସମ୍ପର୍କିତ ସୂଚନା ଅନ୍ତର୍ଭୁକ୍ତ, ତାହା ପ୍ରଦାନରେ ବିଫଳତା ସମ୍ପର୍କରେ ଚିନ୍ତାବ୍ୟକ୍ତ କରିଥିଲେ ।

ଅଧିକ ନିର୍ଦ୍ଦିଷ୍ଟ ଭାବରେ ଅଭିଯୋଗକାରୀମାନେ ଆଇଏଫ୍‌ସିର କାର୍ଯ୍ୟକାରିତା ମାନକ ପ୍ରକଳ୍ପରେ ପ୍ରୟୋଗ ହେବା ଉପରେ ନିମ୍ନଲିଖିତ ସମସ୍ୟାମାନ ଉତ୍‌ଥାପିତ କରିଥିଲେ ।

- କାର୍ଯ୍ୟକାରିତା ମାନକ ୧ (ସାମାଜିକ ଓ ପରିବେଶୀୟ ଆକଳନ ଏବଂ ପରିଚାଳନା ବ୍ୟବସ୍ଥା) – ଅଭିଯୋଗରେ ଦାବୀ କରାଯାଇଛି, ଯେ ଗୋଷ୍ଠୀ(ଦେଶୀୟ ତଥା ଜନଜାତି ସମେତ) ସହ ପରାମର୍ଶ ପର୍ଯ୍ୟାପ୍ତ ହୋଇନାହିଁ ଏବଂ ଏହି ଅଂଚଳରେ ଅନ୍ୟାନ୍ୟ ଶିଳ୍ପ ସମେତ ଏହି ପ୍ରକଳ୍ପର ସାମଗ୍ରିକ ପ୍ରଭାବ ବିଚାରକୁ ନିଆଯାଇ ନାହିଁ । ପ୍ରକଳ୍ପ ଦ୍ୱାରା ଭୂତଳ ଜଳ ଉତ୍ତୋଳନ ପାଇଁ ବ୍ୟବହାର କରାଯାଉଥିବା ଏକ ଗଭୀର ଖନନ କୂପ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ଭୂତଳ ଜଳର ସୁଲଭତା ଉପରେ ଏହାର ପ୍ରଭାବ ସମ୍ପର୍କୀୟ ପ୍ରଶ୍ନ ମଧ୍ୟ ଏହି ଅଭିଯୋଗରେ ଉତ୍‌ଥାପିତ ହୋଇଛି ।
- କାର୍ଯ୍ୟକାରିତ ମାନକ ୩ (ପ୍ରଦୂଷଣ ନିରାକରଣ ଏବଂ ଏ ସମ୍ପର୍କୀୟ ରିହାତି)– ଅଭିଯୋଗରେ ଚିନ୍ତା ବ୍ୟକ୍ତ କରାଯାଇଛି ଯେ, ଏହି ପ୍ରକଳ୍ପ ଦ୍ୱାରା ବିଦ୍ୟମାନ ପ୍ରଦୂଷଣ (ବିଶେଷ କରି ବ୍ରାହ୍ମଣୀ ନଦୀରେ) ପରିବର୍ଦ୍ଧିତ ହେ, କାରଣ ପ୍ରସ୍ତାବିତ ପ୍ରଦୂଷଣ ନିରାକରଣ ସମ୍ପର୍କରେ କୌଣସି ସୂଚନା

---

[3] ସିଏ.ଓଙ୍କ ଆକଳନ, ଫେବୃଆରୀ ୨୦୧୩---- ଦେଖନ୍ତୁ (ଅପ୍ରେଲ ୧୪, ୨୦୧୫ରେ ପରିଦୃଷ୍ଟ)

ଉପଲବ୍ଧ ହୋଇନାହିଁ । ଅଭିଯୋଗରେ ପୁନଶ୍ଚ ପ୍ରକଳ୍ପର ବାୟୁ ପ୍ରଦୂଷଣ ଦ୍ୱାରା ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଭାବ ଉପରେ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି ।

- କାର୍ଯ୍ୟକାରିତ ମାନକ ୪ (ଗୋଷ୍ଠୀ ସ୍ୱାସ୍ଥ୍ୟ, ସୁରକ୍ଷା ଓ ନିରାପତ୍ତା)- ନିର୍ମିତ କୋଠାବଡ଼ିର ଢାଂଚାଗତ କ୍ଷୟକ୍ଷତି ଉପରେ ଏହି ଅଭିଯୋଗରେ ଚିନ୍ତା ବ୍ୟକ୍ତ କରାଯାଇଛି, ଯାହାକି ଡାଇନାମାଇଟ୍ ବ୍ୟବହାର କାରଣରୁ ହୋଇଛି ବୋଲି ସେମାନେ ଦାବି କରିଛନ୍ତି ।ଅଭିଯୋଗ ରେ ନିରାପତ୍ତା ରକ୍ଷୀଙ୍କ ଦ୍ୱାରା ଭୟ ପ୍ରଦର୍ଶନ ଏବଂ ପ୍ରକଳ୍ପ ବିରୋଧୀ ଗୋଷ୍ଠୀ ସଦସ୍ୟମାନଙ୍କ ଗିରଫଦାରୀ ସମ୍ପର୍କରେ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି ।
- କାର୍ଯ୍ୟକାରିତ ମାନକ ୫(ଭୂମି ଅଧିଗ୍ରହଣ ତଥା ଅଣ ସ୍ୱେଚ୍ଛାକୃତ ପୁନର୍ବାସ) ଅଧିକୃତ ଭୂମି, ଫସଲ, ବୃକ୍ଷ ତଥା ଜଳ ସମ୍ପଦ ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବାରେ ତଥା ଉପପ୍ରକଳ୍ପ ଦ୍ୱାରା ଜୀବିକା ଉପାର୍ଜନର କ୍ଷତିଭରଣା କରିବାରେ ବିଫଳତା ଉପରେ ଏହି ଅଭିଯୋଗରେ ଚିନ୍ତା ବ୍ୟକ୍ତ କରାଯାଇଛି ।
- କାର୍ଯ୍ୟକାରିତ ମାନକ ୭ (ସ୍ୱଦେଶୀୟ ଜାତି)- ଅଭିଯୋଗରେ ପ୍ରକଳ୍ପ ଦ୍ୱାରା ଅଧିକୃତ ଭୂମି ଅନୁସୁଚିତ ଜନଜାତିର ସଦସ୍ୟମାନଙ୍କର ହୋଇଥିବା ତଥା ଆବଶ୍ୟକୀୟ ପରାମର୍ଶ ବିନା ଅଧିଗ୍ରହଣ କରାଯାଇଥିବା ବିଷୟରେ ଦୋଷାରୋପ କରାଯାଇଛି ।

## ୨.୩ କମଳାଙ୍ଗ ପ୍ରକଳ୍ପକୁ ଆଇଏଫସି ଉନ୍ମୁକ୍ତି

ଆଇଏଫ୍ସି କମଳାଙ୍ଗ ପ୍ରକଳ୍ପକୁ ଆର୍ଥିକ ରୂପେ ନିମ୍ନଲିଖିତ ମାଧ୍ୟମରେ ଉନ୍ମୁକ୍ତ ହୋଇଥିଲା ।

କ). ୨୦୦୮ ରେ ଇଣ୍ଡିଆ ଇନ୍ଫ୍ରାଷ୍ଟ୍ରକ୍ଚର ଫଣ୍ଡରେ (ପାଣ୍ଠି) (ଆଇଏଫ୍ସି ପ୍ରକଳ୍ପ ≠ ୨୬୨୩୭)

ଖ) ଆଇଡିଏଫ୍ସିରେ ଇକ୍ୱିଟି ହୋଲ୍ଡିଂ ଯାହା ୧୯୯୮ରେ ଆଇଏଫ୍ସି ଦ୍ୱାରା ଅଧିକୃତ ହେଲା (ଆଇଏଫ୍ସି ପ୍ରକଳ୍ପ ସଂଖ୍ୟା ୨୬୨୩୭)

ପ୍ରାସଙ୍ଗିକ ଘଟଣାମାନଙ୍କର ଏକ ସମୟରେଖା ବିଭାଗ ୨.୪ ରେ ଅନ୍ତର୍ଭୁକ୍ତ ହୋଇଛି ।

## ୨.୩.୧ ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡରେ ଆଇଏଫ୍‌ସିର ପୁଞ୍ଜି ନିବେଶ

ମାର୍ଚ୍ଚ ୨୦୦୮ରେ ଆଇଡିଏଫ୍‌ସି ଏବଂ ଏକ ଆନ୍ତର୍ଜାତୀୟ ବ୍ୟାଙ୍କ୍ ଦ୍ୱାରା ପ୍ରାୟୋଜିତ ଘରୋଇ ଇକ୍ୱିଟି ପାଣ୍ଠି ଫଣ୍ଡରେ ଆଇଏଫ୍‌ସି ୫୦ ନିୟୁତ ଆମେରିକୀୟ ଡଲାର ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗ ନିମନ୍ତେ ଅଙ୍ଗୀକାରବଦ୍ଧ ହେଲା[୪] ।

ଭାରତର ଭିତ୍ତି ବିକାଶରେ ଇକ୍ୱିଟି ପୁଞ୍ଜି ନିବେଶ ନିମନ୍ତେ ପାଣ୍ଠିକୁ ସମର୍ଥନ ଦେବା ଆଇଏଫ୍‌ସି ପୁଞ୍ଜି ବିନିଯୋଗର ଉଦ୍ଦେଶ୍ୟ ଥିଲା (ଯେଉଁ କମ୍ପାନୀମାନଙ୍କରେ ପାଣ୍ଠି ପକ୍ଷରୁ ପୁଞ୍ଜି ବିନିଯୋଗ କରାଯାଇଛି, ସେମାନଙ୍କୁ "ପୋର୍ଟଫୋଲିଓ କମ୍ପାନୀ" କିମ୍ବା "ସବ୍ ପ୍ରୋଜେକ୍ଟ" ଭାବେ ଦର୍ଶାଯାଇଛି ।

ଆଇଏଫ୍‌ସି ପ୍ରଥମେ ୨୦୦୭ରେ ପାଣ୍ଠିରେ ପୁଞ୍ଜିନିବେଶ ବିଷୟ ବିଚାରକୁ ନେଇଥିଲା । ଭାରତର ଭିତ୍ତି ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂରୀକରଣ ଦିଗରେ ସିଧାସଳଖ ଅବଦାନ ସହିତ ନିର୍ମାଣ ସମୟରେ ଏହି ପ୍ରକଳ୍ପ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଇଏଫ୍‌ସି ଆଶା ପ୍ରକାଶ କରିଥିଲା[୫] ।

ଯଦିଓ ପାଣ୍ଠିର କର୍ପୋରେଟ୍ ଗଠନ ବା ଢାଂଚା ଜଟିଳ ଏହି ବିବରଣୀ ନିମନ୍ତେ ଏହା ଉଲ୍ଲେଖ କରିବା ଯଥେଷ୍ଟ ହେବ ଯେ ପାଣ୍ଠି ଗୋଟିଏ ପୁଞ୍ଜି ନିବେଶ ପ୍ରବନ୍ଧକଙ୍କ (ଆଇଡିଏଫ୍‌ସି ପ୍ରୋଜେକ୍ଟ ଇକ୍ୱିଟି କମ୍ପାନୀ ଲିମିଟେଡ୍) ଯାହାକି ଆଇଡିଏଫ୍‌ସିର ସମ୍ପୂର୍ଣ୍ଣ ଅଧିକୃତ ସହାୟକ ସଂଗଠନ ଦ୍ୱାରା ପରିଚାଳିତ ହେଉଥିଲା ।

ଏହି ତଦନ୍ତ ବିବରଣୀରେ ଆଇଡିଏଫ୍‌ସି, ଆଇଡିଏଫ୍‌ସି ପ୍ରକଳ୍ପ ଇକ୍ୱିଟି ଏବଂ ପାଣ୍ଠିକୁ ଆବଶ୍ୟକୀୟ ପ୍ରକାର ଭେଦ ଅନୁସାରେ "ଆଇଏଫ୍‌ସି ଗ୍ରାହକ" କିମ୍ବା "ଗ୍ରାହକ" ଭାବେ ଦର୍ଶାଯାଇଛି ।

ପାଣ୍ଠି ପକ୍ଷରୁ ଜିକେଇଏଲ୍‌ରେ ୧୫ ପ୍ରତିଶତ ଇକ୍ୱିଟି ସ୍ୱତ୍ୱ ଅଧିକୃତ ହୋଇଥିଲା[୬] ।

---

4 ଆଇ .ଏଫ୍.ସି ପ୍ରକଳ୍ପ ସୂଚନା ବିବରଣୀ------- ଦେଖନ୍ତୁ (ଡିସେମ୍ବର ୧,୨୦୧୪ରେ ପରିଦୃଷ୍ଟ)

5 ଉପରୋକ୍ତ

6 ଭିସି ସର୍କଲ ଅକ୍ଟୋବର ୮, ୨୦୦୯--------- ଦେଖନ୍ତୁ (ଜୁଲାଇ ୧୫, ୨୦୧୫ରେ ପରିଦୃଷ୍ଟ)

## ୨.୩.୨ ଆଇଡିଏଫ୍‌ସିରେ ଆଇଏଫ୍‌ସିର ପୁଞ୍ଜି ନିବେଶ

ପାଣ୍ଠିରେ ପୁଞ୍ଜି ନିବେଶ ସହିତ ଆଇଡିଏଫ୍‌ସି ଜିକେଇଏଲ୍‌ରେ ଏକ ପାଂଚ ପ୍ରତିଶିତ ଇକ୍ୱିଟି ସ୍ୱତ୍ୱଧରି ରଖିଛି । ଆଇଡିଏଫ୍‌ସି ପୁନଶ୍ଚ ୧୩ଟି ବ୍ୟାଙ୍କ୍‌ର ଏକତ୍ରିକୃତ ସଂଗଠନର ନେତୃତ୍ୱ ନେଇଥିଲା । ଯାହାକି କମଲାଙ୍ଗ ପ୍ରକଳ୍ପ ନିମନ୍ତେ ୭.୧୫ ନିୟୁତ ଆମେରିକୀୟ ଡଲାରର ଋଣ ପ୍ରଦାନ କରିଥିଲେ[7] ।

ଏହା ଆଇଏଫ୍‌ସି ପାଇଁ ଏକ ଉନ୍ମୁକ୍ତିର ପ୍ରତିନିଧିତ୍ୱ କରୁଛି, ଯେହେତୁ ୧୯୯୬ରୁ ଆଇଡିଏଫ୍‌ସିରେ ଆଇଏଫ୍‌ସି ଇକ୍ୱିଟି ରଖିଛି । ମୂଳତଃ ଆଇଡିଏଫ୍‌ସିରେ ଆଇଏଫ୍‌ସିର ପୁଞ୍ଜି ନିବେଶ ୬.୧ ପ୍ରତିଶତ ମାଲିକାନା ସ୍ୱତ୍ୱର ପ୍ରତିନିଧିତ୍ୱ କରୁଥିଲା ଯଦ୍ୟପି ୨୦୦୫ ରେ ଆଇଡିଏଫ୍‌ସିର ଇନିସିଆଲ ପବ୍ଲିକ୍ ଅଫରିଙ୍ଗ୍ ପରେ ପରେ ଏହା ହ୍ରାସ ପାଇଥିଲା ।

ଆଇଏଫ୍‌ସି ପୁନଶ୍ଚ ଆଇଡିଏଫ୍‌ସି ଏବଂ ବହୁ ସଂଖ୍ୟକ ଆଇଡିଏଫ୍‌ସି ସହାୟକ ସଂସ୍ଥାମାନଙ୍କୁ ଋଣ ପ୍ରଦାନ କରିଛି[8] । ଏହି ଋଣଗୁଡ଼ିକ ଯଦି ଓ କମଲାଙ୍ଗ ପ୍ରକଳ୍ପ ପ୍ରତି ଆଇଏଫ୍‌ସିର ଉନ୍ମୁକ୍ତିକୁ ପରିବର୍ଦ୍ଧିତ କରୁନାହିଁ, ତଥାପି ଆଇଡିଏଫ୍‌ସି ସହିତ ଏହାର ସାମୁଦାୟିକ ସମ୍ପର୍କକୁ ବୁଝିବାରେ ପ୍ରାସଙ୍ଗିକ ସାବ୍ୟସ୍ତ ହୋଇଛନ୍ତି ।

---

[7] ଜି.ଏମ୍.ଆର ପ୍ରେସ୍ ଇସ୍ତାହାର, ମେ ୨୭, ୨୦୦୯, ------------ଦେଖନ୍ତୁ (ନଭେମ୍ବର ୨୬, ୨୦୧୪ରେ ପରିଦୃଷ୍ଟ) ଏବଂ -------------ଦେଖନ୍ତୁ (ଜୁଲାଇ ୨୩, ୨୦୧୫ରେ ପରିଦୃଷ୍ଟ)

[8] ବିସ୍ତୃତ ତଥ୍ୟ ପରିଶିଷ୍ଟ 'ଗ' ଦେଖନ୍ତୁ

## ୨.୪ ପ୍ରକଳ୍ପ ସମୟରେଖା

ତାରିଖ ଘଟଣାବଳୀ

| | |
|---|---|
| ପ୍ରାକ୍ ୨୦୦୭ | |
| ୧୯୯୮ | ଆଇଏଫ୍‌ସି ଆଇଡିଏଫ୍‌ସିରେ ୬.୧ ପ୍ରତିଶତ ଇକ୍ୱିଟି ସ୍ୱତ୍ୱ ରଖେ । |
| ୨୦୦୫ | ଆଇଡିଏଫ୍‌ସିର ପବ୍ଲିକ୍ ଲିଷ୍ଟିଙ୍ଗ୍ ପୂର୍ବରୁ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ବିନା ନୂତନ ଅଂଶୀଦାର ରାଜିନାମାକୁ ଆଇଏଫ୍‌ସି ସମ୍ମତି ଜଣାଏ । |
| ୨୦୦୫ | ଆଇଏଫ୍‌ସି ଆଇଡିଏଫ୍‌ସିରେ ୫୦ ନିୟୁତ ଆମେରିକୀୟ ଡଲାର ନିବେଶ ପାଇଁ ଅଙ୍ଗୀକାରବଦ୍ଧ ହୁଏ । ମେ ୨୦୦୬ରେ ଅର୍ଥ ପ୍ରଦାନ କରାଯାଏ । |
| ୨୦୦୭ | |
| ଜୁଲାଇ | ଆଇଏଫ୍‌ସି ପାଣ୍ଠି ନିମିତ ପୁଞ୍ଜିନିବେଶ ମୂଲ୍ୟାୟନ ଅଭିଯା ପରିଚାଳନା କରେ । |
| ଅଗଷ୍ଟ | ଆଇଏଫ୍‌ସି ପାଣ୍ଠିରେ ପ୍ରସ୍ତାବିତ ପୁଞ୍ଜି ନିବେଶର ସାରାଂଶ ପ୍ରକାଶ କରେ ।<br>ଆଇଏଫ୍‌ସି ପୁଞ୍ଜି ନିବେଶ ସମୀକ୍ଷା ବୈଠକ (ଆଇଆରଏମ୍) ପରିଚାଳନା କରେ, ଆଇଏଫ୍‌ସି ପରିଚାଳନା କର୍ତ୍ତୃପକ୍ଷ ପ୍ରକଳ୍ପ ଅନୁମୋଦନ କରନ୍ତି । |
| ସେପ୍ଟେମ୍ବର | ଆଇଏଫ୍‌ସି ପରିଷଦ ପାଣ୍ଠିରେ ୧୦୦ ନିୟୁତ ଆମେରିକୀୟ ଡଲାର ପର୍ଯ୍ୟନ୍ତ ପୁଞ୍ଜିନିବେଶ ଅନୁମୋଦନ କରନ୍ତି । |
| ଅକ୍ଟୋବର | କମଲାଙ୍ଗ ପ୍ରକଳ୍ପର ପରିବେଶୀୟ, ସାମାଜିକ ଆକଳନ (ଇଆଇଏ) ପ୍ରକାଶିତ ।<br>କମଲାଙ୍ଗ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କରେ ଗୋଷ୍ଠୀ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ ।<br>ଆଇଏଫ୍‌ସିର ଇଆଣ୍ଡଏସ୍ କର୍ମଚାରୀ ଆଇଡିଏଫ୍‌ସିର ଇଆଣ୍ଡଏସ୍ କର୍ମଚାରୀଙ୍କୁ ଭେଟନ୍ତି, ଆଇଡିଏଫ୍‌ସିକୁ ଆଇଏଫ୍‌ସି ପକ୍ଷରୁ ପରିବେଶୀୟ ଓ ସାମାଜିକ ନ୍ୟାର୍ଯ୍ୟ ସତର୍କତା (ଇଏସ୍‌ଡିଡି) ଦସ୍ତାବିଜୀକରଣ ସମ୍ପର୍କରେ ମତାମତ ପ୍ରଦାନ । |
| ୨୦୦୮ | |
| ଫେବୃଆରୀ | ଆଇଏଫ୍‌ସି ପାଣ୍ଠିରେ ସର୍ବାଧିକ ପୁଞ୍ଜି ନିବେଶକୁ ୧୦୦ ନିୟତରୁ ୫୦ ନିୟୁତ ଆମେରିକୀୟ ଡଲାରକୁ ହ୍ରାସ କରେ ।<br>ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ (ଏମ୍‌ଓଇଏଫ୍) କମଲାଙ୍ଗ ପ୍ରକଳ୍ପର ୧୦୫୦ ମେଗାୱାଟ୍ କୋଇଲା ଦ୍ୱାରା ସଂଚାଳିତ ପାୱାର ପ୍ଲାଣ୍ଟ ନିର୍ମାଣ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ଆବେଦନକୁ ଅନୁମୋଦନ କରନ୍ତି । |
| ମାର୍ଚ୍ଚ | ଆଇଏଫ୍‌ସି ପାଣ୍ଠିରେ ପୁଞ୍ଜି ନିବେଶ ପାଇଁ ଅଙ୍ଗୀକାରବଦ୍ଧ ହୁଏ: ପ୍ରଥମ ପର୍ଯ୍ୟାୟ ଅର୍ଥ |

| | |
|---|---|
| | ପ୍ରଦାନର ପ୍ରକ୍ରିୟାକରଣ କରେ । |
| ଜୁଲାଇ | ପାଣ୍ଟି ପକ୍ଷରୁ ଜିକେଇଏଲ୍‌ରେ ପୁଞ୍ଜି ନିବେଶ କଥା ବିଚାରକୁ ନିଆଯାଉଛି ବୋଲି ଆଇଏଫ୍‌ସି କୁ ସୁଚିତ କରାଯାଏ । |
| ଅଗଷ୍ଟ | ଆଇଏଫ୍‌ସି ପାଣ୍ଟିର ସାମାଜିକ ତଥା ପରିବେଶୀୟ ପରିଚାଳନା ବ୍ୟବସ୍ଥା ସମୀକ୍ଷା କରିବା ସହିତ ମନ୍ତବ୍ୟ ପ୍ରଦାନ କରନ୍ତି ।<br>ଆଇଏଫ୍‌ସି ର ଅନୁମୋଦନ ଅନୁସାରେ ପାଣ୍ଟି ପକ୍ଷରୁ ସାମାଜିକ ତଥା ପରିବେଶୀୟ ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯାଏ ।<br>ପାଣ୍ଟି ପକ୍ଷରୁ ଆଇଏଫ୍‌ସିକୁ କମଲାଙ୍ଗ ପ୍ରକଳ୍ପରେ ଜିକେଇଏଲ୍‌ର ପୁଞ୍ଜି ନିବେଶ କ୍ଷେତ୍ରରେ ପରିବେଶୀୟ ଓ ସାମାଜିକ ନ୍ୟାର୍ଯ୍ୟ ସତର୍କତା ବିବରଣୀ ପ୍ରଦାନ । |
| ସେପ୍ଟେମ୍ବର | ଆଇଏଫ୍‌ସି କମଲାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ନ୍ୟାର୍ଯ୍ୟ ସତର୍କତା ବିବରଣୀ ସମୀକ୍ଷା କରେ ଏବଂ ମନ୍ତବ୍ୟ ପ୍ରଦାନ କରେ ।<br>ପାଣ୍ଟି ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ପାଇଁ ପରିବେଶୀୟ ଓ ସାମାଜିକ କାର୍ଯ୍ୟବିଧୀ ଯୋଜନା ପ୍ରସ୍ତୁତ ହୁଏ । ଆଇଏଫ୍‌ସି ସମୀକ୍ଷା କରେ ଏବଂ ମନ୍ତବ୍ୟ ପ୍ରଦାନ କରେ । |
| ଅକ୍ଟୋବର | ଆଇଡିଏଫ୍‌ସିର  ପରିବେଶୀୟ ଓ ସାମାଜିକ ପରିଚାଳନା ବ୍ୟବସ୍ଥାର ବ୍ୟବଧାନ ସମୀକ୍ଷା (ଆଇଏଫ୍‌ସି ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ) ସମ୍ପନ୍ନ ହୁଏ । ସମୀକ୍ଷାରୁ ଆଇଡିଏଫ୍‌ସିର ଆଇଏଫ୍‌ସି ତଥା ଭାରତୀୟ ପରିବେଶୀୟ ଓ  ସାମାଜିକ ଆବଶ୍ୟକତାର କାର୍ଯ୍ୟାନ୍ୱୟନରେ ବ୍ୟବଧାନ ଚିହ୍ନିତ ହୁଏ । |
| ୨୦୦୯ | |
| ଜାନୁଆରୀ | ଆଇଏଫ୍‌ସି ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ନିମନ୍ତେ ୧୧.୧ ନିୟୁତ ଆମେରିକୀୟ ଡଲାର (୫୨୫ ନିୟୁତ ଭାରତୀୟ ଟଙ୍କା) ପରିମାଣର ପ୍ରଥମ ଅର୍ଥ ପ୍ରଦାନ । |
| ମାର୍ଚ୍ଚ | ଆଇଏଫ୍‌ସି ପକ୍ଷରୁ  ଆଇଡିଏଫ୍‌ସି କର୍ମଚାରୀଙ୍କ କାର୍ଯ୍ୟକାରିତା ମାନକ ପ୍ରଶିକ୍ଷଣ ପାଇଁ ଅର୍ଥ ପ୍ରଦାନ କରାଯାଏ ଓ ଏହାର କାର୍ଯ୍ୟାନ୍ୱୟନ ପାଇଁ ଆଇଏଫ୍‌ସିକୁ ପରିବେଶୀୟ ଓ ସାମାଜିକ ପ୍ରକରଣ ପୁସ୍ତିକା ପ୍ରଦାନ । |
| ସେପ୍ଟେମ୍ବର | ପାଣ୍ଟିର ୦୮/୦୯ ପାଇଁ ଏଇପିଆର ଆଇଏଫ୍‌ସି ଜୁନ୍‌ରେ ଗ୍ରହଣ  ।<br>ଆଇଏଫ୍‌ସିର ସମୀକ୍ଷା ପକ୍ଷରୁ ପାଣ୍ଟିକୁ ପରିବେଶୀୟ ଓ ସାମାଜିକ ଆପଦ ମୂଲ୍ୟାଙ୍କନ ଇଏସ୍‌ଆରଆାର-୨ରେ ସନ୍ତୋଷଜନକ ମନ୍ତବ୍ୟ ପ୍ରଦାନ । |
| ଡିସେମ୍ବର | କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ କମଲାଙ୍ଗ ପ୍ରକଳ୍ପ  ଅଂଚଳ ସଙ୍କଟଜନକ ରୂପେ ପ୍ରଦୂଷିତ ବୋଲି ଚିହ୍ନଟ । |
| ୨୦୧୦ | |

| | |
|---|---|
| ଜାନୁଆରୀ | କମଲାଙ୍ଗ ପ୍ରକଳ୍ପ ନିର୍ମାଣ ଆରମ୍ଭ ।<br>ପରିବେଷ ଓ ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା କମଲାଙ୍ଗ ପ୍ରକଳ୍ପ ପାରିପାର୍ଶ୍ୱିକ ଅଂଚଳ ସହିତ ସଙ୍କଟଜନକ ରୂପେ ପ୍ରଦୂଷିତ ଅଂଚଳ ମାନଙ୍କରେ ନୂତନ ପ୍ରକଳ୍ପ ଉପରେ ଅସ୍ଥାୟୀ ସ୍ଥଗିତାଦେଶ ଜାରି । |
| ମାର୍ଚ୍ଚ | ଆଇଏଫ୍‌ସି ପକ୍ଷରୁ ପାଣ୍ଠିକୁ ଜାନୁଆରୀରେ ଏବଂ ପରିବହନ ଭିତ୍ତିଭୂମି ଉପ ପ୍ରକଳ୍ପକୁ ମାର୍ଚ୍ଚରେ ପର୍ଯ୍ୟବେକ୍ଷଣ ପରିଦର୍ଶନ ।<br>ପରିଦର୍ଶନ ପରେ ଆଇଏଫ୍‌ସି ପକ୍ଷରୁ ପାଣ୍ଠିର ପରିବେଶୀୟ ଓ ସାମାଜିକ ଆପଦ ମୂଲ୍ୟାଙ୍କନ ୩: ଆଂଶିକ ଅସନ୍ତୋଷଜନକୁ ଖସାଇ ଦିଆଯାଏ । |
| ଜୁନ୍ | ଓଡ଼ିଶା ସରକାରଙ୍କ ସଂସ୍ଥା ପ୍ରଭାବିତ ଜନସାଧାରଣଙ୍କ ପାଇଁ ପୁନର୍ବାସ ନୀତି ନିର୍ଦ୍ଧାରଣ ନିମନ୍ତେ ବୈଠକ ଡକାନ୍ତି ।<br>ଅଭିଯୋଗକାରୀମାନେ ଦୋଷାରୋପ କରନ୍ତି ଯେ, ସଭାର ୪ ଦିନ ମଧ୍ୟରେ ପୋଲିସ ୪୬ ଗ୍ରାମବାସୀଙ୍କୁ ଗିରଫ କରେ ।<br>ଆଇଏଫ୍‌ସି ନବୀକୃତ ବା ଅଣ ପାରମ୍ପାରିକ ଉର୍ଜା ପ୍ରକଳ୍ପରେ ୭୫ ନିୟୁତ ଆମେରିକୀୟ ଡଲାର ପୁଞ୍ଜି ନିବେଶ ଅନୁମୋଦନ କରେ ।<br>ଜିଏମ୍‌ଆର ଏନର୍ଜି କମଲାଙ୍ଗ ପ୍ରକଳ୍ପର ସମ୍ଭାବ୍ୟ ସଂପ୍ରସାରଣ ଉଲ୍ଲେଖ କରେ ।<br>ଅତିରିକ୍ତ ୩୫୦ ମେଗାୱାଟ୍ ୟୁନିଟ୍ ଉତ୍ପାଦନ ପ୍ରସ୍ତାବିତ ହୁଏ । |
| ସେପ୍ଟେମ୍ବର | ଆଇଏଫ୍‌ସି ପାଣ୍ଠିର ୦୮/୦୯ ପାଇଁ ବାର୍ଷିକ ପରିବେଶୀୟ କାର୍ଯ୍ୟକାରିତା ବିବରଣୀ ଏଇପିଆର ଅଗଷ୍ଟରେ ପ୍ରାପ୍ତ ହୁଏ ।<br>ଆଇଏଫ୍‌ସିର ସମୀକ୍ଷା ପାଣ୍ଠିକୁ ପରିବେଶୀୟ ଓ ସାମାଜିକ ଆପଦ ମୂଲ୍ୟାଙ୍କନ ୨ ଅର୍ଥାତ୍ ସନ୍ତୋଷଜନକ ମନ୍ତବ୍ୟ ପ୍ରଦାନ କରେ ।<br>ଆଇଏଫ୍‌ସି କମଲାଙ୍ଗ ପ୍ରକଳ୍ପ ପରିଦର୍ଶନ ନିମନ୍ତେ ନିବେଦନ କରେ । |
| ଅକ୍ଟୋବର | ଅନ୍ୟ ଏକ ଘରୋଇ ଇକ୍ୱିଟି ଗ୍ରାହକ ସଂସ୍ଥା ସହାୟତାରେ ଆଇଏଫ୍‌ସି ପାଣ୍ଠିର ଏକ ସମାନ ଏ କେଟାଗୋରୀ ପ୍ରକଳ୍ପ ପରିଦର୍ଶନ କରେ ।<br>ଏହି ପରିଦର୍ଶନର ନିଷ୍କର୍ଷକୁ ଭିତ୍ତିକରି ଆଇଏଫ୍‌ସି ପାଣ୍ଠିର ଇଏସ୍‌ଆରଆରକୁ ୪ ଅର୍ଥାତ୍ ଅସନ୍ତୋଷଜନ ସ୍ତରକୁ ଖସାଇ ଦିଏ । ଅଭିଯୋଗକାରୀମାନେ ପ୍ରଜୁଜ୍ୟ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ସହ ପ୍ରକଳ୍ପ ସମ୍ପର୍କୀୟ ସୂଚନା ପାଣ୍ଠିକୁ ଅନୁରୋଧ କରନ୍ତି । |
| ନଭେମ୍ବର | ଆଇଏଫ୍‌ସି ପକ୍ଷରୁ କୋଇଲା ପ୍ରକଳ୍ପ ପ୍ରସ୍ତାବ ଦେଉଥିବା ଘରୋଇ ଇକ୍ୱିଟି ପାଣ୍ଠିର ନୂତନ ପୁଞ୍ଜିନିବେଶ ଉପରେ ସ୍ଥଗିତାଦେଶ ପ୍ରଦାନ । |

| | |
|---|---|
| | ଆଇଏଫ୍‌ସିର ଇଆଣ୍ଡଏସ୍ କର୍ମଚାରୀ ଅକ୍ଟୋବର ୨୦୧୦ ଉପ ପ୍ରକଳ୍ପ ପରିଦର୍ଶନ ସମୟରେ ଚିହ୍ନଟ ହୋଇଥିବା ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପାଣ୍ଠିକୁ ଅର୍ଥ ପ୍ରଦାନ ବିଲମ୍ବନ କରିବା ପାଇଁ ନିବେଦନ କରନ୍ତି । ଆଇଏଫ୍‌ସି ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷଙ୍କ ଆଲୋଚନା ପରେ ଆଇନଗତ ଆବଶ୍ୟକତା ଏବଂ ଉପଲବ୍ଧ ସୂଚନା ପ୍ରଦାନ ପାଇଁ ଆଇଏଫ୍‌ସି ପକ୍ଷରୁ ନିଷ୍ପତ୍ତି ଗ୍ରହଣ । |
| ୨୦୧୧ | |
| ମାର୍ଚ୍ଚ | ଆଇଏଫ୍‌ସିର କମଲାଙ୍ଗ ପ୍ରକଳ୍ପ ପାଇଁ ତୃତୀୟ ପର୍ଯ୍ୟାୟ ଅର୍ଥ ପ୍ରଦାନ । |
| ଏପ୍ରିଲ | ଓଡ଼ିଶା ଚାଷ ପରିବେଶ ସୁରକ୍ଷା ପରିଷଦ ଏବଂ ଦିଲ୍ଲୀ ଫୋରମ ପକ୍ଷରୁ ସିଏଓଙ୍କ ନିକଟରେ ଅଭିଯୋଗ ଦାଖଲ ।<br>ସିଏଓ ଙ୍କ ପକ୍ଷରୁ ଅଭିଯୋଗ ସମାଧାନ ପ୍ରକ୍ରିୟା ପାଇଁ ଆକଳନ ଆରମ୍ଭ । |
| ମଇ | ଆଇଏଫ୍‌ସି ଅଭିଯୋଗକାରୀଙ୍କ ଦ୍ୱାରା ଉତ୍ଥାପିତ ସମସ୍ୟା ସମ୍ପର୍କରେ ଜାଗ୍ରତ ହୁଏ । |
| ଜୁଲାଇ | ଆଇଏଫ୍‌ସି ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ପାଇଁ ତୃତୀୟ ପର୍ଯ୍ୟାୟ ଅର୍ଥ ପ୍ରଦାନ । |
| ଅଗଷ୍ଟ | ଆଇଏଫ୍‌ସି ପକ୍ଷରୁ ପାଣ୍ଠିକୁ ପର୍ଯ୍ୟବେକ୍ଷଣ ପରିଦର୍ଶନ ସମ୍ପନ୍ନ ।<br>ପୋର୍ଟ ଫୋଲିଓ କମ୍ପାନୀଙ୍କର ପରିବେଶୀୟ ଓ ସାମାଜିକ ଅଡିଟ୍ ପରିଚାଳନା ପାଇଁ ତଥା କମଲାଙ୍ଗ ପ୍ରକଳ୍ପ ଅଂଚଳକୁ ଆଇଏଫ୍‌ସିର ପରିଦର୍ଶନ ତ୍ୱରାନ୍ୱିତ କରିବା ପାଇଁ ଆଇଏଫ୍‌ସି ପକ୍ଷରୁ ପାଣ୍ଠିକୁ ନିବେଦନ । |
| ସେପ୍ଟେମ୍ବର | କମଲାଙ୍ଗ ପ୍ରକଳ୍ପ ନିମନ୍ତେ ଆଇଏଫ୍‌ସିର ଚତୁର୍ଥ ପର୍ଯ୍ୟାୟ ଅର୍ଥ ପ୍ରଦାନ । |
| ଡିସେମ୍ବର | କମଲାଙ୍ଗ ପ୍ରକଳ୍ପ ନିମନ୍ତେ ଆଇଏଫ୍‌ସିର ପ୍ରଥମ ପର୍ଯ୍ୟାୟ ଅର୍ଥ ପ୍ରଦାନ । |
| ୨୦୧୨ | |
| ଫେବୃଆରୀ | ୩୫୦ ମେଗାୱାଟ୍ ସମ୍ପ୍ରସାରଣ (ୟୁନିଟ୍-୪) ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ପକ୍ଷରୁ ହୋଇଥିବା ନିକାଷ କମଲାଙ୍ଗ ପ୍ରକଳ୍ପ ଦ୍ୱାରା ଗ୍ରହଣ । |
| ଡାର୍ଚ୍ଚ | ଆଇଏଫ୍‌ସି ପାଣ୍ଠିର ୧୦/୧୧ ପାଇଁ ବାର୍ଷିକ ପରିବେଶୀୟ କାର୍ଯ୍ୟକାରିତା ବିବରଣୀ ଏଇପିଆର ଏପ୍ରିଲ ୨୦୧୧ରେ ପ୍ରାପ୍ତ ହୁଏ ।<br>ଆଇଏଫ୍‌ସିର ସମୀକ୍ଷା ପାଣ୍ଠିକୁ ପରିବେଶୀୟ ଓ ସାମାଜିକ ଆପଦ ମୂଲ୍ୟାଙ୍କନ ୪ ଅର୍ଥାତ୍ ଅସନ୍ତୋଷଜନକ ମନ୍ତବ୍ୟ ପ୍ରଦାନ କରେ ।<br>ଆଇଏଫ୍‌ସି ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ନିମନ୍ତେ ୬ଷ୍ଠ ପର୍ଯ୍ୟାୟ ଅର୍ଥ ପ୍ରଦାନ । |
| ମଇ | ଆଇଏଫ୍‌ସି ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ନିମନ୍ତେ ୭ମ ପର୍ଯ୍ୟାୟ ଅର୍ଥ ପ୍ରଦାନ<br>ଓଡ଼ିଶା ହାଇକୋର୍ଟ ଅଧିକୃତ ଜମି ବଦଳରେ କ୍ଷତିପୂରଣ ନିମନ୍ତେ କମଲାଙ୍ଗ ପ୍ରକଳ୍ପ ସପକ୍ଷରେ ନିଷ୍ପତ୍ତି କାଏମ ରଖନ୍ତି । |

| | |
|---|---|
| ଜୁଲାଇ | ଆଇଏଫ୍‌ସି ପାଣ୍ଠିର ୧୧/୧୨ ପାଇଁ ବାର୍ଷିକ ପରିବେଶୀୟ କାର୍ଯ୍ୟକାରିତା ବିବରଣୀ ଏଇପିଆର ଜୁଲାରେ ପ୍ରାପ୍ତ ହୁଏ ।<br>ଆଇଏଫ୍‌ସିର ସମୀକ୍ଷା ପାଣ୍ଠିକୁ ପରିବେଶୀୟ ଓ ସାମାଜିକ ଆପଦ ମୂଲ୍ୟାଙ୍କନ ୪ ଅର୍ଥାତ୍ ଅସନ୍ତୋଷଜନକ ମନ୍ତବ୍ୟ ପ୍ରଦାନ କରେ ।<br>ଆଇଏଫ୍‌ସି ପକ୍ଷରୁ ସ୍ୱାଧୀନ ପରିବେଶୀୟ ଓ ସାମାଜିକ ଅଡିଟ୍ ତଥା କମଲାଙ୍ଗ ପ୍ରକଳ୍ପ କ୍ଷେତ୍ରକୁ ପରିଦର୍ଶନ ପାଇଁ ନିବେଦନ କରାଯାଏ । |
| ସେପ୍ଟେମ୍ବର | ଆଇଏଫ୍‌ସି ପକ୍ଷରୁ ଆଇଡିଏଫ୍‌ସିର ସହାୟକ କମ୍ପାନୀ (ଗ୍ରୀନ୍ ଇନ୍‌ଫ୍ରା ଲିଃ)କୁ ଅଣ ପାରମ୍ପାରିକ ଶକ୍ତି ଉତ୍ପାଦନ ପାଇଁ ୫୦ ନିୟୁତ ଆମେରିକୀୟ ଡଲାର ଋଣ ପ୍ରଦାନ । |
| ଅକ୍ଟୋବର | କମଲାଙ୍ଗ କ୍ଷେତ୍ରକୁ ପରିଦର୍ଶନ ପାଇଁ ଆଇଏଫ୍‌ସିର ନିବେଦନ । |
| ୨୦୧୩ | |
| ଫେବୃଆରୀ | ଆଇଏଫ୍‌ସି ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ନିମନ୍ତେ ୮ମ ପର୍ଯ୍ୟାୟ ଅର୍ଥ ପ୍ରଦାନ । |
| ଏପ୍ରିଲ | ଅସଫଳ ଅଭିଯୋଗ ସମାଧାନ ପଦକ୍ଷେପ ପରେ ସିଏଓ ଅନୁପାଳନକୁ ଅଭିଯୋଗର ଅନ୍ତରଣ ।<br>କମଲାଙ୍ଗ ପ୍ରକଳ୍ପର ପ୍ରଥମ ୟୁନିଟ୍ କମିସନିଂ ସମ୍ପୁର୍ଣ୍ଣ ଓ ଏହା କାର୍ଯ୍ୟକ୍ଷମ ହୁଏ । |
| ଜୁନ୍ | ସିଏଓ ଅନୁପାଳନ ମୂଲ୍ୟାୟନ ସମ୍ପନ୍ନ କରନ୍ତ ।<br>ଅନୁପାଳନ ତଦନ୍ତ ପାଇଁ ସୂଚନା ସର୍ତ୍ତାବଳୀ ଟିଓଆର ଜାରି କରନ୍ତି । |
| ଜୁଲାଇ | ଆଇଏଫ୍‌ସି ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ନିମନ୍ତେ ୯ମ ପର୍ଯ୍ୟାୟ ଅର୍ଥ ପ୍ରଦାନ । |
| ନଭେମ୍ବର | କମଲାଙ୍ଗ ପ୍ରକଳ୍ପର ଦ୍ୱିତୀୟ ୟୁନିଟ୍ କମିସନିଂ ସମ୍ପୁର୍ଣ୍ଣ ଓ ଏହା କାର୍ଯ୍ୟକ୍ଷମ ହୁଏ । |
| ଡିସେମ୍ବର | ଆଇଏଫ୍‌ସି ଏବଂ ଜିଏମ୍‌ଆର ଏନର୍ଜି (କମଲାଙ୍ଗ ପ୍ରକଳ୍ପର ମୂଳ କମ୍ପାନୀ) ପକ୍ଷରୁ ନେପାଳର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ମିଳିତ ଉନ୍ନୟନ ରାଜିନାମା (ଜେଡିଏ) ରେ ସ୍ୱାକ୍ଷର । |
| ୨୦୧୪ | |
| ଫେବୃଆରୀ | ଆଇଏଫ୍‌ସି ପାଣ୍ଠିର ୧୨/୧୩ ପାଇଁ ବାର୍ଷିକ ପରିବେଶୀୟ କାର୍ଯ୍ୟକାରିତା ବିବରଣୀ ଏଇପିଆର ଜୁନ୍ ୨୦୧୩ରେ ପ୍ରାପ୍ତ ହୁଏ ।<br>ଆଇଏଫ୍‌ସିର ସମୀକ୍ଷା ପାଣ୍ଠିକୁ ପରିବେଶୀୟ ଓ ସାମାଜିକ ଆପଦ ମୂଲ୍ୟାଙ୍କନ ୪ ଅର୍ଥାତ୍ ଅସନ୍ତୋଷଜନକ ମନ୍ତବ୍ୟ ପ୍ରଦାନ କରେ ।<br>ଆଇଏଫ୍‌ସି ପକ୍ଷରୁ ସ୍ୱାଧୀନ ପରିବେଶୀୟ ଓ ସାମାଜିକ ଅଡିଟ୍ ତଥା କମଲାଙ୍ଗ ପ୍ରକଳ୍ପ କ୍ଷେତ୍ରକୁ ପରିଦର୍ଶନ ପାଇଁ ନିବେଦନ କରାଯାଏ । |
| ମାର୍ଚ୍ଚ | କମଲାଙ୍ଗ ପ୍ରକଳ୍ପର ତୃତୀୟ ୟୁନିଟ୍ କମିସନିଂ ସମ୍ପୁର୍ଣ୍ଣ ଓ ଏହା କାର୍ଯ୍ୟକ୍ଷମ ହୁଏ । |

| | |
|---|---|
| ଜୁନ୍ | ଆଇଏଫ୍‌ସି ପକ୍ଷରୁ କମଳାଙ୍ଗ ପ୍ରକଳ୍ପ ନିମନ୍ତେ ୧୦ମ ପର୍ଯ୍ୟାୟ ଅର୍ଥ ପ୍ରଦାନ ।<br>ପାଣ୍ଟିରୁ ଅଣ ଇ ଆଣ୍ଡ ଏସ୍ ଛାଡ଼ ପାଇଁ ନିବେଦନ ଉପରେ ଅନୁମୋଦନ ନିମନ୍ତେ ଆଇଏଫ୍‌ସି ପରିଚାଳନା କର୍ତ୍ତୃପକ୍ଷଙ୍କ ଆଲୋଚନା ।<br>ସିଏଓ ଙ୍କ ଅନୁପାଳନ ଆଧାରରେ ଆଇଏଫ୍‌ସି ପକ୍ଷରୁ ବୋର୍ଡ଼କୁ ପାଣ୍ଟି ସହିତ ଚଳିତ ସମ୍ପୃକ୍ତି ସମ୍ପର୍କରେ ଅଧୂନାତନ ତଥ୍ୟ ପ୍ରଦାନ । |
| ଡିସେମ୍ବର | ଆଇଏଫ୍‌ସି ପକ୍ଷରୁ ଆଇଡିଏଫ୍‌ସିର ସହାୟକ କମ୍ପାନୀ (ଗ୍ରୀନ୍ ୱିଣ୍ଡ୍ ଲିଃ)କୁ ଅଣ ପାରମ୍ପାରିକ ଶକ୍ତି ଉତ୍ପାଦନ ପାଇଁ ୫୯ ନିୟୁତ ଆମେରିକୀୟ ଡଲାର ଋଣ ପ୍ରଦାନ ।<br>ଆଇଏଫ୍‌ସି ଏବଂ ଜିଏମ୍‌ଆର ଏନର୍ଜି ପକ୍ଷରୁ ନେପାଳର ଆଉ ଦୁଇଟି ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ମିଳିତ ଉନ୍ନୟନ ରାଜିନାମାରେ ସ୍ୱାକ୍ଷର ।<br>ଆଇଏଫ୍ କର୍ମଚାରୀଙ୍କ ଦ୍ୱାରା କମଳାଙ୍ଗ କ୍ଷେତ୍ର ପରିଦର୍ଶନ ଏବଂ ଆଇଆଇଏଫ୍ ସହିତ ପରବର୍ତ୍ତୀ କାର୍ଯ୍ୟବିଧି ତଥା କ୍ଷେତ୍ର ପରିଦର୍ଶନ ନିଷ୍କର୍ଷ ନିମନ୍ତେ ଆଲୋଚନା ଅନୁଷ୍ଠିତ । |
| ୨୦୧୫ | |
| ଫେବୃଆରୀ | ଆଇଏଫ୍‌ସି ପାଣ୍ଟିର ୧୩/୧୪ ପାଇଁ ବାର୍ଷିକ ପରିବେଶୀୟ କାର୍ଯ୍ୟକାରିତା ବିବରଣୀ ଏଇପିଆର ଫେବୃଆରୀ ୨୦୧୫ରେ ପ୍ରାପ୍ତ ହୁଏ ।<br>ଏହା ଲେଖା ହେଲା ବେଳକୁ ଆଇଏଫ୍‌ସି ପକ୍ଷରୁ ଏହି ବାର୍ଷିକ ପରିବେଶୀୟ କାର୍ଯ୍ୟକାରିତା ବିବରଣୀର ସମୀକ୍ଷା ଦାଖଲ କରିନାହାନ୍ତି । |

## ୨.୫ ଆର୍ଥିକ ମଧ୍ୟସ୍ଥତା ପୁଞ୍ଜି ନିବେଶ ପାଇଁ ଆଇଏଫ୍‌ସିର ଦୃଷ୍ଟିକୋଣ

ଆଇଡିଏଫ୍‌ସି ତଥା ପାଣ୍ଟିରେ ଆଇଏଫ୍‌ସି ନିଜର ପୁଞ୍ଜିନିବେଶକୁ ଆର୍ଥିକ ମଧ୍ୟସ୍ଥତା ପୁଞ୍ଜି ନିବେଶ ଭାବରେ ବର୍ଗୀକୃତ କରିଛି । ଆଇଏଫ୍‌ସି ଦ୍ୱାରା ଦିଆଯାଇଥିବା ସ୍ପଷ୍ଟୀକରଣରେ "ଆଇଏଫ୍‌ସିର ସିଧାସଳଖ ପୁଞ୍ଜିନିବେଶ ଅପେକ୍ଷା ଅଳ୍ପ ହାରରେ ଉଦ୍ୟୋଗ ବିକାଶ ପାଇଁ ଘରୋଇ ପୁଞ୍ଜି ବଜାର ସୃଷ୍ଟି କରିବା, ଆର୍ଥିକ ମଧ୍ୟସ୍ଥତା. ପୁଞ୍ଜି ନିବେଶର ମୂଳ ଉଦ୍ଦେଶ୍ୟ" ବୋଲି କୁହଯାଇଛି । (ଦୀର୍ଘସ୍ଥାୟୀତ୍ୱ ନୀତି ୨୦୦୬ ଅନୁଚ୍ଛେଦ ୨୭)

ଆଇଏଫ୍‌ସି ପକ୍ଷରୁ ପ୍ରତ୍ୟେକ ବର୍ଷ କରାଯାଉଥିବା ନୂତନ ଅଙ୍ଗୀକାରବଦ୍ଧତାରୁ ପ୍ରାୟ ଅର୍ଦ୍ଧାଧୀକ ହେଉଛି ଆର୍ଥିକ ମଧ୍ୟସ୍ଥତା ପୁଞ୍ଜିନିବେଶ । ଏହି ବ୍ୟବସାୟ ସାମ୍ପ୍ରତିକ ବର୍ଷମାନଙ୍କରେ ଦ୍ରୁତଗତିରେ ବଢିଚାଲିଛି

ଏବଂ ୨୦୧୪[9] ଆର୍ଥିକ ବର୍ଷ  ପାଇଁ ୧୧ ବିଲିୟନ୍ ଆମେରିକୀୟ ଡଲାରର ନୂତନ  ଅର୍ଥନୈତିକ ପ୍ରତିବଦ୍ଧତା ସୃଷ୍ଟି କରିଛି । ଆଇଏଫ୍‌ସିର ଆର୍ଥିକ ମଧ୍ୟସ୍ଥତା ନିବେଶର ଗ୍ରାହକ ସଂଗଠନମାନଙ୍କ ମଧ୍ୟରେ ବ୍ୟାଙ୍କ୍, ବୀମା କମ୍ପାନୀ, ଲିଜ୍ ଦେଉଥିବା କମ୍ପାନୀ, ଅଣୁ ଆର୍ଥିକ ସଙ୍ଗଠନ ତଥା ଘରୋଇ ଇକ୍ୱିଟି ପାଣ୍ଠିମାନ ଅନ୍ତର୍ଭୁକ୍ତ [10] । ଏହି ଆର୍ଥିକ ମଧ୍ୟସ୍ଥମାନେ ସେମାନଙ୍କର ନିଜର ଗ୍ରାହକ ସଙ୍ଗଠନ (ବେଳେବେଳେ ଆଇଏଫ୍‌ସିର ଉପଗ୍ରାହକ ସଂଗଠନ ହିସାବରେ ପରିଚିତ) ପାଇଁ ବିବିଧ ପ୍ରକାର ଆର୍ଥିକ ଉତ୍ପାଦ ଜରିଆରେ ଅର୍ଥଲଗାଣ ବ୍ୟବସ୍ଥା କରିଥାନ୍ତି ।

ଆର୍ଥିକ ମଧ୍ୟସ୍ଥତା ନିବେଶ ପୋର୍ଟଫୋଲିଓରେ ଅନ୍ତର୍ଭୁକ୍ତ, ଆଇଏଫ୍‌ସିର, ଭିତ୍ତି ବିକାଶ ଉପରେ ଆଲୋକପାତ କରୁଥିବା ଅନେକ ଘରୋଇ ଇକ୍ୱିଟି ପାଣ୍ଠି ରହିଛି । ଏହି ପାଣ୍ଠିଗୁଡ଼ିକ ପୁନଶ୍ଚ ପାରମ୍ପରିକ ଭାବରେ ଆଇଏଫ୍‌ସି ସିଧାସଳଖ ଅର୍ଥଲଗାଣ କରୁଥିବା ଭିତ୍ତିନିର୍ମାଣ ପ୍ରକଳ୍ପ ଯେଉଁଥିବା ବୃହତ୍ ଭିତ୍ତିନିର୍ମାଣ ପ୍ରକଳ୍ପମାନେ ମଧ୍ୟ ଅନ୍ତର୍ଭୁକ୍ତ, ସେଥିରେ ପୁଞ୍ଜିନିବେଶ କରନ୍ତି ।

ଦୀର୍ଘସ୍ଥାୟିତ୍ୱ ଦୃଷ୍ଟିକୋଣରୁ ପାରିବେଶୀୟ ଓ ସାମାଜିକ ଆପଦ ପରିଚାଳନା  ପ୍ରତି ଆଇଏଫ୍‌ସିର ଦୃଷ୍ଟିକୋଣ ଆର୍ଥିକ ମଧ୍ୟସ୍ଥତା ଗ୍ରାହକ ସଙ୍ଗଠନମାନଙ୍କୁ ନିଜସ୍ୱ ପାରିବେଶୀୟ  ଓ ସାମାଜିକ ଆପଦର ଆକଳନ ତଥା ପ୍ରଶମନ ପାଇଁ ଅନ୍ତର୍ନିହିତ ଦକ୍ଷତାକୁ ସମର୍ଥନ କରିବା ପଦ୍ଧତି ଉପରେ ପର୍ଯ୍ୟବେସିତ । ଯେତେବେଳେ  ଅର୍ଥଲଗାଣ କରାଯାଇଥିବା କାର୍ଯ୍ୟବିଧି "ଉଲ୍ଲେଖଯୋଗ୍ୟ ସାମାଜିକ ଓ ପରିବେଶୀୟ ଆପଦ" ଉପସ୍ଥାପନ କରେ ସେତେବେଳେ ଆଇଏଫ୍‌ସିର କାର୍ଯ୍ୟକାରୀ ମାନକ ସମୂହକୁ ଏହା ଅନ୍ତର୍ଭୁକ୍ତ କରିଥାଏ[11] ।

ଏକ ପରିବେଶୀୟ ଓ ସାମାଜିକ ଦୃଷ୍ଟିକୋଣରୁ ଏହା ଆଇଏଫ୍‌ସି ମାନକ ଗୁଡ଼ିକୁ ସିଧାସଳଖ ଅନେକାଂଶରେ ବୃହତ୍ ପ୍ରକଳ୍ପର ପୋର୍ଟଫୋଲିଓ ଆଦିରେ କାର୍ଯ୍ୟକାରୀ ହେବା ପାଇଁ ପ୍ରେରିତ କରିତାଏ । (ଦୀର୍ଘସ୍ଥାୟିତ୍ୱ ନୀତି ଅନୁଛେଦ ୨୮) । ଯଦ୍ୟପି ଏହି ଦୃଷ୍ଟିକୋଣ ସହିତ ପରିବର୍ଦ୍ଧିତ ଆପଦ ଜଡ଼ିତ , ଯାହାକି ଆଇଏଫ୍‌ସି ମାନକ ଅନୁସାରେ ଆର୍ଥିକ ମଧ୍ୟସ୍ଥତା  ଗ୍ରାହକ ସଂଜଠନ ସେମାନଙ୍କର ପୋର୍ଟଫୋଲିଓ ପରିଚାଳନା କରିବାରେ ଅସାମର୍ଥ୍ୟରୁ ଆସିଥାଏ ।

[9] ଆଇ.ଏଫ୍.ସି ବାର୍ଷିକ ବିବରଣୀ, ଆର୍ଥିକ ବର୍ଷ ୨୦୧୪ । ବିଶଦ ତଥ୍ୟ ପାଇଁ ----- ଦେଖନ୍ତୁ (ମାର୍ଚ୍ଚ ୪,୨୦୧୫ରେ ପରିଦୃଷ୍ଟ)

[10] ଉପରୋକ୍ତ

[11] ଆଇ.ଏଫ୍.ସି ଆର୍ଥିକ ଅନୁଷ୍ଠାନ ସମୂହ--- ଦେଖନ୍ତୁ (ଡିସେମ୍ବର ୧, ୨୦୧୪ରେ ପରିଦୃଷ୍ଟ)

# ୩. ତଦନ୍ତ ରୂପରେଖ

## ୩.୧ ଅନୁପାଳନ ତଦନ୍ତର କାର୍ଯ୍ୟକ୍ଷେତ୍ର

ଏହି ତଦନ୍ତର କାର୍ଯ୍ୟକ୍ଷେତ୍ରର ସଂଜ୍ଞା ଜୁଲାଇ ୨୦୧୩ରେ ସି.ଏ.ଓ  ଜାରି କରିଥିବା ଟର୍ମସ ଆଣ୍ଡ ରେଫରେନ୍ସ (ଟି.ଓ.ଆର) ରେ ପ୍ରଦାନ କରାଯାଇଛି[୧୨] । ଏହି ଟି.ଓ.ଆର  ଅନୁସାରେ, ସି.ଏ.ଓ ଙ୍କ ତଦନ୍ତ, ପାଣ୍ଡିରେ ଆଇ.ଏଫ୍.ସି.ଇ ପୁଞ୍ଜି ନିବେଶରେ ପ୍ରଯୁଜ୍ୟ ଆଇ.ଏଫ୍.ସି ନୀତି ଅନୁସାରେ ମୂଲ୍ୟାଙ୍କନ, ଗଠନ ତଥା ପର୍ଯ୍ୟବେକ୍ଷଣ ହୋଇଛି କି ନାହିଁ ତାହା ଉପରେ ଆଲୋକପାତ କରିଥାଏ । ଏଥିସହିତ ଆଇ.ଏଫ୍.ସିର ଦୀର୍ଘସ୍ଥାୟିତ୍ୱ ଓ ପ୍ରକଟନ ନୀତି ଅଭିଯୋଗରେ ତାହା ମଧ୍ୟ ବିଚାରକୁ ନିଏ ।

ଅଧିକ ନିର୍ଦ୍ଧିଷ୍ଟ ରୂପେ ଟି.ଓ.ଆର  ଏହି ପୁଞ୍ଜିନିବେଶ ସମ୍ପର୍କରେ କେତେକ ଉଲ୍ଲେଖଯୋଗ୍ୟ ପ୍ରଶ୍ନ ଯଥା ଏହା ଆଇ.ଏଫ୍.ସି.ର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ଦିଗରେ ପ୍ରାସଙ୍ଗିକ କି ନୁହେଁ ତାହାର ରେଖାଙ୍କନ ନିର୍ଣ୍ଣୟ କରିଛନ୍ତି ।

- ପାଣ୍ଡିରେ ପୁଞ୍ଜିନିବେଶକୁ ପରିବେଷ୍ଟିତ କରିଥିବା ପରିବେଶୀୟ ତଥା ସାମାଜିକ ଆପଦର ଚିହ୍ନଟ କରିବା ତଥା ପରିଚାଳନା ପ୍ରତି ଆଇ.ଏଫ୍.ସି. ର ପଦକ୍ଷେପ ପର୍ଯ୍ୟାପ୍ତ ଥିଲା
- ଆଇ.ଏଫ୍.ସି ର ପୁଞ୍ଜିନିବେଶ ପ୍ରତି ଥିବା ଆଇନଗତ ବ୍ୟବସ୍ଥା ଗ୍ରାହକ ସଂଗଠନ ତଥା ଉପ ଗ୍ରାହକ ସଂଗଠନଙ୍କ ଦ୍ୱାରା ଅଣ ଅନୁପାଳନ ଯୋଗୁଁ ଉପୁଜୁଥିବା ପରିବେଶୀୟ ତଥା ସାମାଜିକ ଆପଦର ପରିଚାଳନା ନିମନ୍ତେ ଏକ ପର୍ଯ୍ୟାପ୍ତ ଢାଂଚା ପ୍ରଦାନ କରିଥିଲା ।
- କମଲାଙ୍ଗ ପ୍ରକଳ୍ପର ପର୍ଯ୍ୟବେକ୍ଷଣ ପର୍ଯ୍ୟାପ୍ତ ଥିଲା
- ପାଣ୍ଡିରେ ଆଇ.ଏଫ୍.ସି ର ପୁଞ୍ଜିନିବେଶ ପର୍ଯ୍ୟାପ୍ତ ଥିଲା
- ପୁଞ୍ଜିନିବେଶ କ୍ଷେତ୍ରରେ ପ୍ରଯୁଜ୍ୟ ପ୍ରକଟନ ଆବଶ୍ୟକତା ମଧ୍ୟ ପର୍ଯ୍ୟାପ୍ତ ଥିଲା ।

ଏହି ଟି.ଓ.ଆର ରେ ପୁନଶ୍ଚ ବ୍ୟବସ୍ଥା ରହିଲା ଯେ, ଚିହ୍ନଟ ହୋଇ ଥିବା ଯେକୌଣସି ଅଣ ଅନୁପାଳନର ତୁରନ୍ତ ତଥା ପୃଷ୍ଠ ଭୂମିଗତ କାରଣ ବିକଶିତ ତଥା ହୃଦୟଙ୍ଗମ କରିବା ସି.ଏ.ଓ ଙ୍କ ତଦନ୍ତ କାର୍ଯ୍ୟକ୍ଷେତ୍ର ଅନ୍ତର୍ଗତ ଥିଲା । ସର୍ବୋପରୀ ଟି.ଓ.ଆର ରେ ଏହି ତଦନ୍ତ ଭବିଷ୍ୟତର ଏଫ୍,ଆଇ

---

[12] ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ର ଫଣ୍ଡରେ ଆଇ.ଏଫ୍.ସିର ନିବେଶ ସମ୍ପର୍କରେ ତଦନ୍ତ ପାଇଁ ସି.ଏ.ଓଙ୍କ ଦ୍ରଷ୍ଟାବ୍ୟ ସର୍ତ୍ତାବଳୀ---- ଦେଖନ୍ତୁ (ଜାନୁଆରୀ, ୧୧ ୨୦୧୫ରେ ପରିଦୃଷ୍ଟ)

ପୁଞ୍ଜିନିବେଶ ସବୁକୁ ପରିବେଶୀୟ ତଥା ସାମାଜିକ ଆବଶ୍ୟକତା ସମ୍ପର୍କରେ ସୂଚିତ କରିବ ବୋଲି ମଧ୍ୟ ଉଲ୍ଲେଖିତ ହୋଇଥିଲା ।

## ୩.୨ ପଦ୍ଧତି

ଦୁଇ ଜଣ ବିଶେଷଜ୍ଞ ସଦସ୍ୟଙ୍କ ମତାମତ ସହ ସି.ଏ.ଓ କାର୍ଯ୍ୟକାରିତ ଦିଗଦର୍ଶିକା (୨୦୧୩) ଅନୁଯାୟୀ ଏହି ତଦନ୍ତ ପରିଚାଳିତ ହୋଇଥିଲା । ଫେବୃଆରୀ ୨୦୧୪ରୁ ଅଗଷ୍ଟ ୨୦୧୫ ମଧ୍ୟରେ ସି.ଏ.ଓ ଦସ୍ତାବିଜ୍‌କରଣର ସମୀକ୍ଷା କରିବା ସହ ଭାରତରେ ତଥା ୱାସିଙ୍ଗଟନ୍ ଡିସିରେ ସାକ୍ଷାତକାର ମାନ ପରିଚାଳନା କରିଥିଲେ । ସି.ଏ.ଓ ପ୍ରକଳ୍ପର ସିଧାସଳଖ ଦାୟିତ୍ୱରେ ଥିବା ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ସମେତ ଏପ୍ରକାର ତଦନ୍ତରେ  ବିଶଦ ଦକ୍ଷତା ଥିବା ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରିଥିଲେ । ଆଇ.ଏଫ୍.ସି ଓ ଜି.କେ.ଇ.ଏଲ୍ ର ପରିଚାଳନା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ସି.ଏ.ଓ  କମଳାଙ୍ଗ ପ୍ରକଳ୍ପ କ୍ଷେତ୍ର ବୁଲି ଦେଖିଥିଲେ ଓ ଏହା ନିକଟରେ ଥିବା ଗ୍ରାମରେ ଥିବା ଅଭିଯୋଗକାରୀଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ଭେଟିଥିଲେ । ଏହି ଅଭିଯୋଗକୁ ସମର୍ଥନ କରୁଥିବା ନାଗରିକ ସମାଜ ସଂଗଠନର ପ୍ରତିନିଧିମାନଙ୍କୁ ମଧ୍ୟ ସି.ଏ.ଓ ଭେଟିଥିଲେ । ଏହି ଅଭିଯୋଗକୁ ସମର୍ଥନ କରୁଥିବା ନାଗରିକ ସମାଜ ସଂଗଠନର ପ୍ରତିନିଧିମାନଙ୍କୁ ମଧ୍ୟ ସି.ଏ. ଓ ଭେଟି ଥିଲେ । ଆଇ.ଏଫ୍.ସି. ର କାର୍ଯ୍ୟକାରିତ ବିଚାରକୁ ନେବାବେଳେ ପଶ୍ଚାତ ଦୃଷ୍ଟିର ସୁଫଳ ଲୋଡ଼ୁ ଥିବା ସ୍ତରର ବ୍ୟବହାର ଆଶା ନ କରିବା ନିମନ୍ତେ ସି.ଏ. ଓ ସଚେତନ ଅଛନ୍ତି । ବରଂ ସମସାମୟିକତ୍ୱ ସହ ଉପଲବ୍ଧ ସୂଚନା ଅନୁସାରେ ପ୍ରଯୁଜ୍ୟ ନୀତି ଓ ପଦ୍ଧତି ପ୍ରୟୋଗରେ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷ ଯୁକ୍ତିଯୁକ୍ତ ବୃତ୍ତିଗତ ବିଚାର ଓ ଯତ୍ନର ପ୍ରୟୋଗ କରୁଛନ୍ତି କି ନାହିଁ, ସେ ସମ୍ପର୍କରେ ପ୍ରଶ୍ନ ଉଠୁଛି ।

## ୩.୩ ପ୍ରଯୁଜ୍ୟ ଆଇ.ଏଫ୍.ସି ଆବଶ୍ୟକତାର ସିଂହାବଲୋକନ

ଏହାର କାର୍ଯ୍ୟକାରିତା ଦିଗଦର୍ଶିକାରେ ଦର୍ଶା ଯାଇ ଥିବା ଅନୁଯାୟୀ ସି.ଏ.ଓ ଆଇ.ଏଫ୍.ସି.ର ନୀତି ମାନକ, ମାର୍ଗଦର୍ଶିକା, ପଦ୍ଧତି, ଯାହାର ଉଲ୍ଲଂଘନ ପ୍ରତିକୂଳ ପରିବେଶୀୟ ଏବଂ/ଅଥବା ସାମାଜିକ ପରିଣାମର କାରଣ ହେବ, ତାହାର ଅନୁପାଳନର ଆଇ.ଏଫ୍.ସିର ପରିବେଶୀୟ ଓ ସାମାଜିକ ପଦକ୍ଷେପର ର୍ଯ୍ୟବେକ୍ଷଣ କରନ୍ତ (ଅନୁଚ୍ଛେଦ ୪.୩)[୧୩] । ଏହି ମାମଲାରେ ସମ୍ପୃକ୍ତ ନୀତି, ମାନକ, ଦିଗଦର୍ଶିକା ଓ ପଦ୍ଧତି ମଧ୍ୟରେ ଆଇ.ଏଫ୍.ସି ର ସାମାଜିକ ଓ ପରିବେଶୀୟ ଦୀର୍ଘସ୍ଥାୟିତ୍ୱ ନୀତି

[13] ସି.ଏ.ଓ କାର୍ଯ୍ୟକାରିତା ଦିଗଦର୍ଶିକା (ମାର୍ଚ୍ଚ, ୨୦୧୩)--------- ଦେଖନ୍ତୁ (ଜାନୁଆରୀ ୧୧, ୨୦୧୫ରେ ପରିଦୃଷ୍ଟ)

(୨୦୦୬ ଓ ୨୦୧୨) ଆଇ.ଏଫ୍.ସିର କାର୍ଯ୍ୟକାରିତା ମାନକ (୨୦୦୬), ଆଇ.ଏଫ୍.ସି.ର ପରିବେଶୀୟ ଓ ସାମାଜିକ ସମୀକ୍ଷା ପଦ୍ଧତି (ସମୟରୁ ସମୟ ଅଧୁନାତନ ହେଉଥିବା) ଏବଂ ଆଇ.ଏଫ୍.ସି ଓ ଏହାର ଗ୍ରାହକ ସଂଗଠନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ରାଜିନାମା ଅନ୍ତର୍ଭୁକ୍ତ ।

ପ୍ରଯୁଜ୍ୟ ଆବଶ୍ୟକତା ସମୂହର ସିଂହାବଲୋକନ ଏହି ବିଭାଗରେ ଦିୟା ହୋଇଛି । ପ୍ରକଳ୍ପ ଚକ୍ରର ବିଭିନ୍ନ ସ୍ତରରେ ପ୍ରୟୋଗ ହେଉଥିବା ଆବଶ୍ୟକତା ସମୂହ ବିଶଦ ଭାବରେ ଚତୁର୍ଥ ବିଭାଗରେ ଦିୟା ହୋଇଛି ।

## ପରିବେଶୀୟ ତଥା ସାମାଜିକ ଦୀର୍ଘସ୍ଥାୟିତ୍ୱ ସମ୍ପର୍କିତ ନୀତି (୨୦୦୬)

ଆଇ.ଏଫ୍.ସି ର ପରିବେଶୀୟ ତଥା ସାମାଜିକ ଦୀର୍ଘସ୍ଥାୟିତ୍ୱ ସମ୍ପର୍କିତ ନୀତି (ଦୀର୍ଘସ୍ଥାୟିତ୍ୱ ନୀତି) ଦୀର୍ଘସ୍ଥାୟିତ୍ୱ ସମ୍ପର୍କରେ ଆଇ.ଏଫ୍.ସି ର ପ୍ରତିବଦ୍ଧତା ତଥା ଦାୟିତ୍ୱର ଅବତାରଣା କରିଥାଏ । ମୂଲ୍ୟାୟନ ସମୟରେ ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬) ଆଇ.ଏଫ୍.ସି ର ପାଣ୍ଠିରେ ପୁଞ୍ଜିନିବେଶ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା ।

ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬) ଆଇ.ଏଫ୍.ସି ର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥାଏ । ଯାହା ନିଶ୍ଚିତ କରେ ଯେ, "ଏହାର ଅର୍ଥ ଲଗାଣରେ ଚାଲୁଥିବା ପ୍ରକଳ୍ପ ମାନ କାର୍ଯ୍ୟକାରିତା ମାନକ ର ଆବଶ୍ୟକତା ଅନୁସାରେ ପରିଚାଳିତ ହେଉଛନ୍ତି" (ଅନୁଚ୍ଛେଦ ୫) । ଦୀର୍ଘସ୍ଥାୟିତ୍ୱ ନୀତିରେ ଏହା ମଧ୍ୟ ଉଲ୍ଲେଖିତ ହୋଇଛି ଯେ ପୁଞ୍ଜିନିବେଶ କାର୍ଯ୍ୟକାରିତା ସମୟରେ ଆଇ.ଏଫ୍.ସି ର ପଦକ୍ଷେପମାନ "ପାରିବେଶ ଓ ଜନସାଧାରଣଙ୍କୁ ଯେପରି କୌଣସି କ୍ଷତି ନ ପହଂଚାନ୍ତି, ତାହାର ପରିପାଳନ କରିବା ଉନ୍ନୟନ ଅଭିଯାନର କେନ୍ଦ୍ର ଭାବେ ପରିଗଣିତ ହେବ" (ଅନୁଚ୍ଛେଦ ୮) । ନୀତିଗତ ବ୍ୟବସ୍ଥା ଅନୁସାରେ ଏହାଦ୍ୱାରା ଯେଉଁଠାରେ ସମ୍ଭବ ପ୍ରତିକୂଳ ପ୍ରଭାବ ପରିହାର କରିହେବ ଏବଂ ଅପରିହାର୍ଯ୍ୟ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିହେବ, ପ୍ରଶମନ କରିହେବ ଅଥବା ଯଥାର୍ଥ ଭାବେ କ୍ଷତିପୂରଣ ପ୍ରଦାନ କରାଯାଇପାରିବ (ଉପରୋକ୍ତ) ।

ଆଇ.ଏଫ୍.ସି ର ଏଫ୍.ଆଇ ଗ୍ରାହକ ସଂଘଠନଙ୍କ ପ୍ରତି ପ୍ରଯୁଜ୍ୟ ଆବଶ୍ୟକତାରେ ଆଶାପୋଷଣ କରାଯାଏ ଯେ, ଏହା ପୁଞ୍ଜିନିବେଶ ସହିତ ସମ୍ପୃକ୍ତ, ସମ୍ଭାବ୍ୟ ଆପଦର ସ୍ତର ସହିତ ସମାନୁପାତିକ ରହିବ । ଗୁରୁତ୍ୱପୂର୍ଣ୍ଣ ଭାବରେ ଆଇ.ଏଫ୍.ସି ଏଫ୍.ଆଇ ଗ୍ରାହକ ସଂଗଠନମାନଙ୍କଠାରୁ ଏକ ସାମାଜିକ ଓ ପରିବେଶୀୟ ପରିଚାଳନା ବ୍ୟବସ୍ଥା (ଏସ୍ଇଏମ୍ଏସ୍)ର ସଂସ୍ଥାପନ ଓ ରକ୍ଷଣାବେକ୍ଷଣର ଆବଶ୍ୟକତା

ଚାହିଁଥାଏ, ଯାହାକି ଏହି ପୁଞ୍ଜିନିବେଶର ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ଅନୁପାଳନ ସୁନିଶ୍ଚିତ କରିଥାଏ (ଅନୁଚ୍ଛେଦ ୨୯)।

## ସାମାଜିକ ଓ ପରିବେଶୀୟ ଦୀର୍ଘସ୍ଥାୟିତ୍ୱ ଉପରେ କାର୍ଯ୍ୟକାରିତା ମାନକ

ଆଇ.ଏଫ୍.ସି କାର୍ଯ୍ୟକାରିତା ମାନକ (ପି.ଏସ୍) ଆଇ.ଏଫ୍.ସି ର ଗ୍ରାହକ ସଂଗଠନମାନଙ୍କର ପାରିବେଶୀୟ ଓ ସାମାଜିକ ଦାୟିତ୍ୱମାନ ବିସ୍ତୃତ ଭାବେ ବର୍ଣ୍ଣନା କରିଥାଏ। ଆଇ.ଏଫ୍.ସି (୨୦୦୬) ର ପାଣ୍ଠିରେ ଇକ୍ୱିଟି ପୁଞ୍ଜିନିବେଶ କାର୍ଯ୍ୟକାରିତା ମାନକ (୨୦୦୬) ଅଧୀନରେ ପ୍ରସ୍ତୁତ କରାଯାଇଥିଲା ଏବଂ ଏହି ମାନକ ସମୂହ ପ୍ରତି ପାଣ୍ଠିର ପ୍ରତିବଦ୍ଧତା ଏସ୍.ଇ.ଏମ୍.ଏସ୍ ମଧ୍ୟକୁ ସମାବଷ୍ଟ ହୋଇଥିଲା।

## ସୂଚନା ପ୍ରକଟନ ସମ୍ପର୍କିତ ନୀତି

ସୂଚନା ପ୍ରକଟନ ଉପରେ ଆଇ.ଏଫ୍.ସି ର ନୀତି (୨୦୦୬) (ପ୍ରକଟନ ନୀତି), ଯାହା ଆଇ.ଏଫ୍.ସି ର ପାଣ୍ଠିରେ ନିବେଶ କ୍ଷେତ୍ରରେ ପ୍ରଯୁଜ୍ୟ, ତାହା ନିଜର କାର୍ଯ୍ୟବିଧି ସମ୍ପର୍କରେ ଜନସାଧାରଣଙ୍କୁ ସଠିକ୍ ତଥା ସମୟୋପଯୋଗୀ ସୂଚନା ଉପଲବ୍ଧ କରାଇବା ନିମନ୍ତେ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥାଏ। ଏହି ପ୍ରକଟନ ନୀତି ନିଜର ପ୍ରକଳ୍ପ ସମ୍ପର୍କିତ ପ୍ରକଟନର ସୀମା ଓ ସମୟ ସନ୍ଦର୍ଭରେ ଆଇ.ଏଫ୍.ସି ର ଆବଶ୍ୟକତା ମାନଙ୍କର ଅବତାରଣା ମଧ୍ୟ କରିଥାଏ।

## ପରିବେଶୀୟ ଏବଂ ସାମାଜିକ ସମୀକ୍ଷା ପଦ୍ଧତି

ଆଇ.ଏଫ୍.ସି ର ପରିବେଶୀୟ ଏବଂ ସାମାଜିକ ସମୀକ୍ଷା ପଦ୍ଧତି (ଇ.ଏସ୍.ଆାର.ପି) ସେହି ପ୍ରକ୍ରିୟାର ରେଖାଙ୍କନ କରିଥାଏ, ଯାହାଦ୍ୱାରା ଆଇ.ଏଫ୍.ସି ସାମାଜିକ ଓ ପାରିବେଶୀୟ ଦୀର୍ଘସ୍ଥାୟିତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ କାର୍ଯ୍ୟକାରୀ କରାଇଥାଏ।

ଦୀର୍ଘସ୍ଥାୟିତ୍ୱ ନୀତି, କାର୍ଯ୍ୟକାରିତା ମାନକ ଓ ପ୍ାକଟନ ନୀତି, ଯାହାକି ଆଇ.ଏଫ୍.ସି ବୋର୍ଡ଼ ଦ୍ୱାରା ଅନୁମୋଦିତ ହୋଇଥାଏ, ସେମାନଙ୍କ ଅସଦୃଶ ଇ.ଏସ୍.ଆର.ପି ସମୂହ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃ ପକ୍ଷଙ୍କ ଦ୍ୱାରା ଜାରି ହୋଇଥାଏ ଏବଂ ଅଧିକ ନିୟମିତ ଭାବରେ ଅଧୁନାତନ କରାଯାଇଥାଏ। ଆଇ.ଏଫ୍.ସି ର ପାଣ୍ଠିରେ ପୁଞ୍ଜିନିବେଶର ମୂଲ୍ୟାଙ୍କନ ତଥ ପ୍ରାରମ୍ଭିକ ତଦାରଖ ଇ.ଏସ୍.ଆର.ପି ଭି.୨ ଅଧୀନରେ ସମ୍ପନ୍ନ ହୋଇଥିଲା। ଏଫ୍ ୧ ପୁଞ୍ଜିନିବେଶ ସମ୍ପର୍କିତ ଇ.ଏସ୍.ଆର.ପି ଅଗଷ୍ଟ ୨୦୦୯

(ଇ.ଏସ୍.ଆର.ପି ଭି. ୪) ରେ ଅଧୁନାତନ କରାଯାଇଥିଲା । ପରବର୍ତ୍ତୀ ବର୍ଷମାନଙ୍କରେ ଇ.ଏସ୍.ଆର.ପି ସମୂହ ଅଧୁନତାନ ହୋଇଥିବାସ୍ଥଳେ ଏଫ୍.ଆଇ ସମ୍ପର୍କିତ ପଦ୍ଧତି ସମୂହ ଜୁନ୍ ୨୦୧୪ ପର୍ଯ୍ୟନ୍ତ ପୁନଶ୍ଚ ଅଧୁନାତନ ହୋଇନଥିଲେ ।

## ୪. ବଶ୍ଲେଷଣ ଏବଂ ନର୍ଣୟ

ଏହି ତଦନ୍ତ ବିବରଣୀର ବିଶ୍ଲେଷଣ ଓ ନିଷ୍କର୍ଷ ଆଇ.ଏଫ୍.ସି ପ୍ରକଳ୍ପ ଚକ୍ର ପରିପାର୍ଶ୍ୱରେ ଏବଂ ସି.ଏ.ଓଙ୍କ ତଦନ୍ତର ଆର ଯାହା ପୂର୍ବରେ ବର୍ଣ୍ଣିତ ହୋଇଛି, ସେ ସବୁର ପରିପାର୍ଶ୍ୱରେ ସଂଗଠିତ କରାଯାଇଛି ।

ନିମ୍ନରେ ବର୍ଣ୍ଣିତ ପ୍ରତ୍ୟେକ ବିଭାଗ ସମ୍ପର୍କରେ ସି.ଏ.ଓ ପ୍ରଥମେ ଆଇ.ଏଫ୍.ସି ର ଇ ଆଣ୍ଡ ଏସ୍ ଆବଶ୍ୟକତା (ଉପବିଭାଗ ୧) ବିଷୟରେ ଏକ ସାରାଂଶ ଉପସ୍ଥାପନ କରନ୍ତି ଏବଂ ପରେ ପରେ ପ୍ରକଳ୍ପ ଚକ୍ରର ପ୍ରଯୁଜ୍ୟ ସ୍ତର (ଉପବିଭାଗ ୨) ର ବର୍ଣ୍ଣନା ଦିଅନ୍ତି ଓ ପରିଶେଷରେ ସି.ଏ.ଓ ଙ୍କ ଆଲୋଚନା ଏବଂ ନିଷ୍କର୍ଷ (ଉପବିଭାଗ ୨) ।

### ୪.୧ ଆଇ.ଏଫ୍.ସି ର ପ୍ରାକ୍ ନିବେଶୀୟ ଯୋଗ୍ୟ ସତର୍କତା

ଏହି ବିଭାଗରେ ପାଣ୍ଠିରେ ପୁଞ୍ଜି ନିବେଶ ସଂକ୍ରାନ୍ତୀୟ ଆଇ.ଏଫ୍.ସି ର ପ୍ରାକ୍ ନିବେଶୀୟ ଯୋଗ୍ୟ ସତର୍କତା ବିଷୟ ବିଚାରକୁ ନିଆଯାଇଛି । ଏହା ପୁନଶ୍ଚ ଟି.ଓ.ଆର ରେ ଦିଆ ଯାଇ ଥିବା ନିର୍ଦ୍ଧିଷ୍ଟ ପ୍ରଶ୍ନାବଳୀର, ପରିବେଶୀୟ ଓ ସାମାଜିକ ଆପଦର ଚିହ୍ନଟ ପ୍ରତି ଆଇ.ଏଫ୍.ସି ର ମତ ଉପରେ ପର୍ଯ୍ୟବେସିତ ଉତ୍ତର ଦେଇଛି ।

ନିଷ୍କର୍ଷର ସାରାଂଶ

- ଆଇ.ଏଫ୍.ସି ସଠିକ ଭାବରେ ଚିହ୍ନଟ କଲା ଯେ, ବୃହତ୍ ସ୍ତରର ଭିତ୍ତି ନିର୍ମାଣ ପ୍ରକଳ୍ପରେ ପାଣ୍ଠିର ଯୋଜନାବଦ୍ଧ ପୁଞ୍ଜି ନିବେଶ ସହ ଉଲ୍ଲେଖଯୋଗ୍ୟ ପରିବେଶୀୟ ତଥା ସାମାଜିକ ଅପଦ ସମ୍ପୃକ୍ତ ରହିଥିଲା ।
- ଆଇ.ଏଫ୍.ସି ର ଗ୍ରାହକ ସଂଘଠନମାନଙ୍କର ପାଣ୍ଠି ସମ୍ପର୍କିତ ପରିବେଶୀୟ ଓ ସାମାଜିକ ଆପଦ ଗୁଡ଼ିକ ପରିଚାଳନା କରିବା ଉପରେ ପ୍ରାକ୍ ନିବେଶୀୟ ସମୀକ୍ଷା ଏହି ଆପଦ ମାନଙ୍କ ସ୍ତରର ସହଗାମୀ ନଥିଲା ।
- ଫଳସ୍ୱରୁପ ଆଇ.ଏଫ୍.ସି ଏହା ନିର୍ଣ୍ଣୟ ନେବାର ଭିତ୍ତି ହରାଇଥିଲା ଯେ, ପାଣ୍ଠିରେ ଏହାର ପୁଞ୍ଜି ନିବେଶ କାର୍ଯ୍ୟକାରୀତା ମାନକର ଆବଶ୍ୟକତାକୁ ଏକ ଯୁକ୍ତିଯୁକ୍ତ ଅବଧି ପର୍ଯ୍ୟନ୍ତ ପରିପୂରଣ କରିପାରିବ ।

## ୪.୧.୧ ଆଇଏଫ୍‌ସିର ଆବଶ୍ୟକତା: ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା

ପାଣ୍ଠିରେ ଆଇ.ଏଫ୍.ସି ପୁଞ୍ଜିନିବେଶ ର ପ୍ରକ୍ରିୟାକରଣ ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬) ଅଧୀନରେ କରାଯାଇଥିଲା । ଦୀର୍ଘସ୍ଥାୟିତ୍ୱ ନୀତି ର ଆବଶ୍ୟକତା ଅନୁସାରେ ଆଇ.ଏଫ୍.ସିର ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତାରେ ଏକ ପରିବେଶୀୟ ଓ ସାମାଜିକ ସମୀକ୍ଷା ରେଖାଙ୍କିତ ହୋଇଛି, ଯାହା ସୁନିଶ୍ଚିତ କରିଥାଏ ଯେ, ଆଇ.ଏଫ୍.ସି ଏପରି କୌଣସି ପ୍ରକଳ୍ପକୁ ଅର୍ଥ ଲଗାଣ କରିବ ନାହିଁ, ଯାହା ଏକ ଯୁକ୍ତିଯୁକ୍ତ ସମୟର ଅବଧି ମଧ୍ୟରେ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ପରିପୂରଣ କରିବାର ଆଶା ରଖୁନଥିବ ୯ (ଅନୁଚ୍ଛେଦ ୧୭) । ଯାହାକୁ ଆଇ.ଏଫ୍.ସି ପ୍ରକଳ୍ପ ମୂଲ୍ୟାୟନ ପଦ୍ଧତି କରିଥାଏ, ତା ମଧ୍ୟକୁ ପରିବେଶୀୟ ଓ ସାମାଜିକ ସମୀକ୍ଷା ସମନ୍ବିତ କରାଯାଇଥାଏ, ଯାହା ପ୍ରକଳ୍ପ ସହ ସଶ୍ଳିଷ୍ଟ ପରିବେଶୀୟ ଓ ସାମାଜିକ ଆପଦର ସହଗାମୀ ହେବାର ଆଶା ରଖିଥାଏ (ଅନୁଚ୍ଛେଦ ୧୩) ।

ଏହି ମୂଲ୍ୟାଙ୍କନ ପ୍ରକ୍ରିୟା ନିବେଶ ସମୀକ୍ଷା ବୈଠକ (ଆଇ.ଆର.ଏମ୍) ରେ ଏକତ୍ରିକୃତ ହୋଇ ଥାଏ, ଯେଉଁଠାରେ ଏହି ପ୍ରକଳ୍ପକୁ ବୋର୍ଡ଼ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ କି ନାହିଁ, ତାହା

ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷ ନିଷ୍ପତ୍ତି ନିଅନ୍ତି[୧୪] । ଆଇ.ଆର.ଏମ୍‌ର ପୂର୍ବରୁ ଆଇ.ଏଫ୍.ସି କର୍ମକର୍ତ୍ତା ଏକ ନିଷ୍ପତ୍ତି ପୁସ୍ତକ ପ୍ରସ୍ତୁତ କରନ୍ତି, ଯାହା ଆଇ.ଆର.ଏମ୍‌ରେ ଆଲୋଚନା ନିମନ୍ତେ ପ୍ରମୁଖ ସମସ୍ୟା ଓ ଆପଦ ସମୂହକୁ ସଠିକ୍ ରୂପେ ଚିହ୍ନଟ କରିଥାଏ[୧୫] ।

ଏଫ୍.ଆଇ ପୁଞ୍ଜିନିବେଶର ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତାର କେନ୍ଦ୍ର ରୂପେ ଆଇ.ଏଫ୍.ସି, "ଏଫ୍.ଆଇ ଗ୍ରାହକ ସଙ୍ଗଠନମାନଙ୍କର ବିଭିନ୍ନ କାର୍ଯ୍ୟବିଧି ଚିହ୍ନଟ କରିବା ସଂକ୍ରାନ୍ତୀୟ ବ୍ୟାପାର ଯୋଗୁଁଥିରେ ପୁଞ୍ଜିନିବେଶର ଫଳସ୍ୱରୁପ ଏହି ଏଫ୍.ଆଇ ସାମଜିକ ଓ ପରିବେଶୀୟ ଆପଦକୁ ଉନ୍ମୁକ୍ତ ହେବାର ସମ୍ଭାବନା ଥାଏ"[୧୬] ସେସବରୁ ସମୀକ୍ଷା କରିବା ଆବଶ୍ୟକ ହୋଇଥାଏ । ଗ୍ରାହକ ସଂଗଠନର ସାମାଜିକ ଓ ପରିବେଶୀୟ ଆକଳନର ଫଳସ୍ୱରୁପ ବୋଧଗମ୍ୟ ପ୍ରଭାବର ନିସ୍ତାର ଭତ୍ତିରେ ଆଇ.ଏଫ୍.ସି ଏକ ପ୍ରକଳ୍ପକୁ ଏ.ବି.ସି କିମ୍ବା ଏଫ୍.ଆଇ ରୂପେ ବର୍ଗୀକୃତ କରିଥାଏ[୧୭] ।

ଏଫ୍.ଆଇ ଗ୍ରାହକ ସଂଗଠନ ସମୂହଙ୍କ ଦ୍ୱାରା ଆଇ.ଏଫ୍.ସି ସମୀକ୍ଷା ସମୟରେ ଚିହ୍ନଟ କରା ଯାଇ ଥିବା ପରିବେଶୀୟ ଓ ସାମାଜିକ ଆବଶ୍ୟକତାର "ସମ୍ଭାବ୍ୟ ଆପଦର ସ୍ତରର ସମାନୁପାତରେ" କାର୍ଯ୍ୟାନ୍ୱୟନ ହେବା ଆବଶ୍ୟକ[୧୮] ।

ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬) ଅନୁସାରେ ଯେଉଁଠି ଗୋଟିଏ ଏଫ୍.ଆଇ ପକ୍ଷରୁ ଦୀର୍ଘମିଆଦି କର୍ପୋରେଟ୍ ଅର୍ଥ ଲଗାଣ ଅଥବା ପ୍ରକଳ୍ପ ଅର୍ଥ ଲଗାଣ ବ୍ୟବସ୍ଥା କରାଯାଇଛି, ସେତେବେଳେ ସେ ଏଫ୍.ଆଇ ଏହାର ନିଶ୍ଚିତ କରିବା ଆବଶ୍ୟକ ଯେ, ଏହି ଅର୍ଥର ଗ୍ରହିତା "i) ଜାତୀୟ ନିୟମ ଅନୁସରଣ କରୁଥିବ ଯେଉଁଠି, ଅର୍ଥ ଲଗାଣ କରାଯାଇଥିବା କାର୍ଯ୍ୟବିଧି ସୀମିତ ସାମାଜିକ ତଥା ପରିବେଶୀୟ ଆପଦ ଉପସ୍ଥାପିତ କରୁଥିବ । ii) କାର୍ଯ୍ୟକାରିତ ମାନକ ପ୍ରୟୋଗ କରାଯାଉଥିବ ଯେଉଁଠି, ଅର୍ଥ ଲଗାଣ କରାଯାଇଥିବା କାର୍ଯ୍ୟବିଧି ଉଲ୍ଲେଖଯୋଗ୍ୟ ସାମାଜିକ ଓ ପରିବେଶୀୟ ଆପଦ ଉପସ୍ଥାପିତ

---

14 ଆଇ.ଏଫ୍.ସି କାର୍ଯ୍ୟକାରିତା ପଦ୍ଧତି (୨୦୧୩)

15 ଉପରୋକ୍ତ

16 ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬), ଅନୁଚ୍ଛେଦ ୨୬

17 ବିଶଦ ତଥ୍ୟ ପାଇଁ ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬), ଅନୁଚ୍ଛେଦ ୧୮ ଦେଖିପାରନ୍ତ

18 ଉପରୋକ୍ତ ଅନୁଚ୍ଛେଦ ୨୮

କରୁଥିବ”[୧୯] । ଏଥିସହିତ ସମସ୍ତ ଏଫ୍.ଆଇ ସମୂହ ଆଇ.ଏଫ୍.ସି ର ବର୍ହିଭୁକ୍ତି କରଣ ସାରଣୀ ର ପରିପାଳନ କରିବା ଆବଶ୍ୟକ ।

ଆଇ.ଏଫ୍.ସିର ପରିବେଶୀୟ ଓ ସାମାଜିକ ଆବଶ୍ୟକତାର କାର୍ଯ୍ୟନ୍ୱୟନ ପାଇଁ ଏଫ୍.ଆଇ ଗ୍ରାହକ ସଂଗଠନମାନଙ୍କୁ ଏସ୍.ଇ.ଏମ୍.ଏସ୍ ସଂସ୍ଥାପନ କରିବା ଓ ଏହାର ଦେଖାରଖା କରିବା ନିହାତି ଆବଶ୍ୟକ[୨୦] ।

ମୂଲ୍ୟାୟନ ସମୟରେ ପ୍ରଯୁଜ୍ୟ ଆଇ.ଏଫ୍.ସି ର ଇ.ଏସ୍.ଆର.ପି (ଭି.୨) ରେ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ ଏଫ୍.ଆଇ ଗ୍ରାହକ ସଂଗଠନର ଏସ୍.ଇ.ଏମ୍.ଏସ୍‌କୁ ସମୀକ୍ଷା କରିବେ ଯାହା ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତାର କାର୍ଯ୍ୟାନ୍ୱୟନରେ ଏହାର ପର୍ଯ୍ୟାପ୍ତତାର ବିଚାର ଉପରେ ପର୍ଯ୍ୟବସିତ ହୋଇଥିବ । ଏଫ୍.ଆଇଙ୍କ ର ଏସ୍.ଇ.ଏମ୍.ଏସ୍ ର ପର୍ଯ୍ୟାପ୍ତତା ସମୀକ୍ଷା କରିବା ସମୟରେ ଇ.ଏସ୍.ଆର.ପି ସମୂହ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞଙ୍କୁ ଗ୍ରାହକ ସଂଗଠନର ପରିଚାଳନା ବ୍ୟବସ୍ଥାର ନିମ୍ନଲିଖିତ ଦିଗଗୁଡ଼ିକୁ ସମୀକ୍ଷା କରିବା ପାଇଁ ଦିଗଦର୍ଶନ ଦେଇଥାନ୍ତି ।

କ) ପରିବେଶୀୟ ଓ ସାମାଜିକ ନୀତି ତଥା ପଦ୍ଧତି

ଖ) ସାମ୍ପ୍ରତିକ ସାଂଗଠନିକ ଗଠନ ଓ କର୍ମଚାରୀ ପ୍ରବରଣ

ଗ) ପରିବେଶୀୟ ଓ ସାମାଜିକ କ୍ଷେତ୍ରରେ ଦକ୍ଷତା ଏବଂ କୁଶଳତା

ଘ) ସଂଗଠନର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ଏବଂ ଏସ୍.ଇ.ଏମ୍.ଏସ୍ ଉପରେ ଗ୍ରାହକ ସଂଗଠନମାନଙ୍କର ଆଇନ ତଥା ଋଣ ପ୍ରଦାନକାରୀ ଅଧିକାରୀମାନଙ୍କର ପ୍ରଶିକ୍ଷଣ ଓ ସଚେତନତା

ଙ) କାର୍ଯ୍ୟକାରିତା ଅନୁଧ୍ୟାନ ପଦ୍ଧତି

ଚ) ପରିଚାଳନା କର୍ତ୍ତୃପକ୍ଷଙ୍କୁ ଫଳାଫଳର ବିବରଣୀ ପ୍ରଦାନ ଏବଂ

ଛ) ଏସ୍.ଇ.ଏମ୍.ଏସ୍ କାର୍ଯ୍ୟକାରିତାର ଅଧୁନାତନ ଅଗ୍ରଗତି ଅନୁଧ୍ୟାନ କରିବା (ଉପରୋକ୍ତ)

---

[19] ଆଇ.ଏଫ୍.ସି ଦୀର୍ଘସ୍ଥାୟିତ୍ୱ ନୀତି ୨୦୦୬, ଅନୁଚ୍ଛେଦ ୨୮

[20] ଉପରୋକ୍ତ ଅନୁଚ୍ଛେଦ ୨୯

ଏହି ଭିତ୍ତି ଉପରେ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ "ଯେ କୌଣସି ଏସ୍.ଇ.ଏମ୍.ଏସ୍ ପରିବର୍ଦ୍ଧନର ଚିହ୍ନଟକରଣ କରିବେ, ଯାହା ଗ୍ରାହକ ସଂଗଠନ ଏ କ୍ଷେତ୍ରରେ ଥିବା ବ୍ୟବଧାନର ପରିପୂରଣ ପାଇଁ ଆବଶ୍ୟକ କରିବେ ଏବଂ ଆଇନଗତ ରାଜିନାମାରେ ଅନ୍ତର୍ଭୁକ୍ତ ହେବା ପାଇଁ ଏହାକୁ ଏସ୍.ଇ.ଏମ୍.ଏସ୍ ଯୋଜନା ମଧ୍ୟରେ ଅନୁବର୍ତ୍ତନ କରାଇବେ" (ଅନୁଚ୍ଛେଦ ୭.୨.୧୭)

ଯେଉଁଠି ଏଫ୍.ଆଇ କାର୍ଯ୍ୟକାରିତ ମାନକ ସମୂହର କାର୍ଯ୍ୟାନ୍ୱୟନ କରିବାର ଆଶା ଥିବ ଏବଂ ଯେଉଁଠି ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ ଏଫ୍.ଆଇର ଏସ୍.ଇ.ଏମ୍.ଏସ୍ ଅଥବା ବର୍ତମାନ ବିଦ୍ୟମାନ କୌଣସି ଉପ-ପ୍ରକଳ୍ପମାନଙ୍କ ସମୀକ୍ଷା କରିବାର ଅଧିକ ଆବଶ୍ୟକତା ଥିବା ବିଚାର କରନ୍ତି, ତେବେ ଆଇ.ଏଫ୍.ସି ମୂଲ୍ୟାୟନ ପ୍ରକ୍ରିୟାର ଅଂଶସ୍ୱରୁପ ଆଇ.ଏଫ୍.ସି ନିବେଶ କର୍ମକର୍ତ୍ତାଙ୍କ ପରାମର୍ଶରେ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ ଏଫ୍.ଆଇ ପରିଦର୍ଶନ କରିବା ନିମନ୍ତେ ଇ.ଏସ୍.ଆର.ପି ବ୍ୟବସ୍ଥା କରିଛି (ଅଚୁଚ୍ଛେଦ ୭.୨.୧୫) l

ଏଥି ସହିତ ଇ.ଏସ୍.ଆର.ପି ରେ ବ୍ୟବସ୍ଥା ରହିଛି ଯେ, ଯେଉଁଠାରେ "ଗୋଟିଏ ଜଟିଳ ପ୍ରକଳ୍ପ ସ୍ତରୀୟ ପରିବେଶୀୟ ଓ ସାମାଜିକ ସମସ୍ୟା ଯାହାକି ଅସାମାନ୍ୟା ହୋଇଥିବ....." (ଅନୁଚ୍ଛେଦ ୭.୨.୧୮), ସେଠାରେ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ ଗୋଟିଏ ଘନିଷ୍ଠ ସମୀକ୍ଷା ବୈଠକ ଅନୁରୋଧ କରିପାରବେ l

ଇ.ଏସ୍.ଆର.ପି ର ଆବଶ୍ୟକତା ଅନୁସାରେ ଆଇ.ଏଫ୍.ସି ର କର୍ମକର୍ତ୍ତାମାନେ ପରିବେଶୀୟ ଓ ସାମାଜିକ ସମୀକ୍ଷାର "ସମସ୍ତ ବସ୍ତୁଗତ ନିଷ୍ପତ୍ତି ଏବଂ ସହାୟକ ସମୀକ୍ଷାର ବିବରଣୀ" ଏକ ଆଭ୍ୟନ୍ତରୀଣ ପ୍ରକଳ୍ପ ସ୍ତରୀୟ ପରିବେଶୀୟ ଓ ସାମାଜିକ ସମୀକ୍ଷା ଦସ୍ତାବିଜ୍ (ଇଏସ୍ଆରଡି) ରେ ଲିପିବଦ୍ଧ କରିବେ (ଅନୁଚ୍ଛେଦ ୭.୨.୨୩) l

ନିବେଶ ସମୀକ୍ଷା ବୈଠକରେ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞଙ୍କ ଉପସ୍ଥିତି ହେଉଛି ପରିବେଶୀୟ ଓ ସାମାଜିକ ସମୀକ୍ଷା ପ୍ରକ୍ରିୟାର ଚୂଡ଼ାନ୍ତ ପଦକ୍ଷେପ (ଅନୁଚ୍ଛେଦ ୭.୨.୨୫) l ଏହି ଆଇ.ଆର.ଏମ୍ ରେ ମୂଲ୍ୟାୟନ ପ୍ରକ୍ରିୟାର ସମାପ୍ତି ଘଟି ଥାଏ[୨୧] l

---

[21] ଆଇ.ଏଫ୍.ସି କାର୍ଯ୍ୟକାରିତା ପଦ୍ଧତି (୨୦୧୩)

### ୪.୧.୨ ଆଇ.ଏଫ୍.ସି ର ପାଣ୍ଡି ସମ୍ପର୍କିତ ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା

ଆଇ.ଏଫ୍.ସି ଜୁନ୍ ୨୦୦୭ରେ ପାଣ୍ଡିରେ ଏହାର ପୁଞ୍ଜି ନିବେଶର ମୂଲ୍ୟାୟନ କରିଥିଲା, ଏହି ମୂଲ୍ୟାୟନ ସମୟରେ ପାଣ୍ଡି ସଂସ୍ଥାପିତ ହେବା ଅପେକ୍ଷାରେ ଥ ୍ଲା, ତେଣୁ ଆଇ.ଏଫ୍.ସି ଏହାର ପରିବେଶୀୟ ଓ ସାମାଜିକ ସମୀକ୍ଷା ଆଇ.ଡି.ଏଫ .ସି ର ପରିବେଶୀୟ ଓ ସାମାଜିକ ବ୍ୟବସ୍ଥା ତଥା କାର୍ଯ୍ୟକାରିତା ର ଜ୍ଞାନ ଉପରେ ଆଧାରିତ କରିଥିଲା । ଏଥିରେ ଆଇ.ଡି.ଏଫ୍.ସି ର ପୂର୍ବପର୍ତ୍ତି ନିବେଶ ସମ୍ପର୍କରେ ଆଇ.ଏଫ୍.ସି ନିକଟରେ ଉପଲବ୍ଧ ସୂଚନା ଅନ୍ତର୍ଭୁକ୍ତ ଥିଲା । ଆଇ.ଏଫ୍.ସି ଉଲ୍ଲେଖିତ କରିଥିଲା ଯେ, ଆଇ.ଡି.ଏଫ୍.ସି ପୂର୍ବରୁ ୨ଟି ଘରୋଇ ଭିତ୍ତି ବିକାଶ ଇକ୍ୱିଟି ପାଣ୍ଡି ଯଥା ଆଇ.ଡି.ଏଫ୍.ସି ପ୍ରିମିୟର ଇକ୍ୱିଟି ଫଣ୍ଡ (ଆଇପିଇଏଫ୍) ଓ ଇଣ୍ଡିଆ ଡେଭଲପମେଣ୍ଟ ଫଣ୍ଡ ଆଇ,ଡି.ଏଫ୍ ସ୍ଥାପିତ କରିଥିଲା । ଯେହେତୁ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ସମୀକ୍ଷା ଉଲ୍ଲେଖଯୋଗ୍ୟ ଭାବରେ ଆଇ.ଡି.ଏଫ୍.ସି ର ପୂର୍ବବର୍ତ୍ତୀ ପ୍ରକଳ୍ପ ସମୂହର ସୂଚନା ଉପରେ ଆଧାରିତ ଥିଲା, ଏହି ବିଭାଗ ସେହି ସୂଚନା ର ସାରାଂଶକୁ ନେଇ ଆରମ୍ଭ କରାଯାଇଛି । ଏହାପରେ ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ ସମୀକ୍ଷାର ପ୍ରବାହରେ ଗ୍ରହଣ କରିଥିବା ପଦକ୍ଷେପମାନ ସମ୍ପର୍କରେ ଅବତାରଣା ପାଇଁ ଅଗ୍ରଗତି ହୋଇଛି ।

**ଆଇ.ଡି.ଏଫ୍.ସି ରେ ଆଇ.ଏଫ୍.ସି ର ପୂର୍ବବର୍ତ୍ତି ନିବେଶର ପରିବେଶୀୟ ଓ ସାମାଜିକ ସୂଚନାର ସାଂରାଶ**

ଉପରୋକ୍ତ ଉଲ୍ଲେଖ ଅନୁସାରେ, ପାଣ୍ଡିରେ ଆଇ.ଏଫ୍.ସିର ନିବେଶ ଅନୁମୋଦିତ ହେବା ସମୟରେ, ଆଇ.ଏଫ୍.ସି ପାଖରେ ଆଇ.ଡି.ଏଫ୍.ସି ରେ ଦୁଇଟି ପ୍ରଚଳିତ ନିବେଶ, ତଥା ଗୋଟିଏ ୧୯୯୮ର ଇକ୍ୱିଟି ନିବେଶ ଏବଂ ୨୦୦୬ ର ଏକ ଋଣ ରହି ଥଲା ।

ଆଇ.ଏଫ୍.ସି ର ପ୍ରାରମ୍ଭିକ ନିବେଶର ସର୍ତ୍ତ ସ୍ୱରୁପ, ଆଇ.ଡି.ଏଫ୍.ସି ଏକ ଏସ୍.ଇ.ଏମ୍.ଏସ୍ ଯାହା ଏହାର ପୁଞ୍ଜି ନିବେଶ ବିଶ୍ୱ ବ୍ୟାଙ୍କ୍ ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଦିଗଦର୍ଶିକା ତଥା ନୀତି ସମୂହର ଅନୁରୁପ ଥିଲା ବୋଲି ସୁନିଶ୍ଚିତ କରିବ, ତାହା ସ୍ଥାନିତ କରିବାକୁ ରାଜି ହୋଇଥିଲା[୨୨] । ଆଇ.ଡି.ଏଫ୍.ସି ଆଇ.ଏଫ୍.ସି କୁ ଏକ ବାର୍ଷିକ ପରିବେଶୀୟ କାର୍ଯ୍ୟକାରିତ ବିବରଣୀ (ଏ.ଇ.ପି.ଆର) ପ୍ରଦାନ କରିବ ବୋଲି ମଧ୍ୟ ରାଜି ହୋଇଥିଲା ।

[22] ଆଇ.ଏଫ୍.ସି ପ୍ରକଟନ, ପ୍ରକଳ୍ପ ସଂଖ୍ୟା-୮୨୫୧, ବିଶଦ ଦଥ୍ୟ ପାଇଁ ------- ଦେଖନ୍ତୁ (ନଭେମ୍ବର ୨୬, ୨୦୧୪ରେ ପରିଦୃଷ୍ଟ)

ଏହି ସବୁ ପୂର୍ବବର୍ତ୍ତି ନିବେଶର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ସମ୍ପର୍କିତ ଦସ୍ତାବିଜିକରଣ ପରିମାଣରେ ସୀମିତ । ୨୦୦୨ ରୁ ୨୦୦୪ ପର୍ଯ୍ୟନ୍ତ ଆଇ.ଏଫ୍.ସି ର ତଦାରଖ ଦସ୍ତାବିଜୀକରଣ ଏକ ଏସ୍.ଇ.ଏମ୍.ଏସ୍ ଯାହା, ପ୍ରକଳ୍ପର ପ୍ରାକ୍ ନିବେଶୀୟ ସମୀକ୍ଷା ସ୍ଥାପିତ କରିବା ସହ ଗ୍ରାହକ ସଂଗଠନ ଏହାର ପୁଞ୍ଜିନିବେଶର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ଅନୁଧ୍ୟାନ କରୁନଥିଲା ବୋଲି ମଧ୍ୟ ସାବ୍ୟସ୍ତ କରିଥିଲା । ଆଇ.ଏଫ୍.ସିର ତଦାରଖ ଦସ୍ତାବିଜୀକରଣ ଏହା ମଧ୍ୟ ଉଲ୍ଲେଖିତ କରିଥିଲା ଯେ, ଗ୍ରାହକ ସଂଗଠନ ଆବଶ୍ୟକତା ଅନୁସାରେ ଆଇ.ଏଫ୍.ସି କୁ ନିୟମିତ ପରିବେଶୀୟ ଓ ସାମାଜିକ ବିବରଣୀ ପ୍ରଦାନ କରୁନଥିଲା । ତେଣୁ ଏହି ସମସ୍ୟା ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ ଏବଂ ଆଇ.ଏଫ୍.ସି ତଥା ଗ୍ରାହକ ସଂଗଠନ  ନିମନ୍ତେ ପ୍ରଣିଧାନ ଯୋଗ୍ୟ ଆପଦ ଉପସ୍ଥାପିତ କରୁଥିଲା ବୋଲି ଆଇ.ଏଫ୍.ସି ସର୍ବଶେଷ ନିର୍ଣ୍ଣୟ ନେଇଥିଲା ।

୨୦୦୬ରେ ଆଇ.ଡି.ଏଫ୍.ସି କୁ ଏକ ନୂତନ ଋଣର ଅନୁମୋଦନ ପ୍ରକ୍ରିୟାର ଅଂଶସ୍ୱରୁପ ଆଇ.ଏଫ୍.ସି ଉଲ୍ଲେଖିତ କରିଥିଲା ଯେ, ଆଇ.ଡି.ଏଫ୍.ସି ଦ୍ୱାରା ବିକଶିତ ପରିବେଶୀୟ ଓ ସାମାଜିକ ମାନକ ସମୂହର ବାସ୍ତବିକ କ୍ରିୟାନ୍ୱୟନ ପାଇଁ ନିକଟତମ ତଦାରଖ ଅବଶ୍ୟମ୍ଭାବୀ ଥିଲା ।

ଜୁଲାଇ ୨୦୦୭ରେ ଆଇ.ଏଫ୍.ସି ଆଇ,ଡି.ଏଫ୍.ସି ରୁ ପ୍ରଥମ ଏ.ଇ.ପି.ଆର ଗ୍ରହଣ କରିଥିଲା । ଏହି ଏ.ଇ.ପି.ଆର ରେ ଆଇ.ଏଫ୍.ସି ର ୨୦୦୬ ମସିହାର ଋଣ ସମ୍ପର୍କିତ ଆଇ.ଏଫ୍.ସି ପାଣ୍ଠିର ଉପଯୋଗର ପ୍ରତିବେଦନ ହୋଇଥିଲା । ଯେହେତୁ ଆଇ.ଡି.ଏଫ୍.ସି କୌଣସି ‘ଏ’ଶ୍ରେଣୀ ପ୍ରକଳ୍ପ ପାଇଁ ଆଇ.ଏଫ୍.ସି ପାଣ୍ଠିର ଉପଯୋଗ ସମ୍ପର୍କରେ ପ୍ରତିବେଦନ କରିନଥିଲା, ତେଣୁ ଆଇ.ଏଫ୍.ସି ଉଲ୍ଲେଖ କଲା ଯେ, ଆଇ.ଏଫ୍.ସି ଅଥବା ବିଶ୍ୱ ବ୍ୟାଙ୍କ୍ ପରିବେଶୀୟ ଓ ସାମାଜିକ ଅବାଶ୍ୟକତାର ପ୍ରୟୋଗ ନ କରି ଏହା କେବଳ ଜାତୀୟ ପରିବେଶୀୟ ଓ ସାମାଜିକ ଅବାଶ୍ୟକତାର ପ୍ରୟୋଗ କରିବା ଉଚିତ । ଆଇ.ଡି.ଏଫ୍.ସି ର ଜୁଲାଇ ୨୦୦୭ ଏ.ଇ.ପି.ଆର ର ସମୀକ୍ଷାର ଅଂଶସ୍ୱରୁପ ଆଇ.ଏଫ୍.ସି ଉଲ୍ଲେଖ କଲା ଯେ, ଏହାପାଖରେ ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ ର କୌଣସି ନକଲ ନାହିଁ । ଏହି ସମୟରେ ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ ପ୍ରବର୍ତ୍ତିତ ହେବାର ସମୀକ୍ଷା ସୂଚୀତ କରେ ଯେ, ଏହା ଆଇ.ଏଫ୍.ସି ର ପ୍ରାକ୍ ୨୦୦୬ ପରିବେଶୀୟ ଓ ସାମାଜିକ ମାନକ ପ୍ରତିଫଳିତ କରୁନଥିଲା ।

## ପାଣ୍ଠି ସମ୍ପର୍କିତ ମୂଲ୍ୟାୟନ ଦସ୍ତାବିଜୀକରଣର ସାରାଂଶ (ଜୁନ୍‌ରୁ ସେପ୍ଟେମ୍ବର ୨୦୦୭)

*ପ୍ରାରମ୍ଭିକ ସମୀକ୍ଷା (ଜୁନ୍ ୨୦୦୭)*

ଆଇ.ଏଫ୍,ସି ର ପାଣ୍ଠିରେ ନିବେଶ ନିମନ୍ତେ ଆଗୁଆ ସମୀକ୍ଷା ଦସ୍ତାବିଜୀକରଣ ଉଲ୍ଲେଖ କରେ ଯେ, ଆଇ.ଏଫ୍.ସି ଆଇ.ଡି.ଏଫ୍.ସି ର ପରିବେଶୀୟ ଓ ସାମାଜିକ ପରିଚାଳନା କ୍ଷମତା ବିଚାରକୁ ନେଇଥିଲା, ଏହି ସ୍ଥଳରେ ଆଇ.ଏଫ୍.ସି ଉଲ୍ଲେଖିତ କଲା ଯେ, ଏହା ଆଇ.ଡି.ଏଫ୍.ସି ର ପରିଚାଳନା ବ୍ୟବସ୍ଥାର ବିକାଶ ଓ କାର୍ଯ୍ୟାନ୍ୱୟନ, ଯାହା ଆଇ.ଡି.ଏଫ୍.ସି କୁ ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକ ଗ୍ରହଣ କରିବା ନିମନ୍ତେ ଏକ ଇକ୍ୱେଟର ବ୍ୟାଙ୍କ୍ ହେବା ନିମନ୍ତେ ସମର୍ଥ କରିଥାନ୍ତା ତାହାକୁ ଅନୁଧ୍ୟାନ କରୁଥିଲା[୨୩] ।

ଆଇ.ଏଫ୍.ସି ଅନୁଯାୟୀ ଜୁଲାଇ ୨୦୦୭ରେ ପାଣ୍ଠିରେ ଏହାର ପ୍ରସ୍ତାବିତ ନିବେଶର ପରିବେଶୀୟ ଓ ସାମାଜିକ ମୂଲ୍ୟାୟନ ର ଅଂଶସ୍ୱରୁପ ଆଇ.ଏଫ୍.ସି ର କର୍ମକର୍ତ୍ତା ଆଇ.ଡି.ଏଫ୍.ସି ପରିଦର୍ଶନ କରିଥିଲେ । ଯଦ୍ୟପି ଆଇ.ଏଫ୍.ସି ଜୁଲାଇ ପରିଦର୍ଶନର ଫଳାଫଳ ସାରାଂଶର ଦସ୍ତାବିଜୀକରଣ ଅଥବା ସମଧର୍ମୀ ପ୍ରତ୍ୟାବର୍ତ୍ତିତ କାର୍ଯ୍ୟାଳୟ ବିବରଣୀ ପ୍ରଦାନ କରିବାରେ ସମର୍ଥ ନଥିଲା । ବରଂ ଆଇ.ଏଫ୍.ସି ଉଲ୍ଲେଖ କଲା ଯେ, ଏହି ଅଭିଯାନର ପରିଣାମ ଅଗଷ୍ଟ ୨୦୦୭ ର ପୁଞ୍ଜି ନିବେଶ ସମୀକ୍ଷା ବୈଠକ ନିମନ୍ତେ ଦସ୍ତାବିଜୀକରଣରେ ବର୍ଣ୍ଣିତ ହୋଇଛି ।

### *ପ୍ରକଳ୍ପ ସୂଚନା ବିବରଣୀ* ***(ଅଗଷ୍ଟ ୨୦୦୭)***

ଅଗଷ୍ଟ ୨୭ ୨୦୦୭ରେ ଆଇ.ଏଫ୍.ସି ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରକଳ୍ପ ସୂଚନା ସମ୍ପର୍କୀୟ ବିବରଣୀ (ଏସ.ପି.ଆଇ) ସାର୍ବଜନିକ ଉନ୍ମୋଚନ କରିଥିଲା । ଏହି ପୁଞ୍ଜି ନିବେଶକୁ ପ୍ରକଟିତ କରି ଆଇ.ଏଫ୍.ସି ଉଲ୍ଲେଖିତ କଲା ଯେ, ମୂଲ୍ୟାଙ୍କନ ସମୟରେ ଆଇ.ଏଫ୍.ସି "ଏହାର ଅର୍ଥଲଗାଣରେ ସମର୍ଥିତ ହେବାକୁଥିବା ପ୍ରସ୍ତାବିତ କାର୍ଯ୍ୟଧାରାର ବିଶ୍ଲେଷଣ କରିବ" ଏବଂ "ପରିବେଶୀୟ ଓ ସାମାଜିକ ଆପଦର ପରିଚାଳନାରେ ତଥା ଏସ୍.ଇ.ଏମ୍.ଏସ୍ ସଂସ୍ଥାପନରେ ଆଇ.ଆଇ.ଏଫ୍ ର କ୍ଷମତାର ସମୀକ୍ଷା କରିବ" (ଗୁରୁତ୍ୱାରୋପ ସଂଯୁକ୍ତ) ।

### ***ପୁଞ୍ଜି ନିବେଶ ସମୀକ୍ଷା ବୈଠକ (ଅଗଷ୍ଟ ୨୦୦୭)***

ଅଗଷ୍ଟ ୨୦୦୭ରେ ଅନୁଷ୍ଠିତ ଏକ ବୈଠକ ପରେ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷ ପୁଞ୍ଜି ନିବେଶକୁ ଅନୁମୋଦନ ପ୍ରଦାନ କଲେ ଏହି ବୈଠକ ନିମନ୍ତେ ପ୍ରସ୍ତୁତ ଦସ୍ତାବିଜୀକରଣରେ ଉପରବର୍ଣ୍ଣିତ

---

[23] ପରବ୍ର୍ତୀ ସମୟରେ , ଅଗଷ୍ଟ ୨୦୦୭ରେ ଏହି ସମୀକ୍ଷାର କୌଣସି ଦସ୍ତାବିଜୀକରଣ ଉପଲବ୍ଧ ନୁହେଁ ବୋଲି ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଉଲ୍ଲେଖ କରିଥିଲେ ।

ଏସ୍.ପି.ଆଇ ରେ ହୋଇଥିବା ପ୍ରକଟନ ର ଊର୍ଦ୍ଧ୍ୱରେ କୌଣସି ପରିବେଶୀୟ ଓ ସାମାଜିକ ବିଶ୍ଲେଷଣ ସଂଶ୍ଳିଷ୍ଟ ହୋଇନଥିଲା[୨୪] । ଉଲ୍ଲେଖଯୋଗ୍ୟ ରୂପେ, ଏହି ଭାଷାରୁ ସୂଚୀତ ହେଉଛି ଯେ, ଏହି ସ୍ଥଳରେ ଆଇ.ଏଫ୍.ସି ଗ୍ରାହକ ସଂଗଠନର ଏସ୍.ଇ.ଏମ୍.ଏସ୍ ଏବଂ ଏସ୍.ଇ.ଏମ୍.ଏସ୍ କାର୍ଯ୍ୟାନ୍ୱୟନ କ୍ଷମତା ର କୌଣସି ସମୀକ୍ଷା ପରିଚାଳନା କରିନଥିଲା ।

ପୁଞ୍ଜି ନିବେଶ ସମୀକ୍ଷା ଦସ୍ତାବିଜୀକରଣ ପରିବେଶୀୟ ଓ ସାମାଜିକ ବିଚାରକୁ ଆଲୋଚନାର ବିଷୟବସ୍ତୁ ରୂପେ ତାଲିକାଭୁକ୍ତ କରିନଥିବାବେଳେ ସି.ଏ.ଓ ଙ୍କ ହୃଦୟଙ୍ଗମ ହୋଇଛି ଯେ, ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷ ଏହି ବୈଠକରେ ପରିବେଶୀୟ ଓ ସାମାଜିକ ସମସ୍ୟା ଉପସ୍ଥାପନ  କରିଥିଲେ, ଯେଉଁଥିରେ ଏଗୁଡ଼ିକୁ କିପରି ପରିଚାଳନା କରାଯିବ ଏବଂ ପାଣ୍ଠି ଯଦି ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ପରିପୂରଣ ନ କରେ, ତେବେ ଆଇ.ଏଫ୍.ସି କେଉଁ ପନ୍ଥା ଗ୍ରହଣ କରିବ ସେହି ସମ୍ପର୍କିତ ପ୍ରଶ୍ନମାନ ସମ୍ୱଳିତ ଥିଲା । ପ୍ରତିକ୍ରିୟା ସ୍ୱରୂପ ପୁଞ୍ଜି ନିବେଶ ପ୍ରସ୍ତୁତି ଦାୟିତ୍ୱରେ ଥିବା ଟିମ୍ ଉଲ୍ଲେଖ କଲା ଯେ, ପାଣ୍ଠି ଆଇ.ଡି.ଏଫ୍.ସି ର ପରିବେଶୀୟ ଓ ସାମାଜିକ ବ୍ୟବସ୍ଥା ଉପରେ ଭରସା ରଖିବ । ପୁନଃଶ୍ଚ ଟିମ୍ ଉଲ୍ଲେଖ କଲା ଯେ, ଆଇ.ଡି.ଏଫ୍.ସି ର ପ୍ରଚଳିତ ଏସ୍.ଇ.ଏମ୍.ଏସ୍ ଆଇ.ଏଫ୍.ସି ର ପ୍ରାକ୍ ୨୦୦୬ ପରିବେଶୀୟ ଓ ସାମାଜିକ ମାନକ ଦ୍ୱାରା ଅନୁବର୍ତ୍ତିତ ଥିଲା ଏବଂ ଆଇ.ଡି.ଏଫ୍.ସି ଏଗୁଡ଼ିକୁ ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକର ସମକକ୍ଷ ସମରେଖାପନ୍ନ କରିବା ପାଇଁ ପରିବର୍ଦ୍ଧନ କରୁଥିଲା । ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ କାର୍ଯ୍ୟାନ୍ୱୟନ କ୍ଷମତାର ଆଲୋଚନା ପରେ ପରେ ଏହି ନିଷ୍ପତ୍ତି ଗ୍ରହଣ କରାଗଲା ଯେ, ଆଇ.ଏଫ୍.ସି ପୁଞ୍ଜି ନିବେଶ ସମ୍ପର୍କରେ ପ୍ରତିବଦ୍ଧ ହେବା ପୂର୍ବରୁ ଏହାର କାର୍ଯ୍ୟକାରିତା ମାନକର କାର୍ଯ୍ୟାନ୍ୱୟନ ନିମନ୍ତେ ଏକ ବ୍ୟବସ୍ଥା ସ୍ଥାନିତ ହେବା ଆବଶ୍ୟକ ।

### *ଆଇ.ଏଫ୍.ସି ବୋର୍ଡ଼ ଦ୍ୱାରା ଅନୁମୋଦନ (ସେପ୍ଟେମ୍ବର ୨୦୦୭)*

ସେପ୍ଟେମ୍ବର ୧୨ ୨୦୦୭ରେ ଏହି ନିବେଶକୁ ଆଇ.ଏଫ୍.ସି ବୋର୍ଡ ସମକ୍ଷରେ ଉପସ୍ଥାପନ କରାଗଲା, ବୋର୍ଡ଼ ନିକଟରେ ଉପସ୍ଥାପନ ଅନୁଯାୟୀ ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତାରେ ଆଇ.ଏଫ୍.ସି ଆଇ.ଡି.ଏଫ୍.ସି କୁ ବିପଣନ କ୍ଷେତ୍ରର ନେତୃତ୍ୱ ପାଇଁ ବିଚାରକୁ ନେଇଥିଲା ।

---

24 ଆଇ.ଏଫ୍.ସି ର ପ୍ରକଳ୍ପ ସୂଚନା ସମ୍ପର୍କିତ ବିବରଣୀ---- ଦେଖନ୍ତୁ (ଡିସେମ୍ବର ୧, ୨୦୧୪ରେ ପରିଦୃଷ୍ଟ)

ପ୍ରକଳ୍ପର ଅନୁମୋଦନ ଦସ୍ତାବିଜୀକରଣ ଉଲ୍ଲେଖିତ କଲା ଯେ, ଯେଉଁ ପ୍ରକାର ପ୍ରକଳ୍ପରେ ପାଣ୍ଠି ପୁଞ୍ଜି ନିବେଶ କରିବ, ସେ ସବୁର ପରିବେଶୀୟ ଓ ସାମାଜିକ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ହେବ, ମାତ୍ର ଆଇ.ଡି.ଏଫ୍.ସି ର ଏକ ବଳିଷ୍ଠ ଏସ୍.ଇ.ଏମ୍.ଏସ୍ (ଆଇ.ଏଫ୍.ସି ର ପ୍ରାକ୍ ୨୦୦୬ ସୁରକ୍ଷାର ସମରଖାପନ୍ନ) ରହିଥିଲା, ଯାହାକୁ ସଂଶୋଧିତ କରାଯାଇଥିଲା ଏବଂ ୨୦୦୬ କାର୍ଯ୍ୟକାରିତା ମାନକର ଅନୁବର୍ତ୍ତିତ କରିବା ପାଇଁ ପାଣ୍ଠି ଏହାକୁ ଗ୍ରହଣ କରିବ ବୋଲି ଥିଲା । ଆଇ.ଡି.ଏଫ୍.ସି ର ପରିବେଶୀୟ ଓ ସାମାଜିକ କ୍ଷମତା ଆଲୋଚନା ପ୍ରସଙ୍ଗରେ ଆଇ.ଏଫ୍.ସି ଉଲ୍ଲେଖ କଲା ଯେ, ଏହାର କର୍ମକର୍ତ୍ତାଙ୍କ ର ଆଇ.ଏଫ୍.ସି  ସୁରକ୍ଷା ନୀତି କାର୍ଯ୍ୟକାରିତାରେ ଉଲ୍ଲେଖଯୋଗ୍ୟ ଅଭିଜ୍ଞତା ଥିଲା ଏବଂ ଅନେକ କର୍ମକର୍ତ୍ତା କାର୍ଯ୍ୟକାରିତ ମାନକ ପ୍ରଶିକ୍ଷଣରେ ଯୋଗ ଦେଇଥିଲେ । ତେଣୁ ସଂଶୋଧିତ ଆଇ.ଡି.ଏଫ୍.ସି ଏସ୍.ଇ.ଏମ୍.ଏସ୍ କାର୍ଯ୍ୟାନ୍ୱୟନରେ ଏହି କର୍ମକର୍ତ୍ତାମାନଙ୍କର ଉପଯୋଗିତା ପାଣ୍ଠି ଦ୍ୱାରା ହେବ ବୋଲି ଆଇ.ଏଫ୍.ସି ଉଲ୍ଲେଖ କରିଥିଲା ।

ଆଇ.ଏଫ୍.ସି ବୋର୍ଡ଼କୁ ସୂଚୀତ କଲା ଯେ, ଆଇ.ଡି.ଏଫ୍.ସି କୁ ଆଇ.ଏଫ୍.ସି ର ସନ୍ତୋଷ ସ୍ତର ପର୍ଯ୍ୟନ୍ତ ପ୍ରଦର୍ଶିତ କରିବାକୁ ହେବ ଯେ, ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ପରିପୂରଣ ପାଇଁ ଏହାର ଯଥେଷ୍ଟ କ୍ଷମତା ରହିଛି । ଏହି ପ୍ରକ୍ରିୟାର ଅଂଶସ୍ୱରୁପ ଆଇ.ଏଫ୍.ସି ଉଲ୍ଲେଖ କଲା ଯେ, ଆଇ.ଡି.ଏଫ୍.ସି ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବୃହତ ପ୍ରକଳ୍ପର ସାମ୍ପ୍ରତିକ ପରିବେଶୀୟ ଓ ସାମାଜିକ ଧେୟ ସତର୍କତା ଦସ୍ତାବିଜୀକରଣର ସମୀକ୍ଷା କରିବ । ଧେୟ ସତର୍କତା କ୍ଷେତ୍ରରେ ପରିବେଶୀୟ ଓ ସାମାଜିକ କ୍ଷେତ୍ରରେ ଆଇ.ଡି.ଏଫ୍.ସି ପଦକ୍ଷେପରେ ରହିଥିବା କୌଣସି ବ୍ୟବଧାନର ସୁଧାର ନିମନ୍ତେ ଏକ ପ୍ରତିବଦ୍ଧତା ପୁଞ୍ଜିନିବେଶ ରାଜିନାମାରେ ସଂକଳିତ ହେବ ବୋଲି ଆଇ.ଏଫ୍.ସି ସୂଚୀତ କଲା ।

ଏଥିସହିତ ଆଇ.ଏଫ୍.ସି ଉଲ୍ଲେଖ କଲା ଯେ, ଏହା ଆଇ.ଡି.ଏଫ୍.ସି କୁ ଉପଦେଶମୂଳକ ସେବା ପ୍ରଦାନ କରୁଛି, ଯାହା ଭୂମି ଅଧିଗ୍ରହଣ, ଅଣସ୍ୱେଚ୍ଛାକୃତ ଅତିରିକ୍ତ ପ୍ରଶିକ୍ଷଣ କ୍ଷେତ୍ରରେ ଆଇ.ଡି.ଏଫ୍.ସି କୁ ସମର୍ଥିତ କରିବ (ପିଏସ୍ ୫) ।

***ପରିବେଶୀୟ ଓ ସାମାଜିକ ସମୀକ୍ଷା ଦସ୍ତାବିଜ***

ଆଇ.ଏଫ୍.ସି ର ପାଣ୍ଠି ନିମନ୍ତେ **ପରିବେଶୀୟ ଓ ସାମାଜିକ ସମୀକ୍ଷା ଦସ୍ତାବିଜ୍ (ଇଏସ୍ଆରଡି) ସୂଚୀତ କଲା ଯେ, ବର୍ଣ୍ଣିତ ରାଷ୍ଟ୍ର (ଭାରତ) ରେ ଏହା ଏକ ଲକ୍ଷ୍ୟଭୁକ୍ତ କ୍ଷେତ୍ର (ଭିତ୍ତି ନିର୍ମାଣ) ଉପରେ ଆଧାରିତ ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପ । ଆଇ.ଏଫ୍.ସି ର ପୁଞ୍ଜି ନିବେଶ ର ମୂଲ୍ୟାୟନ**

**ନିଷ୍କର୍ଷର ସାରାଂଶ ଉପସ୍ଥାପନାରେ ଆଇ.ଏଫ୍.ସି ଉଲ୍ଲେଖ କଲା ଯେ, ଆଇ.ଡି.ଏଫ୍.ସି ର ଏକ ବିସ୍ତୃତ ଏସ୍.ଇ.ଏମ୍.ଏସ୍ ଦସ୍ତାବିଜ୍ ଏବଂ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା କାର୍ଯ୍ୟକାରିତା ପାଇଁ ତଥା ପ୍ରକଳ୍ପର ତଦାରଖ ପାଇଁ ଏକ ଉତ୍ସର୍ଗୀକୃତ ଟିମ୍ ରହିଥିଲା । ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ସମୀକ୍ଷା ଦସ୍ତାବିଜୀକରଣ ଏହା ମଧ୍ୟ ଉଲ୍ଲେଖ କଲା ଯେ, ପାଣ୍ଠି ଆଇ,ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍‌କୁ ଗ୍ରହଣ କରିବ, ଏବଂ ଆଇ.ଡି.ଏଫ୍.ସି ରୁ ଜଣେ ପରିବେଶୀୟ ବିଶେଷଜ୍ଞ ପାଣ୍ଠି ସମ୍ପର୍କୀୟ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବେ । ଆଇ.ଏଫ୍.ସି ଏହା ଉଲ୍ଲେଖ କଲା ଯେ, ଯଦିଓ ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ ପରିବ୍ୟାପକ ଥିଲା, ଏହା ଆଇ.ଏଫ୍.ସି ର କାର୍ଯ୍ୟକାରିତ ମାନକ ସମ୍ପର୍କରେ ସୂଚୀତ କରିନଥିଲା ଓ  ତାହାକୁ ଅନ୍ତର୍ଭୁକ୍ତ କରିନଥିଲା ଏବଂ ନିଜର ଏସ୍,ଇ.ଏମ୍.ଏସ୍ କୁ କାର୍ଯ୍ୟକାରିତା ମାନକର ଅନୁବିର୍ତ୍ତି କରିବା ପାଇଁ ଆଇ.ଡି.ଏଫ୍.ସି ପ୍ରତିବଦ୍ଧ ଥିଲା ।**

## କ୍ଷେତ୍ରୀୟ ମୂଲ୍ୟାୟନ

ଆଇ.ଏଫ୍.ସି ର ଇ.ଏସ୍.ଆର.ଡି ରେ ସୂଚନା ଅନୁଯାୟୀ ଏହି ପ୍ରକଳ୍ପର ପ୍ରସ୍ତୁତିର ଅଂଶସ୍ୱରୁପ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକିର୍ତ୍ତାମନେ ଏକ କ୍ଷେତ୍ରୀୟ ମୂଲ୍ୟାୟନ ପରିଚାଳନା କରିନଥିଲେ, ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକିର୍ତ୍ତାଙ୍କ ସବୁଠାରୁ ଅଧୂନାତନ ଆଇ.ଡି.ଏଫ୍.ସି ପରିଦର୍ଶନ ୩ ବର୍ଷ ପୂର୍ବେ ଜୁଲାଇ ୨୦୦୪ରେ ସଂଘଟିତ ହୋଇଥିଲା । ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ କର୍ମକିର୍ତ୍ତାଙ୍କ ଦ୍ୱାରା ଆଇ.ଡି.ଏଫ୍.ସି ପ୍ରକଳ୍ପକୁ ସର୍ବାପେକ୍ଷା ଅଧୁନାତନ କ୍ଷେତ୍ର ପରିଦର୍ଶନ ୨୦୦୨ରେ ହୋଇଥିଲା ।

## ଘନିଷ୍ଠ ବର୍ଗ ସମୀକ୍ଷା

ଯଦିଓ ଆଇ.ଏଫ୍.ସି ସ୍ୱୀକାର କଲା ଯେ, ପାଣ୍ଠିରେ ଏହାର ନିବେଶ ର ଉଚ୍ଚ ପରିବେଶୀୟ ଓ ସାମାଜିକ ଆପଦ ଥିଲା ଏବଂ ଏପ୍ରକାର ନିବେଶ ପ୍ରଥମ ଥର ପାଇଁ ଆଇ.ଏଫ୍.ସି କରିଥିଲା, ତଥାପି ଆଇ.ଏଫ୍.ସି ମୂଲ୍ୟାୟନ ପ୍ରକ୍ରିୟାର ଅଂଶସ୍ୱରୁପ ଏକ ପରିବେଶୀୟ ଓ ସାମାଜିକ ଘନିଷ୍ଠ ବର୍ଗ ସମୀକ୍ଷା ବୈଠକ ଅନୁଷ୍ଠିତ କରାଇନଥିଲା ।

## ଏସ୍.ଇ.ଏମ୍.ଏସ୍ ଯୋଜନା

ମୂଲ୍ୟାୟନ ପଦ୍ଧତିର ଅଂଶସ୍ୱରୁପ ଏସ୍.ଇ.ଏମ୍.ଏସ୍ ଯୋଜନାକୁ ଆଇ.ଏଫ୍.ସି ବିକଶିତ କରିନଥିଲା । ଯଦ୍ୟପି ଅନେକ ପରିବେଶୀୟ ଓ ସାମାଜିକ ଆପଦ ପ୍ରଶମନ ପଦକ୍ଷେପ ଉପରେ ରାଜିନାମା ହୋଇଥିଲା ।

## ଆଇ.ଡି.ଏଫ୍.ସି ସହିତ ପରିବେଶୀୟ ଓ ସାମାଜିକ ସମସ୍ୟା ଉପରେ ପ୍ରାକ୍ ଅନୁମୋଦନ ଆଲୋଚନା (ଅକ୍ଟୋବର ୨୦୦୭)

ବୋର୍ଡ଼ର ଅନୁମୋଦନ ପରେ ପରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଆଇ.ଡି.ଏଫ୍.ସି କୁ ଏକ ଏ ବର୍ଗର ଭିତ୍ତିନିର୍ମାଣ ପ୍ରକଳ୍ପ, ଯାହାକି ପୂର୍ବରୁ ଆଇ.ଡି.ଏଫ୍.ସି ଦ୍ୱାରା ପ୍ରସ୍ତୁତ ହୋଇଥିଲା, ତାହା ନିମନ୍ତେ ଏକ ନମୂନା ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ବିବରଣୀ ଉପରେ ସୂଚନା ପ୍ରତ୍ୟାବର୍ତ୍ତିତ କରିଥିଲେ । ଆଇ.ଏଫ୍.ସି ଆଇ.ଡି.ଏଫ୍.ସି କୁ ଦେଇଥିବା ନିଜର ପ୍ରତ୍ୟାବର୍ତ୍ତିତ ସୂଚନାରେ ଏହି ବିବରଣୀ ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକ (କିମ୍ବା ସିଏଓଙ୍କ ଉଲ୍ଲେଖ ଅନୁସାରେ ଆଇ.ଏଫ୍.ସି ର ପ୍ରାକ୍ ୨୦୦୬ ସୁରକ୍ଷା ଆବଶ୍ୟକତା) ର ପରିପୂରଣ କରିବା ବ୍ୟତୀତ ଅନ୍ୟ ଦିଗରୁ ସନ୍ତୋଷଜନକ ଥିଲା । ଏହି ସ୍ଥଳରେ ଆଇ.ଡି.ଏଫ୍.ସି କୁ ନିଜର ପ୍ରଚଳିତ ଏସ୍.ଇ.ଏମ୍.ଏସ୍ ରେ ୨୦୦୬ କାର୍ଯ୍ୟକାରିତା ମାନକ ଅନୁବର୍ତ୍ତିତ କରିବା ପାଇଁ ଆଇ.ଏଫ୍.ସି ଆଇ.ଡି.ଏଫ୍.ସି କୁ ପରାମର୍ଶ ପ୍ରଦାନ କରିଥିଲା ।

### ୪.୧.୩ ଆଲୋଚନା ଏବଂ ନିଷ୍କର୍ଷ: ଆଇ.ଏଫ୍.ସିର ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା

ନିଜର ମୂଲ୍ୟାୟନ ପ୍ରକ୍ରିୟାରେ ଆଇ.ଏଫ .ସଠିକ୍ ଭାବରେ ସୂଚୀତ କରିଥିଲା ଯେ, ବୃହତ୍ ଭିତ୍ତିନିର୍ମାଣ ପ୍ରକଳ୍ପ ସବୂହରେ ଏହାର ଗ୍ରାହକ ସଂଗଠନମାନଙ୍କର ଯୋଜନାବଦ୍ଧ ପୁଞ୍ଜିନିବେଶ ସହିତ ଉଲ୍ଲେଖଯୋଗ୍ୟ ପରିବେଶୀୟ ଓ ସାମାଜିକ ଆପଦ ଯଡିତ ଥିଲା, ଫଳସ୍ୱରୁପ ଆଇ.ଏଫ୍.ସି ଏହି ପୁଞ୍ଜି ନିବେଶରେ ଅଧିକ ଆପଦ ଅଛି, ଯାହାକି ଏହାର ପୋର୍ଟଫୋଲିଓ କମ୍ପାନୀ ମାନଙ୍କ ପ୍ରତି କାର୍ଯ୍ୟକାରିତା ମାନକ ପ୍ରୟୋଗ କରିବାର ଆବଶ୍ୟକତା ଅଛି ବୋଲି ଯଥାର୍ଥରେ ନିର୍ଣ୍ଣୟ ନେଇଥିଲା ।

ଏହି ସନ୍ଦର୍ଭରେ ଆପଦର ସମାନୁପାତିକ ସମୀକ୍ଷାର ନୀତି ଏହାର ଗ୍ରାହକ ସଂଗଠନଙ୍କର ଏସ୍.ଇ.ଏମ୍.ଏସ୍ ତଥା ଏସ୍.ଇ.ଏମ୍.ଏସ୍ କାର୍ଯ୍ୟାନ୍ୱୟନ କ୍ଷମତାର ଏକ ବଳିଷ୍ଠ ବିଶ୍ଲେଷଣ ଆବଶ୍ୟକ କରୁଥିଲା । ଏହା ସଂଘଟିତ ହେଲା ନାହିଁ ବରଂ ଉପଲବ୍ଧ ତଥ୍ୟ ଅନୁସାରେ ଏହା ବିସ୍ତାର ଓ ଗଗୀରତାରେ ଏକ ସୀମିତ ପରିବେଶୀୟ ଓ ସାମାଜିକ ସମୀକ୍ଷା ଥିଲା ।

ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ ର ବିଶ୍ଳେଷଣ ଆଇ.ଏଫ୍.ସି ସମୀକ୍ଷାର ଏକ ପ୍ରମୁଖ ତ୍ରୁଟି ଥିଲା । ଆଇ.ଏଫ୍. ସି ପରିଚାଳନା କର୍ତୃପକ୍ଷ ପ୍ରକଳ୍ପ ଅନୁମୋଦନ କରିବା ସମୟରେ କୌଣସି ପରିବେଶୀୟ ଓ ସାମାଜିକ ବିଶ୍ଳେଷଣ ଉପସ୍ଥାପିତ ହୋଇନଥିଲା । ଇ.ଏସ୍.ଆର.ପି ଅଧୀନରେ ଥିବା ମୂଲ୍ୟାୟନ ଆବଶ୍ୟକତା, ଯାହାକି ଗ୍ରାହକ ସଂଗଠନର ଏସ୍.ଇ.ଏମ୍.ଏସ୍ ଉପରେ ଏକ ସୁସଂହତ ବିଶ୍ଳେଷଣ ପରିଚାଳନା କରିବା ପାଇଁ ଧେୟ ଥିଲା, ତାହା ୨୦୦୮ ର ଅର୍ଥପ୍ରଦାନ ପରବର୍ତ୍ତୀ ସମୟରେ ମଧ୍ୟ ପରିପୂରଣ ହୋଇନଥିଲା[25] । ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ ଆଇ.ଏଫ୍.ସି ର ପ୍ରାକ୍ ୨୦୦୬ ପରିବେଶୀୟ ଓ ସାମାଜିକ ମାନକ ପ୍ରତିଫଳନ କରିଥିଲା ବୋଲି ଆଇ.ଏଫ୍.ସି ଦେଇଥିବା ଉପସ୍ଥାପନା ଉପଲବ୍ଧ ଦସ୍ତାବିଜୀକରଣର ସମୀକ୍ଷା ଦ୍ୱାରା ସମର୍ଥିତ ନଥିଲା ।

ସି.ଏ.ଓ ଆଇ.ଏଫ୍.ସି ଦ୍ୱାରା ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ କାର୍ଯ୍ୟକାରିତାର କୀର୍ତ୍ତିମାନ ର ବିଶ୍ଳେଷଣରେ ରହିଥିବା ତ୍ରୁଟି ବିଚ୍ୟୁତି ମଧ୍ୟ ଉଲ୍ଲେଖିତ କରିଛନ୍ତି । ଆଇ.ଡି.ଏଫ୍.ସି ରେ ଏହାର ପୂର୍ବବର୍ତ୍ତି ନିବେଶର ତଦାରଖ ଆଧାରରେ ଆଇ.ଏଫ୍.ସି ଅନୁଭବ କରିଥିଲା ଯେ, ଆଇ.ଡି.ଏଫ୍.ସି ଅର୍ଥ ପ୍ରଦାନ ପରେ ପ୍ରକଳ୍ପରପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତାକୁ ଯଥାର୍ଥରେ ଅନୁଧ୍ୟାନ କରିନଥିଲେ, ଏବଂ ଏହା ପ୍ରକଳ୍ପକୁ ଉଲ୍ଲେଖଯୋଗ୍ୟ ପରିବେଶୀୟ ଓ ସାମାଜିକ ଆପଦ ପ୍ରତି ଉନ୍ମୁକ୍ତ ରଖିଥିଲା । ଆଇ.ଡି.ଏଫ୍.ସି ପରବର୍ତ୍ତୀ ସମୟରେ ପରିବେଶୀୟ ଓ ସାମାଜିକ ଅନୁଧ୍ୟାନ ପାଇଁ ପଦ୍ଧତି ବିକଶିତ କରିବା ବିଷୟ ଆଇ.ଏଫ୍.ସି ପ୍ରତିବେଦନ କରିଥିଲେ ମଧ୍ୟ ଆଇ.ଏଫ୍.ସି ଏହି ସବୁ ପଦ୍ଧତିର ପର୍ଯ୍ୟାପ୍ତତା ଉପରେ ବିଶେଷ କରି ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପରେ ପାଣ୍ଠିରେ ନିବେଶ ଦିଗରେ ଆଗେଇବା ସମ୍ପର୍କରେ ନିଜକୁ ଆଶ୍ୱସ୍ତ କରିନଥିଲା ।

ଏହି ସ୍ଥଳରେ ସି.ଏ.ଓ ଆଇ.ଏଫ୍.ସି ର ମତ ସମ୍ପର୍କରେ ଉଲ୍ଲେଖ କରନ୍ତି ଯେ, ଏହା ଗଭୀରତାର ସହିତ ଆଇ.ଡି.ଏଫ୍.ସି ର ପରିବେଶୀୟ ଓ ସାମାଜିକ କୀର୍ତ୍ତିମାନ ଉପରେ ଆଲୋକପାତ କରିନଥିଲା, କାରଣ ପାଣ୍ଠିକୁ ସ୍ୱକୀୟ ଅୟମାରମ୍ଭ ନୀତିରେ ଏକ ନୂତନ ଏସ୍.ଇ.ଏମ୍.ଏସ୍ ସଂସ୍ଥାପିତ କରିବାର ଥିଲା, ତଥାପି ସି.ଏ.ଓ ଉଲ୍ଲେଖ କରନ୍ତି ଯେ, ଆଇ.ଏଫ୍.ସି ର ମୂଲ୍ୟାୟନ ଦସ୍ତାବିଜୀକରଣ ଏହି ଦୃଷ୍ଟିରୁ ଉନ୍ମୁକ୍ତ ଯାହା ଆଶା କରେ ଯେ, ପାଣ୍ଠି : (କ) ଆଇ.ଡି.ଏଫ୍.ସି ର ପରିବେଶୀୟ ଓ ସାମାଜିକ ବ୍ୟବସ୍ଥା ଉପରେ

[25] ୨୦୦୮ରେ ଆଇ.ଏଫ୍.ସି ସମର୍ଥିତ ଆଇ.ଡି.ଏଫ୍.ସିର ଏସ୍.ଇ .ଏମ୍.ଏସ୍ ର ବ୍ୟବଧାନ ସମୀକ୍ଷା ଉପରେ ଆଲୋଚନା ପାଇଁ ନିମ୍ନ ପ୍ରଦତ୍ତ ବିଭାଗ ୪.୩.୨ ଦେଖନ୍ତୁ

ଭରସା ରଖିବ; (ଖ) ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ (କାର୍ଯ୍ୟକାରିତା ମାନକକୁ ପ୍ରତିଫଳନ କରିବା ପାଇଁ ଅଧୁନାତନ ହୋଇଥିବ) କୁ ଗ୍ରହଣ କରିବ; ଏବଂ (ଗ) ଆଇ.ଡି.ଏଫ୍.ସି ର ପରିବେଶୀୟ ଓ ସାମାଜିକ କମକର୍ତ୍ତାଙ୍କୁ ଏସ୍.ଇ.ଏମ୍.ଏସ୍ କାର୍ଯ୍ୟକାରୀ କରିବା ନିମନ୍ତେ ଉପଯୋଗ କରିବ ।

ଫଳସ୍ୱରୁପ ସି.ଏ.ଓ, ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ କାର୍ଯ୍ୟକାରିତା କୀର୍ତ୍ତିମାନ ଏବଂ କ୍ଷମତାର ବିଶ୍ଳେଷଣର ପ୍ରାସଙ୍ଗିକତା ସମ୍ପର୍କୀୟ ମତ ବଜାୟ ରଖନ୍ତି । ପାଣ୍ଠିରେ ଆଇ.ଏଫ୍.ସି ର ପୁଞ୍ଜିନିବେଶ ସଂକ୍ରାନ୍ତୀୟ ପଦ୍ଧତି ସମ୍ପର୍କରେ ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଜଟିଳ ତଥା ଉଚ୍ଚ ଆପଦ ସମ୍ପନ୍ନ ପୁଞ୍ଜିନିବେଶରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ସମୀକ୍ଷା ର ବଳିଷ୍ଠତା ସୁନିଶ୍ଚିତ କରିବା ନିମନ୍ତେ ପ୍ରମୁଖ ପଦକ୍ଷେପଗୁଡ଼ିକ ପରିଚାଳିତ ଅଥବା ଦସ୍ତାବିଜୀକୃତ ହୋଇନଥିଲା । ଏଥିରେ ପରିବେଶୀୟ ଓ ସାମାଜିକ ଘନିଷ୍ଠ ବର୍ଗ ସମୀକ୍ଷା ତଥା କ୍ଷେତ୍ର ମୂଲ୍ୟାୟନ ଅନ୍ତର୍ଭୁକ୍ତ ।

ଆଇ.ଏଫ୍.ସିର ଉପର ବର୍ଣ୍ଣିତ ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା ରେ ତ୍ରୁଟିମାନଙ୍କଠାରୁ ଏହା ଅଭିପ୍ରାୟ ବୁଝାଯାଏ ଯେ, ପାଣ୍ଠିରେ ଏହାର ନିବେଶ କାର୍ଯ୍ୟକାରିତା ମାନକର ଆବଶ୍ୟକତାକୁ ଏକ ଯୁକ୍ତିଯୁକ୍ତ ସମୟ ଅବଧି ପର୍ଯ୍ୟନ୍ତ ପରିପୂରଣ କରିପାରିବ ବୋଲି ଆଇ.ଏଫ୍.ସି ପହଂଚିଥିବା ଉପସଂହାରର କୌଣସି ଭିତ୍ତି ନ ଥିଲା ।

## ୪.୨ ପରିବେଶୀୟ ଓ ସାମାଜିକ ଆପଦର ପରିଚାଳନା ପାଇଁ ଢାଂଚା

ଏହି ବିଭାଗ ପରିବେଶୀୟ ଓ ସାମାଜିକ ଦୃଷ୍ଟିକୋଣରୁ ଆଇ.ଏଫ୍.ସି ଏହାର ପାଣ୍ଠିରେ ନିବେଶକୁ ଗଢିବା ବିଷୟ ବିଚାରକୁ ନେଇ ଥାଏ । ଏହା ମଧ୍ୟ ଟି.ଓ.ଆର ରୁ ଉପସ୍ଥାପିତ ନିର୍ଦ୍ଦିଷ୍ଟ ପ୍ରଶ୍ନ ଯଥା ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ନିମନ୍ତେ ଆଇ.ଏଫ୍.ସି ର ପୁଞ୍ଜିନିବେଶ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଏକ ପର୍ଯ୍ୟାପ୍ତ ଢାଂଚା ପ୍ରଦାନ କରୁଥିଲା କି ନାହିଁ, ତାହାର ଉତ୍ତର ଦେଇଥାଏ ।

**ନିଷ୍କର୍ଷର ସାରାଂଶ**

- ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳିତ କରୁଥିବା ରାଜିନାମା ଏହାର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ଅନୁପାଳନ କରିବା ନିମନ୍ତେ ଏହା ପାଇଁ ସାଧନ ସୀମିତ ରଖିଥିଲା ।
- ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳିତ କରୁଥିବା ରାଜିନାମାରେ ଆଇ.ଏଫ୍.ସି ପାରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ଵାରା ସମ୍ମତ ପ୍ରମୁଖ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ଅନୁବର୍ତ୍ତିତ ହୋଇନଥିଲା ।
- ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳିତ କରୁଥିବା ରାଜିନାମାରେ ଆଇ.ଏଫ୍.ସି କର୍ମଚାରୀଙ୍କୁ ସେ ସମୟରେ ଉପଲବ୍ଧ ଦିଗଦର୍ଶିକାରେ ବର୍ଣ୍ଣିତ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ଅନ୍ତର୍ଭୁକ୍ତ ହୋଇନଥିଲା ।
- ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳିତ କରୁଥିବା ରାଜିନାମା, ଆଇ.ଏଫ୍.ସି ର ଆଭିମୁଖ୍ୟ, ଯାହା ଅର୍ଥ ଲଗାଣ କରାଯାଉଥିବା ପ୍ରକଳ୍ପମାନ କାର୍ଯ୍ୟକାରିତା ମାନକ ଅନୁସାରେଙ୍କରେ ସୁନିଶ୍ଚିତ କରିଥାଏ, ତାହାକୁ ସମର୍ଥିତ କରୁନଥିଲା ।

## ୪.୨.୧ ଆଇ.ଏଫ୍.ସି ର ଆବଶ୍ୟକତା: ପରିବେଶୀୟ ଓ ସାମାଜିକ ସର୍ତ୍ତାବଳୀର ଆଇନଗତ ଅନ୍ତର୍ଭୁକ୍ତିକରଣ

ଉପରୋକ୍ତ ଉଲ୍ଲେଖ ଅନୁସାରେ ଅନୁଧ୍ୟାନ ପ୍ରକ୍ରିୟାର ଅଂଶସ୍ଵରୁପ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ କୌଣସି ଏସ୍.ଇ.ଏମ୍.ଏସ୍ ପରିବର୍ଦ୍ଧନକୁ "ଚିହ୍ନଟ କରିବେ ଯାହା ଗ୍ରାହକ ସଂଗଠନ ଗ୍ରହଣ କରିବା ସହ କାର୍ଯ୍ୟ ସମ୍ପାଦନ ପାଇଁ, ଏସ୍.ଇ.ଏମ୍.ଏସ୍ ଯୋଜନାରେ ସମାବେଶନ ଏବଂ ଆଇନଗତ ରାଜିନାମାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକ କରିବେ" (ଅନୁଚ୍ଛେଦ ୭.୨.୧୭) ।

ଅନୁମୋଦନ ପରେ ଇ.ଏସ୍.ଆର.ପି ସମୂହ "ଆଇନଗତ ରାଜିନାମାର ଚିଠା ଯେଉଁ ଥିରେ ମାନକ ଭାଷା ପରିବର୍ତ୍ତନ ଆବଶ୍ୟକ କରେ ଏବଂ ପ୍ରକଳ୍ପର ଆବଶ୍ୟକତା ଏକ ମାନକ ନ୍ୟାୟିକ ଦଲିଲରେ ପରିବର୍ତ୍ତିତ

ହେବା ପାଇଁ ଦରକାର କରେ”, ସେଥିନିମନ୍ତେ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ ମତାମତ ଦେବା ପାଇଁ ଆବଶ୍ୟକ କରିଥାଏ (୮.୨.୯) ।

## ୪.୨.୨ ପାଣ୍ଠି ସମ୍ପର୍କିତ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ନିମନ୍ତେ ଆଇ.ଇ.ଏଫ୍.ସି ର ମତାମତ

ପାଣ୍ଠି ସମ୍ପର୍କିତ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ନିମନ୍ତେ ଆଇ.ଇ.ଏଫ୍.ସି ର ମତାମତ ପ୍ରକଳ୍ପ ପ୍ରସ୍ତୁତିର ଧାରାରେ ପରିବର୍ତ୍ତିତ ହୋଇଥିଲା, ପରିବେଶୀୟ ଓ ସାମାଜିକ ଆପଦ ପ୍ରଶମନ ପଦକ୍ଷେପ ସମୂହ, ଯେଉଁଗୁଡ଼ିକ: (କ) ଅଗଷ୍ଟ ୨୦୦୭ରେ ପୁଞ୍ଜିନିବେଶର ପୁନରାବଲୋକନ ସମୟରେ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚିତ ହୋଇଥିଲା ଏବଂ (ଖ) ସେପ୍ଟେମ୍ବର ୨୦୦୭ରେ ଆଇ.ଏଫ.ସି ବୋର୍ଡ଼ ସମକ୍ଷରେ ଉପସ୍ଥାପିତ ହୋଇଥିଲା, ସେସବୁ ମାର୍ଚ୍ଚ ୨୦୦୮ରେ ପୁଞ୍ଜିନିବେଶର ଆଇନଗତ ରାଜିନାମା କାର୍ଯ୍ୟକାରୀ ହେବା ସମୟରେ ବସ୍ତୁତଃ ଦୁର୍ବଳ ହୋଇଯାଇଥିଲେ, ଏହି ବିଭାଗରେ ପରିବେଶୀୟ ଓ ସାମାଜିକ ଆପଦ ପ୍ରଶମନ ପଦକ୍ଷେପ ସମ୍ପର୍କରେ ଆଇ.ଏଫ୍.ସି ର ଆଲୋଚନା ର ବିସ୍ତୃତୀକରଣ କରାଯିବା ସହ ବୋର୍ଡ଼ ସମକ୍ଷରେ ଉପସ୍ଥାପିତ ମତାମତ ଏବଂ ଗ୍ରାହକ ସଂଗଠନ ସହିତ ସମ୍ମତ  ହୋଇଥିବା ଚୂଡ଼ାନ୍ତ ମତାମତ ମଧ୍ୟରେ ଏକ ତୁଳନାତ୍ମକ ଅଧ୍ୟୟନ କରାଯାଇଛି ।

### ସମ୍ମତ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ପଦକ୍ଷେପ

ସମ୍ମତ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ପଦକ୍ଷେପମାନଙ୍କର ଅବତାରଣା ଏକ ଜଟିଳ ରାଜିନାମା ଏବଂ ନୀତିଗତ ଦସ୍ତାବିଜର ସଂଗୋଷ୍ଠୀରେ କରାଯାଇଛି । ଏହି ମତାମତର ପ୍ରମୁଖ ଦିଗଗୁଡ଼ିକ ର ସାରାଂଶ ନିମ୍ନବର୍ଣ୍ଣିତ ଅନୁସାରେ କରାଯାଇପାରେ ।

(କ) ପାଣ୍ଠି ତଥା ଏହାର ପୋର୍ଟଫୋଲିଓ କମ୍ପାନୀ ସମୂହ ଆଇ.ଏଫ୍.ସି କାର୍ଯ୍ୟକାରିତା ମାନକ ଏବଂ ପ୍ରଯୁଜ୍ୟ ପରିବେଶୀୟ ଓ ସାମାଜିକ ଆଇନର ଅନୁପାଳନ କରିବା ସୁନିଶ୍ଚିତ କରିବା ନିମନ୍ତେ ପାଣ୍ଠି ପକ୍ଷରୁ ଏକ ଏସ୍ଇଏମ୍ଏସ୍ ସଂସ୍ଥାପିତ ହେବ ।

(ଖ) ପ୍ରଥମ ଅର୍ଥ ପ୍ରଦାନ କରିବା ପୂର୍ବରୁ ଆଇ.ଏଫ୍.ସି ର ଆଇନଗତ ବାଧ୍ୟତା ସ୍ୱରୁପ ଏସ୍.ଇ.ଏମ୍.ଏସ୍କୁ ଗ୍ରହଣ କରିବା ତଥା ରୂପାୟିତ କରିବା ଏକ ପ୍ରାକ୍ ସର୍ତ୍ତ ରହିବ ।

(ଗ) ପାଣ୍ଠିର ଏ ବର୍ଗର ପ୍ରକଳ୍ପ ସମ୍ପର୍କିତ ପରିବେଶୀୟ  ଓ ସାମାଜିକ ଧ୍ୟେୟ ସତର୍କତାକୁ ଆଇ.ଏଫ୍.ସି ସମୀକ୍ଷା କରିବ ଏବଂ ଅନୁମୋଦନ ପ୍ରଦାନ କରିବ (ଯଦି ଆଇ.ଏଫ୍.ସି ର ଅନୁମୋଦନ ଅନୁବର୍ତ୍ତିତ ନ ହୋଇଥିବ ନିବେଶର ମଞ୍ଜୁରୀ ପାଣ୍ଠିର ନିବେଶ କମିଟିର ସର୍ବସମ୍ମତ ସମ୍ମତି ଆବଶ୍ୟକ କରିବ) ।

(ଘ) ପାଣ୍ଠି ଆଇ.ଏଫ୍.ସି କୁ ଯୁକ୍ତିଯୁକ୍ତ ବିସ୍ତୃତି ଯଥା: (୧) ଏସ୍.ଇ.ଏମ୍.ଏସ୍ ର କାର୍ଯ୍ୟକାରିତା ଏବଂ (୨) ପୋର୍ଟଫୋଲିଓ କମ୍ପାନୀ ମାନଙ୍କର ପରିବେଶୀୟ  ଓ ସାମାଜିକ କାର୍ଯ୍ୟକାରିତା ସହ ଏକ ବାର୍ଷିକ ଅନୁଧ୍ୟାନ ବିବରଣୀ ପ୍ରଦାନ କରିବ ।

(ଙ) ଯଦି ଆଇ.ଏଫ୍.ସି ପାଖରେ ପାଣ୍ଠିର କୌଣସି ପୋର୍ଟଫୋଲିଓ କମ୍ପାନୀର ପରିଚାଳନା ସମ୍ପର୍କିତ କୌଣସି ସମସ୍ୟା ରହିଥିବ, ତେବେ ଆଇ.ଏଫ୍.ସି ର ଏହି ସବୁ ଚିନ୍ତାର ସମାଧାନ ପାଇଁ ପୋର୍ଟଫୋଲିଓ କମ୍ପାନୀର ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ ଏକ ବୈଠକ ଆୟୋଜନ କରାଯିବ ।

(ଚ) ଯଦି ପାଣ୍ଠି ଦ୍ୱାରା ଅର୍ଥ ଲଗାଣ କରାଯାଇଥିବା କୌଣସି ଉପ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏବଂ କାର୍ଯ୍ୟବିଧି ପରିବେଶୀୟ ଓ ସାମାଜିକ ଆବଶ୍ୟକତା (କାର୍ଯ୍ୟକାରିତା ମାନକ ସମେତ) ର ଅନୁପାଳନ କରୁନଥିବ, ତେବେ ଗ୍ରାହକ ସଙ୍ଗଠନ ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ସର୍ବଶ୍ରେଷ୍ଠ ପଦକ୍ଷେପ ପାଇଁ ସମ୍ମତ ହେବେ ।

## ବଦଳି ଯାଇ ଥିବା ଅଥବା ପରିବର୍ତ୍ତିତ ହୋଇଥିବା ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ପଦକ୍ଷେପ

ଉପର ବର୍ଣ୍ଣିତ ପରିବେଶୀୟ ଓ ସାମାଜିକ ଆପଦ ପ୍ରଶମନ ପଦକ୍ଷେପ ସମୂହ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା ହୋଇଥିବା ତଥା ସ୍ୱତନ୍ତ୍ର ରୂପେ ବୋର୍ଡ଼ ସମକ୍ଷରେ ଉପସ୍ଥାପିତ ହୋଇଥିବା ପଦକ୍ଷେପମାନଙ୍କଠାରୁ ଦୁଇଟି ମୁଖ୍ୟ ଦୃଷ୍ଟିରୁ ଭିନ୍ନ ଥିଲେ ।

(କ) ଅଗଷ୍ଟ ୨୦୦୭ ସମୀକ୍ଷା ବୈଠକରେ ଏକ ନିଷ୍ପତ୍ତି ନିଆଯାଇଥିଲା ଯେ, ଆଇ.ଏଫ୍.ସି ପୁଞ୍ଜି ନିବେଶ ପ୍ରତି ଅଙ୍ଗୀକାରବଦ୍ଧ ହେବା ପୂର୍ବରୁ ଗ୍ରାହକ ସଂଗଠନ ପାଖରେ କାର୍ଯ୍ୟକାରିତା ମାନକ ଅନୁପାଳନ କରୁଥିବା ଏକ ଏସ୍.ଇ.ଏମ୍.ଏସ୍ ଥିବ ଯଦ୍ୟପି ନିବେଶ ରାଜିନାମା ଏସ୍.ଇ.ଏମ୍.ଏସ୍ ର ପରିଗ୍ରହଣ ଓ କାର୍ଯ୍ୟାନ୍ୱୟନକୁ ଅର୍ଥ ପ୍ରଦାନ ର ଏକ ସର୍ତ୍ତ ରୂପେ ରଖିଥିଲା ।

(ଖ) ଆଇ.ଏଫ୍.ସି ବୋର୍ଡ଼ର ଦସ୍ତାବିଜୀକରଣରେ ଉଲ୍ଲେଖିତ ହୋଇ୍ବା ଆବଶ୍ୟକତା ଯଥା ଗ୍ରାହକ ସଙ୍ଗଠନ ପରାମର୍ଶଦାତା ପରିଷଦକୁ ବର୍ଷରେ ଅନ୍ତତଃପକ୍ଷେ  ଥରେ ଏକ ସ୍ୱାଧୀନ ପରିବେଶୀୟ ଓ ସାମାଜିକ ଅଡିଟ୍ ଉପସ୍ଥାପିତ କରିବ, ତାହା ନିବେଶ ରାଜିନାମାରେ ଅନ୍ତର୍ଭୁକ୍ତ ହୋଇନଥିଲା ।

ସି.ଏ.ଓ ଏହାମଧ୍ୟ ଉଲ୍ଲେଖିତ କରିଛନ୍ତି ଯେ, ସେ ସମୟରେ ଆଇ.ଏଫ୍.ସି କର୍ମକର୍ତ୍ତାଙ୍କ ପାଖରେ ଉପଲବ୍ଧ ଦିଗଦର୍ଶିକାରେ ବର୍ଣ୍ଣିତ ଅନେକ ପରିବେଶୀୟ ଓ ସାମାଜିକ ଆପଦ ପ୍ରଶମନ ପଦକ୍ଷେପମାନ ନିବେଶ ରାଜିନାମାରେ ଅନ୍ତର୍ଭୁକ୍ତ ହୋଇନଥିଲା ।

(କ) ପୋର୍ଟଫୋଲିଓ କମ୍ପାନୀର ପରିସରକୁ ଯୁକ୍ତିଯୁକ୍ତ ସୂଚନା ଦେଇ ପରିଦର୍ଶନ କରିବା ନିମନ୍ତେ ଆଇ.ଏଫ୍.ସି ର ଅଧୀକାର ତଥା ସେମାନଙ୍କର ହିସାବ ଓ ଲେଖା ଏବଂ ଦସ୍ତାବିଜ ତଥା ପରିବେଶୀୟ ଓ ସାମାଜିକ ଅନୁପାଳନ ଅନୁଧ୍ୟାନ କରିବା ନିମନ୍ତେ ପ୍ରବେଶ ସୁଯୋଗ ।

(ଖ) ଯଦି ଆଇ.ଏଫ୍.ସି ର ଗ୍ରାହକ ସଙ୍ଗଠନ ସଚେତନ ହୁଅନ୍ତି ଯେ, କୌଣସି ପୋର୍ଟଫୋଲିଓ କମ୍ପାନୀ ତାଙ୍କର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ସହଗାମୀ ଢଙ୍ଗରେ କ୍ରିୟାନ୍ୱିତ ହେଉନାହାନ୍ତି, ତେବେ ଆଇ.ଏଫ୍.ସି ର ଗ୍ରାହସ ସଙ୍ଗଠନ ନିଶ୍ଚିତ ସୁଧାର ପଦକ୍ଷେପ ପାଇଁ ତ୍ୱରିତ ରାଜି ହେବେ । ଯଦି ଏକ ପୋର୍ଟଫୋଲିଓ କମ୍ପାନୀ ସୁଧାର ପଦକ୍ଷେପ କ୍ରିୟାନ୍ୱିତ କରିବାରେ ବିଫଳ ହେବେ, ତେବେ  ଆଇ.ଏଫ୍.ସି ର ଗ୍ରାହକ ସଙ୍ଗଠନ ସେହି ପୋର୍ଟଫୋଲିଓ କମ୍ପାନୀକୁ ହେଉଥିବା ଅର୍ଥ ପ୍ରଦାନକୁ ବନ୍ଦ କରିବା ପାଇଁ ଯୁକ୍ତିଯୁକ୍ତ ପଦକ୍ଷେପ ନେବେ ।

(ଗ) ଆଇ.ଏଫ୍.ସି ର ନୀତିକୁ ଉଲ୍ଲଘନ କରୁଥିବା ଏକ ପ୍ରସ୍ତାବିତ ନିବେଶକୁ ଅର୍ଥ ପ୍ରଦାନ ରୁ ବିରତ ରହିବା ନିମନ୍ତେ ଆଇ.ଏଫ୍.ସି ର ଅଧୀକାର ।

(ଘ) ନିଜର ଗ୍ରାହକ ସଙ୍ଗଠନ ବାରମ୍ବାର ଏବଂ ନିରନ୍ତର ପରିବେଶୀୟ ଓ ସାମାଜିକ ଦାୟିତ୍ୱବୋଧ ର ବସ୍ତୁତଃ ଅନୁପାଳନ ଯଦି ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅର୍ଥ ପ୍ରଦାନ ନିଲମ୍ବିତ କରିବା ଏବଂ ଏଥିରୁ ବିରତ ନିବେଶକାରୀ ରୂପେ ନିଜକୁ ବର୍ଣ୍ଣିତ କରିବାର ଆଇ.ଏଫ୍.ସି ର ଅଧୀକାର ।

(ଙ) ଅଂଶଗ୍ରହଣ କରୁଥିବା ପ୍ରକଳ୍ପ ସମ୍ପର୍କିତ କିଛି ପ୍ରକଟନ ଆବଶ୍ୟକତା ରଖୁଥିବା ଏକ ଆନ୍ତର୍ଜାତିକ ସଙ୍ଗଠନ ହିସାବରେ ଏହାର ପରିବେଶୀୟ ଓ ସାମାଜିକ ଆଇନଗତ ବାଧ୍ୟତା ଅନୁଯାୟୀ ଆବଶ୍ୟକୀୟ ସୂଚନା ପ୍ରକଟନ କରିବା ନିମନ୍ତେ ଆଇ.ଏଫ୍.ସି ର ଅଧୀକାର ।

## ୪.୨.୩ ଆଲୋଚନା ଏବଂ ନିଷ୍କର୍ଷ: ପରିବେଶୀୟ ଓ ସାମାଜିକ ଆପଦର ପରିଚାଳନାଗତ ଢାଂଚା

ଏହି ନିବେଶକୁ ପରିଚାଳିତ କରୁଥିବା ରାଜିନାମା, ଆଇ.ଏଫ୍.ସି ନିକଟରେ ସୀମିତ ସାଧନ ପ୍ରଦାନ କରି ଥିଲା, ଯଦିଓ କିଛି ପରିବେଶୀୟ ଓ ସାମାଜିକ ସମସ୍ୟା ଉପୃନ୍ନ ହୁଏ ଅର୍ଥ ବ୍ୟୟ ପରେ I ସମ୍ପୁର୍ଣ୍ଣ ନିବେଶର କ୍ଷତି ସମେତ ଉଲ୍ଲେଖଯୋଗ୍ୟ ଆର୍ଥିକ ଶାସ୍ତି ର ଆପଦ ବ୍ୟତିରକେ କୌଣସି ପାଣ୍ଠିର ନିବେଶର ଅଂଶଗ୍ରହଣକୁ ପ୍ରତ୍ୟାଖାନ କରିବା ବା ଏ ଦିଗରେ ଅସମ୍ମତ ହେବା ନିମନ୍ତେ ଆଇ.ଏଫ୍.ସି ଅସମର୍ଥ ଥିଲା I ଯଦି ପାଣ୍ଠିର କୌଣସି ଏକ ପୋର୍ଟଫୋଲିଓ କମ୍ପାନୀର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ସମ୍ପର୍କିତ କୌଣସି ଚିନ୍ତାଜନକ ବିଷୟ ଥିଲା, ତେବେ ସୁଧାରମୂଳକ ପଦକ୍ଷେପର କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ନିମନ୍ତେ ଗ୍ରାହକ ସଙ୍ଗଠନକୁ ପ୍ରଭାବିତ କରିବା ଓ ତାହାକୁ ଅନୁଧ୍ୟାନ କରିବା ସକାଶେ ଆଇ.ଏଫ୍.ସି ର ସୀମିତ ସାମର୍ଥ୍ୟ ଥିଲା I ସଂକ୍ଷେପରେ କୁହାଯାଇପାରେ ଯେ, ଏକ ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପର ପୋର୍ଟଫୋଲିଓ କ୍ଷେତ୍ରରେ ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ଆଇ.ଏଫ୍.ସି ର ସାମର୍ଥ୍ୟ ପର୍ଯ୍ୟାପ୍ତ ନଥିଲା I

ନିଜ ସୀମିତ ସାଧନର ସମାଧାନ ସ୍ୱରୁପ ଆଇ.ଏଫ୍.ସି ନିବେଶ ରାଜିନାମାରେ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ପ୍ରାବଧାନ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସ୍ଥିର କରିଥିଲା I ଗୁରୁତ୍ୱପୂର୍ଣ୍ଣ ଭାବରେ ଆଇ.ଏଫ୍.ସି ଗ୍ରାହକ ସଙ୍ଗଠନ ମାନଙ୍କ ସହିତ ସେମାନଙ୍କର ଏସ୍.ଇ.ଏମ୍.ଏସ୍ ରେ ଆଇ.ଏଫ୍.ସି ପରିଚାଳନା ମାନକ  ସମୂହ ଅନ୍ତର୍ଭୁକ୍ତ କରିବା ପାଇଁ ଚୁକ୍ତି ପୂର୍ବ ଆଲୋଚନା କରିଥିଲା I ଆଇ.ଏଫ୍.ସି ପୁନଶ୍ଚ ଏ ବର୍ଗ ନିବେଶ ର ଅନୁମୋଦନ ପୂର୍ବରୁ ତାହାକୁ ସମକ୍ଷା କରିବା ଓ ତତ୍‌ସହିତ ମନ୍ତବ୍ୟ ଦେବା ର ଅଧୀକାର ନିମନ୍ତେ ଚୁକ୍ତିପୂର୍ବ ଆଲୋଚନା କରିଥିଲା, ଯାହା ସି.ଏ.ଓ ଙ୍କ ଉଲ୍ଲେଖ ଅନୁସାରେ ସେହି ସମୟରେ ଇ.ଏସ୍.ଆର.ପି ଆବଶ୍ୟକତାରବ ବର୍ହିଭୂତ ଥିଲା I

ତତ୍‌ସହିତ ସି.ଏ.ଓ ଜ୍ଞାତ ଅଛନ୍ତି ଯେ, ନିବେଶ ସମୀକ୍ଷା ବୈଠକ ସମୟରେ ସମ୍ମତ ହୋଇଥିବା ତଥା ଆଇ.ଏଫ୍.ସି ବୋର୍ଡ଼ ସମକ୍ଷରେ ଉପସ୍ଥାପିତ ହୋଇଥିବା ପରିବେଶୀୟ ଓ ସାମାଜିକ ଆବଶ୍ୟକତା ସମୂହ ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳନା କରୁଥିବା ରାଜିନାମାରେ ସ୍ଥାନିତ ହୋଇନଥିଲା I ଏଥିରେ: (କ) ଆଇ.ଏଫ୍.ସି ଅର୍ଥ ପ୍ରଦାନ ପାଇଁ ଅଙ୍ଗୀକାରବଦ୍ଧ ହେବା ପୂର୍ବରୁ ଗ୍ରାହକ ସଙ୍ଗଠନ ସମୂହ ଏକ କାର୍ଯ୍ୟକାରିତା ମାନକ ଅନୁପାଳନ କରୁଥିବା ଏସ୍.ଇ.ଏମ୍.ଏସ୍ ରଖିବାର ଆବଶ୍ୟକତା ଏବଂ (ଖ)

ବର୍ଷରେ ଅନ୍ତତଃପକ୍ଷେ ଥରେ ଗ୍ରାହକ ସଙ୍ଗଠନ ନୂତନ ଏବଂ ପ୍ରଚଳିତ ପ୍ରକଳ୍ପ ସମୂହର ସ୍ୱତନ୍ତ୍ର ପରିବେଶୀୟ ଓ ସାମାଜିକ ଅଡିଟ୍ ଉପସ୍ଥାପିତ କରିବାର ଆବଶ୍ୟକତା ଆଦି ଅନ୍ତର୍ଭୁକ୍ତ ।

ସି.ଏ.ଓ ଏହା ମଧ୍ୟ ଉଲ୍ଲେଖିତ କରିଛନ୍ତି ଯେ, ସେ ସମୟରେ ଆଇ.ଏଫ୍.ସି କର୍ମକର୍ତ୍ତାଙ୍କ ପାଖରେ ଉପଲବ୍ଧ ଦିଗଦର୍ଶିକାରେ ବର୍ଣ୍ଣିତ ଅନେକ ପରିବେଶୀୟ ଓ ସାମାଜିକ ଆପଦ ପ୍ରଶମନ ପଦକ୍ଷେପମାନ ନିବେଶ ରାଜିନାମାରେ ଅନ୍ତର୍ଭୁକ୍ତ ହୋଇନଥିଲା । ଏଥିରେ: (କ) ଏକ ଗ୍ରାହକ ସଙ୍ଗଠନର ପୋର୍ଟଫୋଲିଓ କମ୍ପାନୀର ପରିସର ପରିଦର୍ଶନ କରିବା ନିମନ୍ତେ ତଥା ଏହାର ହିସାବ ଓ ଲେଖା ଏବଂ ଦସ୍ତାବିଜ ଏ୍ବଂ ପରିବେଶୀୟ ଓ ସାମାଜିକ ଅନୁପାଳନ ଅନୁଧ୍ୟାନ କରିବା ନିମନ୍ତେ ଅନୁପ୍ରବେଶର ଅଧୀକାର । (ଖ) ଅର୍ଥଲଗାଣ ବନ୍ଧ କରିବା ନିମନ୍ତେ ଯୁକ୍ତିଯୁକ୍ତ ପଦକ୍ଷେପ ସମେତ ଅଣକ୍ରିୟାନ୍ୱନଶୀଳ ଉପପ୍ରକଳ୍ପ ପାଇଁ ସୁଧାରମୂଳକ ପଦକ୍ଷେପ ‚କାର୍ଯ୍ୟକାରୀ କରିବା ସକାଶେ ଗ୍ରାହକ ସଙ୍ଗଠନକୁ ଅନୁରୋଧ କରିବାରେ ଆଇ.ଏଫ୍.ସି ର ଅଧିକାର । (ଗ) ଆଇ.ଏଫ୍.ସି ର ନୀତି ଉଲ୍ଲଘନ କରୁଥିବା ଏକ ପ୍ରସ୍ତାବିତ ପ୍ରକଳ୍ପକୁ ପୁଞ୍ଜି ଲଗାଣ ରୁ ବିରତ ରହିବା ନିମନ୍ତେ ଆଇ.ଏଫ୍.ସି ର ଅଧିକାର । (ଘ) ବାରମ୍ବାର ଓ ନିରନ୍ତର ପରିବେଶୀୟ ଓ ସାମାଜିକ ଆଇନଗତ ବାଧ୍ୟତା ର ଅନୁପାଳନ କରୁନଥିବା ଗ୍ରାହକ ସଙ୍ଗଠନକୁ ଆର୍ଥିକ ଶାସ୍ତି ବିନା ଅର୍ଥ ପ୍ରଦାନ ନିଲମ୍ବନ କରିବା ନିମନ୍ତେ ଆଇ.ଏଫ୍.ସି ର ଅଧିକାର । (ଙ) ନିଜର ପରିବେଶୀୟ ଓ ସାମାଜିକ ନ୍ୟାୟିକ ବାଧ୍ୟତାର ଅନୁପାଳନ କରିବା ନିମନ୍ତେ ଆବଶ୍ୟକୀୟ ସୂଚନାର ପ୍ରକଟନ କରିବାରେ ଆଇ.ଏଫ୍.ସି ର ଅଧିକାର ଆଦି ଅନ୍ତର୍ଭୁକ୍ତ । ଏହି ନିଷ୍କର୍ଷ ପ୍ରସ୍ତୁତ କରିବାରେ ସି.ଏ.ଓ ଆଇ.ଏଫ୍.ସି ର ମତ ଉଲ୍ଲେଖିତ କରିଛନ୍ତି ଯେ, ଜାତୀୟ ଆଇନ ଅଧୀନରେ ଥିବା ପୁଞ୍ଜିନିବେଶର ଢାଂଚା ପୁଞ୍ଜି ଲଗାଣ ରୁ ବିରତ ରହିବା ନିମନ୍ତେ କ୍ଷମା ଅବ୍ୟାହତିର ଉପଲବ୍ଧି ଉପରେ ସୀମା ସାବ୍ୟସ୍ତ କରିଥିଲା ।

ପୁନଶ୍ଚ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଇ.ଏସ୍.ଆର.ପି ଦ୍ୱାରା ଆବଶ୍ୟକ ହେଉଥିବା ଏକ ଏସ୍.ଇ.ଏମ୍.ଏସ୍ ଯୋଜନା (ଅନୁଚ୍ଛେଦ ୭.୨.୧୭) ଯାହା ଏସ୍.ଇ.ଏମ୍.ଏସ୍ର ପରିବର୍ଦ୍ଧନ ଯାହାକୁ ଗ୍ରାହକ ସଙ୍ଗଠନ ଚିହ୍ନଟ ହୋଇଥିବା ବ୍ୟବଧାନର ପରିପୂରଣ ନିମନ୍ତେ ଗ୍ରହଣ କରିବେ, ତାହା ନିବେଶ ରାଜିନାମାରେ ଅନ୍ତର୍ଭୁକ୍ତ ହୋଇନଥିଲା ।

ଅଧିକ ସାଧାରଣ ରୂପେ ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ପରିସର ଓ ବ୍ୟାପ୍ତିରେ ସୀମିତ ପରିବେଶୀୟ ଓ ସାମାଜିକ ସମୀକ୍ଷା ତଥା ଭାରତରେ ବ୍ୟାପକ ସଂଖ୍ୟାରେ ଭିତ୍ତି ନିର୍ମାଣ ପ୍ରକଳ୍ପ ତ୍ୱରାନ୍ୱିତ କରିବାର ଆଶା ରଖିଥିବା ଏକ ନିବେଶର ସମାହାର ଏହାକୁ ପରିବେଶୀୟ ଓ ସାମାଜିକ ଦୃଷ୍ଟିକୋଣରୁ ଏକ ଆପଦପୂର୍ଣ୍ଣ

ନିବେଶରେ ପରିଣତ କରିଥିଲା । ଆପଦର ସ୍ତର ଦୃଷ୍ଟିରୁ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳିତ କରୁଥିବା ରାଜିନାମା ଆଇ.ଏଫ୍.ସି ର ବର୍ଣ୍ଣିତ ଆଭିମୁଖ୍ୟ: ଯାହା ଅର୍ଥ ପ୍ରଦାନ କରୁଥିବା ପ୍ରକଳ୍ପ ସମୂହ କାର୍ଯ୍ୟକାରିତା ମାନକର ଆବଶ୍ୟକତା ଅନୁସାରେ (ଦୀର୍ଘସ୍ଥାୟିତ୍ୱ ନୀତି ଅନୁଚ୍ଛେଦ ୫) କ୍ରିୟାନ୍ୱିତ ହେଉଛନ୍ତି, ତାହା ସୁନିଶ୍ଚିତ କରିଥାଏ, ତାହାକୁ ସମର୍ଥିତ କରିନଥିଲା ।

### ୪.୩ ତଦାରଖ

ଆଇ.ଏଫ୍.ସି ତଦନ୍ତ ଚକ୍ରର ତଦାରଖ ପର୍ଯ୍ୟାୟ ପ୍ରଥମ ଅର୍ଥ ପ୍ରଦାନ ସହିତ ଆରମ୍ଭ ହୁଏ ଏବଂ ପୁଞ୍ଜି ନିବେଶ ଶେଷ ହେବା ପର୍ଯ୍ୟନ୍ତ ଜାରି ରୁହେ । ଏହି ବିଭାଗରେ ଆଇ.ଏଫ୍.ସି ର ପାଣ୍ଠିରେ ନିବେଶ ର ତଦାରଖ ବିଚାରକୁ ନିଆଯାଏ, ଯାହା ବିଶେଷ କରି ଅଭିଯୋଗରେ ଉତ୍ଥାପିତ ସମସ୍ୟା ଉପରେ ଆଲୋକପାତ କରିଥାଏ । ଏହା ଟି.ଓ.ଆର ରେ ଉଠିଥିବା ପ୍ରଶ୍ନ ସମୂହ ଯଥା ଆଇ.ଏଫ୍.ସି ର କମଲାଙ୍ଗ ପ୍ରକଳ୍ପ ସମ୍ପର୍କିତ ପାଣ୍ଠିରେ ନିବେଶ ବିଷୟରେ ତଦାରଖ ପର୍ଯ୍ୟାପ୍ତ ଥିଲା କି ନାହିଁ ତାହାର ଉତ୍ତର ଦେଇଥାଏ ।

## ନିଷ୍କର୍ଷର ସାରାଂଶ

- ପାଣ୍ଡି ଜରିଆରେ ଆଇ.ଏଫ୍.ସି ଅର୍ଥ ପ୍ରଦାନ କରୁଥିବା ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପମାନ କାର୍ଯ୍ୟକାରିତା ମାନକ ଅନୁରୂପ ଢଙ୍ଗରେ ପରିଚାଳିତ ହେଉଛନ୍ତି କି ନାହିଁ, ଯାହା ଆଇ.ଏଫ୍.ସି ର ଦୀର୍ଘସ୍ଥାୟିତ୍ୱ ନୀତିର ଏକ ପ୍ରମୁଖ ଆଭିମୁଖ୍ୟ, ତାହା ସୁନିଶ୍ଚିତ କରିବ ସକାଶେ ଆଇ.ଏଫ୍.ସି ର ତଦାରଖ ପର୍ଯ୍ୟାପ୍ତ ନଥିଲା ।
- ଅର୍ଥ ପ୍ରଦାନର ପରିବେଶୀୟ ଓ ସାମାଜିକ ସର୍ତ୍ତାବଳୀ ପୁରଣ ହୋଇଛି କି ନାହିଁ, ତାହା ସୁନିଶ୍ଚିତ ନ କରି ଆଇ.ଏଫ୍.ସି ପାଣ୍ଡିକୁ ତାର ପ୍ରଥମ ଅର୍ଥ ପ୍ରଦାନ କରିଥିଲା ।
- ଆଇ.ଏଫ୍.ସି ର କମଲାଙ୍ଗ ପ୍ରକଳ୍ପ ସମ୍ପର୍କିତ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ର ସମୀକ୍ଷା, ଏହି ପ୍ରକଳ୍ପ ଏକ ଯୁକ୍ତିଯୁକ୍ତ ସମୟ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକାରିତା ମାନକର ଆବଶ୍ୟକତା ପରିପୂରଣ କରିପାରିବ ସେ ସମ୍ପର୍କରେ ନିର୍ଣ୍ଣୟ ନେବାକୁ ଏକ ଭିତ୍ତିଭୂମି ପ୍ରଦାନ କରିନଥିଲା ।
- ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଅକ୍ଟୋବର ୨୦୧୦ରୁ ପାଣ୍ଡିକୁ ୪ ବର୍ଗର ଇ.ଏସ୍.ଆର.ଆର (ଅସନ୍ତୋଷଜନକ) ପ୍ରଦାନ କରିଥିଲେ ଏବଂ ଆଇ.ଏଫ୍.ସି ର ନିବେଶକାରୀ କର୍ମକର୍ତ୍ତାମାନେ ଇ.ଏସ୍.ଆର.ପି ର ଆବଶ୍ୟକତା ର ସମରୈକ୍ଷିକ ଗ୍ରାହକ ସଙ୍ଗଠନଙ୍କ ର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ବିଷୟରେ ସୁଚୀତ ହୋଇଥିଲା ।
- ଆଇ.ଏଫ୍.ସି ର ପରିଚାଳନା କର୍ତ୍ତୃପକ୍ଷ, କମଲାଙ୍ଗ ପ୍ରକଳ୍ପର ସ୍ଥାନୀୟ ଗୋଷ୍ଠୀ ଉପରେ ପରିବେଶୀୟ ଓ ସାମାଜିକ ପ୍ରଭାବ ବିଷୟରେ ହୋଇଥିବା ଗୁରୁତର ଦୀର୍ଘସ୍ଥାୟୀ ତଥା ଉତ୍ତମ ରୂପେ ଦସ୍ତାବିଜୀକୃତ ସମସ୍ୟା ଦିଗରେ ପର୍ଯ୍ୟାପ୍ତ ପ୍ରତିକ୍ରିୟା ପ୍ରକାଶ କରିନଥିଲେ ।
- ପାଣ୍ଡି ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ବସ୍ତୁତଃ ଅନୁପାଳନ ନ କରୁଥିବା ବିଚାରଯୋଗ୍ୟ ଥିବା ଅବଧିରେ ଆଇ.ଏଫ୍.ସି ଆଇ.ଡି.ଏଫ୍.ସି ର ସହାୟକ ସଙ୍ଗଠନରେ ଦୁଇଟି ନୂତନ ନିବେଶ କରିଥିଲା, ଏହା ପ୍ରଚଳିତ ଅଣ ଅନୁପାଳନର ପ୍ରତିକ୍ରିୟାରେ ଦୀର୍ଘସ୍ଥାୟିତ୍ୱ ନୀତି ଅଧୀନରେ ଆଇ.ଏଫ୍.ସି ଗ୍ରହଣ କରୁଥିବା ସୁଧାରମୂଳକ ପଦକ୍ଷେପର ବିରୁଦ୍ଧାଚରଣ କରୁଥିଲା ।
- କମଲାଙ୍ଗ ପ୍ରକଳ୍ପ ତାର ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଛ ଏବଂ ପୁର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି । ଯଦ୍ୟପି ଆଇ.ଏଫ୍.ସି ଏହି ମତପୋଷଣ କରେ ଯେ, ପ୍ରକଳ୍ପର ପ୍ରଭାବ ସମ୍ପର୍କିତ ଗୋଷ୍ଠୀ ଦ୍ୱାରା ଉତ୍ଥାପିତ ପ୍ରମୁଖ ସମସ୍ୟାମାନଙ୍କର କାର୍ଯ୍ୟକାରିତା ମାନକ ଅନୁଯାୟୀ ସମାଧାନ ହୋଇନାହିଁ ।

### ୪.୩.୧ ଆଇ.ଏଫ୍.ସି ର ଆବଶ୍ୟକତା: ତଦାରଖ

## ଅର୍ଥ ବ୍ୟୟ ନିମନ୍ତେ ଆବଶ୍ୟକତା

ଇ.ଏସ୍.ଆର.ପି ସମୂହ ଅନୁଯାୟୀ ଏଫ୍.ଆଇ ନିବେଶ ଦାୟିତ୍ୱରେ ଥିବା ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଅର୍ଥ ପ୍ରଦାନର ପରିବେଶୀୟ ଓ ସାମାଜିକ ସର୍ତ୍ତାବଳୀ (ସି.ଓ.ଡି) ର ପରିପୂରଣ ସ୍ୱଷ୍ଟ କରିବା ଆବଶ୍ୟକ[୨୬] । ଏପରି ସ୍ୱଷ୍ଟୀକରଣ ଆବଶ୍ୟକଥିବା ସ୍ଥଳେ ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା "ଏ ସମ୍ପର୍କୀୟ ସୂଚନା (ସି.ଓ.ଡି ର ଅନୁପାଳନ) ଯାହା ଏହାକୁ ପ୍ରମାଣିତ କରିବ ତାହାର ପ୍ରାପ୍ତି ଏବଂ ସମୀକ୍ଷା" ପ୍ରଦାନ କରିବା ପାଇଁ ଇ.ଏସ୍.ଆର.ପି ରେ ବ୍ୟବସ୍ଥା କରାଯାଇଛି । (ଅନୁଚ୍ଛେଦ ୧୦.୨.୧) ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଏହି ସମୀକ୍ଷା କରନ୍ତି ଏବଂ ଅର୍ଥ ପ୍ରଦାନର କୌଣସି ପରିବେଶୀୟ ଓ ସାମାଜିକ ସର୍ତ୍ତାବଳୀ ର ଅନୁପାଳନ ହୋଇନଥିବାସ୍ଥଳେ ଆଇ.ଏଫ୍.ସି ଟିମ୍‌କୁ ସୂଚୀତ କରନ୍ତି । ଅର୍ଥପ୍ରଦାନର ପରିବେଶୀୟ ଓ ସାମାଜିକ ଅଣ ଅନୁପାଳନ ସମ୍ପର୍କିତ କୌଣସି ଛାଡ଼ ର ପ୍ରକ୍ରିୟାକରଣ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ବିଭାଗର ଜଣେ ପ୍ରବନ୍ଧକଙ୍କ ଦ୍ୱାରା ସମ୍ପନ୍ନ ହେବ ଏବଂ ଇ.ଏସ୍.ଆର.ଡି ରେ ଏହା ଦସ୍ତାବିଜୀକୃତ ହେବ ।

## ପାର୍ଣ୍ଣିକୁ ଆଇ.ଏଫ୍.ସି ର ଅର୍ଥ ବ୍ୟୟ ର ସର୍ତ୍ତାବଳୀ

ଆଇ.ଏଫ୍.ସି ର ନିବେଶ ର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଏହା ସ୍ଥିର କରାଗଲା ଯେ, ପାର୍ଣ୍ଣିକୁ ଆଇ.ଏଫ୍.ସି ର ପ୍ରଥମ ଅର୍ଥ ପ୍ରଦାନ ନିମନ୍ତେ ପାର୍ଣ୍ଣି ଦ୍ୱାରା ଏକ ଏସ୍.ଇ.ଏମ୍.ଏସ୍ ର ପରିଗ୍ରହଣ ଏବଂ କାର୍ଯ୍ୟାନ୍ୱୟନ ଏକ ସର୍ତ୍ତ ସ୍ୱରୁପ ରହିବ । ଏଥିସହିତ ପାର୍ଣ୍ଣିର ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ତଥା କାର୍ଯ୍ୟକାରିତା ମାନକ ସମେତ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ପୋର୍ଟଫୋଲିଓ କମ୍ପାନୀ ଦ୍ୱାରା ଅନୁପାଳନ ପାଇଁ ଏସ୍.ଇ.ଏମ୍.ଏସ୍ ସଂସ୍ଥାପନର ସଜ୍ଞା ରୂପେ ନିରୁପିତ ହୋଇଥିଲା ।

ନିବେଶ ରାଜିନାମାରେ ପରବର୍ତ୍ତୀ ଅର୍ଥ ବ୍ୟୟ ପାଇଁ କୌଣସି ସ୍ୱତନ୍ତ୍ର ପରିବେଶୀୟ ଓ ସାମାଜିକ ସର୍ତ୍ତବାଳୀ ସମ୍ପର୍କରେ ବ୍ୟବସ୍ଥା ହୋଇନଥିଲା । ଅପରପକ୍ଷେ ଉପରୋକ୍ତ ଉଲ୍ଲେଖ ଅନୁଯାୟୀ ଗ୍ରାହକ

[26] ଅଗଷ୍ଟ ୨୦୦୯ ପର୍ଯ୍ୟନ୍ତ ଇ.ଏସ୍.ଆର.ପି (ଭି ୨) ପ୍ରଯୁଜ୍ୟ ଥିଲା, ଯେତେବେଳେ ଏଫ୍.ଆଇ ତଦାରଖର ଇ.ଏସ୍.ଆର.ପି ଅଧୁନାତନ କରାଯାଇଥିଲା । ତେଣୁ ଏଠାରେ ଇ.ଏସ୍.ଆର.ପି (ଭି ୨) ସମ୍ପର୍କରେ ଅର୍ଥ ପ୍ରଦାନ ପାଇଁ ସୂଚକ ପ୍ରେରଣ କରାଯାଇଥିବା ସ୍ଥଳେ ଇ.ଏସ୍.ଆର.ପିର ପରବର୍ତ୍ତୀ ବର୍ଣ୍ଣନ ସମୂହ ସାଧାରଣ ତଦାରଖ ପାଇଁ ପ୍ରେରିତ ହୋଇଛି ।

ସଙ୍ଗଠନ ଅର୍ଥ ଲଗାଣ ଚାହୁଁଥିବା ସମୟରେ ଆଇ.ଏଫ୍.ସି ର ଅସମାର୍ଥ୍ୟ କ୍ଷେତ୍ରରେ ଆର୍ଥିକ ଦଣ୍ଡବିଧାନ ପାଇଁ ନିବେଶ ରାଜିନାମାରେ ବ୍ୟବସ୍ଥା ହୋଇଥିଲା ।

## ସାଧାରଣ ତଦାରଖ ଆବଶ୍ୟକତା

ଦୀର୍ଘସ୍ଥାୟିତ୍ୱ ନୀତି ଅନୁସାରେ ଆଇ.ଏଫ୍.ସି ଏଫ୍.ଆଇ ଗ୍ରାହକ ସଙ୍ଗଠନଙ୍କ କାର୍ଯ୍ୟକାରିତା ର ଅନୁଧ୍ୟାନ ଏସ୍.ଇ.ଏମ୍.ଏସ୍ ର ଭିତ୍ତିରେ କରିଥାଏ । ପ୍ରକୃତପକ୍ଷେ ଗ୍ରାହକ ସଙ୍ଗଠନମାନଙ୍କ ଏ.ଇ.ପି.ଆର ଆଇ.ଏଫ୍.ସି ର ଏଫ୍.ଆଇ ପ୍ରକଳ୍ପ ତଦାରଖ ନିମନ୍ତେ ପ୍ରାଥମିକ ଉତ୍ସ ରୂପେ କାର୍ଯ୍ୟ କରେ । ଗ୍ରାହକ ସଙ୍ଗଠନ  ଅଥବା ଉପ ପ୍ରକଳ୍ପ ର କାର୍ଯ୍ୟକାରିତାର ସମୀକ୍ଷା ବା ଅନୁପାଳନର ଯାଂଚ କରିବାରର ଆବଶ୍ୟକତା ବିଚାରଯୋଗ୍ୟ ଥିବାବେଳେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ସେଠାକୁ ତଦାରଖ ପରିଦର୍ଶନ ବିଷୟ ର ଆବଶ୍ୟକତା ସମ୍ପର୍କରେ ସ୍ଥିର କରିପାରନ୍ତି[୨୭] ।

ଗ୍ରାହକ ସଙ୍ଗଠନର ଏ.ଇ.ପି.ଆର ସମୀକ୍ଷା ସମୟରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଆଲୋକପାତ କରିବା ପାଇଁ ଦିଗଦର୍ଶନ ଅନୁଯାୟୀ:

- ପ୍ରକଳ୍ପ  ସମୀକ୍ଷା ଏବଂ ମୂଲ୍ୟାୟନ ସମୟରେ ସ୍ଥିରୀକୃତ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ଅନୁସାରେ ଗ୍ରାହକ ସଙ୍ଗଠନମାନଙ୍କ କାର୍ଯ୍ୟକାରିତା
- ଗ୍ରାହକ ସଙ୍ଗଠନଙ୍କ ଦ୍ୱାରା ଏସ୍.ଇ.ଏମ୍.ଏସ୍ କାର୍ଯ୍ୟକାରିତାର ସ୍ଥିତି
- ଗ୍ରାହକ ସଙ୍ଗଠନ ମାନଙ୍କ କାର୍ଯ୍ୟକାରିତା ତଥା ଏସ୍.ଇ.ଏମ୍.ଏସ୍ ସମ୍ପର୍କିତ ପ୍ରମୁଖ କାର୍ଯ୍ୟାନ୍ୱୟନ ତଥା ସୂଚନାର ବ୍ୟବଧାନ
- କାର୍ଯ୍ୟକାରିତା ରେ ଉନ୍ନତି ନିମନ୍ତେ ଗ୍ରାହକ ସଙ୍ଗଠନ ଆବଶ୍ୟକ କରୁଥିବା ପ୍ରମୁଖ ପଦକ୍ଷେପ ସମୂହ
- ଗ୍ରାହକ ସଙ୍ଗଠନ ସହିତ ପରବର୍ତ୍ତୀ ଆଲୋଚନା ନିମନ୍ତେ ବାକିଥିବା ସମସ୍ୟା ସମ୍ପର୍କରେ ପୋର୍ଟଫୋଲିଓ ଅଧିକାରୀଙ୍କୁ ପରାମର୍ଶ [୨୮] ।

---

[27] ଅଗଷ୍ଟ ୨୦୦୯ରେ ଆଇ.ଏଫ୍.ସି ଇ.ଏସ୍.ଆର.ପି (ଭି୪) ୧୦.୨.୯ ଉପ ପ୍ରକଳ୍ପକୁ ପରିଦର୍ଶନ ନିମନ୍ତେ ଦିଗଦର୍ଶିକା ଇ.ଏସ୍.ଆର.ପି (ଭି୪) ରେ ଅନ୍ତର୍ଭୁକ୍ତ କରାଗଲା । ଇ.ଏସ୍.ଆର.ପି ର ପୂର୍ବବର୍ତ୍ତୀ ବର୍ଣ୍ଣନରେ ଉପ ପ୍ରକଳ୍ପର ତଦାରଖ ଓ ପରିଦର୍ଶନ ସମ୍ପର୍କୀୟ ଦିଗଦର୍ଶିକା ଅନ୍ତର୍ଭୁକ୍ତ ନଥିଲା ।

[28] ଆଇ.ଏଫ.ସି ଇ.ଏସ୍.ଆର.ପି (ଭି ୪) ୧୦.୨.୭

ଏହି ସମୀକ୍ଷାକୁ ଭିତ୍ତି କରି ଆଇ.ଏଫ୍.ସି ର **ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଏହା ସ୍ଥିର କରିବା ଆବଶ୍ୟକ ଯେ**

- ମୂଲ୍ୟାୟନ ସମୟରେ ପରିକଳ୍ପିତ ଏସ୍.ଇ,ଏମ୍.ଏସ୍ କୁ ଗ୍ରାହକ ସଙ୍ଗଠନ କାର୍ଯ୍ୟକାରୀ କରୁଥିବାର ପର୍ଯ୍ୟାପ୍ତ ପ୍ରମାଣ ରହିଛି (ଏବଂ)
- ଗ୍ରାହକ ସଙ୍ଗଠନ ଏହାର ଉପ ପ୍ରକଳ୍ପ ମାନଙ୍କରେ ଆଇ.ଏଫ୍.ସି ର **ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ପ୍ରୟୋଗ କରିଥିବାର ପର୍ଯ୍ୟାପ୍ତ ପ୍ରମାଣ ରହିଛି**[୨୯] **।**[୨୯]

ଆଇ.ଏଫ୍.ସି ର **ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଏହାପରେ ଏକ** ଏ.ଇ.ପି.ଆର **ସମୀକ୍ଷା ସମ୍ପନ୍ନ କରନ୍ତି ଏବଂ ୪ ପଏଣ୍ଟ ସ୍କେଲ୍‌ରେ ଏକ ପରିବେଶୀୟ ଓ ସାମାଜିକ ଆପଦ ମୂଲ୍ୟାଙ୍କନ ପ୍ରଦାନ କରନ୍ତି, ଯଥା ୧- ସର୍ବୋତ୍ତମ ୨- ସନ୍ତୋଷଜନକ, ୩- ଆଂଶିକ ଅସନ୍ତୋଷଜନକ, ୪- ଅସନ୍ତୋଷଜନକ, ଯଦି ଗ୍ରାହକ ସଙ୍ଗଠନ ମାନଙ୍କ କାର୍ଯ୍ୟକାରିତାରେ କୌଣସି ବ୍ୟବଧାନ ଥିବ ତେବେ ସେ ସବୁକୁ ସସୟାନୁବର୍ତ୍ତୀ ଅନୁଗାମୀ ଆଲୋଚନା ପାଇଁ ଆଇ.ଏଫ୍.ସି ପୋର୍ଟଫୋଲିଓ ଅଧିକାରୀଙ୍କୁ ପ୍ରେରଣ କରାଯିବ**[୩୦] **।**

**ଯଦି ଗ୍ରାହକ ସଙ୍ଗଠନଙ୍କ ପ୍ରଦତ୍ତ ବିବରଣୀ ଅଥବା ନିଜ ଅନୁସନ୍ଧାନରୁ ଆଇ.ଏଫ୍.ସି ଏହାର ଗ୍ରାହକ ସଙ୍ଗଠନ କାର୍ଯ୍ୟକାରୀ ଯୋଜନା ଅବା ଆଇନଗତ ରାଜିନାମା ଅନୁଯାୟୀ ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ଅନୁପାଳନରେ ଅସମର୍ଥ ବୋଲି ସୂଚୀତ ହୁଅନ୍ତି, ତେବେ ଆଇ.ଏଫ୍.ସି "ଗ୍ରାହକ ସଙ୍ଗଠନ** ସହିତ **ଯଥା ସମ୍ଭବ ସୀମା ପର୍ଯ୍ୟନ୍ତ ଅନୁପାଳନକୁ ପ୍ରତ୍ୟାବର୍ତ୍ତିତ କରାଇବେ ଏବଂ ଯଦି ଗ୍ରାହକ ସଙ୍ଗଠନ ଅନୁପାଳନକୁ ପୁନଃ ସଂସ୍ଥାପିତ କରିବାରେ ଅସମର୍ଥ ହେବେ, ସେ କ୍ଷେତ୍ରରେ ପ୍ରଯୁଜ୍ୟତା ଅନୁଯାୟୀ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିବେ"**[୩୧] **।**

**ଅତିରିକ୍ତ ଭାବେ, ସେପ୍ଟେମ୍ବର ୨୦୧୦ ର** ଇ.ଏସ୍.ଆର.ପି ରେ ପରିବେଶୀୟ ଓ ସାମାଜିକ ବିଶେଷଜ୍ଞ ପରିବେଶୀୟ ଓ ସାମାଜିକ ବିଭାଗୀୟ (ସି.ଇ.ଏସ୍) ଉଚ୍ଚ ଆପଦ ସମ୍ପନ୍ନ ତାଲିକା ନିମନ୍ତେ ପ୍ରକଳ୍ପମାନଙ୍କୁ ଚିହ୍ନଟ କରିବେ[୩୨] ।

---

[29] ଆଇ.ଏଫ.ସି ଇ.ଏସ୍.ଆର.ପି (ଭି ୪) ୧୦.୨.୮

[30] ଉପରୋକ୍ତ

[31] ଆଇ.ଏଫ୍.ସି ଦୀର୍ଘସ୍ଥାୟିତ୍ୱ ନୀତି ୨୦୦୬, ଅନୁଚ୍ଛେଦ ୨୬

[32] ଆଇ.ଏଫ୍.ସି ଇ.ଏସ୍.ଆର.ପି (ଭି ୪)

ଜୁଲାଇ ୨୦୧୪ ପର୍ଯ୍ୟାପ୍ତ ଅଧୁନାତନ ହୋଇଥିବା ଇ.ଏସ୍.ଆର.ପି ଅନୁସାରେ ଉଚ୍ଚ **ପରିବେଶୀୟ ଓ ସାମାଜିକ ଆପଦ ସମ୍ପନ୍ନ ଚିହ୍ନଟ ହୋଇଥିବା ଏଫ୍.ଆଇ ପ୍ରକଳ୍ପ ସମୂହ ଆଇ.ଏଫ୍.ସି ର ସି.ଆର.ସି (କର୍ପୋରେଟ୍ ରିସ୍କ କମିଟି) ସହ ସଂଲଗ୍ନ ହେବା ଆବଶ୍ୟକ**[୩୩] **।**

## ୪.୩.୨ ପାଣ୍ଡିରେ ଆଇ.ଏଫ୍.ସି ର ନିବେଶର ତଦାରଖ

ଏହି ବିଭାଗରେ ଆଇ.ଏଫ୍.ସି ର ପାଣ୍ଡିରେ ନିବେଶ ସମ୍ପର୍କିତ ତଦାରଖ ର ପ୍ରାସଙ୍ଗିକ ସୂଚନା ସମୂହର ସାରାଂଶ ପ୍ରଦାନ କରାଯାଇଛି । ଏହି ସୂଚନା ବର୍ଷ ଅନୁସାରେ ସଜ୍ଜିତ ହୋଇଛି ।

୨୦୦୮

### *ପାଣ୍ଡିକୁ ଆଇ.ଏଫ୍.ସି ର ପ୍ରଥମ ଅର୍ଥ ପ୍ରଦାନ*

ମାର୍ଚ୍ଚ ୧୮ ୨୦୦୮ରେ ଆଇ.ଏଫ୍.ସି ପାଣ୍ଡିକୁ ପ୍ରଥମ ଅର୍ଥ ପ୍ରଦାନର ପ୍ରକ୍ରିୟାକରଣ କରିଥିଲା ଏବଂ ଏକ ସପ୍ତାହ ପରେ ଏହା ନିବେଶ ରାଜିନାମା ରେ ସ୍ୱାକ୍ଷର କରିଥିଲା । ଅର୍ଥ ପ୍ରଦାନ ନିମନ୍ତେ କୌଣସି ସର୍ତ୍ତାବଳୀ ନଥିଲା ବୋଲି ଆଇ.ଏଫ୍.ସି ର ଅର୍ଥ ପ୍ରଦାନ ଦସ୍ତବିଜୀକରଣ ରେ (ଭ୍ରମାତ୍ମକ ସୂଚୀତ ହୋଇଥିଲା)[୩୪] । ମାର୍ଚ୍ଚ ୨୦୦୮**ରେ** ଅର୍ଥ ପ୍ରଦାନ ପାଇଁ ଆଇ.ଏଫ୍.ସି ର **ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତାଙ୍କୁ ଅନୁରୋଧ କରିବାର କୌଣସି ଉଲ୍ଲେଖ ନାହିଁ ଏବଂ ଏ ସମ୍ପର୍କରେ କୌଣସି ଛାଡ଼ ମଧ ମଞ୍ଜୁର କରାଯାଇ ନାହିଁ ।**

### *ଆଇ.ଏଫ୍.ସି ଦ୍ୱାରା ପାଣ୍ଡିର ଏସ୍.ଇ.ଏମ୍.ଏସ୍ ର ସମୀକ୍ଷା*

ମଇ ୨୦୦୮ ରେ ପାଣ୍ଡିର ଏସ୍.ଇ.ଏମ୍.ଏସ୍ ର ଚିଠା ପ୍ରସ୍ତୁତ ହୋଇ ଥିଲା ।

ଆଇ.ଏଫ୍.ସି ପାଣ୍ଡିର ଏସ୍.ଇ.ଏମ୍.ଏସ୍ ର ଚିଠାକୁ ସମୀକ୍ଷା କରି ତାହା ଉପରେ ମନ୍ତବ୍ୟ ପ୍ରଦାନ କରି ଥିଲା । ଏହି ମନ୍ତବ୍ୟ ସବୁ ସଂକ୍ଷିପ୍ତ ତଥା ସକାରାତ୍ମକ ଥିଲା । ଆଇ.ଏଫ୍.ସି ଉଲ୍ଲେଖ କରିଥିଲା ଯେ, ଏହି

---

[33] ଆଇ.ଏଫ୍.ସି ଇ.ଏସ୍.ଆର.ପି (ଭି ୮) ୯.୨.୧୭ http://goo.gl/dy2pio ଦେଖନ୍ତୁ(ଫେବୃଆରୀ ୨୩, ୨୦୧୫ରେ ପରିଦୃଷ୍ଟ)

[34] ଏସ୍.ଇ.ଏମ୍.ଏସ୍ ସମ୍ପର୍କରେ ମନ୍ତବ୍ୟ ମୋଟ ୩୦୦ ରୁ କମ୍ ଶବ୍ଦରେ ସୀମିତ

ଚିଠା ବ୍ୟାପକ ଥିଲା ଏବଂ ଆଇ.ଡି.ଏଫ୍.ସି ର ପ୍ରଚଳିତ ବ୍ୟବସ୍ଥାରେ କାର୍ଯ୍ୟକାରିତା ମାନକର ଅନ୍ତର୍ଭୁକ୍ତିକରଣ ସମ୍ପର୍କିତ ସମସ୍ତ ମୁଖ୍ୟ ଦିଗକୁ ଏହା ବିଚାରକୁ ନେଇଥିଲା ।

ନିର୍ଦ୍ଦିଷ୍ଟ ରୂପେ ଆଇ.ଏଫ୍.ସି ଗ୍ରାହକ ସଙ୍ଗଠନଙ୍କର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ତଥା ଅନୁଧାନ ସୂଚନ ଦସ୍ତାବିଜ କାର୍ଯ୍ୟକାରିତା ମାନକୁ ସୂଚାଇବା ନିମନ୍ତେ ଅନୁରୋଧ କରିଥିଲା । ଆଇ.ଏଫ୍.ସି ଏକ ଚିନ୍ତା ମଧ୍ୟ ଉଲ୍ଲେଖିତ କରିଥିଲା ଯେ, ଆଇ.ଡି.ଏଫ୍.ସି ର ଆଭ୍ୟନ୍ତରୀଣ ପରିବେଶୀୟ ଓ ସାମାଜିକ ଟିମ୍‌ର ଆଇ.ଡି.ଏଫ୍.ସି ର ମୁଖ୍ୟ ସ୍ରୋତ ତଦନ୍ତ ଏବଂ ପାଣ୍ଠିର ତଦନ୍ତକୁ ଏକାସଙ୍ଗେ ହାତକୁ ନେବାର କ୍ଷମତା ନଥିଲା ।

ପାଣ୍ଠି ସେପ୍ଟେମ୍ବର ୨୦୦୮ ରେ ଏସ୍.ଇ.ଏମ୍.ଏସ୍ ପରିଗ୍ରହଣ କରିବା ବିଷୟ ରେ ଆଇ.ଏଫ୍.ସି ସୂଚୀତ ହୋଇ ଥିଲା ।

## *ଏସ୍.ଇ.ଏମ୍.ଏସ୍ ର ବ୍ୟବଧାନ ବିଶ୍ଳେଷଣ*

ଆଇ.ଡି.ଏଫ୍.ସିର ଏସ୍.ଇ.ଏମ୍.ଏସ୍ ଦସ୍ତାବିଜୀକରଣର ବ୍ୟବଧାନ ସମୀକ୍ଷା ପରିଚାଳନା କରିବା ପାଇଁ ଆଇ.ଏଫ୍.ସି ଜଣେ ପରାମର୍ଶଦାତାଙ୍କୁ ସମର୍ଥିତ କରିଥିଲା, ଯାହା ଉପରେ ଅକ୍ଟୋବର ୨୦୦୮ରେ ଏକ ବିବରଣୀ ("ବ୍ୟବଧାନ ସମୀକ୍ଷା") ଦିଆ ହୋଇଥିଲା । ଯଦ୍ୟପି ପରାମର୍ଶଦାତା ସଙ୍ଗଠନ ଆଇ.ଡି.ଏଫ୍.ସି ର ପ୍ରାକ୍ ନିବେଶ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲା, ଏହାମଧ୍ୟ ପ୍ରକଳ୍ପ ଅନୁଧ୍ୟାନ ତଥା କର୍ମଚାରୀଙ୍କ କ୍ଷମତା ସମ୍ପର୍କିତ ସମସ୍ୟା ଉପରେ ମନ୍ତବ୍ୟ ପ୍ରଦାନ କରିଥିଲା । ଯାହା ହେଲେ ମଧ୍ୟ ଏସ୍.ଇ.ଏମ୍.ଏସ୍‌କୁ କାର୍ଯ୍ୟକାରୀ କରିବାରେ ଆଇ.ଡି.ଏଫ୍.ସି ର ବିଗତ କର୍ତ୍ତୀମାନକୁ ଏହା ସମୀକ୍ଷା କରିନଥିଲା ।

ମୋଟାମୋଟି ଭାବରେ ଏହି ବ୍ୟବଧାନର ସମୀକ୍ଷା ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ ଦସ୍ତାବିଜୀକରଣର ଏକ ଅନୁକୂଳ ଆକଳନ ପ୍ରଦାନ କରିଥିଲା । ଯେଉଁଥିରେ କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଏହା ଉତ୍ତମ ରୂପେ ପରିକଳ୍ପିତ ହେବା ବିଷୟ ଉଲ୍ଲେଖିତ ହୋଇଥିଲା । ଯାହା ହେଲେ ମଧ୍ୟ ଏହା ପୁନଃଶ୍ଚ ଇଙ୍ଗିତ କରିଥିଲା ଯେ, ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକର ପ୍ରୟୋଗ ଅଥବା ଭାରତୀୟ ପରିବେଶୀୟ ଓ ସାମାଜିକ ଆବଶ୍ୟକତାକୁ ଏସ୍.ଇ.ଏମ୍.ଏସ୍ ପର୍ଯ୍ୟାପ୍ତ ଭାବରେ ନିଜ ବିସ୍ତାରକୁ ନେଇନଥିଲା । ଅଭିଯୋଗକାରୀଙ୍କ ଦ୍ୱାରା ଉତ୍ଥାପିତ ସମସ୍ୟା ସମୂହର ପ୍ରାସଙ୍ଗିକ ଏହି ବ୍ୟବଧାନ ବିଶ୍ଳେଷଣରେ ଏହା ଜ୍ଞାତ ହୋଇଥିଲା ଯେ, କାର୍ଯ୍ୟକାରିତା ମାନକ ୧,୩,୪,୫ ଏବଂ ୭ ର ପ୍ରୟୋଗ

ପାଇଁ ଆଇ.ଡି.ଏଫ୍.ସି ର ପଦକ୍ଷେପ ପର୍ଯ୍ୟାପ୍ତ ନଥିଲା । ଏହି ବ୍ୟବଧାନର ବିଶ୍ଳେଷଣ ଆଇ.ଡି.ଏଫ୍,ସି ର ପ୍ରତବେଦନ ଏବଂ ଅନୁଧ୍ୟାନ ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତାକୁ ମଧ୍ୟ ପୁନଃଶ୍ଚ ଉଲ୍ଲେଖିତ କରିଥିଲା । ଯାହା ୨୦୦୫ ରୁ ଆଇ.ଏଫ୍.ସି ର ବିଶ୍ଳେଷଣର ଏକ ପ୍ରତିଫଳନ ସୂଚକ ଅନୁଧ୍ୟାନ ଥିଲା ।

## *କମଳାଙ୍ଗ ପ୍ରକଳ୍ପ ନିମନ୍ତେ ଗ୍ରାହକ ସଙ୍ଗଠନ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ଉପରେ ଆଇ.ଏଫ୍.ସି ର ସମୀକ୍ଷା*

ଜୁଲାଇ ୨୦୦୮ରେ ପାଣ୍ଡି, ଏହାର ପ୍ରଥମ 'ଏ' ବର୍ଗର ନିବେଶ ସ୍ୱରୁପ କମଳାଙ୍ଗ ପ୍ରକଳ୍ପରେ ଏକ ପୁଞ୍ଜିନିବେଶ ବିଷୟ ବିଚାରକୁ ନେଉଛି ବୋଲି ଆଇ.ଏଫ୍.ସି କୁ ସୂଚୀତ କଲା । ଏହି ସୋପାନରେ ଆଇ.ଏଫ୍.ସି ପାଣ୍ଡିକୁ ଜି.କେ.ଇ.ଏଲ୍ ର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ର ଦିଗମାନ ନିଜ ବିସ୍ତାରକୁ ନେବା ପାଇଁ ଦିଗଦର୍ଶନ ପ୍ରଦାନ କଲା ।

ଅଗଷ୍ଟ ୨୦୦୮ରେ ଗ୍ରାହକ ସଙ୍ଗଠନ ଆଇ.ଏଫ୍.ସି କୁ କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ବିବରଣୀ ସମୀକ୍ଷା ପାଇଁ ପ୍ରଦାନ କଲା । ଗ୍ରାହକ ସଙ୍ଗଠନ କାର୍ଯ୍ୟକାରିତା ମାନକ ର ଅନୁରୂପ ସୁସଂଘତ ଅର୍ଥ ପ୍ରଦାନ ଅଧୀନରେ ପରିବେଶୀୟ ଓ ସାମାଜିକ ଆକଳନ କାର୍ଯ୍ୟକାରୀ କରୁଛି ଏବଂ ତଦ୍ୱାରା ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ମାନକର ଉଲ୍ଲଙ୍ଘନକୁ ପ୍ରତିହତ କରୁଛି, ସେ ସମ୍ପର୍କରେ ଆଇ.ଏଫ୍.ସି କୁ ଆଶ୍ୱସ୍ତ କରିବା ଏହି ସମୀକ୍ଷାର ଉଦ୍ଦେଶ୍ୟ ଥିଲା । ପାଣ୍ଡିର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ବିବରଣୀ କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ଆକଳନ ଦସ୍ତାବିଜୀକରଣର ଏକ ସାରାଂଶ ଉପସ୍ଥାପିତ କରିଥିଲା ।

ଗ୍ରାହକ ସଙ୍ଗଠନ ର ପରିବେଶୀୟ ଓ ସାମାଜିକ ଧ୍ୟେୟ ସକର୍ତତା ବିବରଣୀ ଉପରେ ଆଇ.ଏଫ୍.ସି ମନ୍ତବ୍ୟ ପ୍ରଦାନ କରିଥିଲା । ଆଇଏଫ୍.ସି (i) ସମ୍ପୃକ୍ତ ରେଳ ଏବଂ ସଡ଼କ ଭତ୍ତିବିକାଶର ପ୍ରଭାବ ସମ୍ପର୍କରେ ବିଚାର (ii) ପରାମର୍ଶ ଓ ପ୍ରକଟନର ଅଭାବ (iii) ପିଏସ୍ ୪ (ଗୋଷ୍ଠୀ ସ୍ୱାସ୍ଥ୍ୟ ସୁରକ୍ଷା ଓ ନିରାପତ୍ତା) ର ଆକଳନର ପର୍ଯ୍ୟାପ୍ତତା (iv) ପରିବେଶୀୟ ପ୍ରଭାବ ଆକଳନ ତଥ୍ୟର ପର୍ଯ୍ୟାପ୍ତତା (v) ପିଏସ୍ ୫ (ଭୂମି ଅଧିଗ୍ରହଣ) ଆକଳନର ପର୍ଯ୍ୟାପ୍ତତା (vi) ପି ଏସ୍ ୭ (ଜନଜାତି) ର ପ୍ରୟୋଗ । ଆଇ.ଏଫ୍.ସି ର ଅନୁଧ୍ୟାନର ପ୍ରତିକ୍ରିୟା ସ୍ୱରୁପ ପାଣ୍ଡି ପ୍ରକଳ୍ପ ନିମନ୍ତେ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କଲା ଯାହା ଉପରେ ଆଇ.ଏଫ୍.ସି ତାର ମନ୍ତବ୍ୟ ଦେଇଥିଲା । ପୁନଃଶ୍ଚ ଆଇ.ଏଫ୍.ସି ପାଣ୍ଡିକୁ,

ପରିବେଶୀୟ ଓ ସାମାଜିକ ସନନ୍ଦ ଯାହା ଜି.କେ.ଇ.ଏଲ୍ ଠାରୁ ପାଣ୍ଡିର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ଅନୁପାଳନ କରିବା ଆବଶ୍ୟକ କରେ ତାହା ଅର୍ନ୍ତଭୁକ୍ତ କରିବା ପାଇଁ ଅନୁମୋଦନ କଲା ।

## ୨୦୦୯

### *କମଲାଙ୍ଗ ପ୍ରକଳ୍ପ ନିମନ୍ତେ ଆଇ.ଏଫ୍.ସି ର ପ୍ରଥମ ଅର୍ଥ ପ୍ରଦାନ*

ଜାନୁଆରୀ ୨୦୦୯ରେ କମଲାଙ୍ଗ ପ୍ରକଳ୍ପ ପାଇଁ ଆଇ.ଏଫ୍.ସି ପାଣ୍ଡିକୁ ପ୍ରଥମ ଅର୍ଥ ପ୍ରଦାନ କରିଥିଲା । ପରେ ପରେ ଆଇ.ଏଫ୍.ସି କମଲାଙ୍ଗ ପ୍ରକଳ୍ପ ନିମନ୍ତେ ୧୦ ଟି ପରବର୍ତ୍ତୀ ଅର୍ଥ ପ୍ରଦାନ କରିଥିଲା । ଜାନୁଆର ୨୦୦୯ରେ ଅର୍ଥ ପ୍ରଦାନ କରିବା ପୂର୍ବରୁ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଉଲ୍ଲେଖ କରିଥିଲେ ଯେ, ପ୍ରଭାବ ଓ ଆପଦ ସମ୍ପର୍କରେ ସମାଧାନ ପାଇଁ ଆଇ.ଏଫ୍.ସି ର ପଦକ୍ଷେପକୁ ବୁଝିବା ପ୍ରକ୍ରିୟାରେ ଗ୍ରାହକ ସଙ୍ଗଠନ ରହିଛି ଏବଂ ଆଇ.ଏଫ୍.ସି ର କର୍ମକର୍ତ୍ତା ଆଇ.ଡି.ଏଫ୍.ସି ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତାଙ୍କ ଧ୍ୟେୟ ସତର୍କତାର ଗୁଣବତ୍ତା ମତାମତ ଅନୁବର୍ତ୍ତନରେ ସେମାନଙ୍କର ସମ୍ମତି ଏବଂ ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକର ଅନୁବର୍ତ୍ତନ ପାଇଁ ପରିବେଶୀୟ ଓ ସାମାଜିକ ଆକଳନ ଓ ଏବଂ ପରିଗ୍ରହଣ ର ଦ୍ରୁତତା ସମ୍ପର୍କରେ ଗଭୀର ଭାବେ ପ୍ରଭାବିତ ଥିଲେ । ଏହି କ୍ଷେତ୍ରରେ ଯାହା ହେଲେ ବି ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ପାଣ୍ଡିର ଏସ୍.ଇ.ଏମ୍.ଏସ୍ କାର୍ଯ୍ୟକାରିତା କ୍ଷମତା ଉପରେ ଉଲ୍ଲେଖଯୋଗ୍ୟ ଚିନ୍ତା ପ୍ରକଟ କରିଥିଲେ, ଯାହା ପାଣ୍ଡି ପ୍ରକ୍ରିୟାକରଣ କରୁଥିବା ନିବେଶର ବ୍ୟାପକତା ଏବଂ ଆପଦର ପାର୍ଶ୍ୱଦିଗ ସମ ଅନୁବର୍ତ୍ତୀ ନଥିଲା । ଚୂଡ଼ାନ୍ତ ରୂପେ ଏହା ଉଲ୍ଲେଖିତ ହୋଇଥିଲା ଯେ,ଗ୍ରାହକ ସଙ୍ଗଠନକୁ ସମର୍ଥନ ଦେବାରେ ଆଇ.ଏଫ୍.ସି ର ସୀମିତ କ୍ଷମତା ଥିଲା, ଯେହେତୁ ବାସ୍ତବିକ ପ୍ରକଳ୍ପରୁ ଆଇ.ଏଫ୍.ସି ୨ଟି ସୋପାନ ହଟିଯାଇଥିଲା ।

### *ଆଇ.ଏଫ୍.ସି ଦ୍ୱାରା ପାଣ୍ଡିର ପରିବେଶୀୟ ଓ ସାମାଜିକ ପ୍ରତିବେଦନ ର ସମୀକ୍ଷା*

ଜୁନ୍ ୨୦୦୯ରେ ପାଣ୍ଡି ସମ୍ପର୍କିତ ଗ୍ରାହକ ସଙ୍ଗଠନଙ୍କର ୨୦୦୮/୨୦୦୯ ର ଏ.ଇ.ପି.ଆର ଆଇ.ଏଫ୍.ସି ଗ୍ରହଣ କରିଥିଲା । ସେପ୍ଟେମ୍ବର ୨୦୦୯ ରେ ଆଇ.ଏଫ୍.ସି ର ଏହି ଏ.ଇ.ପି.ଆର ସମୀକ୍ଷା ସମ୍ପନ୍ନ ହୋଇଥିଲା । ଏହି ସମୟରେ ଆଇ.ଏଫ୍.ସି, ପାଣ୍ଡି ଏହାର କାର୍ଯ୍ୟକାରିତା ମାନକର ଅନୁବର୍ତ୍ତି ପରିଣାମ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ଏସ୍.ଇ.ଏମ୍.ଏସ୍ ବିକଶିତ କରିଛି ବୋଲି ମତ

ଦେଇଥିଲା । ଆଇ.ଏଫ୍.ସି ପୁଞ୍ଜି ନିବେଶକୁ ଇ.ଏସ୍.ଆର.ଆର ୨, ସନ୍ତୋଷଜନକ ବୋଲି ଆଖ୍ୟାୟିତ କରିଥିଲା[୩୫] ।

## *କମଲାଙ୍ଗ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ ପାଇଁ ଅନୁରୋଧ*

୨୦୦୯ ରେ ଆଇ.ଏଫ୍.ସି ପ୍ରଥମେ କମଲାଙ୍ଗ ପ୍ରକଳ୍ପ କୁ ଏକ କ୍ଷେତ୍ର ପରିଦର୍ଶନ ପାଇଁ ଅନୁରୋଧ କରିଥିଲା । ୨୦୦୯ ରୁ ୨୦୧୪ ମଧ୍ୟରେ ଆଇ.ଏଫ.ସି ଗ୍ରାହକ ସଙ୍ଗଠନକୁ ହିସାବ ଅନୁଯାୟୀ କ୍ଷେତ୍ର ପରିଦର୍ଶନ ଆୟୋଜନ କରିବାକୁ ୧୫ଟି ଅନୁରୋଧ ପଠାଇଥିଲା । ଯଦ୍ୟପି ଡିସେମ୍ବର ୨୦୧୪ ପର୍ଯ୍ୟନ୍ତ କମଲାଙ୍ଗ ପ୍ରକଳ୍ପକୁ ଏକ କ୍ଷେତ୍ର ପରିଦର୍ଶନ ଆୟୋଜିତ ହୋଇପାରିନଥିଲା । ଆଇ.ଏଫ୍.ସି ର କର୍ମଚାରୀ ମାନେ ଉଲ୍ଲେଖିତ କଲେ ଯେ, ଗ୍ରାହକ ସଙ୍ଗଠନ ସୁରକ୍ଷା ଚିନ୍ତା କାରଣରୁ ଆଇ.ଏଫ୍.ସି କର୍ମଚାରୀଙ୍କ ପାଇଁ କ୍ଷେତ୍ର ପରିଦର୍ଶନ ଆୟୋଜନ କରିପାରିନଥିଲେ, ଯଦିଓ ପ୍ରକଳ୍ପଟି ନିର୍ମାଣ ପର୍ଯ୍ୟାୟରେ ଥିଲା । ଯାହା ହେଲେ ବି ସି.ଏ.ଓ ଉଲ୍ଲେଖିତ କରିଛନ୍ତି ଯେ ମାର୍ଚ୍ଚ ୨୦୧୪ ସୁଦ୍ଧା ଗ୍ରାହକ ସଙ୍ଗଠନ କମଲାଙ୍ଗ ପ୍ରକଳ୍ପକୁ ୧୬ ଟି କ୍ଷେତ୍ର ତଦାରଖ ପରିଦର୍ଶନ ଆୟୋଜନ କରିଛନ୍ତି ।

<u>୨୦୧୦-୧୧</u>

## *ଆଇ.ଏଫ୍.ସି ତଦାରଖ ପରିଦର୍ଶନ*

ଜାନୁଆରୀ ଏବଂ ମାର୍ଚ୍ଚ ୨୦୧୦ରେ ଆଇ.ଏଫ୍.ସି କର୍ମକର୍ତ୍ତା ଦୁଇଟି ତଦାରଖ ପରିଦର୍ଶନ କରିଥିଲେ । ଏହିମଧ୍ୟରୁ ପ୍ରଥମଟି ଗ୍ରାହକ ସଙ୍ଗଠନଙ୍କର କାର୍ଯ୍ୟାଳୟ ଗୁଡ଼ିକୁ ହୋଇଥିବାସ୍ଥଳେ ଦ୍ୱିତୀୟଟି ପରିବହନ ଭିତ୍ତିଭୂମି ସହ ସମ୍ପୃକ୍ତ ଏକ ପୋର୍ଟଫୋଲିଓ କମ୍ପାନୀକୁ ହୋଇଥିଲା । ଏହି ଗସ୍ତଗୁଡ଼ିକରୁ ଦସ୍ତାବିଜୀକରଣ ଉଲ୍ଲେଖିତ କରିଛି ଯେ, ପାଣ୍ଠିର ଗୋଟିଏ ଏସ୍.ଇ.ଏମ୍.ଏସ୍ ଥିଲା, ଯାହା ଆଇ.ଏଫ୍.ସି ର ଆବଶ୍ୟକତା ଅନୁପାଳନ ସମେତ ପାଣ୍ଠିର ମୋଟାମୋଟି ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ଉପରେ ଏକ ଯୁକ୍ତିଯୁକ୍ତ ପ୍ରତିଶ୍ରୁତି ପ୍ରଦାନ କରିଥିଲା । ଯଦ୍ୟପି ମାର୍ଚ୍ଚ ୨୦୧୦ରେ ଏକ ପୋର୍ଟଫୋଲିଓ କମ୍ପାନୀ ର

---

35 ଆଇ.ଏଫ୍.ସି ର ସଜ୍ଞା ଅନୁସାରେ ଗ୍ରାହକ ସଙ୍ଗଠନକୁ ଇ.ଏସ୍.ଆର.ଆର ୨ ପ୍ରଦତ୍ତ, ଯାହା ଆଇ.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ ଆବଶ୍ୟକା ଅନୁଯାୟୀ ବସ୍ତୁତଃ ଅନୁପାଳନକୁ ସୂଚାଉଛି ଅଥବା ରାଜିନାମା ଅନୁସାରେ କାର୍ଯ୍ୟକାରୀ ଯୋଜନାର କ୍ରିୟାନ୍ୱୟନ ଅନୁସାରେ ଅନୁସୂଚୀତ ହୋଇଛି (ଆ.ଇ.ଏଫ୍.ସି ଇ.ଏସ୍.ଆର.ଡି ତଥ୍ୟ ଭିତ୍ତି)

କ୍ଷେତ୍ର ପରିଦର୍ଶନ ସମୟରେ ଆଇ.ଏଫ୍.ସି ଚିନ୍ତାମାନ ଉଲ୍ଲେଖ କରିଥିଲା ଯେ, ଆବଶ୍ୟକୀୟ ପରିବେଶୀୟ ଓ ସାମାଜିକ ପ୍ରଭାବ ଆକଳନ କରାଯାଇ ନାହିଁ। ଫଳସ୍ୱରୁପ ଆଇ.ଏଫ୍,ସି ପାଣ୍ଠିର ଇ.ଏସ୍.ଆର.ଆର କୁ ୩ ଅଥବା ଆଂଶିକ ଅସନ୍ତୋଷଜନକ ସ୍ତରକୁ ଖସାଇ ଦେଇଥିଲା।

## ଆଇ.ଡି.ଏଫ୍.ସି ରେ ଆଇ.ଏଫ୍.ସି ର ନୂତନ ନିବେଶ (ନବୀକରଣୀୟ ଶକ୍ତି ଋଣ)

ଜୁନ୍ ୨୦ ୨୦୧୦ରେ ଆଇ.ଏଫ୍.ସି ନବୀକରଣୀୟ ଶକ୍ତି ଉତ୍ସ ତଥା ଅଧିକ ପରିଷ୍କୃତ ଉତ୍ପାଦନ/ଶକ୍ତି ଅଣ ଅପଚୟୀ ଶକ୍ତି ପ୍ରକଳ୍ପରେ ୭୫ ନିୟୁତ ଭାରତୀୟ ମୁଦ୍ରା ପରିମାଣର ଆମେରିକୀୟ ଡଲାର ନିବେଶକୁ ମଞ୍ଜୁର କରିଥିଲା[୩୬]। ଏହି ନିବେଶର ଅନୁମୋଦନ ଦସ୍ତାବିଜୀକରଣ ଉଲ୍ଲେଖିତ କରିଥିଲା ଯେ, ଆଇ.ଏଫ୍.ସି ଆଇ.ଡି.ଏଫ୍.ସି ର ଏସ୍.ଇ.ଏମ୍.ଏସ୍ କୁ ସମୀକ୍ଷା କରିଥିଲା ଏବଂ ଏହା ସେ ଯାବତ୍ ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକ ର ସମକକ୍ଷ ସ୍ତରିତ ହୋଇନଥିଲା ବୋଲି ଉଲ୍ଲେଖିତ କରିଥିଲା।

## କମଲାଙ୍ଗ ପ୍ରକଳ୍ପର ସଂପ୍ରସାରଣ

ଜୁନ୍ ୨୦୧୦ରେ ଜି.ଏମ୍.ଆର ଏନର୍ଜି କମଲାଙ୍ଗ ପ୍ରକଳ୍ପକୁ ଆହୁରି ୩୫୦ ମେଗାୱାଟ୍ ଉତ୍ପାଦନ ପର୍ଯ୍ୟପ୍ତ ସଂପ୍ରସାରିତ କରିବ ଏବଂ ତଦ୍ୱାରା ମୋଟ ଉତ୍ପାଦନ ୧୪୦୦ ମୋଗାୱାଟ୍‌କୁ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରିଥିଲା। ଆଇ.ଡି.ଏଫ୍.ସି ତଥା ଅନ୍ୟ ନିବେଶକାରୀଙ୍କ ଠାରୁ ମୂଳଧନ ସଂଗ୍ରହ କରିବା ଭିତ୍ତିରେ ଜି.ଏମ୍.ଆର ଏହାର ସଂପ୍ରସାରଣ ଯୋଜନା ଉଲ୍ଲେଖିତ କରିଥିଲା। ଏହାକୁ କମଲାଙ୍ଗ ପ୍ରକଳ୍ପର ପ୍ରସ୍ତାବିତ ସଂପ୍ରସାରଣର ପ୍ରଥମ ଜନସୂଚନା ଭାବରେ ସି.ଏ.ଓ ଗ୍ରହଣ କରିଛନ୍ତି। ଆଇ.ଏଫ୍.ସି ର ଦସ୍ତାବିଜୀକରଣର ଏକ ସମୀକ୍ଷା ଇ.ଏସ୍.ପି ଅଧିନରେ ଆବଶ୍ୟକୀୟ ନୂତନ କାର୍ଯ୍ୟସମୂହ ଅଥବା ପରିବର୍ତ୍ତୀ ପରିବେଶୀୟ ଓ ସାମାଜିକ ଆକଳନର ଆବଶ୍ୟକତା ସମ୍ପର୍କିତ ଆଇ.ଏଫ୍.ସି ତଥା ଗ୍ରାହକ ସଙ୍ଗଠନ ମଧ୍ୟରେ କୌଣସି ପତ୍ର ବିନିମୟ ସ୍ପଷ୍ଟ କରିନାହିଁ[୩୭]।

---

[36] ଆଇ.ଏଫ୍.ସି ର ପ୍ରକଳ୍ପ ୨୭୭୩୮ ସମ୍ପର୍କୀୟ ସୂଚନାର ସାରାଂଶ http://goo.gl/LJQKDq) ଦେଖନ୍ତୁ (ଡିସେମ୍ବର ୧୮, ୨୦୧୪ରେ ପରିଦୃଷ୍ଟ)

[37] ଜି.ଏମ୍.ଆର ଏନର୍ଜି http://goo.gl/ZCYEqX (ମେ ୧୪, ୨୦୧୫ରେ ପରିଦୃଷ୍ଟ)

## *ଆଇ.ଏଫ୍.ସି ଦ୍ୱାରା ପାଣ୍ଡିର ପରିବେଶୀୟ ଓ ସାମାଜିକ ପ୍ରତିବେଦନର ସମୀକ୍ଷା (୨୦୧୦)*

ଅଗଷ୍ଟ ୨୦୧୦ ରେ ଆଇ.ଏଫ୍.ସିକୁ ଗ୍ରାହକ ସଙ୍ଗଠନଙ୍କର ପାଣ୍ଡି ସମ୍ପର୍କିତ ଏ.ଇ.ପି.ଆର ପ୍ରାପ୍ତ ହେଲା । ଆଇ.ଏଫ୍.ସି ସେପ୍ଟେମ୍ବର ୨୦୧୦ରେ ଏହି ଏ.ଇ.ପି.ଆର ସମୀକ୍ଷା ସମ୍ପୂର୍ଣ୍ଣ କଲା । ଏହି ସମୟରେ ଆଇ.ଏଫ୍.ସି ମତ ଥିଲା ଯେ, ପାଣ୍ଡିର ଏକ ବ୍ୟାପକ ଏସ୍.ଇ,ଏମ୍.ଏସ୍, ଯାହା ଆଇ.ଏଫ୍.ସି କାର୍ଯ୍ୟକାରିତା ମାନକ ଅନୁରୂପ ପରିଣତି ସୁନିଶ୍ଚିତ କରିବ, ତାହା ଥିଲା ଏବଂ ତାହାର ସମୀକ୍ଷା ହୋଇଥିଲା ତଥା ସନ୍ତୋଷଜନକ ବୋଲି ଜଣାପଡ଼ିଥିଲା ।

ଏହି ଏ.ଇ.ପି.ଆର ସମ୍ପୂର୍ଣ୍ଣ ତଥା ଏଥିରେ କୌଣସି ଚିହ୍ନଟ ହୋଇଥିବା ସୂଚନାର ବ୍ୟବଧାନ ନାହିଁ ବୋଲି ଉଲ୍ଲେଖିତ ହୋଇଥିଲା । ସେହି ଏହା ସମୟରେ ଆଇ.ଏଫ୍.ସି ଉଲ୍ଲେଖିତ କଲା ଯେ, ମାର୍ଚ୍ଚ ୨୦୧୦ ରେ ଏହାର କ୍ଷେତ୍ର ତଦାରଖ ପରିଦର୍ଶନ ସମୟରେ ଚିହ୍ନଟ ହୋଇଥିବା ପରିବେଶୀୟ ଓ ସାମାଜିକ ସମସ୍ୟାର ଅଧୁନାତନ ବିବରଣୀ ଏହାର ହସ୍ତଗତ ହୋଇନଥିଲା, ଯାହା ପାଣ୍ଡିର ଇ.ଏସ୍.ଆର.ଆର ଅଧୋଗତି ର କାରଣ ଥିଲା । ସେ ଯାହା ହେଉ ନା କାହିଁକି ଏ.ଇ.ପି.ଆର ସମୀକ୍ଷା ପରେ ଆଇ.ଏଫ୍.ସି ନିବେଶର ଇ.ଏସ୍.ଆର.ଆର କୁ ୨ ବା ସନ୍ତୋଷଜନକ ସ୍ତରକୁ ଉନ୍ନୀତ କରିଥିଲେ । ଏ.ଇ.ପି.ଆର ସମୀକ୍ଷା ଉଲ୍ଲେଖ କରେ ଯେ, ପ୍ରତିବେଦିତ ଅବଧି ମଧ୍ୟରେ ପାଣ୍ଡିର କର୍ମକର୍ତ୍ତା କମଲାଙ୍ଗ ପ୍ରକଳ୍ପକୁ ୪ ଟି କ୍ଷେତ୍ର ପରିଦର୍ଶନ କରିଥିଲେ । କମଲାଙ୍ଗ ପ୍ରକଳ୍ପ ସମ୍ପର୍କିତ ଏକ ସଂକ୍ଷିପ୍ତ ତଥା ଅନୁକୂଳ ସାରାଂଶ ଏ.ଇ.ପି.ଆର ରେ ପ୍ରଦତ୍ତ ହୋଇଛି ।

## *ପାଣ୍ଡିର ଅନ୍ୟ ଏକ ପୋର୍ଟଫୋଲିଓ କମ୍ପାନୀକୁ ଆଇ.ଏଫ୍.ସି ର କ୍ଷେତ୍ର ପରିଦର୍ଶନ*

ପରେ ପରେ ସେପ୍ଟେମ୍ବର ୨୦୧୦ରେ ପାଣ୍ଡି ଆର୍ଥିକ ନିବେଶ କରିଥିବା, ଏକ କୋଲଇା ପ୍ରଜ୍ୱଳିତ ଶକ୍ତି ଉତ୍ପାଦନ କେନ୍ଦ୍ରକୁ (ଏହାପରେ ପୋର୍ଟଫୋଲିଓ କମ୍ପାନୀ ବି ଭାବରେ ପରିଚିତ)[୩୮] । ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଏକ କ୍ଷେତ୍ର ପରିଦର୍ଶନ କରିଥିଲେ । ୨୦୧୦ ଅକ୍ଟୋବର ୧୯ ତାରିଖରେ ସେହି ପରିଦର୍ଶନରୁ ହୋଇଥିବା ଆଇ.ଏଫ୍.ସି ପ୍ରତିବେଦନ, ଉଲ୍ଲେଖ ଯୋଗ୍ୟ ପରିବେଶୀୟ

---

[38] ଆଇ.ଏଫ୍.ସିର ଅନ୍ୟ ଏକ ଏଫ୍.ଆଇ ଗ୍ରାହକ ସଙ୍ଗଠନ ଯାହାର ପୋର୍ଟଫୋଲିଓ କମ୍ପାନୀର ନିବେଶ ଥିଲା ତା ଦ୍ୱାରା କ୍ଷେତ୍ର ପରିଦର୍ଶନ ସମ୍ପନ୍ନ ହୋଇଥିଲା ।

ଓ ସାମାଜିକ ଚିନ୍ତାଜନକ ବିଷୟ ତଥା ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକ ର ସମ୍ଭାବ୍ୟ ଅଣଅନୁପାଳନର ଡସ୍ତାବିଜୀକରଣ କରିଛି । ଅକ୍ଟୋବର ୨୦୧୦ ରେ ପାଣ୍ଠି ନିମନ୍ତେ ଅନେକ ପୋର୍ଟଫୋଲିଓ କମ୍ପାନୀ କୁ ପରବର୍ତ୍ତୀ ଅର୍ଥ ପ୍ରଦାନ ପୂର୍ବରୁ ତୁରନ୍ତ କ୍ରିୟାନ୍ୱିତ ହେବାକୁଥିବା ଅନୁସରଣକାରୀ ଅନୁଧ୍ୟାନ ତଥା ସୁଧାରମୂଳକ ପଦକ୍ଷେପ ର ଅନୁମୋଦନ କରାଯାଇଛି ।

ଅକ୍ଟୋବର ୨୦, ୨୦୧୦ରେ ଆଇ.ଏଫ୍.ସି ପାଣ୍ଠି ନିମନ୍ତେ ଏହାର ଇ.ଏସ୍.ଆର.ଆର କୁ ୪ ଅଥବା ଅସନ୍ତୋଷଜନକ ସ୍ତରକୁ ଖସାଇ ଦେଲା[୩୯] । ସ୍ତରରେ ଏହି ହ୍ରାସ ଯୋଗୁଁ ପାଣ୍ଠିକୁ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଉଚ୍ଚ ଆପଦ ସମ୍ପନ୍ନ ତାଲିକାର ଅନ୍ତର୍ଭୁକ୍ତ କରାଗଲା[୪୦] ।

## *ପାଣ୍ଠିର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ଉପରେ ଆଇ.ଏଫ୍.ସି ଦ୍ୱାରା ଗୁରୁତର ବିଶ୍ଳେଷଣ ବିକଶିତ*

ନଭେମ୍ବର ୧୮,୨୦୧୦ରେ ଗ୍ରାହକ ସଙ୍ଗଠନ ଆଇ.ଏଫ୍.ସି କୁ ପୋର୍ଟଫୋଲିଓ କମ୍ପାନୀ ବି କୁ ପ୍ରଦତ୍ତ ହେବାକୁଥିବା ଅତିରିକ୍ତ ଅର୍ଥ ପାଇଁ ଏକ ପ୍ରଦାନମୂଳକ ଅନୁରୋଧ କରିଥିଲେ । ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ବିଭାଗ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷକୁ ଆଇ.ଏଫ୍.ସି ଭାରତରେ ନିବେଶ କରିଥିବା ପାଣ୍ଠି ଏବଂ ଏକ ଦ୍ୱିତୀୟ ପାଣ୍ଠି ସମ୍ପର୍କରେ ଆଲୋଚନା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରସାରିତ କରିଥିଲା । କାର୍ଯ୍ୟକାରିତା ମାନକ ଅନୁପାଳନରେ ଥିବା ପ୍ରଶସ୍ତ ତଥା ଉଲ୍ଲେଖ ଯୋଗ୍ୟ ବ୍ୟବଧାନ ଏହି ସ୍ମାରକ ପତ୍ରରେ ଉଲ୍ଲେଖିତ ହୋଇଥିଲା ଏବଂ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ସମୂହ ପାଣ୍ଠିର ପୋର୍ଟଫୋଲିଓ କମ୍ପାନୀ ସହିତ ହୋଇଥିବା ରାଜିନାମାରେ ପ୍ରବର୍ତ୍ତିତ ହୋଇଛନ୍ତି କି ନାହିଁ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନମାନ ଉତ୍ଥାପିତ କରିଥିଲା । କ୍ଷେତ୍ର ପରିଦର୍ଶନ ର ଭିତ୍ତିରେ, ସ୍ମାରକ ପତ୍ର ଏହି ଉପସଂହାରରେ ଉପନୀତ ହୋଇଥିଲା ଯେ, ପାଣ୍ଠି ସମୂହ ସେମାନଙ୍କର ପୋର୍ଟଫୋଲିଓ କମ୍ପାନୀର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତାର ପରବର୍ତ୍ତୀ ତଦନ୍ତ ଅଥବା ଅନୁଧ୍ୟାନ କରୁନଥିଲେ । ଏଥିପାଇଁ ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା

---

[39] ଆଇ.ଏଫ୍.ସିର ସଜ୍ଞା ଅନୁସାରେ ଗ୍ରାହକ ସଙ୍ଗଠନକୁ ଇ.ଏସ୍.ଆର.ଆର ୪ ଦିଆଯାଇଥିଲା, ଯାହାର ଅର୍ଥ "ସାମୁଦାୟିକ ଅଥବା ବସ୍ତୁତଃ ଅଣ ଅନୁପାଳନ" ଯାହା ବାସ୍ତବବାଦୀ ସୁଧାରମୂଳକ କାର୍ଯ୍ୟ ଯୋଜନାର ରୂପରେଖ କାର୍ଯ୍ୟାନ୍ୱୟନ ପାଇଁ ବିଚାରକୁ ନେବା ବିନା ହୋଇଥାଏ (ଆଇ.ଏଫ୍.ସି ଇ.ଏସ୍.ଆର.ଡି ତଥ୍ୟ ଭିତ୍ତି)

[40] ପରିବେଶୀୟ ଓ ସାମାଜିକ ଉଚ୍ଚ ଆପଦ ସମ୍ପନ୍ନ ତାଲିକାରେ ଇ.ଏସ୍.ଆର.ଆର ୩ ଓ ୪ ପ୍ରକଳ୍ପ ସମୂହର ଦସ୍ତାବିଜୀକରଣ ହୋଇଛି । ଆଂଚଳିକ ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ତ୍ରୟମାସିକ ଭିତ୍ତିରେ ଏହି ତାଲିକା ପ୍ରସ୍ତୁତ କରନ୍ତି, ଯେଉଁଥିରେ ପରିଚାଳନା ସ୍ତରୀୟ ଅନୁମୋଦନ କ୍ରମେ ପ୍ରକଳ୍ପର ମିଶ୍ରଣ ବା ବିୟୋଗ ସାମିଲ କରାଯାଇଥାଏ । ସି.ଏ.ଓଙ୍କୁ ବୁଝାଯାଇଥିବା ଅନୁସାରେ ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇବା ଏହି ତାଲିକାର ଲକ୍ଷ୍ୟ ।

କାର୍ଯ୍ୟାନ୍ୱୟନ ଯୋଜନାର ରୂପାୟନ ଅନୁଧ୍ୟାନ କରିବା ନିମନ୍ତେ ତଥା ତ୍ରୟମାସିକ ଭିତ୍ତିରେ ଆଇ.ଏଫ୍.ସି ତଥା ପାଣ୍ଠିକୁ ପ୍ରତିବେଦନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ପାଣ୍ଠି ଆଇ.ଏଫ୍.ସି ଦ୍ୱାରା ଗ୍ରହଯୋଗ୍ୟ ଏଖ ତୃତୀୟ ପକ୍ଷ ଅନୁଧ୍ୟାନ ସଂସ୍ଥା ନିୟୋଜିତ କରିବେ ।

ସ୍ୱତନ୍ତ୍ର ଭାବରେ କମଲାଙ୍ଗ ପ୍ରକଳ୍ପ ସମ୍ପର୍କରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଉଲ୍ଲେଖ କଲେ ଯେ, କାର୍ଯ୍ୟକାରିତ ମାନକ ଅନୁପାଳନ ସମ୍ପର୍କିତ ମତ ନିର୍ମାଣ ନିମନ୍ତେ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ନଥିଲା ଏବଂ ୮ ମାସ ଧରି ବିନା ସଫଳତାରେ ଆଇ.ଏଫ୍.ସି କ୍ଷେତ୍ର ପରିଦର୍ଶନ ପାଇଁ ଅନୁରୋଧ କରିଚାଲିଥିଲା । ତେଣୁ ଏହି ସନ୍ଦର୍ଭରେ କମଲାଙ୍ଗ ପ୍ରକଳ୍ପରେ କାର୍ଯ୍ୟବିଧି ଯୋଜନାର କ୍ରିୟାନ୍ୱୟନ ସ୍ଥିତି ଏବଂ କାର୍ଯ୍ୟକାରିତା ମାନକ ଅନୁପାଳନର ସ୍ଥିତି ଜ୍ଞାତ ନଥିଲା ।

### *ପ୍ରଜଳିତ ଅର୍ଥ ପ୍ରଦାନ ସମ୍ପର୍କରେ ଆଲୋଚନା*

ଡିସେମ୍ବର ୨୦୧୦ରେ ମୂଳଧନ ନିବେଶ ପାଇଁ ପାଣ୍ଠିରୁ ଆଇ.ଏଫ୍.ସି ପାଇଥିବା ଡାକରାର ସମ୍ମୁଖୀନ ହେଲା । ଏହି ଅର୍ଥ ପ୍ରଦାନ ପାଇଁ ହୋଇଥିବା ଦସ୍ତାବିଜୀକରଣ ଉଲ୍ଲେଖ କଲା ଯେ, ଆଇ.ଏଫ୍.ସି ପାଣ୍ଠିର ପୋର୍ଟଫୋଲିଓ କମ୍ପାନୀ ଦ୍ୱାରା ପରିବେଶୀୟ ଓ ସାମାଜିକ ଅଣଅନୁପାଳନ ଜନିତ ସମସ୍ୟାକୁ ଚିହ୍ନଟ କରିଛି । ଯଦ୍ୟପି ନିବେଶ ବିଭାଗ ସମେତ ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ତଥା ବିଧି ବିଭାଗ ସହ ଆଲୋଚନା ସମୂହର ପରେ ପରେ ଆଇ.ଏଫ.ସି ପରିଚାଳନା କର୍ତ୍ତୃପକ୍ଷ ଅର୍ଥ ପ୍ରଦାନର ପ୍ରକ୍ରିୟାକରଣ ହେବା ବିଧେୟ ବୋଲି ନିଶ୍ଚିତ କରିଥିଲେ ।

ଏହି ଅର୍ଥପ୍ରଦାନ ପରେ ପରେ ଆଇ.ଏଫ୍.ସି ଗ୍ରାହକ ସଙ୍ଗଠନକୁ ଅନେକ ପରିବେଶୀୟ ଓ ସାମାଜିକ ଚିନ୍ତା ପ୍ରକଟ କରାଇ ପତ୍ର ଲେଖିଥିଲେ ଏବଂ ପତ୍ରରେ କାର୍ଯ୍ୟକାରିତା ମାନକ ଅନୁଯାୟୀ ଗ୍ରାହକ ସଙ୍ଗଠନ ଦ୍ୱାରା ଏହି ସମସ୍ୟା ମାନଙ୍କର ସମାଧାନ ହେବ ବୋଲି ଦେଇଥିବା ପ୍ରତିଶ୍ରୁତି ଭିତ୍ତିରେ ଏହା ଅର୍ଥ ପ୍ରଦାନ ପାଇଁ ପ୍ରସ୍ତୁତ ଅଛି ବୋଲି ଉଲ୍ଲେଖ କରିଥିଲା । ଏହାର ଉତ୍ତରରେ ଗ୍ରାହକ ସଙ୍ଗଠନ ପୋର୍ଟଫୋଲିଓ କମ୍ପାନୀଙ୍କ ଦ୍ୱାରା ଆଇନଗତ ବାଧ୍ୟତା  ସହ ସୁସଂଗତ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସର୍ବୋତ୍ତମ ପଦକ୍ଷେପ ଗ୍ରହଣ କରିଛି ବୋଲି କାଏମ ରଖିଥିଲା । ଏହି ଅନୁଯାୟୀ ପଦକ୍ଷେପ ଏବଂ କାର୍ଯ୍ୟବିଧିର ଆକଳନ ର ଭିତ୍ତିରେ ଭବିଷ୍ୟତ ପୁଞ୍ଜି ନିବେଶ ଯୋଗାଦାନକୁ ବିଳମ୍ବିତ କରିବା ବା ମନା କରିବା ପାଇଁ ଆଇ.ଏଫ୍.ସି ର କୌଣସି ହକ ନାହିଁ ବୋଲି ଗ୍ରାହକ ସଙ୍ଗଠନ ଉଲ୍ଲେଖ କରିଥିଲା ।

ମାର୍ଚ୍ଚ ୪, ୨୦୧୧ରେ ହୋଇଥିବା ପୋର୍ଟଫୋଲିଓ ବି କମ୍ପାନୀକୁ ଅର୍ଥ ପ୍ରଦାନ ଦସ୍ତାବିଜୀକରଣରେ ଆଇ.ଏଫ୍.ସି, ଟିମ୍ ତାହାର ପରିବେଶୀୟ ଓ ସାମାଜିକ ସମସ୍ୟା ସମ୍ପର୍କିତ ଚିନ୍ତାମାନ ପାଣ୍ଡିକୁ ସୂଚିତ କରିଛି ଏବଂ ପାଣ୍ଡି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛି ବୋଲି ଉଲ୍ଲେଖ କରିଥିଲା । ପୁନଃଶ୍ଚ ଆ.ଏଫ୍.ସି ଉଲ୍ଲେଖିତ କରିଥିଲା ଯେ, ପାଣ୍ଡି ସହିତ ପ୍ରତ୍ୟେକ ପ୍ରକଳ୍ପର ଅଣୁସ୍ତରରେ ଏହାର କର୍ମଚାରୀ ସମ୍ପୃକ୍ତ ହୋଇପାରିବେ ନାହିଁ । ତେଣୁ ପାଣ୍ଡିର ନିଜସ୍ୱ ପଦ୍ଧତି ସମୂହ ଧ୍ୟେୟ ପ୍ରକ୍ରିୟା ଅନୁସରଣ କରାଯାଉଛି ବୋଲି ଆଶ୍ୱସ୍ତି ପ୍ରଦାନ କରିବା ଆବଶ୍ୟକ ।

## *ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆଇ.ଏଫ୍.ସି ର ସୂଚନାମୂଳକ ଉଲ୍ଲେଖ*

ମେ ୨୦୧୧ରେ ଆଇ.ଏଫ୍.ସି କମଲାଙ୍ଗ ପ୍ରକଳ୍ପକୁ ଏହାର ଉନ୍ମୁକ୍ତୀକରଣ ସମ୍ପର୍କିତ ଏକ ସଂକ୍ଷିପ୍ତ ସାରମର୍ମ ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷଙ୍କ ନିମନ୍ତେ ପ୍ରସ୍ତୁତ କରିଥିଲା । ଏହି ସଂକ୍ଷିପ୍ତ ଉଲ୍ଲେଖରୁ ପାଣ୍ଡିରେ ଆଇ.ଏଫ୍.ସି ର ନିବେଶ ପୃଷ୍ଠଭୂମି ସମ୍ପର୍କରେ ଜାଣିହେଉଥିବା ସ୍ଥଳେ ଏଥିରୁ ସି.ଏ.ଓଙ୍କ ସମକ୍ଷରେ ହୋଇଥିବା ଅଭିଯୋଗରେ ବର୍ଣ୍ଣିତ ସମସ୍ୟାମାନଙ୍କ ବିଷୟରେ ସୂଚନା ମିଳିଥାଏ ।

ଏହି ସଂକ୍ଷିପ୍ତ ଉଲ୍ଲେଖ ରୁ ଆଇ.ଏଫ୍.ସି ପ୍ରତି ଥିବା ସୁନାମ ତଥା ଆର୍ଥିକ ଆପଦ ର ସୂଚନା ମିଳେ । ଏହି ସଂକ୍ଷିପ୍ତ ଉଲ୍ଲେଖରୁ ପୁନଃଶ୍ଚ ଜଣାପଡେ ଯେ, ଆଇ.ଏଫ୍.ସି କର୍ମଚାରୀମାନେ ଗ୍ରାହକ ସଙ୍ଗଠନ ସହିତ ଅନୁସରଣ ମୂଳକ ଯୋଗାଯୋଗ ରଖିଥିଲେ ଏବଂ ଏହି ଗ୍ରାହକ ସଙ୍ଗଠନ ର ଉତ୍ତମ ଅନୁଧ୍ୟାନ ତଥା ଉପ ପ୍ରକଳ୍ପ ସ୍ତରରେ ପାଣ୍ଡିର ନିବେଶର ପରିବେଶୀୟ ଓ ସାମାଜିକ ଅନୁପାଳନ ପ୍ରବର୍ତ୍ତନ କରାଇବା ସମ୍ପର୍କିତ ଅନୁସରଣାତ୍ମକ ମନ୍ତବ୍ୟ ପ୍ରତି ଗ୍ରହଣୀୟତା ପ୍ରଦର୍ଶନ କରିଥିଲା ।

## *ପାଣ୍ଡିକୁ ଆଇ.ଏଫ୍.ସି ର ତଦାରଖ ପରିଦର୍ଶନ (ଅଗଷ୍ଟ ୨୦୧୧)*

ଅଗଷ୍ଟ ୨୦୧୧ରେ ଅଇା.ଏଫ୍.ସି ପାଣ୍ଡିକୁ ଏକ ତଦାରଖ ପରିଦର୍ଶନ ଆୟୋଜନ କରିଥିଲା । ଏହି ପରିଦର୍ଶନର ତଦାରଖ ଦସ୍ତାବିଜୀକରଣ ଉଲ୍ଲେଖ କରେ ଯେ, ଗ୍ରାହକ ସଙ୍ଗଠନର କର୍ମଚାରୀ (କମଲାଙ୍ଗ ପ୍ରକଳ୍ପ ସମ୍ପର୍କିତ) ପରିପୁରକ ଆକଳନ ଏବଂ ପରିବେଶୀୟ  ଓ ସାମାଜିକ ପରିଚାଳନାର ଢାଂଚା ତଥା ପରିବେଶୀୟ  ଓ ସାମାଜିକ ଅନୁଧ୍ୟାନ ବିବରଣୀ ବିନିମୟ କରିଥିଲେ । ଏହି ସନ୍ଦର୍ଭରେ ଆଇ.ଏଫ୍.ସି ଜି.କେ.ଇ.ଏଲ୍ ଦ୍ୱାରା କରାଯାଇଥିବା ଇ.ଏସ୍.ଏ.ପି କାର୍ଯ୍ୟାନ୍ୱୟନ ତଥା ପରିବେଶୀୟ  ଓ ସାମାଜିକ ଆକଳନର ବ୍ୟବଧାନ ଉଲ୍ଲେଖିତ କରିଥିଲା । ସ୍ୱତନ୍ତ୍ର ରୂପେ ଆଇ.ଏଫ୍.ସି ସମ୍ପୃକ୍ତ ରାସ୍ତା ତଥା ରେଲୱେ

ସାଇଡିଂ ଭିତ୍ତି ନିର୍ମାଣ ର ଦୁର୍ବଳ ପରିବେଶୀୟ ଓ ସାମାଜିକ ଆକଳନ, ଅଂଶୀଦାରମାନଙ୍କ ସହ ଆଲୋଚନା ସମ୍ପର୍କିତ ଦସ୍ତାବିଜୀକରଣ ଅଭାବ, ଆନୁଷ୍ଠାନିକ ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ପ୍ରକଳ୍ପ ପ୍ରଭାବିତ ଗୋଷ୍ଠୀ ସମୂହ ନିମନ୍ତେ ଗ୍ରହଣ କରାଯାଇଥିବା ଉପକ୍ରମ ସମୂହର ଦସ୍ତାବିଜୀକରଣରେ ଅଣ ପର୍ଯ୍ୟାପ୍ତତା ଆଦି ଉଲ୍ଲେଖ କରିଥିଲା । ଆଇ.ଏଫ୍.ସି ପୁନଃଶ୍ଚ ଉଲ୍ଲେଖ କରିଥିଲା ଯେ, ଗ୍ରାହକ ସଙ୍ଗଠନ କାର୍ଯ୍ୟକାରିତା ମାନକ ଅନୁଯାୟୀ କମଲାଙ୍ଗ ପ୍ରକଳ୍ପର ଅନୁପାଳନ ପରିବର୍ତ୍ତେ ଇ.ଏସ୍.ଏ.ପି କ୍ରିୟାନ୍ୱୟନ ର କାର୍ଯ୍ୟଧାରା ଉପରେ ବୃହିତ୍ତର ଭାବେ ଆଲୋକପାତ କରିଥିଲା ।

ଅକ୍ଟୋବର ୨୦୧୧ରେ ଆଇ.ଏଫ୍.ସି ପରିଚାଳନା କର୍ତୃପକ୍ଷ ପାଣ୍ଠିର ସି.ଏ.ଓଙ୍କ ସହ ଅନୁସରଣାତ୍ମକ ଆଲୋଚନା ଜାରି ରଖି ଥିଲେ ଏବଂ ଆଇ.ଏଫ୍.ସି ର ଦସ୍ତାବିଜୀକରଣର ଉଲ୍ଲେଖ ଅନୁସାରେ, ପାଣ୍ଠି ଆଇ.ଏଫ୍.ସି ଦ୍ୱାରା ଚିହ୍ନଟ ହୋଇଥିବା ପରିବେଶୀୟ ଓ ସାମାଜିକ ସମସ୍ୟା ବଳୀର ସମାଧାନ ପାଇଁ କମଲାଙ୍ଗ ପ୍ରକଳ୍ପର ପରିଚାଳନା କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ କରିବ ବୋଲି ଆଇ.ଏଫ୍.ସି କୁ ପରାମର୍ଶ ଦିଆଯାଇଥିଲା ।

***ପାଣ୍ଠିର ପରିବେଶୀୟ ଓ ସାମାଜିକ ପ୍ରତିବେଦନ ସମ୍ପର୍କରେ ଆଇ.ଏଫ୍.ସି ର ସମୀକ୍ଷା (୨୦୧୧)***

ଆଇ.ଏଫ୍.ସି ଗ୍ରାହକ ସଙ୍ଗଠନର ପାଣ୍ଠି ସମ୍ପର୍କିତ ୨୦୧୦/୧୧ ଏ.ଇ.ପି.ଆର ଅପ୍ରେଲ ୨୦୧୧ରେ ପ୍ରାପ୍ତ ହେଲା । ଆଇ.ଏଫ୍.ସି ଦ୍ୱାରା ମାର୍ଚ୍ଚ ୨୦୧୨ରେ ସମ୍ପୂର୍ଣ୍ଣ ହୋଇଥିବା ଏହି ଏ.ଇ.ପି.ଆର ର ସମୀକ୍ଷା ୨୦୧୧ରେ ଗ୍ରହଣ କରାଯାଇଥିବା ପ୍ରମୁଖ ତଦାରଖ କାର୍ଯ୍ୟବିଧିକୁ ଦସ୍ତାବିଜୀକୃତ କରିଛି । ଏହି କ୍ଷେତ୍ରରେ ଆଇ.ଏଫ୍.ସି ମତପୋଷଣ କରେ ଯେ, ପାଣ୍ଠିର ସନ୍ତୋଷଜନକ ପରିବେଶୀୟ ଓ ସାମାଜିକ ନୀତି ସମୂହ ଥିଲା, କିନ୍ତୁ ଗ୍ରାହକ ସଙ୍ଗଠନର ପରିବେଶୀୟ ଓ ସାମାଜିକ କ୍ଷମତା, କାର୍ଯ୍ୟାନ୍ୱୟନ ତଥା ପ୍ରତିବେଦନରେ ଉଲ୍ଲେଖଯୋଗ୍ୟ ଚିନ୍ତାମାନ ଥିଲା । ଯେଉଁଗୁଡ଼ିକ ଅସନ୍ତୋଷଜନକ ରୂପେ ମୂଲ୍ୟାଙ୍କିତ ହୋଇଥିଲା ।

ଆଇ.ଏଫ୍.ସି ପୁନଃଶ୍ଚ ବୃହତ ଭିତ୍ତିନିର୍ମାଣ ପ୍ରକଳ୍ପ ସମ୍ପର୍କିତ ପାଣ୍ଠିର ପୋର୍ଟଫୋଲିଓ ରେ ସମ୍ପୃକ୍ତ ପରିବେଶୀୟ ଓ ସାମାଜିକ କର୍ମଚାରୀ ପ୍ରବରଣର ସ୍ତର ଉପରେ ପ୍ରଚଳିତ ଚିନ୍ତାମାନ ଉଲ୍ଲେଖ କରିଥିଲା । ଆଇ.ଏଫ୍.ସି ପାଣ୍ଠି ନିମନ୍ତେ ଇ.ଏସ୍.ଆର.ଆର କୁ ୪ (ଅସନ୍ତୋଷଜନକ) ରୂପେ କାଏମ ରଖିଥିଲା ।

ଏହି ସମୀକ୍ଷାର ଫଳସ୍ୱରୁପ , ଆଇ.ଏଫ୍.ସି ପାଣ୍ଠିକୁ ଏସ୍.ଇ.ଏମ୍.ଏସ୍ ଅଧିକାରୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ଏକ ପରାମର୍ଶଦାତା ସଙ୍ଗଠନ ନିୟୋଜନ କରିବା ପାଇଁ ଅନୁମୋଦନ ଜଣାଇଥିଲା ।

ଆଇ.ଏଫ୍.ସି ପୁନଃଶ୍ଚ ପ୍ରବିର୍ତ୍ତିତ ପୋର୍ଟଫୋଲିଓ ର ବ୍ୟାପକ ସମୀକ୍ଷା ପରିଚାଳନା ପାଇଁ ତଥା ଏହାର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ବ୍ୟବଧାନ ଚିହ୍ନଟ କରିବା ପାଇଁ ଏକ ପରାମର୍ଶଦାତା ସଙ୍ଗଠନ ନିୟୋଜିତ କରିବା ନିମନ୍ତେ ପାଣ୍ଠିକୁ ଅନୁମୋଦନ ପ୍ରଦାନ କରିଥିଲା ।

## ୨୦୧୨–୨୦୧୩

### *ସାଧାରଣ ତଦାରଖ*

୨୦୧୨ ଓ ୨୦୧୩ରେ ପାଣ୍ଠି ସମ୍ପର୍କିତ ପ୍ରଚଳିତ ପରିବେଶୀୟ ଓ ସାମାଜିକ ତଦାରଖ କାର୍ଯ୍ୟବିଧି ଆଇ.ଏଫ୍.ସି ଦ୍ୱାରା କରାଯାଇଥିଲା । ଏହି ଅବଧି ମଧ୍ୟରେ ଆଇ.ଏଫ୍.ସି ଦୁଇଟି ଏ.ଇ.ପି.ଆର ର ସମୀକ୍ଷା କରିଥିଲା ଏବଂ ପାଣ୍ଠିକୁ ଦୁଇଟି ତଦାରଖ ଗସ୍ତ କରିଥିଲା । ଏହି ଅବଧି ର ପରିବେଶୀୟ ଓ ସାମାଜିକ ଦସ୍ତାବିଜୀକରଣ ଉପର ବର୍ଣ୍ଣିତ ୨୦୧୧ ଏ.ଇ.ପି.ଆର ସମୀକ୍ଷା ତଥା ଅଗଷ୍ଟ ୨୦୧୧ କ୍ଷେତ୍ର ତଦାରଖ ପରିଦର୍ଶନର ନିଷ୍କର୍ଷକୁ ପୁନରାବୃତ୍ତି କରି ରଖିଥିଲା ଏବଂ ଚିହ୍ନଟ ହୋଇଥିବା ପରିବେଶୀୟ ଓ ସାମାଜିକ ସମସ୍ୟାର ସମାଧାନରେ ସ୍ୱଳ୍ପ ପ୍ରଗତି ଉଲ୍ଲେଖ କରିଥିଲା ।

## **୨୦୧୪ ରୁ ଏଯାବତ୍**

*ସାଧାରଣ ତଦାରଖ*

କମଳାଙ୍ଗ ପ୍ରକଳ୍ପ ପୁର୍ଣ୍ଣ କାର୍ଯ୍ୟକ୍ଷମ ହେବାର ୯ ମାସ ପରେ ଡିସେମ୍ବର, ୨୦୧୪ରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ସେଠାକୁ ପ୍ରଥମ କ୍ଷେତ୍ର ପରିଦର୍ଶନରେ ଯାଇ ଥିଲେ[୪୧] ।

ଆଇ.ଏଫ୍.ସି ର ତଦାରଖ ଦସ୍ତାବିଜୀକରଣ ଉଲ୍ଲେଖ କରେ ଯେ, କମଳାଙ୍ଗ ପ୍ରକଳ୍ପ ସୁବିଧା ସମୂହର ତୃତୀୟ ପକ୍ଷ ପରିବେଶୀୟ ଓ ସାମାଜିକ ଅଡିଟ୍ ସଂସ୍ଥାପନ କରିଥିଲେ, ଯାହା ଅପ୍ରେଲ, ୨୦୧୪ରେ ସମ୍ପନ୍ନ ହୋଇଥିଲା । ପରିବେଶୀୟ ସ୍ୱାସ୍ଥ୍ୟ ତଥା ସୁରକ୍ଷା ସମ୍ପର୍କିତ ସମସ୍ୟାର ସମାଧାନରେ କେତେକ ପ୍ରଗତି ଉଲ୍ଲେଖ କରିବା ସହିତ ଆଇ.ଏଫ୍.ସି କ୍ଷେତ୍ର ପରିଦର୍ଶନ ପରେ ପରେ ଏହି ଉପସଂହାରରେ ଉପନୀତ ହେଲେ ଯେ ଅଭିଯୋଗକାରୀଙ୍କ ଦ୍ୱାରା ଉତ୍ଥାପିତ ପ୍ରମୁଖ ସମସ୍ୟା ସମ୍ପର୍କିତ କାର୍ଯ୍ୟକାରିତା ମାନକର ଅନୁପାଳନ ଅନୁରୂପ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ଆପଦ ତଥା ପ୍ରଭାବର ଆକଳନ

---

[41] ବିଜିନେସ୍ ଷ୍ଟାଣ୍ଡାର୍ଡ୍ (ମାର୍ଚ୍ଚ ୨୫, ୨୦୧୪) ଜି.ଏମ୍.ଆର କମଳାଙ୍ଗ ଶକ୍ତି ପ୍ରକଳ୍ପର ପକ୍ଷରୁ ତୃତୀୟ ୟୁନିଟ୍ କାର୍ଯ୍ୟକ୍ଷମ http://goo.gl/hd47HQ (ଅପ୍ରେଲ ୧୬, ୨୦୧୫ରେ ପରିଦୃଷ୍ଟ)

ଅସଫଳ ହୋଇଥିଲା । ଫଳସ୍ୱରୁପ ଆଇ.ଏଫ୍.ସି ଗ୍ରାହକ ସଙ୍ଗଠନକୁ ପରବର୍ତ୍ତୀ ଅର୍ଥପ୍ରଦାନ ପୂର୍ବରୁ କାର୍ଯ୍ୟକାରୀ ହେବାକୁଥିବା ସୁଧାରମୂଳକ ପଦକ୍ଷେପ ମାଳା ପ୍ରଜ୍ଞାପିତ କରିଥିଲେ ।

ଗ୍ରାହକ ସଙ୍ଗଠନର ୨୦୧୩/୧୪ ପାଣ୍ଠି ସମ୍ପର୍କିତ ଏ.ଇ.ପି.ଆର (ଜୁନ୍ ୩୦,୨୦୧୪ ରେ ଧେୟ) ମଧ୍ୟ ଫେବୃଆରୀ ୨୦୧୫ ରେ ଆଇ.ଏଫ୍.ସି ପ୍ରଦତ୍ତ ହୋଇଥିଲା । ଏହି ବିବରଣୀ ଲେଖା ହେବା ବେଳକୁ, ଆଇ.ଏଫ୍.ସି ଏହି ଏ.ଇ.ପି.ଆର ର ସମୀକ୍ଷା ଦାଖଲ କରିନଥିଲା ।

ଏହି ସମ୍ପୁର୍ଣ୍ଣ ଅବଧି ମଧ୍ୟରେ ଆଇ.ଏଫ୍.ସି ପାଣ୍ଠି ନିମନ୍ତେ ଇ.ଏସ୍.ଆର.ଆର ୪ ଅସନ୍ତୋଷଜନକ ରୂପେ କାଏମ ରଖିଥିଲା ।

### ୪.୩.୩ ଆଲୋଚନା ଓ ନିଷ୍କର୍ଷ: ତଦାରଖ

ଏହି ବିଭାଗରେ ପାଣ୍ଠି ନିମନ୍ତେ ଆଇ.ଏଫ୍.ସି ର ନିବେଶର ତଦାରଖ ସମ୍ପର୍କିତ ସି.ଏ.ଓ ଙ୍କ ବିଶ୍ଳେଷଣ ଓ ନିଷ୍କର୍ଷ ବର୍ଣ୍ଣିତ ହୋଇଛି ।

<u>ଅର୍ଥପ୍ରଦାନ</u>

ମାର୍ଚ୍ଚ ୨୦୦୮ରେ ଆଇ.ଏଫ୍.ସି, କାର୍ଯ୍ୟକାରିତା ମାନକର କ୍ରିୟାନ୍ୱୟନ ନିଶ୍ଚିତ କରିବା ନିମନ୍ତେ ପାଣ୍ଠି ନିକଟରେ ଏକ ଏସ୍.ଇ.ଏମ୍.ଏସ୍ ସ୍ଥାନିତ ଅଛି, ଅର୍ଥ ପ୍ରଦାନର ସର୍ତ୍ତ ପାଣ୍ଠି ପୂରଣ କରୁଛି ତାହା ନିଶ୍ଚିତ ନ କରି, ପାଣ୍ଠିକୁ ଏହାର ପ୍ରଥମ ଅର୍ଥ ପ୍ରଦାନ କରିଥିଲା । ସ.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଆଇ.ଏଫ୍.ସି ର ପ୍ରଥମ ଅର୍ଥ ପ୍ରଦାନ କେବଳ ପାଣ୍ଠିର ସଂସ୍ଥାପନ ବ୍ୟୟକୁ ତୁଲାଇଥିଲା । ଏହା ସତ୍ତ୍ୱେ ଅନୁପାଳନ ଆବଶ୍ୟକ କରିବା ନିମନ୍ତେ ଅଥବା ଏକମାତ୍ର ପରିବେଶୀୟ ଓ ସାମାଜିକ ସି.ଓ.ଡି ର ଏକ ଅସ୍ଥାୟୀ ଅବ୍ୟାହତିର ମୂଳଚାଲ ନିମନ୍ତେ ଆଇ.ଏଫ୍.ସି ର ଅସଫଳତା ଏହାର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତାଙ୍କ ସ୍ଥିତିକୁ, ପ୍ରଥମ ଅର୍ଥ ପ୍ରଦାନର ୬ ମାସ ପରେ ସମ୍ପୁର୍ଣ୍ଣ ହୋଇଥିବା ଏସ୍.ଇ.ଏମ୍.ଏସ୍ ସମୀକ୍ଷା ବେଳକୁ, ଦୁର୍ବଳ କରିଦେଇଥିଲା ।

ପାଣ୍ଠିର ଏସ୍.ଇ.ଏମ୍.ଏସ୍ କୁ ୨୦୦୮ରେ ଆଇ.ଏଫ୍.ସି ସମୀକ୍ଷା କରିବା ସହ ସମାପିତ କରିଥିଲା । ଏହି ସମୀକ୍ଷାରେ ଦୁଇଟି ଦିଗରୁ ଅଭାବ ରହିଥିଲା । (i) ଏହା ପ୍ରତିବଦ୍ଧ ହେବା ପୂର୍ବରୁ (ଆଇ.ଆର.ଏମ୍‌ରେ ଆଲୋଚନା ଅନୁଯାୟୀ) ଅଥବା ଅର୍ଥ ପ୍ରଦାନ ପୂର୍ବରୁ (ଗ୍ରାହକ ସଙ୍ଗଠନ ସହିତ

ହୋଇଥିବା ଆଇ.ଏଫ୍.ସି ନିବେଶ ରାଜିନାମା ଅନୁଯାୟୀ) ସମ୍ପନ୍ନ ନ ହୋଇ ପ୍ରଥମ ଅର୍ଥ ପ୍ରଦାନର ୫ ମାସ ପରେ ହୋଇଥିଲା । (ii) ଗ୍ରାହକ ସଙ୍ଗଠନ ଏସ୍.ଇ.ଏମ୍.ଏସ୍ ର ପର୍ଯ୍ୟାପ୍ତ ପୁନଃ ସଂସାଧନ ପ୍ରତି ଅଙ୍ଗୀକାରବଦ୍ଧ ବୋଲି ଏହି ସମୀକ୍ଷା ସୁନିଶ୍ଚିତ କରିନଥିଲା (ଯଦିଓ ଏହି ସମସ୍ୟା ଆଇ.ଡି.ଏଫ୍.ସି ଅଥବା ଅଧିକ ଅଧୁନାତନ ରୂପେ ପାଣ୍ଡି ସହ ଏକ ଦୀର୍ଘସ୍ଥାୟୀ ସମସ୍ୟା ରୂପେ ରହିଥିଲା । (iii) ଗ୍ରାହକ ସଙ୍ଗଠନ ଏହାର ସମସ୍ତ ପ୍ରଚଳିତ ଓ ନୂତନ ପ୍ରକଳ୍ପ ପାଇଁ ଏକ ସ୍ୱାଧୀନ ପରିବେଶୀୟ ଓ ସାମାଜିକ ଅଡିଟ୍ ପରିଚାଳନା କରିବ ତଥା ଏହାର ପରାମର୍ଶଦାତା ପରିଷଦକୁ ଏହା ଆବଂଟିତ କରିବ । (ପୁଞ୍ଜିନିବେଶ ପୂର୍ବରୁ ଆଇ.ଏଫ୍.ସି ଦ୍ୱାରା ପ୍ରସ୍ତାବିତ ଏକ ପ୍ରମୁଖ ପ୍ରଶମନ ପଦକ୍ଷେପ) ଏହି ଆବଶ୍ୟକତାକୁ ଏସ୍.ଇ.ଏମ୍.ଏସ୍ ଅନ୍ତର୍ଭୁକ୍ତ କରିଛି, ତାହା ସମୀକ୍ଷା ଦ୍ୱାରା ସୁନିଶ୍ଚିତ ହୋଇନଥିଲା ।

## <u>କମଲାଙ୍ଗ ପ୍ରକଳ୍ପ ନିମନ୍ତେ ପାଣ୍ଡିର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତାର ସମୀକ୍ଷା</u>

ଆଲୋଚନା ଅନୁଯାୟୀ ଯେତେବେଳେ ପ୍ରକଳ୍ପର ଉପସ୍ଥାପନା ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ କରାଯାଇଥିଲା, ସେତେବେଳେ ଗ୍ରାହକ ସଙ୍ଗଠନର ଏ ବର୍ଗ ପ୍ରକଳ୍ପ ନିମନ୍ତେ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତାର ଆଇ.ଏଫ୍.ସି ଦ୍ୱାରା ସମୀକ୍ଷାର ପ୍ରମୁଖ ଆଭିମୁଖ୍ୟ "ଆଇ.ଏଫ୍.ସି ର ପରିବେଶୀୟ ଓ  ସାମାଜିକ ମାନକର ଉଲ୍ଲଙ୍ଘନ ପ୍ରତିହତ କରିବା" ନିରୂପିତ ହୋଇଥିଲା । ଏହି ସନ୍ଦର୍ଭରେ ଆଇ.ଏଫ୍.ସି ଅଗଷ୍ଟ ଓ ସେପ୍ଟେମ୍ବର ୨୦୦୮ରେ ପାଣ୍ଡିର କମଲାଙ୍ଗ ପ୍ରକଳ୍ପ ନିମନ୍ତେ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ପ୍ରତିବେଦନର ସମୀକ୍ଷା କରିଥିଲା ଓ ମନ୍ତବ୍ୟ ପ୍ରଦାନ କରିଥିଲା । ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଆଇ.ଏଫ୍.ସି ସମୀକ୍ଷା ଫଳସ୍ୱରୁପ ପାଣ୍ଡିର କମଲାଙ୍ଗ ପ୍ରକଳ୍ପ ନିମନ୍ତେ ଧ୍ୟେୟ ସତର୍କତା ପ୍ରତିବେଦନରେ ଅନେକ ଗୁଡ଼ିଏ କାର୍ଯ୍ୟ ଯୋଜନାର ମିଶ୍ରଣ ହୋଇଥିଲା । ଏହା ସତ୍ତ୍ୱେ ସ.ଏ.ଓ ଜ୍ଞାତ ହୋଇଛନ୍ତି ଯେ, କମଲାଙ୍ଗ ପ୍ରକଳ୍ପ କାର୍ଯ୍ୟକାରିତା ମାନକର ଆବଶ୍ୟକତା ର ପରିପୂରଣ କରିବ ଏହି ଯୁକ୍ତିଯୁକ୍ତ ଆଶାପୋଷଣକୁ ସଂସ୍ଥାପିତ କରିବାରେ ଆଇ.ଏଫ୍.ସି ର ସମୀକ୍ଷା ଅସଫଳ ଥିଲା ।

ନିର୍ଦ୍ଦିଷ୍ଟ ଚିନ୍ତାଜନକ ବିଷୟ ଭାବେ ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଆଇ.ଏଫ୍.ସି: (କ) ଅର୍ଥ ପ୍ରଦାନ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ କମଲାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସମାଜିକ ଆକଳନର ଉପଯୋଗୀ ଉପାଦାନ ସମୂହର ବିଳମ୍ବୀକରଣ ଅଥବା (ଖ) ଏକ ପ୍ରକଳ୍ପ ଯାହାର କାର୍ଯ୍ୟକାରିତା ମାନକ ଅନୁପାଳନୀୟ ପ୍ରଭାବ ଆକଳନରେ ଉଲ୍ଲେଖଯୋଗ୍ୟ ପରିବେଶୀୟ ଓ ସାମାଜିକ ଆପଦ ତଥା ବ୍ୟବଧାନ

ଥିବ, ସେ ସନ୍ଦର୍ଭରେ ଦୃଶ୍ୟମାନ ପ୍ରଶସ୍ତ ପରିବେଶୀୟ ଓ ସାମାଜିକ କାର୍ଯ୍ୟବିଧି ବିକଶିତ କରିବା ଦିଗରେ କୌଣସି ପ୍ରତିବାଦ ଜଣାଇନଥିଲା[୪୨] । ଫଳସ୍ୱରୁପ ଆଇ.ଏଫ୍.ସି ଏହା ବାଧ୍ୟ କରିନଥିଲା ଯେ, (କ) ଧେୟ ସତର୍କତା ପ୍ରକ୍ରିୟା ସମାପ୍ତି ପୂର୍ବରୁ କମଲାଙ୍ଗ ପ୍ରକଳ୍ପ ସମ୍ପର୍କିତ ଉଲ୍ଲେଖଯୋଗ୍ୟ ପରିବେଶୀୟ ଓ ସାମାଜିକ ଆପଦ ସମାହିତ ହୋଇଥିବ ଅଥବା (ଖ) ପାଣ୍ଠିର ନିବେଶ କମିଟି ଦ୍ୱାରା ସର୍ବସମ୍ମତ ସମର୍ଥନ ପରେ ହିଁ ନିବେଶ ଆଗକୁ ବଢିବ (ଯାହାକି ପାଣ୍ଠିର ପରିବେଶୀୟ ଓ ସାମାଜିକ ଧେୟ ସତର୍କତା ସମ୍ପର୍କରେ ଆଇ.ଏଫ୍.ସି ର ଅସନ୍ତୋଷ କ୍ଷେତ୍ରରେ ନିବେଶ ରାଜିନାମା ଅଧୀନରେ ଥିବା ଇଚ୍ଛାଧିନ ବିଷୟ)

ଅଧିକ ନିର୍ଦ୍ଦିଷ୍ଟ ରୂପେ ଏବଂ ଅଭିଯୋଗକାରୀଙ୍କ  ଦ୍ୱାରା ଉତ୍ଥାପିତ ସମସ୍ୟା ସହ ପ୍ରାସଙ୍ଗିକତା ସ୍ୱରୁପ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ପାଣ୍ଠିର କମଲାଙ୍ଗ ପ୍ରକଳ୍ପ ନିମନ୍ତେ ଇ.ଏସ୍.ଡି.ଡି ର ଆଇ.ଏଫ୍.ସି ଦ୍ୱାରା ସମୀକ୍ଷା (କ) କାର୍ଯ୍ୟକାରିତା ମାନକର ଆବଶ୍ୟକତା ଅନୁସାରେ ପ୍ରଭାବିତ ଗୋଷ୍ଠୀ ସମୂହ ସହିତ ଆଲୋଚନା ନିମନ୍ତେ ପ୍ରକଳ୍ପର ପଦକ୍ଷେପ ରେ ଥିବା ସମ୍ଭାବ୍ୟ ଅସୁବିଧା ର ପର୍ଯ୍ୟାପ୍ତ ରୂପେ ସମ୍ମୁଖୀନ ହେବା (ଖ) ଆପଦର ସମାନୁପାତିକ ଅନୁଧ୍ୟାନର ଢାଂଚା ଆବଶ୍ୟକ କରିବା (ଏ ବର୍ଗ ପ୍ରକଳ୍ପ ନିମନ୍ତେ ବାହ୍ୟ ପରିବେଶୀୟ ଓ ସାମାଜିକ ଅନୁଧ୍ୟାନ ର ଆବଶ୍ୟକତା ସମେତ); (ଗ) ଆଇ.ଏଫ୍.ସି ର ୨୦୦୭ ସାଧାରଣ ପରିବେଶୀୟ ଓ ସାମାଜିକ ଦିଗଦର୍ଶିକା ତଥା ୧୯୯୮ ର ତାପଜ ବିଦ୍ୟୁତ୍ ଦିଗଦର୍ଶିକା  ର ବାୟୁ ଗୁଣବତ୍ତା ଓ  ନିର୍ଗମନ ର ପୂର୍ଣ୍ଣ ଅନୁପାଳନର ଆବଶ୍ୟକତା (ଘ) କାର୍ଯ୍ୟକାରିତା ମାନଙ୍କର ଆବଶ୍ୟକତା ତୁଳନାରେ ପ୍ରକଳ୍ପର ଭୂମି ଅଧିଗ୍ରହଣ ଦିଗରେ ଥିବା ନୀତି ର ବ୍ୟବଧାନ ସମୀକ୍ଷାର ଆବଶ୍ୟକତା ଅଥବା (ଙ) ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକ ୭ (ଜନଜାତି ସମ୍ପର୍କିତ) ର ପକଳ୍ପ ଅଂଚଳରେ ବସବାସ କରୁଥିବା ଖରିଆ ବ୍ୟକ୍ତି ବିଶେଷଙ୍କ ଉପରେ ପ୍ରୟୋଗ ର ପର୍ଯ୍ୟାପ୍ତ ବିଶ୍ଲେଷଣର ଆବଶ୍ୟକତା, ଏ ସବୁକୁ ବିଚାରକୁ ନେଇନଥିଲା ।

ଏହି ନିଷ୍କର୍ଷ ରଖିବା ସମୟରେ ପାଣ୍ଠିର ଉପ ପ୍ରକଳ୍ପ ଧେୟ ସତର୍କତା ସମୀକ୍ଷାରେ ଆଇ.ଏଫ୍.ସି ର ଭୂମିକା ସମ୍ପର୍କରେ ମତପୋଷଣରେ ଭିନ୍ନତା ସି.ଏ.ଓ ଉଲ୍ଲେଖ କରିଛନ୍ତି । ଗ୍ରାହକ ସଙ୍ଗଠନ ସି.ଏ.ଓଙ୍କୁ

[42] ସି.ଏ.ଓ ଏଠାରେ ଉଲ୍ଲେଖ କରିଛନ୍ତି ଯେ, କାର୍ଯ୍ୟକାରିତା ମାନକ ୧ ର ଆବଶ୍ୟକତା ଅନୁଯାୟୀ ଗୋଟିଏ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ପରିଚାଳନା କାର୍ଯ୍ୟକ୍ରମର ବିଶଦତା ତଥା ଜଟିଳତା ଏବଂ ଚିହ୍ନିତ ପଦକ୍ଷେପ ଓ କାର୍ଯ୍ୟଧାରାର ଅଗ୍ରାଧିକାର ପ୍ରକଳ୍ପର ଆପଦ ଏବଂ ପ୍ରଭାବର ସହଗାମୀ ହେବ (କାର୍ଯ୍ୟକାରିତା ମାନକ ୧ ଅନୁଚ୍ଛେଦ ୧୪)

ପ୍ରତିବେଦିତ କରିଥିଲେ ଯେ, ନିଜର ଧେୟ ସତର୍କତା ପରିଚାଳନା କରି ଏବଂ କମଳାଙ୍ଗ ପ୍ରକଳ୍ପ କାର୍ଯ୍ୟକାରିତା ମାନକ ର ଅନୁପାଳନ କରୁଛି ସେ ସମ୍ପର୍କରେ ଉପସଂହାରରେ ଉପନୀତ ହୋଇ ଆଇ.ଏଫ୍.ସି ଯଦି ଏକ ଦିଗରେ ଭିନ୍ନ ମତପୋଷଣ କରୁଛି, ସେ ସମ୍ପର୍କରେ ସୁଚୀତ ହେବାର ଆବଶ୍ୟକତା ବିଷୟରେ ଆଶାପୋଷଣ କରିଥିଲା । ଗ୍ରାହକ ସଙ୍ଗଠନ ଆଇ.ଏଫ୍.ସି ପରି ସମାନ ଦକ୍ଷତା ରଖିନାହାନ୍ତି ବୋଲି ବୁଝାଇଥିଲେ, ଯାହାଫଳରେ ଅନୁପାଳନ ସମ୍ପର୍କୀୟ ବିଚାର ଆଇ.ଏଫ୍.ସି ର ବିଚାରଠାରୁ ଭିନ୍ନ ହେବ ବୋଲି ବୁଝାଇଥିଲେ । ଆଇ.ଏଫ୍.ସି କର୍ମଚାରୀମାନେ ଅନ୍ୟପକ୍ଷରେ ସି.ଏ.ଓ ଙ୍କୁ ବୁଝାଇଥିଲେ ଯେ, ଗ୍ରାହକ ସଙ୍ଗଠନର ଉପ ପ୍ରକଳ୍ପର ଧେୟ ସତର୍କତା ଦିଗରେ କେବଳ ପରମର୍ଶଦାତା ଭୂମିକା ରହିଛି । ପୁନଶ୍ଚ ଆଇ.ଏଫ୍.ସି କର୍ମକର୍ତ୍ତା ଉଲ୍ଲେଖ କଲେ ଯେ, ଯେଉଁ ସମୟରେ ଏହି ପ୍ରସଙ୍ଗ ପରି ଏଫ୍.ଆଇ ବଦଳରେ ଆଇ.ଏଫ୍.ସି ଏପ୍ରକାର ସିଧାସଳଖ ନିବେଶ କରେ ପରିବେଶୀୟ ଓ ସାମାଜିକ ଧେୟ ସତର୍କତା ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ ବିନା ସମ୍ପୁର୍ଣ୍ଣ ହୋଇପାରିବ ନାହିଁ, ଯାହାକି ପ୍ରକଳ୍ପ ସମ୍ପର୍କରେ ଏକ ନିଶ୍ଚିତ ମତପୋଷଣ  କରିବାର ସ୍ପଷ୍ଟ ଆବଶ୍ୟକତା ପ୍ରତିପାଦନ କରେ ।

କମଳାଙ୍ଗ ପ୍ରକଳ୍ପ ନିମନ୍ତେ ପାଣିର ପରିବେଶୀୟ ଓ ସାମାଜିକ ଧେୟ ସତର୍କତା ଉପରେ ଆଇ.ଏଫ୍.ସି ର ସମସ୍ୟା ସମ୍ପର୍କିତ ସମସ୍ୟାର ଏକ ଅଧିକ ବିସ୍ତୃତ ଉପସ୍ଥାପନା ପରିଶିଷ୍ଟ (ଖ) ରେ ଦିୟା ହୋଇଛି ।

<u>ସାଧାରଣ ତଦାରଖ</u>

ସି.ଏ.ଓ ଜ୍ଞାତ ଅଛନ୍ତି ଯେ, ଆଇ.ଏଫ୍.ସି ଅର୍ଥ ପ୍ରଦାନ କରୁଥିବା ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପ ମାନ କାର୍ଯ୍ୟକାରିତ ମାନକର ଅନୁରୂପ ଢଙ୍ଗରେ ରେଖାଙ୍କିତ ତଥା କ୍ରିୟାନ୍ୱିତ ହୋଇଛନ୍ତି, ତାହା ନିଶ୍ଚିତ କରିବା ନିମନ୍ତେ ଆଇ.ଏଫ୍.ସି ର ତଦନ୍ତରେ ପର୍ଯ୍ୟାପ୍ତତା ନଥିଲା । ଉପରୋକ୍ତ ଉଲ୍ଲେଖ ଅନୁଯାୟୀ ଏହା ହେଉଛି, ଦୀର୍ଘସ୍ଥାୟିତ୍ୱ ନୀତିର ଏକ ପ୍ରମୁଖ ଆଭିମୁଖ୍ୟ (ଅନୁଚ୍ଛେଦ ୫) ।

ଆରମ୍ଭ ରୁ ହିଁ ଗ୍ରାହକ ସଙ୍ଗଠନ  ମୂଲ୍ୟାୟନ ସମୟରେ ପରିଗ୍ରହଣ କରାଯାଇଥିବା ପରି ଏସ୍.ଇ.ଏମ୍.ଏସ୍ କୁ କ୍ରିୟାନ୍ୱିତ କରିବା ବିଷୟରେ ଆଶ୍ୱସ୍ତ ହେବା ପାଇଁ ତଦାରଖରୁ ଯଥେଷ୍ଟ ପ୍ରମାଣ ମିଳିନଥିଲା[୪୩] । ଆଇ.ଏଫ୍.ସି ର ଅନ୍ୟ ଏଫ୍.ଆଇ ନିବେଶ ସମ୍ପର୍କରେ ସି.ଏ.ଓ ଙ୍କ ପର୍ଯ୍ୟବେକ୍ଷଣ ଅନୁସାରେ ଆଇ.ଏଫ୍.ସି ର ଏ.ଇ.ପି.ଆର ଢାଂଚା ଉପ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ର

[43] ଆଇ.ଏଫ୍.ସି ଇ.ଏସ୍.ଆର.ପି (ଭି ୪ ୧୦.୨.୬)

ବିଶଦ ବିବରଣୀ ଦୃଷ୍ଟିରୁ ଆଭିମୁଖ୍ୟ ସହ ଖାପଖୁଆଉ ନଥିଲା[୪୪] । ପୁନଶ୍ଚ ଯେହେତୁ ଗ୍ରାହକ ସଙ୍ଗଠନ ଏବଂ ପୋର୍ଟଫୋଲିଓ କମ୍ପାନୀ ମଧ୍ୟରେ ହୋଇଥିବା ରାଜିନାମାରେ ଅନ୍ତର୍ଭୁକ୍ତ ପରିବେଶୀୟ ଓ ସମାଜିକ ବ୍ୟବସ୍ଥା ର ସମୀକ୍ଷା ତଥା ସ୍ୱତନ୍ତ୍ର ପରିବେଶୀୟ ଓ ସମାଜିକ ଅଡିଟ୍ ଏବଂ ଉପ ପ୍ରକଳ୍ପକୁ ପରିଦର୍ଶନ କରିବାର ଅଧିକାର ଆଇ.ଏଫ୍.ସି ପକ୍ଷରେ ଅସମ୍ଭବ ଥିଲା, ଗ୍ରାହକ ସଙ୍ଗଠନ ସେମାନଙ୍କର ଉପ ପ୍ରକଳ୍ପ ସମୂହରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ପ୍ରାୟୋଗ କରୁଛନ୍ତି କି ନାହିଁ, ସେ ସମ୍ପର୍କରେ ନିଜକୁ ଆଶ୍ୱସ୍ତ କରିବା ଅବସ୍ଥାରେ ଆଇ.ଏଫ୍.ସି ନଥିଲା (ଇ.ଏସ୍.ଆର.ପି (ଭି.୪) ଅନୁଚ୍ଛେଦ ୧୦.୨.୮)

ଯଦ୍ୟପି ଅକ୍ଟୋବର ୨୦୧୦ରେ ଆରମ୍ଭ ହୋଇ ଥିବା ପାଣ୍ଠିର ଅନ୍ୟ ପୋର୍ଟଫୋଲିଓ କମ୍ପାନୀକୁ ଗସ୍ତ ପରେ ପରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ବିଭାଗ ଏ ଉପସଂହାରରେ ଉପନୀତ ହେଲା ଯେ, ପାଣ୍ଠି ବସ୍ତୁତଃ ପରିବେଶୀୟ ଓ ସାମାଜିକ ଆଇନଗତ ବାଧ୍ୟତା ର ଅନୁପାଳନ କରିନଥିଲା ।

ଯେଉଁ ପରିସ୍ଥିତିରେ ଆଇ.ଏଫ୍.ସି ତାର ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ଅନୁପାଳନ ବାହାରେ ଥିବା ଗ୍ରାହକ ସଙ୍ଗଠନକୁ ପାଇଥାଏ, ତେବେ ଦୀର୍ଘସ୍ଥାୟିତ୍ୱ ନୀତି (ଅନୁଚ୍ଛେଦ ୨୬) ଏକ ପର୍ଯ୍ୟାୟ ଧର୍ମୀ ପଦକ୍ଷେପ ର ଅବତାରଣା କରିଛି । ପ୍ରଥମତଃ ଆଇ.ଏଫ୍.ସି ଗ୍ରାହକ ସଙ୍ଗଠନ ଯେପରି ଅନୁପାଳନକୁ ପ୍ରତ୍ୟାବର୍ତ୍ତନ କରିବେ, ସେଥିପାଇଁ ତାଙ୍କ ସହିତ କାର୍ଯ୍ୟ କରିବା ଉଚିତ । ଦ୍ୱିତୀୟତଃ ଯଦି ଗ୍ରାହକ ସଙ୍ଗଠନ ଅନୁପାଳନ ସଂସ୍ଥାପନ କରିବା ଦିଗରେ ଅସମର୍ଥ ହେବେ, ତେବେ ଆଇ.ଏଫ୍.ସି କୁ ଯଥାର୍ଥତ ଭିତ୍ତିକ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ପାଣ୍ଠିର ଆଇ.ଏଫ୍.ସି ନିବେଶ ସଂକ୍ରାନ୍ତରେ ଏ ମଧ୍ୟରୁ କୌଣସିଟି ଇଚ୍ଛାଧିନ ପଦକ୍ଷେପ ସୁଦକ୍ଷତାର ସହିତ କରାଯାଇନଥିଲା ।

ଚିହ୍ନଟ ହୋଇଥିବା ଅନୁପାଳନ ସମସ୍ୟାର ସମାଧାନ ପାଇଁ ଆଇ.ଏଫ୍.ସି ପାଣ୍ଠିର ପୋର୍ଟଫୋଲିଓରେ ଥିବା ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପମାନଙ୍କୁ କ୍ଷେତ୍ର ପରିଦର୍ଶନ ର ଆୟୋଜନ କରିବା ପାଇଁ ବହୁବାର ପ୍ରୟାସ କରିଥିଲା । ଆଇ.ଏଫ୍.ସି ଏହା ମଧ୍ୟ ଅନୁରୋଧ କରିଥିଲା ଯେ, ପାଣ୍ଠିର ସମସ୍ତ ପୋର୍ଟଫୋଲିଓ କମ୍ପାନୀର କାର୍ଯ୍ୟକାରିତା ମାନକ ଅନୁଯାୟୀ ପରିବେଶୀୟ ଓ ସାମାଜିକ କାର୍ଯ୍ୟାନ୍ୱୟନର ଏକ ବିସ୍ତୃତ

[44] ଦକ୍ଷିଣ ଆମେରିକାର ବ୍ୟାଙ୍କୋ ଫିନାନ୍ସିଆରା କମର୍ସିଆ ହଣ୍ଡୁରିନା ରେ ନିବେଶ ସମ୍ପର୍କିତ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ସମ୍ପର୍କରେ ସି.ଏ.ଓଙ୍କ ତଦନ୍ତ, ଅଗଷ୍ଟ ୬, ୨୦୧୪

ସମୀକ୍ଷା ହାତକୁ ନେବା ପାଇଁ ଗ୍ରାହକ ସଙ୍ଗଠନ ଏକ ସ୍ୱାଧୀନ ପରାମର୍ଶଦାତା ନିଯୋଜିତ କରିବା ଉଚିତ । ଆଇ.ଏଫ୍.ସି ଅନୁମୋଦନ କରିଥିଲା ଯେ, ଜଟିଳ ପ୍ରକଳ୍ପମାନଙ୍କର ବର୍ଦ୍ଧିଷ୍ଣୁ ପୋର୍ଟଫୋଲିଓ ଦେଖାରଖା ପାଇଁ ପାଣ୍ଠି ଏହାର ପରିବେଶୀୟ ଓ ସାମାଜିକ କର୍ମଚାରୀ ପ୍ରବରଣରେ ବୃଦ୍ଧି ଆଣିବା ଆବଶ୍ୟକ । ଏହି ବିଷୟ ଉପରେ ଗ୍ରାହକ ସଙ୍ଗଠନ ମାର୍ଚ୍ଚ ୨୦୧୪ରେ ଅତିରିକ୍ତ ପରିବେଶୀୟ ଓ ସାମାଜିକ କର୍ମଚାରୀ ରଖିବେ ବୋଲି ଆଇ.ଏଫ୍.ସି ଅନୁମୋଦନ କଲେ । ନିଜ ଗ୍ରାହକ ସଙ୍ଗଠନକୁ ଅନୁରୋଧ କରିବାର ପ୍ରାୟ ୫ ବର୍ଷ ପରେ ଡିସେମ୍ବର ୨୦୧୪ରେ ଆଇ.ଏଫ୍.ସି କମଳାଙ୍ଗ ପ୍ରକଳ୍ପ ପରିଦର୍ଶନ କରିବାରେ ସମର୍ଥ ହୋଇଥିଲା । ଏହି ପରିଦର୍ଶନର ଭିତ୍ତି ଉପରେ ଆଇ.ଏଫ୍.ସି ଏହି ଉପସଂହାରରେ ଉପନୀତ ହେଲା ଯେ, କାର୍ଯ୍ୟାକରିତା ମାନକର କ୍ରିୟାନ୍ୱୟନରେ ଉଲ୍ଲେଖଯୋଗ୍ୟ ବ୍ୟବଧାନ ମାନ ରହିଛି । ଏହି ବ୍ୟବଧାନ ସବୁ ଅଭିଯୋଗକାରୀଙ୍କ ଦ୍ୱାରା ଉତ୍ଥାପିତ ସମସ୍ୟାବଳୀମାନଙ୍କ ସହ ସମ୍ପୃକ୍ତି ରଖିଥାଏ । ସ୍ଥାନୀୟ ଗୋଷ୍ଠୀ ସମୂହର ପ୍ରଚଳିତ ଅଭିଯୋଗକୁ ଉଲ୍ଲେଖ କରି ଆଇ.ଏଫ୍.ସି ପାଣ୍ଠି ନିମନ୍ତେ ଅନେକ କାର୍ଯ୍ୟବିଧିର ଅନୁମୋଦନ କରିଥିଲା । ଏହି ବିବରଣୀ ର ତାରିଖ ବେଳକୁ ଆଇ.ଏଫ୍.ସି ର ଗ୍ରାହକ ସଙ୍ଗଠନ ପାଇଁ ଇ.ଏସ୍.ଆର.ଆର ୪ ବା ଅସନ୍ତୋଷଜନକ ଭାବେ ଉଲ୍ଲେଖିତ ହୋଇଛି, ଯାହା ପାଣ୍ଠି କ୍ରମାଗତ ଭାବେ ବସ୍ତୁତଃ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ଅଣ ଅନୁପାଳନ କରିଛି ବୋଲି ସୂଚୀତ କରିଛି ।

ସୁଧାରମୂଳକ ପ୍ରଶ୍ନସମୂହ ଉପରେ ସି.ଏ.ଓ ଆଇ.ଏଫ୍.ସି ର ମତକୁ ଉଲ୍ଲେଖ କରିଛନ୍ତି ଯେ, ଏହାପାଖରେ ପାଣ୍ଠିରୁ ନିବେଶ ପ୍ରତ୍ୟାହାର କରିବା ଛଡ଼ା କୌଣସି ପ୍ରଭାବୀ ସୁଧାର ଉପଲବ୍ଧ ନଥିଲା ଏବଂ ଏହି ନିବେଶ ପ୍ରତ୍ୟାହାର ଆର୍ଥିକ ଦୃଷ୍ଟିକୋଣରୁ ଅନାକର୍ଷଣୀୟ ବିଚାର୍ଯ୍ୟ ହୋଇଥିଲା । ଯଦ୍ୟପି ସେହି ଏକା ସମୟରେ, ଯେତେବେଳେ ପାଣ୍ଠିରେ ଏହାର ନିବେଶ ଇ.ଏସ୍.ଆର.ଆର ୪ ରୂପେ ମୂଲ୍ୟାଙ୍କିତ ହୋଇଥିଲା, ଆଇ.ଏଫ୍.ସି ଆଇ.ଡି.ଏଫ୍.ସି ର ଦୁଇଟି ସହଯୋଗୀ ସଂସ୍ଥା ପାଇଁ ନୂତନ ନିବେଶ ଅନୁମୋଦନ କରିଥିଲା । ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ପାଣ୍ଠି ଯେତେବେଳେ ବସ୍ତୁତଃ ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ଅଣଅନୁପାଳନ କରୁଥିଲା ବୋଲି ବିଚାର୍ଯ୍ୟ ଥିଲା, ସେତେବେଳେ ନୂତନ ନିବେଶ କରିବା ଦୀର୍ଘସ୍ଥାୟିତ୍ୱ ନୀତି ଯାହା ପ୍ରଚଳିତ ଅଣଅନୁପାଳନ ପ୍ରତିକ୍ରିୟାରେ ଆଇ.ଏଫ୍.ସି ସୁଧାର ଭାବେ ଗ୍ରହଣ କରିଥାଏ, ସେ ସବୁର ବିରୁଦ୍ଧାଚରଣ କରୁଥିଲା ।

ଅଧିକତର ରୂପେ ସି.ଏ.ଓ ପାଣ୍ଠି ଏବଂ ଏହାର ଉପ ପ୍ରକଳ୍ପ (କମଳାଙ୍ଗ ପ୍ରକଳ୍ପ ସମେତ) ସମ୍ପର୍କିତ ପରିବେଶୀୟ ଓ ସାମାଜିକ କର୍ମଚାରୀଙ୍କ ଦ୍ୱାରା ଉତ୍ଥାପିତ ପରିବେଶୀୟ ଓ ସାମାଜିକ ସମସ୍ୟା ସହିତ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ସମ୍ପର୍କ ତଥା ପାଣ୍ଠିର ପରିବେଶୀୟ ଓ ସମାଜିକ ଚିନ୍ତାଜନକ ବିଷୟ ସବୁ ଗୁରୁତ୍ୱର ରୂପେ ଗୃହୀତ ଏବଂ ଉତ୍ତମ ରୂପେ ଭାବେ ଦସ୍ତାବିଜୀକୃତ ହୋଇଛି କି ନାହିଁ ସେ

ସମ୍ପର୍କରେ ସି.ଏ.ଓ ପ୍ରଶ୍ନ ଉଠାଇଛନ୍ତି । ପାଣ୍ଡିକୁ ନଭେମ୍ବର ୨୦୧୦ରେ ଅର୍ଥପ୍ରଦାନର ନିଲମ୍ବନ ଅନୁମୋଦନ କଲାବେଳେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଆଇ.ଏଫ୍.ସି ର ପରିଚାଳନା କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ଚିନ୍ତାଜନକ ବିଷୟର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି । ନିବେଶର ସ୍ୱରୁପ ଦୃଷ୍ଟିରୁ ଆଇ.ଏଫ୍.ସି ର ସୀମିତ ସାଧନ ଗ୍ରାହକ ସଙ୍ଗଠନର ଅଧିକତର ପ୍ରତିଶ୍ରୁତି ଏବଂ ଆର୍ଥିକ ହାନିର ଆପଦ ଆଦି ବିଚାରକୁ ନେଇ ଆଇ.ଏଫ୍.ସି ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷ ଯେମିତି ହେଲେ ବି ଡିସେମ୍ବର, ୨୦୧୦ରେ ଅର୍ଥ ପ୍ରଦାନ ପାଇଁ ଆଗେଇଲେ ।

ଆଇ.ଏଫ୍.ସି ଦ୍ୱାରା କମଲାଙ୍ଗ ପ୍ରକଳ୍ପ ଉଲ୍ଲେଖଯୋଗ୍ୟ ସମ୍ଭାବ୍ୟ ପରିବେଶୀୟ ଓ ସାମାଜିକ ଆପଦ ସମ୍ପନ୍ନ ତଥା ସି.ଏ.ଓଙ୍କ ଅଭିଯୋଗର ବିଚାର୍ଯ୍ୟ ବିଷୟ ବୋଲି ଗ୍ରହଣ କରାଯାଇଥିଲା । ଏଥିସତ୍ତ୍ୱେ ବୈଷୟିକ ସ୍ତରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ ପରେ ମଧ୍ୟ ଏହି ସବୁ ସମସ୍ୟାର ସମାଧାନ ପାଇଁ ଆଇ.ଏଫ୍.ସି ତରଫରୁ କୌଣସି ପ୍ରଭାବୀ ପଦକ୍ଷେପ ର କାର୍ଯ୍ୟବିଧି ଗ୍ରହଣ କରାଯାଇନଥିଲା । ଆଇ.ଏଫ୍.ସି ର ସ୍ଥିତି ସମ୍ପର୍କରେ ସି.ଏ.ଓ ଏହି ମତପୋଷଣ କରିଛନ୍ତି ଯେ, ଉପ ପ୍ରକଳ୍ପ ଗୁଡ଼ିକୁ ତଦାରଖ କରିବା ତଥା ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତାର ଅନୁପାଳନ କରୁଛନ୍ତି କି ନାହିଁ ତାହା ନିଶ୍ଚିତ କରିବା, ଆଇ.ଏଫ୍.ସି ର ନୁହେଁ ବରଂ ଗ୍ରାହକ ସଙ୍ଗଠନର ଦାୟିତ୍ୱ । ସି.ଏ.ଓ ଏହାମଧ୍ୟ ଗ୍ରହଣ କରିଛନ୍ତି ଯେ, ଡିସେମ୍ବର ୨୦୧୦ରେ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷ ଗ୍ରାହକ ସଙ୍ଗଠନକୁ ପରିବେଶୀୟ ଓ ସାମାଜିକ ଅନୁପାଳନ ସମ୍ପର୍କରେ ଚିନ୍ତା ପ୍ରକଟ କରି ପତ୍ରାଳାପ କରିଛନ୍ତି । ଡିସେମ୍ବର, ୨୦୧୦ ପରବର୍ତ୍ତୀ ପରିପ୍ରେକ୍ଷୀରେ ଯଦିଓ ଆଇ.ଏଫ୍.ସି ତଥା ଆଇ.ଡି.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷ, ପାଣ୍ଡି ଓ ଜି.ଏମ୍.ଆର ଗ୍ରୁପ୍ ମଧ୍ୟରେ ଅନେକ ବୈଠକମାନ ଅନୁଷ୍ଠିତ ହୋଇଛି, ଏ ସମସ୍ତ ସମସ୍ୟା ଉପରେ ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କର ଗ୍ରାହକ ସଙ୍ଗଠନ ସହିତ ପତ୍ର ବିନିମୟ ହେବାର କୌଣସି ରେକର୍ଡ଼ ସି.ଏ.ଓଙ୍କ ପାଖରେ ନାହିଁ । ଏହି ସମାଧ ଅବଧି ମଧ୍ୟରେ ଆଇ.ଏଫ୍.ସି ପାଣ୍ଡିକୁ ୨୪ ଥର ଅର୍ଥପ୍ରଦାନ କରିଛି, ଆଇ.ଡି.ଏଫ୍.ସି ର ସହଯୋଗୀ ସଂସ୍ଥାରେ ଦୁଇଟି ନୂଆ ପୁଞ୍ଜିନିବେଶ କରିଛି ଏବଂ ଜି.ଏମ୍.ଆର ଗ୍ରୁପ୍ କମ୍ପାନୀ (କମଲାଙ୍ଗ ପ୍ରକଳ୍ପର ମୂଳକ କମ୍ପାନୀ) ଦ୍ୱାରା ପ୍ରାୟୋଜିତ ପ୍ରକଳ୍ପ ନିମନ୍ତେ ଚାରୋଟି ଯୁଗ୍ମ ବିକାଶ ରାଜିନାମାରେ ପ୍ରବେଶ କରିଥିଲା । ଏହି ପରିସ୍ଥିତିରେ ସି.ଏ.ଓ ପ୍ରମାଣ ପାଇଛନ୍ତି ଯେ, ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷ ପ୍ରକଳ୍ପକୁ ପରିବେଷ୍ଟିତ କରିଥିବା ପରିବେଶୀୟ ଓ ସାମାଜିକ ଚିନ୍ତା ନିମନ୍ତେ ବିକଶିତ ହୋଇଥିବା ଏକ ବଳିଷ୍ଠ ପ୍ରତିକ୍ରିୟା ଭିତ୍ତିରେ ନିଜର ବ୍ୟବସାୟିକ ସମ୍ପର୍କକୁ ସୁବିଧାଜନକ କରାଇପାରିଛନ୍ତି । ଏହାମଧ୍ୟରେ କମଲାଙ୍ଗ ପ୍ରକଳ୍ପ ନିର୍ମାଣାଧିନ ଅବସ୍ଥାରୁ କ୍ରିୟାନ୍ୱିତ ସ୍ତରକୁ ପରିବର୍ତ୍ତିତ ହୋଇଛି । ଯଦ୍ୟପି ଆଇ.ଏଫ୍.ସି ଏହି ମତପୋଷଣ କରୁଛି ଯେ, ଅଭିଯୋଗକାରୀଙ୍କ ଦ୍ୱାରା ଉତ୍ଥାପିତ ପ୍ରକଳ୍ପର ପ୍ରଭାବ ସମ୍ପର୍କିତ ଚିନ୍ତାଜନକ ବିଷୟମାନଙ୍କର କାର୍ଯ୍ୟକାରିତା ମାନକ ଅନୁଯାୟୀ ସମାଧାନ ହୋଇପାରି ନାହିଁ ।

## ୪.୪ ପ୍ରକଟନ

ଅଭିଯୋଗକାରୀମାନେ ପ୍ରକଳ୍ପ, ପାଣ୍ଠି ଅଥବା ଆଇ.ଏଫ୍.ସି ଦ୍ୱାରା କମଲାଙ୍ଗ ପ୍ରକଳ୍ପ ଏବଂ ଏହାର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ପରିବେଶୀୟ ଓ ସାମାଜିକ ସୂଚନାର ପ୍ରକଟନର ଅଭାବ ସମ୍ପର୍କରେ ଚିନ୍ତା ବ୍ୟକ୍ତ କରିଛନ୍ତି । ଏହି ବିଭାଗ ଆଇ.ଏଫ୍.ସି ର ନିଜର ପ୍ରକଟନ ଆବଶ୍ୟକତା ଏବଂ ପାଣ୍ଠି କ୍ଷେତ୍ରରେ ପ୍ରୟୋଗ କରାଯାଉଥିବା ପ୍ରକଟନର ଆବଶ୍ୟକତାକୁ ବିଚାରକୁ ନେଇଥାଏ ।

**ନିଷ୍କର୍ଷର ସାରାଂଶ**

- ଆଇ.ଏଫ୍.ସି ତଦାନୀନ୍ତନ ପ୍ରଯୁଜ୍ୟ ପ୍ରକଟନ ନୀତିର ଆବଶ୍ୟକତାର ଅନୁପାଳନ କରିଥିଲା ।
- ଆଇ.ଏଫ୍.ସି କାର୍ଯ୍ୟକାରିତା ମାନକ ଅଧିନରେ ଥିବା ପ୍ରକଟନ ଆବଶ୍ୟକତା ର ପାଣ୍ଠି ଦ୍ୱାରା ନିଜର ଅଥବା କମଲାଙ୍ଗ ପ୍ରକଳ୍ପର ସନ୍ଦର୍ଭରେ ଅଣ ଅନୁପାଳନର ପର୍ଯ୍ୟାପ୍ତ ତଦାରଖ କରିନଥିଲା ।

### *୪.୪.୧ ଆଇ.ଏଫ୍.ସି ର ଆବଶ୍ୟକତା: ପ୍ରକଟନ*

ନିଜର ନିବେଶ ସମ୍ପର୍କରେ ଆଇ.ଏଫ୍.ସି ପ୍ରକଟନ ସମ୍ପର୍କିତ ଆଇନଗତ ବାଧ୍ୟତା ଓ ଏହାର ପ୍ରକଟନ ନୀତି (୨୦୦୬) ଦ୍ୱାରା ପରିଚାଳିତ ହେଉଥିଲା । ୨୦୦୬ ନୀତି ଅଧିନରେ ଏଫ୍.ଆଇ ନିବେଶ ସଂକ୍ରାନ୍ତରେ ଆଇ.ଏଫ୍.ସି ର ପ୍ରକଟନ ପ୍ରସ୍ତାବିତ ନିବେଶର ସାରାଂଶ (ଏସ୍.ପି.ଆଇ) ରେ ସୀମିତ (ଅନୁଚ୍ଛେଦ ୧୪) । ଏହି ଏସ୍.ପି.ଆଇ ରେ ଏଫ୍.ଆଇ ନିବେଶର ମୌଳିକ ସୂଚନା ତଥା ଏଫ୍.ଆଇ ର ଏସ୍.ଇ.ଏମ୍.ଏସ୍ ରେ ହେବାକୁଥିବା ପରିବର୍ତ୍ତନର ସାରାଂଶ ଏବଂ ଆଇ.ଏଫ୍.ସି ବୋର୍ଡ଼କୁ ଅନୁମୋଦନକୁ ଯିବା ପୂର୍ବରୁ ନିବେଶ ସମ୍ପର୍କରେ ଆଇ.ଏଫ୍.ସି ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ ସୂଚନା ସନ୍ନିବେଶିତ ହୋଇଛି । ୨୦୦୬ ନୀତି ଅଧିନରେ ଏଫ୍.ଆଇ ଉପ ପ୍ରକଳ୍ପ ସମ୍ପର୍କିତ ପ୍ରକଟନ ବାଧ୍ୟତାମୂଳକ କରାଯାଇ ନାହିଁ । ସେହି ଏକା ସମୟରେ "ଉତ୍ତରଦାୟିତ୍ୱର ଗୁରୁତ୍ୱ" ସ୍ୱୀକାର କରି ଆଇ.ଏଫ୍.ସି ର ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬) ରେ ବ୍ୟବସ୍ଥା କରାଯାଇଛି ଯେ, ଆଇ.ଏଫ୍.ସି ଦ୍ୱାରା ଅର୍ଥ ପ୍ରଦାନ କରାଯାଇଥିବା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷଙ୍କର ସି.ଏ.ଓଙ୍କ ପାଖକୁ ଯିବାର

ସୁଯୋଗ ରହିବା ଆବଶ୍ୟକ, ଯାହା ଏକ ନିରପେକ୍ଷ ତତ୍ତ୍ୱାବଧାନ ପ୍ରାଧିକରଣ ଦ୍ୱାରା ସେମାନଙ୍କର ଚିନ୍ତାଜନକ ବିଷୟ ଓ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବ[୪୫] ।

କାର୍ଯ୍ୟକାରିତା ମାନକ (ପି.ଏସ୍) ୧ରେ ଆଇ.ଏଫ୍.ସି ର ନିଜର ପ୍ରକଟନ ଆବଶ୍ୟକତା ସହିତ ଆଇ.ଏଫ୍.ସି ର ଗ୍ରାହକ ସଙ୍ଗଠନ ମାନଙ୍କର ପ୍ରକଟନ ଆବଶ୍ୟକତା ବର୍ଣ୍ଣିତ ହୋଇଛି । ପି.ଏସ୍ ୧ କୁ କାର୍ଯ୍ୟକାରୀ କରାଇବାରେ ଗ୍ରାହକ ସଙ୍ଗଠନ ଦ୍ୱାରା ଆବଶ୍ୟକୀୟ ପ୍ରକଟନମାନ ହେଲା:

(କ) "ଆକଳନ ଦସ୍ତାବିଜ" ଯେଉଁଥିରେ ଏକ "ପରିବେଶୀୟ ଓ ସାମାଜିକ ଆକଳନର ପ୍ରକ୍ରିୟା" ଗ୍ରହଣ କରାଯାଇଥିବ (ଅନୁଚ୍ଛେଦ ୨୦)[୪୬] ।

(ଖ) "କାର୍ଯ୍ୟ ଯୋଜନା (ପରିବେଶୀୟ ଓ ସାମାଜିକ)" ପ୍ରସ୍ତୁତ ଯେଉଁଥିରେ "କାର୍ଯ୍ୟକାରିତା ମାନକ-୧ରୁ ୮ର ଆବଶ୍ୟକତାର ପରିପୂରଣ ପାଇଁ, ପ୍ରଯୁଜ୍ୟ ଆଇନ ଓ ନିୟାମକର ପ୍ରକଳ୍ପ ଦ୍ୱାରା ଅନୁପାଳନ ପାଇଁ ଗ୍ରାହକ ସଙ୍ଗଠନ ଆବଶ୍ୟକୀୟ ସ୍ୱତନ୍ତ୍ର ପ୍ରଶମନ ପଦକ୍ଷେପ ଓ କାର୍ଯ୍ୟବିଧି ଚିହ୍ନଟ କରିବେ" (ଅନୁଚ୍ଛେଦ ୧୬) ଏବଂ

(ଗ) " ଅବଧିଗତ ପ୍ରତିବେଦନ, ଯାହା କାର୍ଯ୍ୟଯୋଜନା (ପରିବେଶୀୟ ଓ ସାମାଜିକ) ର କ୍ରିୟାନ୍ୱୟନର ବିକାଶ ବର୍ଣ୍ଣନା କରିଥାଏ (ଅନୁଚ୍ଛେଦ ୨୬) ।

ଅଧିକତର ରୂପେ ଯଦି ଗ୍ରୀହକ ସଙ୍ଗଠନ ପ୍ରଭାବିତ ଗୋଷ୍ଠୀ ଉପରେ ପ୍ରଚଳିତ ଆପଦ ଅଥବା ପ୍ରତିକୂଳ ପ୍ରଭାବ ରହିଥିବାର ଆଶଙ୍କା କରନ୍ତି, ତାହାଲେ ସେମାନେ "ପ୍ରଭାବିତ ଗୋଷ୍ଠୀ ଓ ଚିନ୍ତାଜନକ ବିଷୟ ସମ୍ପର୍କିତ ସମ୍ମତି ଗ୍ରହଣ ଓ ପରିଚାଳନା ପାଇଁ ଏକ ଅଭିଯୋଗ ବ୍ୟବସ୍ଥା  ସଂସ୍ଥାପନ କରିବେ" ଏବଂ " ଏହି ବ୍ୟବସ୍ଥା ସମ୍ପର୍କରେ ପ୍ରଭାବିତ ଗୋଷ୍ଠୀକୁ ସୂଚୀତ କରିବେ" (ଅନୁଚ୍ଛେଦ ୨୩) ।

ଉପରୋକ୍ତ ଉଲ୍ଲେଖ ଅନୁସାରେ (ବିଭାଗ ୪.୨.୨ ଦ୍ରଷ୍ଟବ୍ୟ) ପାଣ୍ଠି ଆଇ.ଏଫ୍.ସି ର କାର୍ଯ୍ୟକାରିତା ମାନକର ଅନୁପାଳନ କରିବ ଓ ଉପ ପ୍ରକଳ୍ପରେ ଏ ସବୁକୁ ପ୍ରୟୋଗ କରିବ ଗ୍ରାହକ ସଙ୍ଗଠନ ଗ୍ରହଣ କରିଥିଲା । ପୁନଶ୍ଚ ଉପରୋକ୍ତ ଉଲ୍ଲେଖ ଅନୁସାରେ (ବିଭାଗ ୪.୩.୧ ଦ୍ରଷ୍ଟବ୍ୟ) ଗ୍ରାହକ ସଙ୍ଗଠନର

[45] ଦୀର୍ଘସ୍ଥାୟିତ୍ୱ ନୀତି (୨୦୦୬) ଅନୁଚ୍ଛେଦ ୩୨

[46] କାର୍ଯ୍ୟକାରିତା ମାନକ ୧ (ଅନୁଚ୍ଛେଦ ୪) ଅନୁଯାୟୀ ପରିବେଶୀୟ ଓ ସାମାଜିକ ଆକଳନର ପ୍ରକ୍ରିୟା ପରିଚାଳନା ଗ୍ରାହକ ସଙ୍ଗଠନର ଏକ ଆବଶ୍ୟକତା

ଏସ୍.ଇ.ଏମ୍.ଏସ୍ ଭିତ୍ତିରେ ଏହି ସବୁ ଆବଶ୍ୟକତାର କାର୍ଯ୍ୟାନ୍ୱୟନର ଅନୁଧ୍ୟାନ ଆଇ.ଏଫ୍.ସି ଦ୍ୱାରା ହେବାର ଥିଲା । ଏଥିରେ ଗ୍ରାହକ ସଙ୍ଗଠନ ସେମାନଙ୍କର ଉପ ପ୍ରକଳ୍ପ ସମୂହରେ ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ପ୍ରୟୋଗ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ଉପଲବ୍ଧ ପ୍ରମାଣର ପର୍ଯ୍ୟାପ୍ତତା ଆକଳନ କରିବା ଅନ୍ତର୍ଭୁକ୍ତ ।

### *୪.୪.୨ ପାଣ୍ଠି ସମ୍ପର୍କିତ ପ୍ରକଟନ ବିଷୟରେ ଆଇ.ଏଫ୍.ସି ର ଦୃଷ୍ଟିକୋଣ*

<u>ଆଇ.ଏଫ୍.ସି ର ପ୍ରକଟନ</u>

ଅଗଷ୍ଟ ୨୦୦୭ରେ ଆଇ.ଏଫ୍.ସି ପାଣ୍ଠିରେ ଏହାର ନିବେଶ ନିମନ୍ତେ ଏକ ଏସ୍.ପି.ଆଇ ର ପ୍ରକଟନ କରି ଥିଲା[୪୭] । ଏହି ଏସ୍.ପି.ଆଇ ରେ ପରିବେଶୀୟ ଓ ସାମାଜିକ ସମସ୍ୟା ସମ୍ପର୍କିତ ଏକ ବିଭାଗ ଅନ୍ତର୍ଭୁକ୍ତ ।

<u>ପ୍ରଟକନ ସମସ୍ୟା ସମ୍ପର୍କରେ ଆଇ.ଏଫ୍.ସି ର ତଦାରଖ</u>

ଆଇ.ଏଫ୍.ସି ସି.ଏ.ଓ ଙ୍କୁ ପ୍ରତିବେଦିତ କରିଥିଲା ଯେ, ପ୍ରକଟନ ଆବଶ୍ୟକତା ସମେତ କାର୍ଯ୍ୟକାରିତା ମାନକର ପୋର୍ଟଫୋଲିଓ କମ୍ପାନୀଙ୍କ ଦ୍ୱାରା ଆବଶ୍ୟକୀୟ ଅନୁପାଳନ ବିଷୟରେ ଗ୍ରାହକ ସଙ୍ଗଠନର ପ୍ରତିନିଧିଙ୍କ ଉପରେ ଏହାର ପୂର୍ଣ୍ଣ ଆସ୍ଥା ରହିଛି । ଆଇ.ଏଫ୍.ସି ପୁନଶ୍ଚ ସୂଚୀତ କରିଥିଲା ଯେ, ଇ.ଏସ୍.ଏ.ପି ଅନୁଯାୟୀ କମଲାଙ୍ଗ ପ୍ରକଳ୍ପ ଏକ ଅଂଶୀଦାରଙ୍କ ସହ ପରାମର୍ଶ ତଥା ସୂଚନା ପ୍ରକଟନ ଯୋଜନା ବିକଶିତ କରିବ, ଯାହା କୌଣସି ପରିବେଶୀୟ ଓ ସାମାଜିକ ଆକଳନ ତଥା କାର୍ଯ୍ୟଯୋଜନା କୁ ଅନ୍ତର୍ଭୁକ୍ତ କରିବା ବିଧେୟ ହୋଇଥିବ ।

ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଗ୍ରାହକ ସଙ୍ଗଠନର ଏ.ଇ.ପି.ଆର କମଲାଙ୍ଗ ପ୍ରକଳ୍ପ ପାଣ୍ଠିର ଇ.ଏସ୍.ଏ.ପି ର  ସୁଚୀତ କରୁଛି ଅନୁପାଳନ କରୁଛି, ଏହା ପ୍ରକଟନ ସମ୍ପର୍କରେ ଅଧିକ ସୁଚନା ନ ଦେଇ ସୁଚିତ କରୁଛି ।

ତଦାରଖ ଦସ୍ତାବିଜୀକରଣରୁ, କାର୍ଯ୍ୟକାରିତା ମାନକ ଅଧୀନରେ ବିଶେଷ କରି ଏକ ଅଭିଯୋଗ ବ୍ୟବସ୍ଥା ସଂସ୍ଥାପିତ କରିବା ଓ ପ୍ରଭାବିତ ଗୋଷ୍ଠୀଙ୍କୁ ଏହି ବ୍ୟବସ୍ଥା ସମ୍ପର୍କରେ ସୁଚିତ କରିବାର ଆଇନଗତ

---

[47] ପ୍ରସ୍ତାବିତ ନିବେଶର ଆଇ.ଏଫ୍.ସି ସାରାଂଶ ପ୍ରକଳ୍ପ ୨୬୨୩୭ http:/goo.gl/AVDxfK ଦେଖନ୍ତ

ବାଧ୍ୟତା ତଥା ଆଇ.ଏଫ୍.ସି ପାଣ୍ଠିର ନିଜସ୍ୱ ଆଇନଗତ ବାଧ୍ୟତା ବିଚାରକୁ ନେଇଛି ବୋଲି କୌଣସି ଇଙ୍ଗିତ ନାହିଁ ।

### ୪.୪.୩ *ଆଲୋଚନା ଓ ନିଷ୍କର୍ଷ: ପ୍ରକଟନ*

ଆଇ.ଏଫ୍.ସି ର ପ୍ରକଟନ

ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ପ୍ରକଟନ ନୀତି (୨୦୦୬) ଅଧୀନରେ ପାଣ୍ଠିରେ ନିବେଶ ସଂକ୍ରାନ୍ତୀୟ ଏକ ଏସ୍.ପି.ଆର ପ୍ରକଟନର ଆବଶ୍ୟକତା ଆଇ.ଏଫ୍.ସି ପରିପୂରଣ କରିଥିଲା । ଏହି ସନ୍ଦର୍ଭରେ ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଆଇ.ଏଫ୍.ସି ର ପ୍ରକଟନ ନୀତି (୨୦୦୬) ପାଣ୍ଠି ଅର୍ଥ ଲଗାଣ କରିଥିବା ପୋର୍ଟଫୋଲିଓ କମ୍ପାନୀ ବିଷୟରେ ପରିବେଶୀୟ ଓ ସାମାଜିକ ସୁଚନା ଆଇ.ଏଫ୍.ସି ପ୍ରକଟନ କରିବା ଅନାବଶ୍ୟକ ବୋଲି ସୁଚିତ ହୋଇଛି । ସି.ଏ.ଓ ପୁନଶ୍ଚ ଉଲ୍ଲେଖ କରିଛନ୍ତି ଯେ, ଏହାର ଅଧୁନାତନ ସୂଚନା ନୀତି (୨୦୧୨) ପ୍ରବେଶ ସୁଯୋଗ ଅଧୀନରେ ଘରୋଇ ଇକ୍ୱିଟି ପାଣ୍ଠି ଜରିଆରେ ଆଇ.ଏଫ୍.ସି ନିବେଶ କରିଥିବା ଉଚ୍ଚ ଆପଦ ସମ୍ପନ୍ନ ଉପ ପ୍ରକଳ୍ପ ସମ୍ପର୍କରେ ଅବଧି କ୍ରମେ ପ୍ରକଳ୍ପର ନାମ, ସ୍ଥାନ ଓ କ୍ଷେତ୍ର ଆଦି ପ୍ରକଟନ କରିବା ନିମନ୍ତେ ଆଇ.ଏଫ୍.ସି ପରିଗ୍ରହଣ କରିଛନ୍ତି (ଅନୁଚ୍ଛେଦ ୨୫) । ଯଦିଓ ଏହି ପରିଗ୍ରହଣ ପରିବେଶୀୟ ଓ ସାମାଜିକ ସୂଚନା ଦିଗରେ ସମ୍ପ୍ରସାରିତ ହୋଇ ନାହିଁ ।

ଆଇ.ଏଫ୍.ସି ର ପ୍ରକଟନ ଆବଶ୍ୟକତାର ତଦାରଖ

ଅପ୍ରେଲ ୨୦୧୧ରେ ସି.ଏ.ଓଙ୍କ ନିକଟରେ ଅଭିଯୋଗ ପୂର୍ବରୁ ପ୍ରକଟନ ସମ୍ପର୍କୀ ସମସ୍ୟାମାନ ଅଭିଯୋଗକାରୀଙ୍କ ଦ୍ୱାରା ଆଇ.ଏଫ୍.ସି ସମକ୍ଷରେ ଉତ୍ଥାପିତ ହୋଇଥିଲା, ଯଦିଓ ଆଇ.ଏଫ୍.ସି ଏହି ଚିନ୍ତାଜନକ ବିଷୟ ସମ୍ପର୍କରେ ଜାଗ୍ରତ ଥିଲା, କାର୍ଯ୍ୟକାରିତା ମାନକ ୧ ଅଧୀନରେ ପ୍ରକଟନ ଆବଶ୍ୟକତାର ଗ୍ରାହକ ସଙ୍ଗଠନ ଦ୍ୱାରା କମଳାଙ୍ଗ ପ୍ରକଳ୍ପ ସମ୍ପର୍କରେ ଅଥବା ଅଧିକ ସାଧାରଣ ରୂପେ ତଦାରଖ ବିଷୟରେ ଅତିରିକ୍ତ ସୂଚନା ନିମନ୍ତେ ଅନୁରୋଧ କରିନଥିଲା । ପୁନଶ୍ଚ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଆଇ.ଏଫ୍.ସି ତାହାର ଗ୍ରାହକ ସଙ୍ଗଠନ, ପାଣ୍ଠି, ଏକ ଅଭିଯୋଗ ବ୍ୟବସ୍ଥା ସଂସ୍ଥାପିତ କରିଛି ଓ ସମ୍ଭାବ୍ୟ ପ୍ରଭାବିତ ଗୋଷ୍ଠୀ ସମୂହ କାର୍ଯ୍ୟକାରିତା ମାନକ ୧ ଅନୁସାରେ ଏ ସମ୍ପର୍କରେ ସୁଚିତ ହୋଇଛନ୍ତି, ସେ ବିଷୟରେ ନିଜକୁ ଆଶ୍ୱସ୍ତ କରିନଥିଲା ।

ଏହି ସନ୍ଦର୍ଭରେ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଆଇ.ଏଫ୍.ସି ପାଣ୍ଠିର କାର୍ଯ୍ୟକାରିତା ଅଥବା କମଳାଙ୍ଗ ପ୍ରକଳ୍ପ ସମ୍ପର୍କିତ କାର୍ଯ୍ୟକାରିତା ମାନକ ଅଧୀନରେ ଥିବା ଆବଶ୍ୟକତାର ପ୍ରକଟନର ଗ୍ରାହକ ସଙ୍ଗଠନ ଦ୍ୱାରା ଅନୁପାଳନ ବିଷୟରେ ପର୍ଯ୍ୟାପ୍ତ ତଦାରଖ କରିନଥିଲା ।

## ୫.ଉପସଂହାର

ଆର୍ଥିକ ମଧ୍ୟସ୍ଥିଙ୍କ ଜରିଆରେ ଉଲ୍ଲେଖଯୋଗ୍ୟ ପରିବେଶୀୟ ଓ ସାମାଜିକ ପ୍ରକଳ୍ପ ସମୂହକୁ ଅର୍ଥ ପ୍ରଦାନ କରିବା ସମୟରେ ଗ୍ରାହକ ସଙ୍ଗଠନକୁ ନିଜସ୍ୱ ସାମାଜିକ ଓ ପରିବେଶୀୟ ପରିଚାଳନା ବ୍ୟବସ୍ଥା (ଏସ୍.ଇ.ଏମ୍.ଏସ୍) ଯାହା ଉଚ୍ଚ ଆପଦ ସମ୍ପନ୍ନ ନିବେଶ କ୍ଷେତ୍ରରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ମାନକ (କାର୍ଯ୍ୟକାରିତା ମାନକ), ତାହା ବିକଶିତ କରିବାରେ ସମର୍ଥିତ କରିବା ପାଇଁ ଆଇ.ଏଫ୍.ସି ପଦକ୍ଷେପ ନେଇଥାଏ। ଏହି ପଦକ୍ଷେପ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ମାନକ ସମୂହର ପହଂଚ ତଥା ପ୍ରଭାବ ଏବଂ ତଦ୍ୱାରା ଏହାର ଉନ୍ନୟନମୂଳକ ପ୍ରଭାବ ପରିବର୍ଦ୍ଧିତ କରିବାର ସମ୍ଭାବ୍ୟ ସାମର୍ଥ୍ୟ ରଖିଥାଏ। ଯଦ୍ୟପି ନିମ୍ନବର୍ଣ୍ଣିତ କାରଣ ମାନଙ୍କ ଯୋଗୁଁ ଆଇ.ଏଫ୍.ସି ର ପାଣ୍ଡିରେ ନିବେଶ ସଂକ୍ରାନ୍ତୀୟ କ୍ଷେତ୍ରରେ ଏହି ପଦକ୍ଷେପ ଅଭିଳଷିତ ପରିଣାମ ପ୍ରଦାନ କରିପାରିନଥିଲା। କମଲାଙ୍ଗ ପ୍ରକଳ୍ପ ନିମନ୍ତେ ପ୍ରଥମ ଅର୍ଥ ପ୍ରଦାନ କରିବାର ୫ ବର୍ଷରୁ ଅଧିକ ଅବଧି ପରେ ତଥା ଏହିସବୁ ସମସ୍ୟା ସମ୍ପର୍କରେ ଏକ ଅଭିଯୋଗ ପାଇବାର ୪ ବର୍ଷ ପରେ ଆଇ.ଏଫ୍.ସି କେବଳ ଏହି ନିକଟରେ କମଲାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ଉପରେ ଏକ ମତରେ ଉପନୀତ ହୋଇପାରିଛି। ପରିବେଶୀୟ, ସ୍ୱାସ୍ଥ୍ୟ ତଥା ସୁରକ୍ଷା ସମ୍ପର୍କିତ ସମସ୍ୟାମାନ ସମାହିତ କରିବାରେ କିଛିଟା ଅଗ୍ରଗତି ଉଲ୍ଲେଖ କରିବା ସ୍ଥଳେ ଆଇ.ଏଫ୍.ସି ର ସବୁଠାରୁ ଅଧୁନାତନ ତଦାରଖ ତଷ୍ଟାବିଜୀକରଣ ଏହି ଉପସଂହାରରେ ଉପନୀତ ହୋଇଛି ଯେ, ଅଭିଯୋଗକାରୀଙ୍କ ଦ୍ୱାରା ଉତ୍ଥାପିତ ପ୍ରକଳ୍ପର ପ୍ରଭାବ ସଂକ୍ରାନ୍ତୀୟ ଚିନ୍ତାଜନକ ବିଷୟଗୁଡ଼ିକର କାର୍ଯ୍ୟକାରିତା ମାନକ ଅନୁଯାୟୀ ସମାଧାନ ହୋଇପାରି ନାହିଁ। ଏହି ସନ୍ଦର୍ଭରେ ସି.ଏ.ଓ ଯେଉଁ ବିଷୟ ସମ୍ପର୍କିତ ଅଣ ଅନୁପାଳନ ନିଷ୍କର୍ଷ ଆଣିଛନ୍ତି ସେଗୁଡ଼ିକ ହେଲା,

(କ) ଆଇ.ଏଫ୍.ସି ର ପ୍ରାକ୍ ନିବେଶୀୟ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା

(ଖ) ପ୍ରକଳ୍ପ ପାରିପାର୍ଶ୍ୱିକ ପରିବେଶୀୟ ଓ ସାମାଜିକ ଆପଦର ପରିଚାଳନା ନିମନ୍ତେ ବିକଶିତ ହୋଇଥିବା ଢାଂଚା ଏବଂ (ଗ) ନିବେଶର ଆଇ.ଏଫ୍.ସି ଦ୍ୱାରା ତଦାରଖ

### ଆଇ.ଏଫ୍.ସି ପ୍ରାକ୍ ନିବେଶୀୟ ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା

ପାଣ୍ଡିରେ ଏହାର ନିବେଶ (୨୦୦୭ ରେ) ଅନୁମୋଦନ କରିବା ପୂର୍ବରୁ ଆଇ.ଏଫ୍.ସି ସଠିକ୍ ରୂପେ ଚିହ୍ନଟ କରିଥିଲା ଯେ, ବୃହତ୍ ସ୍ତରୀୟ ଭିତ୍ତିନିର୍ମାଣ ପ୍ରକଳ୍ପରେ ପାଣ୍ଡିର ଯୋଜନାବଦ୍ଧ ନିବେଶରେ ଉଲ୍ଲେଖଯୋଗ୍ୟ ପରିବେଶୀୟ ଓ ସାମାଜିକ ଆପଦ ରହିଥିଲା। ଫଳସ୍ୱରୁପ ଆଇ.ଏଫ୍.ସି ଯଥାର୍ଥରେ

ନିର୍ଣ୍ଣୟ ନେଲା ଯେ ଏହି ନିବେଶ ଏକ 'ଉଚ୍ଚ ଆପଦ' ସମ୍ପନ୍ନ ଏଫ୍.ଆଇ ପ୍ରକଳ୍ପ, ଯାହା କାର୍ଯ୍ୟକାରିତା ମାନକକୁ ତାର ନିବେଶ ନିମନ୍ତେ ପ୍ରୟୋଗ କରିବା ଆବଶ୍ୟକ କରିଥାଏ ।

ଏହି ସନ୍ଦର୍ଭରେ ଆପଦର ଅନୁରୂପ ସମୀକ୍ଷାର ନୀତି ଏହାର ଗ୍ରାହକ ସଙ୍ଗଠନର ଏସ୍.ଇ.ଏମ୍.ଏସ୍ ରୂପାୟନ କ୍ଷମତା ତଥା କ୍ରିୟାନ୍ୱୟନର ପୂର୍ବ ପ୍ରଦର୍ଶନ ର ଏକ ବଳିଷ୍ଠ ସମୀକ୍ଷା ଆବଶ୍ୟକ କରିଥିଲା । ମାତ୍ର ଏହା ହୋଇଥିବାର ସି.ଏ.ଓ ଙ୍କୁ ପ୍ରତିୟମାନ ହୋଇନଥିଲା ବରଂ ସି.ଏ.ଓ ଙ୍କ ପାଖରେ ଉପଲବ୍ଧ ଉପାଦାନରୁ ବ୍ୟାପ୍ତି ଓ ଗଭୀରତାରେ ସୀମିତ ଏକ ପରିବେଶୀୟ ଓ ସାମାଜିକ ସମୀଡ଼ା ସୁଚିତ ହୋଇଥିଲା ।

ଆଇ.ଏଫ୍.ସି ର ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା ରେ ଥିବା ତ୍ରୁଟିରୁ ବୁଝାପିଡିଥିଲା ଯେ, ପାଣ୍ଡିରେ ଏହାର ନିବେଶ "ଏକ ଯୁକ୍ତି ଯୁକ୍ତ ସମୟ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକାରିତା ମାନକର ଆବଶ୍ୟକତା ର ପରିପୂରଣ କରିବ", ଯାହାକି ଆଇ.ଏଫ୍.ସି ର ଦୀର୍ଘସ୍ଥାୟିତ୍ୱ ନୀତିର ଏକ ପ୍ରମୁଖ ଆବଶ୍ୟକତା ସେ ବିଷୟରେ ଉପସଂହାର ରେ ପହଂଚିବା ନିମନ୍ତେ ଆଇ.ଏଫ୍.ସି ର ଏକ ଭିତ୍ତିର ଅଭାବ ଥିଲା (ଅନୁଚ୍ଛେଦ ୧୭) ।

<u>ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ପାଇଁ ଢାଂଚା</u>

ଆଇ.ଏଫ୍.ସି ରେ ପାଣ୍ଡିର ନିବେଶକୁ ପରିଚାଳିତ କରୁଥିବା ରାଜିନାମା ଅର୍ଥପ୍ରଦାନ ପରବର୍ତ୍ତୀ ସମୟରେ ସମ୍ଭାବ୍ୟ ରୂପେ ଉତ୍ଥାପିତ ପରିବେଶୀୟ ଓ ସାମାଜିକ ସମସ୍ୟା ସମ୍ପର୍କରେ ଆଇ.ଏଫ୍.ସି କୁ ପ୍ରଦାନ କରିଥିବା ସାମର୍ଥ୍ୟରେ ପର୍ଯ୍ୟାପ୍ତତା ନଥିଲା । ଆଇ.ଏଫ୍.ସି, ନିଜ ନିବେଶର ସମ୍ପୂର୍ଣ୍ଣ ହାନି ସମେତ ଉଲ୍ଲେଖଯୋଗ୍ୟ ଆର୍ଥିକ ଦଣ୍ଡବିଧାନ ର ଆପଦ ବ୍ୟତିରକେ ପାଣ୍ଡିର କୌଣସି ନିବେଶରେ ଅଂଶଗ୍ରହଣ କରିବା ପାଇଁ ମନା କରିବା ବା ନିବେଶକୁ ପ୍ରତ୍ୟାଖାନ କରିବାର ସାମର୍ଥ୍ୟ ରଖିନଥିଲା । ଯଦି ପାଣ୍ଡିର କୌଣସି ପୋର୍ଟଫୋଲିଓ କମ୍ପାନୀର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତ ସମ୍ପର୍କିତ କୌଣସି ଚିନ୍ତାଜନକ ବିଷୟ ଥିଲା, ତେବେ ଗ୍ରାହକ ସଙ୍ଗଠନକୁ ସୁଧାରମୂଳକ ପଦକ୍ଷେପ କ୍ରିୟାନ୍ୱିତ କରିବାରେ ସୁନିଶ୍ଚିତ କରିବା ପାଇଁ ଆଇ.ଏଫ୍,ସି ର ସୀମିତ ସାମର୍ଥ୍ୟ ଥିଲା । ସାରମର୍ମ ସ୍ୱରୁପ କୁହାଯାଇପାରେ ଯେ, ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପର ପୋର୍ଟଫୋଲିଓ ସମ୍ପର୍କିତ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ଅନୁପାଳନ କ୍ଷେତ୍ରରେ ଆଇ.ଏଫ୍.ସି ର ସୀମିତ ସାମର୍ଥ୍ୟ ଥିଲା ।

ଆଇ.ଏଫ୍.ସି ନିଜର ସୀମିତ ସାଧନ ଜନିତ ସମସ୍ୟାର ପ୍ରଶମନ, ନିବେଶ ରାଜିନାମାରେ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା ପ୍ରାବଧାନ ଅନ୍ତର୍ଭୁକ୍ତ କରିବା ଜରିଆରେ କରିବାକୁ ଚାହୁଁଥିଲା, ଗୁରୁତ୍ୱପୂର୍ଣ୍ଣ ଭାବେ ପାଣ୍ଠିର ଏସ୍.ଇ.ଏମ୍.ଏସ୍‌ରେ ଆଇ.ଏଫ୍.ସି କାର୍ଯ୍ୟକାରିତା ମାନକ ଅନୁବର୍ତ୍ତିତ କରିବାରେ ଆଇ.ଡି.ଏଫ୍.ସି ର ପ୍ରତିବଦ୍ଧତାକୁ ନେଇ ଆଇ.ଏଫ୍.ସି ମୂଳଚାଲ କରିଥିଲା । ଆଇ.ଏଫ୍.ସି ପୁନଶ୍ଚ ଅନୁମୋଦନ ପୂର୍ବରୁ ସମସ୍ତ 'ଏ' ବର୍ଗ ନିବେଶର ସମୀକ୍ଷା କରିବାରେ ତଥା ମନ୍ତବ୍ୟ ପ୍ରଦାନ କରିବାରେ ଥିବା ଅଧୀକାର ନିମନ୍ତେ ମୂଳଚାଲ କରିଥିଲା । ଯାହା ସି.ଏ.ଓ ଙ୍କ ଉଲ୍ଲେଖ ଅନୁସାରେ ସେ ସମୟରେ ଆଇ.ଏଫ୍.ସି ର ଆବଶ୍ୟକତା ର ଊର୍ଦ୍ଧ୍ୱରେ ଥିଲା । ସେହି ଏକା ସମୟରେ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଆଇ.ଏଫ୍.ସି ର ପାଣ୍ଠିରେ ନିବେଶ ଅନୁମୋଦନ ହେବା ସମୟରେ ସନ୍ଦର୍ଶିତ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ମାନ ନିବେଶକୁ ପରିଚାଳିତ କରୁଥିବା ରାଜିନାମାରେ ଅନୁବର୍ତ୍ତିତ ହୋଇନଥିଲେ । ଏଥିରେ: (କ) ଆଇ.ଏଫ୍.ସି ର ନିବେଶ ପାଇଁ ଅଙ୍ଗୀକାର ପୂର୍ବରୁ ପାଣ୍ଠିର ଏକ କାର୍ଯ୍ୟକାରିତା ମାନକ ଅନୁପାଳନ କରୁଥିବା ଏସ୍.ଇ.ଏମ୍.ଏସ୍ ଥିବାର ଆବଶ୍ୟକତା (ଖ) ବର୍ଷରେ ଅନ୍ତତଃପକ୍ଷେ ଥରେ ନୂତନ ତଥା ପ୍ରବର୍ତ୍ତିତ ପ୍ରକଳ୍ପ ସମୂହର ପାଣ୍ଠି ଦ୍ୱାରା ସ୍ୱାଧୀନ ପରିବେଶୀୟ ଓ ସାମାଜିକ ଅଡିଟ୍ ଉପସ୍ଥାପନ କରିବାର ଆବଶ୍ୟକତା ଆଦି ଅନ୍ତର୍ଭୁକ୍ତ । ସି.ଏ.ଓ ପୁନଶ୍ଚ ଜ୍ଞାତ ଅଛନ୍ତି ଯେ, ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳନା କରୁଥିବା ରାଜିନାମାରେ ଆଇ.ଏଫ୍.ସି ର କର୍ମଚାରୀଙ୍କ ପାଖରେ ଉପଲବ୍ଧ ଦିଗଦର୍ଶିକାରେ ରେଖାଙ୍କିତ ହୋଇଥିବା ପରିବେଶୀୟ ଓ ସାମାଜିକ ଆପଦ ପ୍ରଶମନ ପଦକ୍ଷେପମାନ ଅନ୍ତର୍ଭୁକ୍ତ ହୋଇନଥିଲା ।

ଅଧିକ ସାଧାରଣତଃ ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ପରିବ୍ୟାପ୍ତି ଓ ଗଭୀରତାରେ ସୀମିତ ଥିବା ଏକ ପରିବେଶୀୟ ଓ ସାମାଜିକ ସମୀକ୍ଷା ତଥା ଭାରତରେ ଉଲ୍ଲେଖଯୋଗ୍ୟ ସଂଖ୍ୟାରେ ବୃହତ୍ ଭିତ୍ତି ନିର୍ମାଣ ପ୍ରକଳ୍ପ ଉତ୍ପନ୍ନ କରିବାର ଆଶା ପୋଷଣ କରୁଥିବା ଏକ ନିବେଶର ସାମହାର ଏହାକୁ ପରିବେଶୀୟ ଓ ସାମାଜିକ ଦୃଷ୍ଟିକୋଣରୁ ଏକ ବିଶେଷ ଆପଦ ସମ୍ପନ୍ନ ନିବେଶରେ ପରିଣତ କରିଥିଲା । ଏହି ଆପଦର ସ୍ତର ଅନୁଯାୟୀ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳନା କରୁଥିବା ରାଜିନାମା "ଏହା ଅର୍ଥପ୍ରଦାନ କରୁଥିବା ପ୍ରକଳ୍ପ ସମୂହ କାର୍ଯ୍ୟକାରିତା ମାନକର ଆବଶ୍ୟକତା ଅନୁସାରେ କ୍ରିୟାନ୍ୱିତ ହେଉଛନ୍ତି" ସେ ସମ୍ପର୍କୀୟ ଆଇ.ଏଫ୍.ସି ର ବର୍ଣ୍ଣିତ ଆଭିମୁଖ୍ୟକୁ ସମର୍ଥନ କରୁନଥିଲା (ଦୀର୍ଘସ୍ଥାୟିତ୍ୱ ନୀତି ଅନୁଚ୍ଛେଦ ୫) ।

## ତଦାରଖ

ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଆଇ.ଏଫ୍.ସି ଦ୍ୱାରା ପାଣ୍ଡିରେ ନିବେଶର ତଦାରଖ ପର୍ଯ୍ୟାପ୍ତ ନଥିଲା । ଏହା ଅନେକ କାରଣ ଦ୍ୱାରା ହୋଇଥିଲା ।

ପ୍ରଥମତଃ ଆଇ.ଏଫ୍.ସି ମାର୍ଚ୍ଚ ୨୦୦୮ରେ ଅର୍ଥ ପ୍ରଦାନର ଏକମାତ୍ର ପରିବେଶୀୟ ଓ ସାମାଜିକ ସର୍ତ୍ତ ଯଥା ପାଣ୍ଡି ପାଖରେ କାର୍ଯ୍ୟକାରିତା ମାନକ ଅନୁପାଳନ କରୁଥିବା ଏକ ଏସ୍.ଇ.ଏମ୍.ଏସ୍ ରହିଛି ସେ ସମ୍ପର୍କରେ ଆଶ୍ୱସ୍ତ ନ ହୋଇ ପ୍ରଥମ ଅର୍ଥ ପ୍ରଦାନ କରିଥିଲା ।

ଦ୍ୱିତୀୟତଃ ଯଦିଓ ଆଇ.ଏଫ୍.ସି କମଳାଙ୍ଗ ପ୍ରକଳ୍ପ ସମ୍ପର୍କିତ ପାଣ୍ଡିର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତାର ଏକ ସମୀକ୍ଷା କରିଥିଲେ, ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଏହି ସମୀକ୍ଷା କମଳାଙ୍ଗ ପ୍ରକଳ୍ପ କାର୍ଯ୍ୟକାରିତା ମାନକର ଆବଶ୍ୟଖତାକୁ ପରିପୂରଣ କରିବ ସେ ସମ୍ପର୍କୀୟ ଏକ ଯୁକ୍ତିଯୁକ୍ତ ଆଶାପୋଷଣକୁ ସଂସ୍ଥାପିତ କରିବାରେ ପର୍ଯ୍ୟାପ୍ତ ନଥିଲା ।

ତୃତୀୟତଃ ସଅଳ ତଦାରଖ ଦ୍ୱାରା ପାଣ୍ଡି ମୂଲ୍ୟାଙ୍କନ ସମୟରେ ସନ୍ଦର୍ଶିତ ହୋଇଥିବା ପରି ଏକ ଏସ୍.ଇ.ଏମ୍.ଏସ୍ ପରିଚାଳନା କରୁଛି ବୋଲି ଆଇ.ଏଫ୍.ସି ଆଶ୍ୱସ୍ତ ହେବା ନିମନ୍ତେ ଉପଲବ୍ଧ ପ୍ରମାଣ ପର୍ଯ୍ୟାପ୍ତ ନଥିଲା ।

ଚତୁର୍ଥତଃ ଅକ୍ଟୋବର ୨୦୧୦ରେ ପାଣ୍ଡିର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ଅସନ୍ତୋଷଜନକ ବୋଲି ଉପସଂହାରରେ ପହଂଚି, ଦୀର୍ଘସ୍ଥାୟିତ୍ୱ ନୀତି ଅନୁସାରେ ଆଇ.ଏଫ୍.ସି ଏହାର ଗ୍ରାହକ ସଙ୍ଗଠନକୁ ଅନୁପାଳନକୁ ପ୍ରତ୍ୟାବର୍ତ୍ତିତ କରିବାରେ ଅଥବା ସୁଧାରମୂଳକ ପଦକ୍ଷେପ ନେବାରେ ଅସମର୍ଥ ଥିଲା । ଏହି ସନ୍ଦର୍ଭରେ ଏହା ଉଲ୍ଲେଖଯୋଗ୍ୟ ଯେ, ଆଇ.ଏଫ୍.ସି ଆଇ.ଡି.ଏଫ୍.ସି (ପାଣ୍ଡିର ମୂଳ କମ୍ପାନୀ) ଏବଂ ଜି.ଏମ୍.ଆର କମଳାଙ୍ଗ ପ୍ରକଳ୍ପର ମୂଳ କମ୍ପାନୀ ର ସହଯୋଗୀ ସଂସ୍ଥାରେ ନୂତନ ନିବେଶମାନ ଅନୁମୋଦନ କରିଥିଲା । ଏହି ନିବେଶ ଏପରି ଏକ ସମୟରେ କରିବା, ଯେତେବେଳେ (କ) ପାଣ୍ଡି ଏହାର ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ଅଣ ଅନୁପାଳନ କରିବା ବିଚାରକୁ ନିଆଯାଇଥିଲା ଏବଂ (ଖ) କମଳାଙ୍ଗ ପ୍ରକଳ୍ପର ପରିପାର୍ଶ୍ୱରେ ଗୁରୁତର ଅଣ ସମାହିତ ପରିବେଶୀୟ ଓ ସାମାଜିକ ସମସ୍ୟା ବିଷୟରେ ଆଇ.ଏଫ୍.ସି ଜ୍ଞାତ ଥିଲା, ଦୀର୍ଘସ୍ଥାୟିତ୍ୱ ନୀତି ଅଧୀନରେ ଥିବା ଆବଶ୍ୟକତା, ଯାହାକୁ ଆଇ.ଏଫ୍.ସି ପ୍ରଚଳିତ ଅଣ ଅନୁପାଳନର ପ୍ରତିକ୍ରିୟାରେ ସୁଧାର ପାଇଁ ବିଚାରକୁ ନେଇଥାଏ, ତାର ବିରୁଦ୍ଧାଚରଣ କରୁଥିଲା ।

ପଂଚମତଃ କର୍ମଚାରୀଙ୍କ ଦ୍ୱାରା ଏହି ନିବେଶରେ ଚିହ୍ନଟ ହୋଇଥିବା ପରିବେଶୀୟ ଓ ସାମାଜିକ ସମସ୍ୟା ପ୍ରତି ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ପର୍ଯ୍ୟାପ୍ତ ନଥିଲା । ଆଇ.ଏଫ୍.ସି କର୍ମଚାରୀଙ୍କ ଦ୍ୱାରା ପାଣ୍ଡିର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତା ସମ୍ପର୍କୀୟ ଚିନ୍ତାଜନକ ବିଷୟମାନ ଗୁରୁତର ତଥା ଉତ୍ତମ ରୂପେ ଦସ୍ତାବିଜୀକୃତ ଥିଲା । ନଭେମ୍ବର ୨୦୧୦ରେ ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କୁ ସୁଚିତ କଲେ ଯେ, ପାଣ୍ଡିର କାର୍ଯ୍ୟକାରିତା ମାନକର କ୍ରିୟାନ୍ୱୟନରେ ନିଆଯାଉଥିବା ପଦକ୍ଷେପ ସମୂହରେ ପ୍ରଶସ୍ତ ଏବଂ ଉଲ୍ଲେଖଯୋଗ୍ୟ ବ୍ୟବଧାନ ମାନ ଥିଲା । ଏହି ସ୍ଥଳରେ ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ମଧ୍ୟ କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ପ୍ରଭାବ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲେ । ଯଦ୍ୟପି ଆଇ.ଏଫ୍.ସି ର ପରିଚାଳନା କର୍ତ୍ତୃପକ୍ଷ ନିବେଶ ରାଜିନାମା ଅନ୍ୟ କୌଣସି ବିକଳ୍ପ କାର୍ଯ୍ୟଧାରାକୁ ସମର୍ଥିତ କରୁନାହିଁ ବୋଲି ମତପୋଷଣ କରି ପାଣ୍ଡିକୁ ଅର୍ଥପ୍ରଦାନ ପାଇଁ ଅଗ୍ରସର ହେବାର ନିଷ୍ପତ୍ତି ନେଇଥିଲା । ସି.ଏ.ଓ ଏହା ଗ୍ରହଣ କରିଛନ୍ତି ଯେ, ଆଇ.ଏଫ୍.ସି ର ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷ ଡିସେମ୍ବର ୨୦୧୦ରେ ପତ୍ର ଦ୍ୱାରା ପାଣ୍ଡିକୁ ଆଇ.ଏଫ୍.ସି ପରିବେଶୀୟ ଓ ସାମାଜିକ କାରଣରୁ ଅଧିକତର ଅର୍ଥପ୍ରଦାନ ବିଳମ୍ବିତ କରିବାର ବିଚାରକୁ ନେବ ବୋଲି ପରାମର୍ଶ ଦେଇଥିଲା । ସି.ଏ.ଓ ଏହା ମଧ୍ୟ ଗ୍ରହଣ କରିଛନ୍ତି ଯେ, ଆଇ.ଏଫ୍,ସି ର ପରିଚାଳନା କର୍ତ୍ତୃପକ୍ଷ ପରବର୍ତ୍ତୀ ସମୟରେ ଆଇ.ଡି.ଏଫ୍.ସି/ପାଣ୍ଡି ତଥା ଜି.ଏମ୍.ଆର ଗ୍ରୁପ୍ (ଯାହା ପାଖରେ କମଳାଙ୍ଗ ପ୍ରକଳ୍ପର ମାଲିକାନା ଅଛି) ର ପ୍ରତିନିଧିଙ୍କୁ ଅନେକ ଅବସରରେ ଭେଟିଥିଲେ । ଏହି ବୈଠକ ମାନଙ୍କରେ କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତ ସମ୍ପର୍କିତ ଚିନ୍ତାଜନକ ବିଷୟମାନ ଆଲୋଚିତ ହୋଇଥିଲା । ଯଦ୍ୟପି, ୨୦୧୦ ପରବର୍ତ୍ତୀ ସମୟରେ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ଆଇ.ଡି.ଏଫ୍.ସି/ପାଣ୍ଡି ଅଥବା ଜି.ଏମ୍.ଆର ସହିତ ଏହି ସମସ୍ୟା ସମ୍ପର୍କିତ କୌଣସି ପତ୍ରାଳାପ ହେବାର ଉଲ୍ଲେଖ ନାହିଁ । ଏହି ଏକା ସମୟରେ ଆଇ.ଏଫ୍.ସି ପାଣ୍ଡିକୁ ୨୪ ଥର ଅର୍ଥ ପ୍ରଦାନ ର ପ୍ରକ୍ରିୟାକରଣ କରିଥିଲା, ଆଇ.ଡି.ଏଫ୍.ସି ର ସହଯୋଗୀ ସଂସ୍ଥାରେ ଦୁଇଟି ନୂତନ ନିବେଶ କରିଥିଲା ଏବଂ ଜି.ଏମ୍.ଆର ସହଯୋଗୀ ସଂସ୍ଥା ଦ୍ୱାରା ପ୍ରାୟୋଜିତ ପ୍ରକଳ୍ପ ନିମନ୍ତେ ୪ଟି ବିକାଶ ରାଜିନାମାର ପକ୍ଷଭୁକ୍ତ ହୋଇଥିଲା । ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଏକ ବୃହତ୍ ଗ୍ରାହକ ସଙ୍ଗଠନ ହେବା ଦୃଷ୍ଟିରୁ ତଥା ଭାରତର ଭିତ୍ତିନିର୍ମାଣ କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିବା ଦୃଷ୍ଟିରୁ ଆଇ.ଡି.ଏଫ୍.ସି ସହିତ ଆଇ.ଏଫ୍.ସି ର ପରିଚାଳନା

କର୍ତ୍ତୃପକ୍ଷ ଏକ ସକାରାତ୍ମକ ସମ୍ପର୍କ ବଜାୟ ରଖିବା ନିମନ୍ତେ ଜୋର ଦେଇଥିଲେ । ଏହାମଧ୍ୟରେ କମଳାଙ୍ଗ ପ୍ରକଳ୍ପ ନିର୍ମାଣରୁ କ୍ରିୟାନ୍ୱୟନ ସ୍ତରକୁ ପରିବର୍ତ୍ତିତ ହୋଇଛି, ଯାହାଫଳରେ ଅଭିଯୋଗକାରୀଙ୍କ ଉପରେ ଅପରିବର୍ତ୍ତନୀୟ ପ୍ରତିକୂଳ ପ୍ରଭାବର ଆପଦ ପରିବର୍ଦ୍ଧିତ ହୋଇଛି ।

## ପ୍ରକଟନ

ପାଣ୍ଠିରେ ଏହାର ନିବେଶ ପ୍ରକଟନ କରିବା ରେ ଆଇ.ଏଫ୍.ସି ପ୍ରକଟନ ନୀତି (୨୦୦୬) ର ଅନୁପାଳନ କରିଥିଲା । ଯଦ୍ୟପି ଅଭିଯୋଗକାରୀଙ୍କ ଦ୍ୱାରା ହୋଇଥିବା ଆରୋପ ସମ୍ପର୍କରେ ସି.ଏ.ଓ କମଳାଙ୍ଗ ପ୍ରକଳ୍ପର ଜନସାଧାରଣଙ୍କ ପାଖରେ ଉପଲବ୍ଧ ପରିବେଶୀୟ ଓ ସାମାଜିକ ସୁଚନାର ଅଭାବ ଥିଲା ବୋଲି ଚିନ୍ତା ପ୍ରକଟ କରିଥିଲେ । ଅପ୍ରେଲ, ୨୦୧୧ରେ ସି.ଏ.ଓଙ୍କ ଅଭିଯୋଗ ଦାଖଲ ହେବା ପୂର୍ବରୁ ଅଭିଯୋଗକାରୀଙ୍କ ଦ୍ୱାରା ପ୍ରକଟନ ବିଷୟରେ ସମସ୍ୟାମାନ ଆଇ.ଏଫ୍.ସି ଦ୍ୱାରା ଉତ୍ଥାପିତ ହୋଇଥିଲା । ଯଦିଓ ଆଇ.ଏଫ୍.ସି ଏହି ଚିନ୍ତାଜନକ ବିଷୟ ସମ୍ପର୍କରେ ଜାଗ୍ରତ ଥିଲା, କାର୍ଯ୍ୟକାରିତା ମାନକ ୧ ଅଧୀନରେ ପ୍ରକଟନ ଆବଶ୍ୟକତାର ଗ୍ରାହକ ସଙ୍ଗଠନ ଦ୍ୱାରା କମଳାଙ୍ଗ ପ୍ରକଳ୍ପ ସମ୍ପର୍କରେ ଅଥବା ଅଧିକ ସାଧାରଣ ରୂପେ ତଦାରଖ ବିଷୟରେ ଅତିରିକ୍ତ ସୂଚନା ନିମନ୍ତେ ଅନୁରୋଧ କରିନଥିଲା । ପୁନଶ୍ଚ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, ଆଇ.ଏଫ୍.ସି ତାହାର ଗ୍ରାହକ ସଙ୍ଗଠନ, ପାଣ୍ଠି, ଏକ ଅଭିଯୋଗ ବ୍ୟବସ୍ଥା ସଂସ୍ଥାପିତ କରିଛି ଓ ସମ୍ଭାବ୍ୟ ପ୍ରଭାବିତ ଗୋଷ୍ଠୀ ସମୂହ କାର୍ଯ୍ୟକାରିତା ମାନକ ୧ ଅନୁସାରେ ଏ ସମ୍ପର୍କରେ ସୁଚିତ ହୋଇଛନ୍ତି, ସେ ବିଷୟରେ ନିଜକୁ ଆଶ୍ୱସ୍ତ କରିନଥିଲା । ଏହି ସନ୍ଦର୍ଭରେ ସି.ଏ.ଓ ଜ୍ଞାତ ହୋଇଛନ୍ତି ଯେ, କାର୍ଯ୍ୟକାରିତା ମାନକ ଅଧୀନରେ, ନିଜର ତଥା କମଳାଙ୍ଗ ପ୍ରକଳ୍ପର କାର୍ଯ୍ୟଂନ୍ୱୟନ ପାଇଁ ନିଜର ତଥା କମଳାଙ୍ଗ ପ୍ରକଳ୍ପର ପ୍ରକଟନର ଆବଶ୍ୟକତାକୁ ପାଣ୍ଠି ଅନୁପାଳନ କରିବା ବିଷୟ ଆଇ.ଏଫ୍.ସି ପର୍ଯ୍ୟାପ୍ତ ଭାବରେ ତଦାରଖ କରିନଥିଲା ।

## ସି.ଏ.ଓଙ୍କ ଅନୁଧ୍ୟାନ

କାର୍ଯ୍ୟାନ୍ୱୟନ ଦିଗଦର୍ଶିକା ଅନୁସାରେ ସି.ଏ.ଓ ଅନୁପାଳନ ତଦନ୍ତକୁ ଉନ୍ମୁକ୍ତ ରଖିବେ ଏବଂ ତାଙ୍କର ନିଷ୍କର୍ଷ ପ୍ରତି ଆଇ.ଏଫ୍.ସି ର ପ୍ରତିକ୍ରିୟାକୁ ଅନୁଧ୍ୟାନ କରିବେ ।

## ପରିଶିଷ୍ଟ କ: ମୁଖ୍ୟ ନିଷ୍କର୍ଷର ସାରାଂଶ

| |
|---|
| **ଆଇ.ଏଫ୍.ସି ର ପ୍ରାକ୍ ନିବେଶୀୟ ଧ୍ୟେୟ ସତର୍କତା** |
| ଆଇ.ଏଫ୍.ସି ସଠିକ୍ ଭାବରେ ଚିହ୍ନଟ କଲା ଯେ ବୃହତ୍ ସ୍ତରୀୟ ଭିତ୍ତି ନିର୍ମାଣ ପ୍ରକଳ୍ପରେ ଏହାର ଗ୍ରାହକ ସଙ୍ଗଠନର ଯୋଜନାବଦ୍ଧ ନିବେଶ ଉଲ୍ଲେଖଯୋଗ୍ୟ ପରିବେଶୀୟ ଓ ସାମାଜିକ ଆପଦ ସମ୍ପନ୍ନ ଥିଲା । |
| ଆଇ.ଏଫ୍ .ସି ର ଗ୍ରାହକ ସଙ୍ଗଠନଙ୍କର ପାଣ୍ଠି ସହିତ ଜଡ଼ିତ ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନା କ୍ଷମତାର ପ୍ରାକ୍ ନିବେଶୀୟ ସମୀକ୍ଷା ଏହି ସମସ୍ତ ଆପଦର ସ୍ତର ସହିତ ସମାନୁପାତିକ ନଥିଲା । |
| ଫଳସ୍ୱରୁପ ଆଇ.ଏଫ୍.ସି ଏହି ଉପସଂହାରରେ ପହଂଚିବାର ଭିତ୍ତି ହରାଇଥିଲା ଯେ, ପାଣ୍ଠିରେ ଏହାର ନିବେଶ ଏକ ଯୁକ୍ତିଯୁକ୍ତ ସମୟ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକାରିତା ମାନକର ଆବଶ୍ୟକତାକୁ ପରିପୁରଣ କରିପାରିବ । |
| **ପରିବେଶୀୟ ଓ ସାମାଜିକ ଆପଦ ପରିଚାଳନାର ଢାଂଚା** |
| ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳନା କରୁଥିବା ରାଜିନାମା ପରିବେଶୀୟ ଓ ସାମାଜିକ ଆବଶ୍ୟକତା ର ଅନୁପାଳନ ନିଶ୍ଚିତ କରିବା ନିମନ୍ତେ ଆଇ.ଏଫ୍.ସି କୁ ସୀମିତ ସାଧନ ଉପଲବ୍ଧ କରାଇଥିଲା । |
| ଆଇ.ଏଫ୍.ସି ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ମତ ପ୍ରମୁଖ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ମାନ ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳନା କରୁଥିବା ରାଜିନାମାରେ ଅନୁବର୍ତ୍ତିତ ହୋଇନଥିଲା । |
| ଆଇ.ଏଫ୍ .ସି କର୍ମଚାରୀଙ୍କ ପାଖରେ ଉପଲବ୍ଧ ଦିଗଦର୍ଶିକାରେ ରେଖାଙ୍କିତ ପରିବେଶୀୟ ଓ ସାମାଜିକ ଆବଶ୍ୟକତା ମାନ ସେହି ସମୟରେ ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳନା କରୁଥିବା ରାଜିନାମାରେ ଅନ୍ତର୍ଭୁକ୍ତ ହୋଇନଥିଲା । |
| ପାଣ୍ଠିରେ ଆଇ.ଏଫ୍.ସି ର ନିବେଶକୁ ପରିଚାଳନା କରୁଥିବା ରାଜିନାମା ଆଇ.ଏଫ୍.ସି ର ଆଭିମୁଖ୍ୟ ଯଥା ଏହା ଅର୍ଥ ପ୍ରଦାନ କରୁଥିବା ପ୍ରକଳ୍ପମାନ କାର୍ଯ୍ୟକାରିତା ମାନକ ଅନୁସାରେ କ୍ରିୟାନ୍ୱିତ ହେଉଛନ୍ତି ତାହା ସୁନିଶ୍ଚିତ କରିବାକୁ ସମର୍ଥିତ କରୁନଥିଲା । |
| **ତଦାରଖ** |
| ଆଇ.ଏଫ୍.ସି ର ତଦାରଖ, ଆଇ.ଏଫ୍.ସି ଦୀର୍ଘସ୍ଥାୟିତ୍ୱ ନୀତିର ଏକ ପ୍ରମୁଖ ଆଭିମୁଖ୍ୟ ଯଥା ପାଣ୍ଠି |

| |
|---|
| ମାଧ୍ୟମରେ ଏହା ଅର୍ଥ ପ୍ରଦାନ କରୁଥିବା ଉଚ୍ଚ ଆପଦ ସମ୍ପନ୍ନ ପ୍ରକଳ୍ପମାନ କାର୍ଯ୍ୟକାରିତା ମାନକ ର ଧାରାରେ ନିରନ୍ତର ଭାବେ ରେଖାଙ୍କିତ ଓ କ୍ରିୟାନ୍ୱିତ ହେଉଛନ୍ତି, ତାହା ସୁନିଶ୍ଚିତ କରିବା ନିମନ୍ତେ ଯଥେଷ୍ଟ ନଥିଲା । |
| ଅର୍ଥ ପ୍ରଦାନର ପରିବେଶୀୟ ଓ ସାମାଜିକ ସର୍ତ୍ତାବଳୀ ପରିପୁରଣ ହେବା ସୁନିଶ୍ଚିତ ନ କରି ଆଇ.ଏଫ୍.ସି ପାଣ୍ଡିକୁ ଏହାର ପ୍ରଥମ ଅର୍ଥ ପ୍ରଦାନ କରିଥିଲା । |
| ଆଇ.ଏଫ୍ .ସି ଦ୍ୱାରା କମଲାଙ୍ଗ ପ୍ରକଳ୍ପ ପାଇଁ ପାଣ୍ଡିର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା ଏହି ପ୍ରକଳ୍ପ ଏକ ଯୁକ୍ତିଯୁକ୍ତ ସମୟ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକାରିତା ମାନକର ଆବଶ୍ୟକତାକୁ ପରିପୁରଣ କରିପାରିବ ସେହି ଉପସଂହାରରେ ଉପନୀତ ହେବା ପାଇଁ ଏକ ଭିତ୍ତି ପ୍ରଦାନ କରିନଥିଲା । |
| ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ କର୍ମକର୍ତ୍ତା ସଠିକ୍ ରୂପେ ଅକ୍ଟୋବର ୨୦୧୦ରେ ପାଣ୍ଡିକୁ ଇ.ଏସ୍.ଆର.ଆର ୪ (ଅସନ୍ତୋଷଜନକ) ପ୍ରଦାନ କରିଥିଲେ ଏବଂ ଦାୟିତ୍ୱ ନ୍ୟସ୍ତ ଆଇ.ଏଫ୍.ସି ନିବେଶ କର୍ମକର୍ତ୍ତା ଇ.ଏସ୍.ଆର.ପି ଆବଶ୍ୟକତାର ସମରୈକ୍ଷିକ ଗ୍ରାହକ ସଙ୍ଗଠନର ପରିବେଶୀୟ ଓ ସାମାଜିକ କାର୍ଯ୍ୟକାରିତାରେ ଥିବା ବ୍ୟବଧାନ ସମ୍ପର୍କରେ ସୁଚିତ ହୋଇଥିଲେ । |
| ଆଇ.ଏଫ୍.ସି ର ପରିଚାଳନା କର୍ତୃପକ୍ଷ କମଲାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ପ୍ରଭାବ ସମ୍ପର୍କିତ ଦୀର୍ଘବ୍ୟାପୀ ତଥା ଉତ୍ତର ରୂପେ ଦସ୍ତାବିଜୀକୃତ ଗୁରୁତର ଚିନ୍ତାଜନକ ବିଷୟ ପ୍ରତି ପର୍ଯ୍ୟାପ୍ତ ପ୍ରତିକ୍ରିୟା ପ୍ରକାଶ କରିନଥିଲା । |
| ପାଣ୍ଡି ଆଇ.ଏଫ୍.ସି ର ପରିବେଶୀୟ ଓ ସାମାଜିକ ଆବଶ୍ୟକତାକୁ ବସ୍ତୁତଃ ଅଣ ଅନୁପାଳନ କରୁଥିବା ଅବଧିରେ ଆଇ.ଏଫ୍.ସି ଆଇ.ଡି.ଏଫ୍.ସି ର ସହଯୋଗୀ ସଂସ୍ଥାରେ ଦୁଇଟି ନୂତନ ନିବେଶ କରିଥିଲା । ଏହା ଆଇ.ଏଫ୍.ସି ର ଦୀର୍ଘସ୍ଥାୟିତ୍ୱ ନୀତି ଅଧୀନରେ ଥିବା ଆବଶ୍ୟକତା ଯଥା ଆଇ.ଏଫ୍.ସି ପ୍ରଚଳିତ ଅଣ ଅନୁପାଳନ ର ପ୍ରତିକ୍ରିୟାରେ ବିଚାରକୁ ନେଉଥିବା ସୁଧାରମୂଳକ ପଦକ୍ଷେପ, ସହ ଅସଙ୍ଗତ ଥିଲା । |
| କମଲାଙ୍ଗ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କଲାପରେ ପୁନଃ କାର୍ଯ୍ୟକ୍ଷମ ହେବାସ୍ଥଳେ ଆଇ.ଏଫ୍.ସି ଏହି ମତ କାଏମ ରଖିଛି ଯେ, ପ୍ରକଳ୍ପର ପ୍ରଭାବ ସମ୍ପର୍କିତ ଅଭିଯୋଗକାରୀଙ୍କ ଦ୍ୱାରା ଉତ୍ଥାପିତ ପ୍ରମୁଖ ଚିନ୍ତାଜନକ ବିଷୟମାନ କାର୍ଯ୍ୟକାରିତା ମାନକ ଅନୁଯାୟୀ ସମାହିତ ହୋଇନାହାନ୍ତି । |
| **ପ୍ରକଟନ** |
| ଆଇ.ଏଫ୍.ସି ତଦାନୀନ୍ତନ ପ୍ରକଟନ ନୀତିର ଆବଶ୍ୟକତାର ଅନୁପାଳନ କରିଥିଲା । |
| ଆଇ.ଏଫ୍.ସି ନିଜର ତଥା କମଲାଙ୍ଗ ପ୍ରକଳ୍ପର କାର୍ଯ୍ୟନ୍ୱୟନରେ କାର୍ଯ୍ୟକାରିତା ମାନକ ଅଧୀନରେ ଥିବା ପ୍ରକଟନ ଆବଶ୍ୟକତାର ପାଣ୍ଡି ଦ୍ୱାରା ଅନୁପାଳନ ସମ୍ପର୍କରେ ପର୍ଯ୍ୟାପ୍ତ ତଦାରଖ କରିନଥିଲା । |

## ପରିଶିଷ୍ଟ ଖ: କମଳାଙ୍ଗ ପ୍ରକଳ୍ପର ପରିବେଶୀୟ ଓ ସାମାଜିକ ଧ୍ୟେୟ ସତର୍କତା (ଇ.ଏସ୍.ଡି.ଡି) ର ପାଣ୍ଠି ଦ୍ୱାରା ସମୀକ୍ଷା ସମ୍ପର୍କୀୟ ସି.ଏ.ଓ ଙ୍କ ବିଶ୍ଲେଷଣ (ସେପ୍ଟେମ୍ବର ୨୦୦୮)

| କାର୍ଯ୍ୟକାରିତା ମାନକର ଆବଶ୍ୟକତା | ଆଇ.ଏଫ୍.ସି ର ସମୀକ୍ଷା | ସି.ଏ.ଓ ଙ୍କ ପର୍ଯ୍ୟବେକ୍ଷଣ |
|---|---|---|
| କାର୍ଯ୍ୟକାରିତା ମାନକ ୧ - ପରାମର୍ଶ ଓ ପ୍ରକଟନ ... ଗ୍ରାହକ ସଙ୍ଗଠନ ଆକଳନ( ସାମାଜିକ ଓ ପରିବେଶୀୟ ପ୍ରକଟନ କରିବେ... ଗ୍ରାହକ ସଙ୍ଗଠନ ଗୋଷ୍ଠୀ (ପ୍ରଭାବିତ କୁ ସୁଚନା ପାଇବାର ଅଧୀକାର ପ୍ରଦାନ କରିବେ... ସାମାଜିକ ଓ ପରିବେଶୀୟ ଆକଳନ ପଦ୍ଧତିର ଆଗତୁରା ଏବଂ ପ୍ରକଳ୍ପ ନିର୍ମାଣ ଆରମ୍ଭ ହେବାର କୌଣସି ଘଟଣା ପୂର୍ବରୁ ପ୍ରକଟନ ହେବା ଆବଶ୍ୟକ (କାର୍ଯ୍ୟକାରିତା ମାନକ ୧ ଅନୁଚ୍ଛେଦ ୨୨) | ପ୍ରଥମ ଅର୍ଥ ପ୍ରଦାନର ୩ ମାସ ପରେ ପ୍ରକଟନ ଓ ଆଲୋଚନା ଯୋଜନା ବିକଶିତ କରିବା ନିମନ୍ତେ ଅନୁରୋଧ କଲେ | ପରିବେଶୀୟ ଓ ସାମାଜିକ ଆବଶ୍ୟକତା ଦିଗରେ ପରିଚାଳିତ ପରାମର୍ଶ ସମ୍ପର୍କରେ ଆଇ.ଏଫ୍.ସି ପର୍ଯ୍ୟାପ୍ତ ସମୀକ୍ଷା କରିନଥିଲା<br><br>ଭୂମି ଅଧିଗ୍ରହଣ ଏକ ଅଗ୍ରଣୀ ସ୍ତରରେ ଥିବାବେଳେ ତଥା ଇ.ଏସ୍.ଆଇ.ଏ ସମ୍ପୂର୍ଣ୍ଣ ହେବା ପରେ ଇ.ଏସ୍.ଡି.ଡି ର ସମୀକ୍ଷା କରାଯିବା ଏକ ପରାମର୍ଶ ଓ ପ୍ରକଟନ ନୀତିର ପ୍ରସ୍ତୁତି ଅର୍ଥ ପ୍ରଦାନ ପରବର୍ତ୍ତୀ ସମୟରେ "ମୁକ୍ତ ଆଗୁଆ ତଥା ସୁଚିତ ପରମାର୍ଶ" ସହ ସଂଗତ ନଥିଲା |
| କାର୍ଯ୍ୟକାରିତା ମାନକ ୧-ପରିବେଶୀୟ ଓ ସାମାଜିକ ଅନୁଧ୍ୟାନର ଯାଂଚ ବହୁବିଧ ଅପରିବର୍ତ୍ତନୀୟ | ଆଇ.ଏସ୍.ଓ ପ୍ରାମାଣିକତାର ଆବଶ୍ୟକତା | ଅନୁଧ୍ୟାନ ଢାଂଚା ଆପଦର ସମାନୁପାତିକ ନଥିଲା । ପରିବେଶୀୟ ଓ ସାମାଜିକ |

| | | |
|---|---|---|
| ତଥା ଅଭୂତପୂର୍ବ ଉଲ୍ଲେଖଯୋଗ୍ୟ ପ୍ରଭାବ ସମ୍ପନ୍ନ ପ୍ରକଳ୍ପ ନିମନ୍ତେ ଗ୍ରାହକ ସଙ୍ଗଠନ ଯୋଗ୍ୟ ତଥା ଅଭିଜ୍ଞତା ସମ୍ପନ୍ନ ବାହ୍ୟ ବିଶେଷଜ୍ଞଙ୍କୁ ଏହାର ସୁଚନା ଅନୁଧ୍ୟାନ ଯାଂଚ କରିବା ପାଇଁ ନିଯୋଜିତ କରିବେ । ଏହି ଅନୁଧ୍ୟାନର ବ୍ୟାପୀ ପ୍ରକଳ୍ପର ଆପଦ, ପ୍ରଭାବ ତଥା ଅନୁପାଳନ ଆବଶ୍ୟକତା ସହ ସୁସଂହତ ହେବ (ଅନୁଚ୍ଛେଦ ୨୪) | ଇ.ଏସ୍.ଏ.ପି ରେ ଅନ୍ତର୍ଭୁକ୍ତ | ଅନୁଧ୍ୟାନର ବାର୍ହ୍ୟ ଯାଂଚ ର ଆବଶ୍ୟକତା ଏ ବର୍ଗର ପ୍ରକଳ୍ପ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିତା ମାନକର ଆବଶ୍ୟକତା, ଯାହା ଆଇ.ଏଫ୍.ସି ର ସମୀକ୍ଷାର ଏକ ଅଂଶସ୍ୱରୁପ ଚର୍ଚ୍ଚିତ ହେବାର ଆବଶ୍ୟକ ଥିଲା । ଆଇ.ଏସ୍.ଓ ପ୍ରମାଣିକତା ପାଇଁ କାର୍ଯ୍ୟକାରିତା ମାନକର ଅନୁପାଳନ ଆବଶ୍ୟକ ନାହିଁ । |
| କାର୍ଯ୍ୟକାରିତା ମାନକ ୩-ପ୍ରଦ୍ୟୁଷଣ ନିୟନ୍ତ୍ରଣ ପ୍ରଯୁକ୍ତିଗତ ବିଚାର<br><br>ପ୍ରକଳ୍ପ ନିମନ୍ତେ ପ୍ରଦୂଷଣ ପ୍ରତିହତକାରୀ ତଥା ନିୟନ୍ତ୍ରଣ କୌଶଳ ର ଚୟନ ଓ ମୂଲ୍ୟାଙ୍କନ ସମୟରେ ଗ୍ରାହକ ସଙ୍ଗଠନ ଇ.ଏଚ୍.ଏସ୍ ଦିଗଦର୍ଶିକା ସାମ୍ପ୍ରତିକ ସଂସ୍କରଣ କୁ ଦ୍ରଷ୍ଟବ୍ୟ ରୂପେ ନେବେ ଏହି ଦିଗଦର୍ଶିକାରେ ପ୍ରକଳ୍ପ ପାଇଁ ସାଧାରଣ ଭ | ନିମ୍ନଲିଖିତ ଦିଗଦର୍ଶନ ପ୍ରୟୋଗ ନିମନ୍ତେ ଆଇ.ଏଫ୍.ସି ପରାମର୍ଶ ଦେଲା<br>▪ ଇ.ଏଚ୍.ଏସ୍ ଦିଗଦର୍ଶିକା (ସାଧାରଣ) ୨୦୦୭ ଏବଂ<br>▪ ତାପଜ ଶକ୍ତି (ନୂତନ କାରଖାନା ପାଇଁ ଦିଗଦର୍ଶିକା) ୧୯୯୮<br>▪ ଆଇ.ଏଫ୍ .ସି | ଆଇ.ଏଫ୍.ସି ଏହି ପ୍ରତିଶ୍ରୁତି ପାଇଲା ଯେ, କମଲାଙ୍ଗ ପ୍ରକଳ୍ପ ୧୯୯୮ ତାପଜ ବିଦ୍ୟୁତ୍ ଦିଗଦର୍ଶିକା ଅଧୀନରେ ବିଶେଷ ନିର୍ଗମନ (ଏସ୍‌ଓ୨ ତଥା ଏନ୍‌ଓଏକ୍ସ) ସମ୍ପର୍କୀୟ ଆବଶ୍ୟକତା ର ପରିପୁରଣ କରିବେ<br><br>୨୦୦୭ ସାଧାରଣ ଇ.ଏଚ୍.ଏସ୍ ଦିଗଦର୍ଶିକା ଅଥବା ୧୯୯୮ ତାପଜ ବିଦ୍ୟୁତ୍ ଦିଗଦର୍ଶିକାର |

| | | |
|---|---|---|
| ଭାବରେ ଗ୍ରହଣଯୋଗ୍ୟ ତଥା ପ୍ରଯୁଜ୍ୟ କାର୍ଯ୍ୟଖାରିତାର ସ୍ତର ତଥା ପଦକ୍ଷେପ ସନ୍ନିବେଶିତ, ଯେତେବେଳେ ଇ.ଏସ୍ ଦିଗଦର୍ଶିକଠାରୁ ପ୍ରବର୍ତ୍ତନକାରୀ ଦେଶର ନିୟାମକ ଭିନ୍ନ ହୋଇଥାଏ, ତେବେ ଅଧିକ କଠିନ ଦିଗକୁ ହାସଲ କରିବା ପାଇଁ ଗ୍ରାହକ ସଙ୍ଗଠନ ଚେଷ୍ଟା କରିବେ (କାର୍ଯ୍ୟକାରିତା ମାନକ ୩ -ଅନୁଚ୍ଛେଦ ୮) କାର୍ଯ୍ୟକାରିତା ମାନକ ୫-ଭୂମି ଅଧିଗ୍ରହଣ ତଥା ଅଣସ୍ୱେଚ୍ଛାକୃତ ପୁନର୍ବାସ<br><br>-ଅର୍ଥନୈତିକ ବିସ୍ଥାପନ; ସରକାରଙ୍କ ଦ୍ୱାରା ପରିଚାଳିତ ପୁର୍ନବାସ ଅଧୀନରେ ଅର୍ଥନୈତିକ ବିସ୍ଥାପନ କ୍ଷେତ୍ରରେ ଗ୍ରାହକ ସଙ୍ଗଠନ ଏକ ଯୋଜନା (ଅଥବା ଏକ ଢାଂଚା) ପ୍ରସୁତ କରିବେ, ଯାହାକି ଦାୟିତ୍ୱ ସମ୍ପନ୍ନ ସରକାରୀ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଦସ୍ତାବିଜ ସହ ମିଶି | ପୁନଶ୍ଚ ଅନୁମୋଦନ କଲା ଯେ ଇ.ଏଚ୍.ଏସ୍ ଦିଗଦର୍ଶିକା (ତାପଜ ବିଦ୍ୟୁତ୍ କାରଖାନା) ୨୦୦୮, ଯାହା ସେତେବେଳେ ଚିଠା ରୂପରେ ଥିଲା ତାହାକୁ ଏକ ଉତ୍ତମ ଆନ୍ତର୍ଜାତିକ ଶିଳ୍ପ ଅଭ୍ୟାସ ରୂପେ ସୁଚୀତ କରିବା ଆବଶ୍ୟକ ସାମାଜିକ ପ୍ରଭାବ ଆକଳନର ସ୍ତର ସହ ସମାନ ରୂପେ ଆଇ.ଏଫ୍.ସି ଚିନ୍ତାଜନକ ବିଷୟ ବ୍ୟକ୍ତ କରିଥିଲା । ଆଇ.ଏଫ୍.ସି ଉଲ୍ଲେଖ କରିଥିଲା ଯେ, ପରିବାର ସ୍ତରରେ ପ୍ରଭାବର ଆକଳନ କରାନଯାଇ ସାମୁଦାୟିକ ସ୍ତରରେ କରାଯାଇଥିଲା, ଆଇ.ଏଫ୍.ସି ଉଲ୍ଲେଖ କରିଥିଲା ଯେ, ପୁର୍ନର୍ବାସ ଓ ଥଇଥାନ ଯୋଜନାରେ | ଆବଶ୍ୟକତା ସମୂହକୁ ପ୍ରକଳ୍ପ ପରିପୁରଣ କରିବାର ଧ୍ୟେୟତା ସମ୍ପର୍କରେ ଆଇ.ଏଫ୍.ସି ନିଜକୁ ଆଶ୍ୱସ୍ତ କରିନଥିଲା ।<br><br>ପ୍ରକଳ୍ପ କ୍ଷେତ୍ର ବିଶେଷର ଆବଶ୍ୟକତା ( ୧୯୯୮ ତାପଜ ବିଦ୍ୟୁତ୍ ଦିଗଦର୍ଶିକା ଅଧୀନରେ) ଯାହାକି ଅବକ୍ଷୟମାନ ଏୟାର ସେଡ୍‌ରେ ନୂତନ ଶକ୍ତି କେନ୍ଦ୍ର ର ଅୟମରାମ୍ଭ ପ୍ରାବଧାନ ର ପରିପୁରଣ କରିବ ସେ ସମ୍ପର୍କରେ ଆଇ.ଏଫ୍.ସି ନିଜକୁ ଆଶ୍ୱସ୍ତ କରିନଥିଲା ।<br><br>ସରକାରଙ୍କ ଦ୍ୱାରା ଅଗ୍ରଗତିରେ ଥିବା ଭୂମି ଅଧିଗ୍ରହଣ ପ୍ରକ୍ରିୟାର ଉନ୍ନତ ସ୍ତରରେ ଇ.ଏସ୍.ଡି.ଡି ପ୍ରସ୍ତୁତି ଉଲ୍ଲେଖିତ ହୋଇଥିବାସ୍ଥଳେ ଆଇ.ଏଫ୍.ସି ଗ୍ରାହକ ସଙ୍ଗଠନ ଜାତୀୟ ସ୍ତରରେ ତଥା କାର୍ଯ୍ୟକାରିତା ମାନକ |

| | | |
|---|---|---|
| କାର୍ଯ୍ୟକାରିତ ମାନକର ପ୍ରଯୁଜ୍ୟ ଆବଶ୍ୟକତାର ପରିପୁରଣ କରିବେ । ଗ୍ରାହକ ସଙ୍ଗଠନ ନିଜ ଯୋଜନାରେ (କ) ପ୍ରଯୁଜ୍ୟ ନିମୟ ଓ ନିୟାମକ ଅଧୀନରେ ବିସ୍ଥାପିତ ବ୍ୟକ୍ତିବିଶେଷଙ୍କ ପାଇଁ ବ୍ୟବସ୍ଥିତ ହକ୍ ବା ଅଧୀକାରର ବର୍ଣ୍ଣନା । (ଖ) ଏପରି ହକ୍ ଏବଂ କାର୍ଯ୍ୟକାରିତା ମାନକ ମଧ୍ୟରେ ଥିବା ବ୍ୟବଧାନର ପୁରଣ ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ (ଗ) ସରକାରୀ ସଂସ୍ଥା ତଥା ଗ୍ରାହକ ସଙ୍ଗଠନ ର ଆର୍ଥିକ ତଥା କାର୍ଯ୍ୟାନ୍ୱୟନ ଦାୟିତ୍ୱ ଆଦି ନିଜ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ (ଅନୁଚ୍ଛେଦ ୨୩) | ଆୟର କ୍ଷତି ଚାରଣ କ୍ଷେତ୍ରକୁ ଅଧୀକାରର କ୍ଷତି, ହେଉଥିବା ଫସଲର କ୍ଷତି ଆଦି ସ୍ଥିନିତ ହୋଇନଥିଲା । ଆଇ.ଏଫ୍.ସି ଉଲ୍ଲେଖ କରିଥିଲା ଯେ, ଅର୍ଥନୈତିକ ପୁନର୍ବାସ ଯୋଜନା ପର୍ଯ୍ୟାପ୍ତ ଭାବରେ ପ୍ରକଳ୍ପ ବା କମ୍ପାନୀ ର ନିଯୁକ୍ତି ସୁଯୋଗ ତଥା ଅନ୍ୟାନ୍ୟ ଅର୍ଥନୈତିକ କାର୍ଯ୍ୟବିଧିର ବିକାଶ ପାଇଁ ସହାୟତାକୁ ଚିହ୍ନଟ କରିନଥିଲା । | ୫ ଅଧିନରେ ଆବଶ୍ୟକ ପୁର୍ନର୍ବାସ ଓ ଭୁମିଅଧିଗ୍ରହଣ ମଧ୍ୟରେ ଥିବା ବ୍ୟବଧାନକୁ ସନ୍ତୋଷଜନକ ଭାବରେ ସମାହିତ କରିନଥିଲା ।<br><br>ଡିସେମ୍ବର ୨୦୦୯ ସୁଦ୍ଧା ପରିପୁରକ ସାମାଜିକ ଓ ଅର୍ଥନୈତିକ ଆଧାର ରେଖା ସୁଚନା ଉପସ୍ଥାପନ ନିମନ୍ତେ ଜି.କେ.ଇ.ଏଲ୍ ର କାର୍ଯ୍ୟ ଯୋଜନା ପ୍ରତିବଦ୍ଧତା ଆଇ.ଏଫ୍.ସି ଦ୍ୱାରା ଚିହ୍ନଟ ହୋଇଥିବା ସମସ୍ୟା ବଳୀର ଏକ ସମୟୋପଯୋଗୀ ସମାଧାନ ନ ଥିଲା । |
| ପାଇଁକାର୍ଯ୍ୟକାରିତା ମାନକ ୭-ଜନଜାତି<br><br>ପ୍ରକଳ୍ପ ଯୋଜନା ତଥା ଏହାର ଜୀବନକାଳ ମଧରେ ଗ୍ରାହକ | ଅନୁସୂଚୀତ ଜନଜାତିର ଉପସ୍ଥିତି ହେତୁ ଆଇ.ଏଫ୍.ସି ଜନଜାତି (ଆଇପି) ବିକାଶ ଯୋଜନା ର ଅଭାବ ସମ୍ପର୍କରେ ଯୁକ୍ତଯୁକ୍ତତା ନିମନ୍ତେ ଅନୁରୋଧ | କାର୍ଯ୍ୟକାରିତା ମାନକ ୭ ଅଧିନରେ ଜନଜାତି ଉପରେ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଆଇ.ଏଫ୍.ସି ର ସମୀକ୍ଷା ତଥା ପାଣ୍ଠିର ପ୍ରତିକ୍ରିୟା ଏକ ପର୍ଯ୍ୟପ୍ତ |

| | | |
|---|---|---|
| ସଙ୍ଗଠନ ଯେତେଶୀଘ୍ର ସମ୍ଭବ ପ୍ରଭାବିତ ଗୋଷ୍ଠୀ ତଥା ଜନଜାତି ସମୂହଙ୍କ ସହ ଏକ ପ୍ରଚଳିତ ସମ୍ପର୍କ ସଂସ୍ଥାପିତ କରିବେ । ପ୍ରଭାବିତ ଗୋଷ୍ଠୀର ତଥା ଜନଜାତି ଉପରେ ପ୍ରତିକୂଳ ପ୍ରଭାବ ସମ୍ପନ୍ନ ପ୍ରକଳ୍ପ କ୍ଷେତ୍ରରେ ପରାମର୍ଶ ପ୍ରକ୍ରିୟା ସେମାନଙ୍କର ମୁକ୍ତ ପ୍ରାକ୍ ତଥା ସୁଚିତ ପରାମର୍ଶ ସୁନିଶ୍ଚିତ କରିବ ଏବଂ ସେମାନଙ୍କୁ ସିଧାସଳଖ ପ୍ରଭାବିତ କରୁଥିବା ବିଷୟ ଯଥା ପ୍ରସ୍ତାବିତ ପ୍ରଶମନ ପଦକ୍ଷେପ, ବିକାଶର ସୁଫଳ ଏବଂ ସୁଯୋଗ ର ଆବଣ୍ଟନ ତଥା କ୍ରିୟାନ୍ୱୟନ ସମସ୍ୟା ଆଦି ସମ୍ପର୍କରେ ସେମାନଙ୍କର ସୁଚିତ ଅଂଶଗ୍ରହଣକୁ ସହାୟତା ଦେବ | ଜଣାନ୍ତି | ସମାଧାନ ନଥିଲା ।<br><br>ସ୍ୱତନ୍ତ୍ର ରୂପେ ସି.ଏ.ଓ ଉଲ୍ଲେଖ କରିଛନ୍ତି ଯେ, ଖରିଆ ଗୋଷ୍ଠୀ ନିମନ୍ତେ କାର୍ଯ୍ୟକାରିତା ମାନକ ୭ କାହିଁକି ପ୍ରଯୁଜ୍ୟ ହେବ ନାହିଁ, ସେ ସମ୍ପର୍କରେ କୌଣସି ତଥ୍ୟ ଅଥବା ବିଶେଷଜ୍ଞଙ୍କ ମତ ଉପସ୍ଥାପିତ ହୋଇନଥିଲା । ସି.ଏ.ଓ ପୁନଶ୍ଚ ଉଲ୍ଲେଖ କରିଛନ୍ତି ଯେ, କାର୍ଯ୍ୟକାରିତା ମାନକ ୭, ପ୍ରଭାବିତ ଜନଜାତି ଉପରେ ପ୍ରକଳ୍ପର ପ୍ରଭାବ (ଭୂମି ଅଧିଗ୍ରହଣ ରୁ ହୋଇଥିବା ପ୍ରଭାବକୁ ସୀମିତ ନଥିବା) ସମ୍ପର୍କିତ ଏକ ଅଧିକ ପ୍ରଶସ୍ତ ବିଶ୍ଳେଷଣ ଆବଶ୍ୟକ କରିବେ । |

## ପରିଶିଷ୍ଟ ଗ: ଆଇ.ଡି.ଏଫ୍.ସି ଗ୍ରୁପ୍ କମ୍ପାନୀରେ ଆଇ.ଏଫ୍.ସି ର ନିବେଶ

| ଅନୁମୋଦନର ତାରିଖ | ପ୍ରକଳ୍ପ | ପ୍ରକଳ୍ପ ସମ୍ପର୍କୀୟ ବିଶଦ ତଥ୍ୟ | ଏସ୍‌ପିଆଇ/ଏସ୍‌ଆଇଆଇ |
|---|---|---|---|
| ଅକ୍ଟୋବର ୧୯୯୭ | ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ (ପ୍ରକଳ୍ପ# ୮୨୫୧) | ଭିତ୍ତି ନିର୍ମାଣ ପ୍ରକଳ୍ପ ନିମନ୍ତେ ଦୀର୍ଘମିଆଦି ଋଣ ବଜାର ସୃଷ୍ଟି ନିମନ୍ତେ ଆଇ.ଏଫ୍.ସି ଆଇ.ଡି.ଏଫ୍.ସି ରେ ୨୦ ନିୟୁତ ଡଲାର ତଥା ୭% ଇକ୍ୱିଟି ପର୍ଯ୍ୟନ୍ତ ନିବେଶ କରିଥିଲା । | http://goo.gl/n8UJKd |
| ଜୁନ୍ ୨୦୦୫ | ଆଇଡିଏଫ୍‌ସି ୨ (ପ୍ରକଳ୍ପ# ୨୨୦୬୫) | ଭାରତରେ ଭିତ୍ତି ବିକାଶ ପ୍ରକଳ୍ପକୁ ସମର୍ଥିତ କରିବା ପାଇଁ ଆଇ.ଏଫ୍.ସି, ଆଇ.ଡି.ଏଫ୍.ସିକୁ ୫୦ ନିୟୁତ ଡଲାରର ଏକ କର୍ପୋରେଟ୍ ଋଣ ପ୍ରଦାନ କରିଥିଲା । | http://goo.gl/OkX2W0 |
| ସେପ୍ଟେମ୍ବର ୨୦୦୭ | ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫଣ୍ଡ (ପ୍ରକଳ୍ପ# ୨୬୨୩୭) | ଭାରତୀୟ ଭିତ୍ତିନିର୍ମାଣ କ୍ଷେତ୍ରରେ ପ୍ରକଳ୍ପ ଇକ୍ୱିଟି ନିବେଶର ବିବିଧ ପୋର୍ଟଫୋଲିଓରେ ପୁଞ୍ଜି ବିନିଯୋଗ ପାଇଁ ଆଇ.ଏଫ.ସି ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡରେ ୫୦ ନିୟୁତ ଡଲାର ନିବେଶ ପାଇଁ ପ୍ରତିବଦ୍ଧ ହୋଇଥିଲା । | http://goo.gl/AVDxfK |
| ଜୁନ୍ ୨୦୧୦ | ଆଇଡିଏଫ୍‌ସି ସିସି ଲୋନ୍ (ପ୍ରକଳ୍ପ# ୨୭୭୩୮) | ଆଇ.ଏଫ୍ .ସି, ଆଇ.ଡି.ଏଫ୍.ସିକୁ ୭୫ ନିୟୁତ ଡଲାର ମୂଲ୍ୟର ଭାରତୀୟ ମୁଦ୍ରା ନବୀକୃତ ଶକ୍ତି କ୍ଷେତ୍ରରେ ନିବେଶ ସମର୍ଥିତ କରିବା ପାଇଁ ଋଣ ଆକରରେ ପ୍ରଦାନ କରିଥିଲା । | http://goo.gl/LJQKDq |
| ସେପ୍ଟେମ୍ବର ୨୦୧୨ | ଗ୍ରୀନ୍ ଇନ୍‌ଫ୍ରା ଲିମିଟେଡ୍ (ପ୍ରକଳ୍ପ# | ନବୀକୃତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପ୍ରକଳ୍ପମାନ ବିକଶିତ କରିବା ପାଇଁ ଆଇ.ଏଫ୍.ସି ଆଇ.ଡି.ଏଫ୍.ସିର | http://goo.gl/A3fJJc |

| | | | |
|---|---|---|---|
| ଡିସେମ୍ବର ୨୦୧୪ | ୩୨୧୬୭)<br><br>ଗ୍ରୀନ୍ ଇନ୍ଫ୍ରା ଲିମିଟେଡ଼ (ପ୍ରକଳ୍ପ# ୩୫୪୧୫) | ସହଯୋଗୀ ଗ୍ରୀନ୍ ଇନ୍ଫ୍ରା ଲିଃ କୁ ୫୦ ନିୟୁତ ଡଲାର ଋଣ ଅନୁମୋଦନ କରିଥିଲା । ଅକ୍ଟୋବର ୨୦୧୨ ରୁ ଅପ୍ରେଲ ୨୦୧୩ ମଧ୍ୟରେ ଏହି ଋଣ ଅର୍ଥ ପ୍ରଦାନ କରାଯାଇଥିଲା । ଡିସେମ୍ବର ୨୦୧୪ରେ ଗ୍ରୀନ୍ ଇନ୍ଫ୍ରା ଲିଃ କୁ ୫୯ ନିୟୁତ ଡଲାରର ଅତିରିକ୍ତ ଆଇ.ଏଫ୍.ସି ଋଣ ପ୍ରଦାନ କରାଯାଇଥିଲା । ଆଇ.ଏଫ୍.ସି ର ପ୍ରତିବଦ୍ଧତା ପୂର୍ବରୁ ଫେବୃଆରୀ ୨୦୧୫ରେ ସହଯୋଗୀ ସଂସ୍ଥାରେ ଆଇ.ଡି.ଏଫ୍.ସି ବୃହତର ଅଂଶକୁ ଏକ ସିଙ୍ଗାପୁର ସ୍ଥିତ କମ୍ପାନୀକୁ ବିକ୍ରି କରି ଦିଆଗଲା । | http://goo.gl/3KMKzg |

## ପରିଶିଷ୍ଟ ଘ: ଜିଏମ୍‌ଆର ଗ୍ରୁପ୍ କମ୍ପାନୀରେ ଆଇ.ଏଫ୍.ସି ର ନିବେଶ

| ଯୁଗ୍ମ ବିକାଶ ରାଜିନାମାର ତାରିଖ | ପ୍ରକଳ୍ପ | ପ୍ରକଳ୍ପ ସମ୍ପର୍କୀୟ ବିଶଦ ତଥ୍ୟ | ଲିଙ୍କ୍ |
|---|---|---|---|
| ଡିସେମ୍ବର ୨୦୧୩ | ଉପର ମର୍ସ୍ୟାଙ୍ଗ୍‌ଡି-୨ (ଆଇ.ଏଫ୍.ସି ଭିତ୍ତି ଉଦ୍ୟମ ପ୍ରକଳ୍ପ | ଆଇ.ଏଫ୍ .ସି ନେପାଳରେ ୬୦୦ ମେଗାୱାଟ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ ଉପର ମାର୍ସ୍ୟାଙ୍ଗ୍‌ଡି-୨ ବିକଶିତ କରିବା ପାଇଁ ଜି.ଏମ୍.ଆର ଏନର୍ଜି ଲିଃ ସହିତ ଏକ ଯୁଗ୍ମ ଉନ୍ନୟନ ରାଜିନାମା ସ୍ୱାକ୍ଷର କରିଥିଲା । | http://goo.gl/yE6LiY |
| ଡିସେମ୍ବର ୨୦୧୪ | ଉପର କର୍ନାଳି ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ୨ଟି ସରବରାହ ଲାଇନ୍ ପ୍ରକଳ୍ପ | ଆଇ.ଏଫ୍ .ସି ନେପାଳରେ ୯୦୦ ମୋଗାୱାଟ୍ ଉପର କର୍ଣ୍ଣାଳି ଜଳ ବିଦ୍ୟୁତ୍ କେନ୍ଦ୍ର ଏବଂ ଦୁଇଟି ବିଦ୍ୟୁତ୍ ସରବରାହ ଲାଇନ୍ ପ୍ରକଳ୍ପ ବିକଶିତ କରିବା ପାଇଁ ଜି.ଏମ୍‌ଆର ଗ୍ରୁପ୍ ସହିତ ସହଯୋଗ ଘୋଷଣା କଲା । | http://goo.gl/12gaey |